ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଏପ୍ରିଲ ୧୧/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, April 11/2025 | Page 14 | ₹ 7.00

୫୧ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 136 | ମୂଲ୍ୟ ₹୭/-


DSPL-24



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ,
ସାର ଓ ରସାୟନ ମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

## ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପିଏମ୍.ଜେ.ଏ.ୱାଇ) ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ)ର ନୂଆ ଏକକ କାର୍ଡ଼ ବିତରଣ ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା (ଏ.ଭି.ଭି.ୱାଇ)

### ମୁଖ୍ୟ ଅତିଥି

**ଶ୍ରୀ ଜଗତ ପ୍ରକାଶ ନଡ୍ଡା**
କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାର ଓ ରସାୟନ ମନ୍ତ୍ରୀ

### ଗରିମାମୟ ଉପସ୍ଥିତି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀ ଜୁଏଲ୍ ଓରାମ**
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ

**ଶ୍ରୀ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ତଥା
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଡ଼. ମୁକେଶ ମହାଲିଙ୍ଗ**
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର,
ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଓଡ଼ିଶା

**୧୧ ଏପ୍ରିଲ୍ ୨୦୨୫ | ଅପରାହ୍ନ ୨.୩୦ ଘଟିକା | ବାଲିଯାତ୍ରା ପଡ଼ିଆ, କଟକ**

OIPR-10001/13/0049/2425




ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

# ଦିଲ୍ଲୀରେ ପହଞ୍ଚିବା ପରେ ତହଉର ରାଣା ଗିରଫ

ନୂଆଦିଲ୍ଲୀ,୧୦।୪



୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତି ନେଇ ଭାରତର ମୋଷ୍ଟୱାଣ୍ଟେଡ୍ ତାଲିକାରେ ଥିବା ତହଉର ହୁସେନ୍ ରାଣା ଆମେରିକାରୁ ପ୍ରତ୍ୟର୍ପଣରେ ଆସି ଗୁରୁବାର ଅପରାହ୍ଣରେ ଦିଲ୍ଲୀର ପାଲାମ ବିମାନବନ୍ଦରରେ ଅବତରଣ କରିବା ପରେ ତାଙ୍କୁ ଗିରଫ କରାଯାଇଛି। ବିମାନବନ୍ଦରରେ ଉପସ୍ଥିତ ଥିବା ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍‌ଆଇଏ)ର ଅଧିକାରୀମାନେ ତାଙ୍କୁ ଗିରଫ କରିଛନ୍ତି। କେତେକ ପ୍ରାରମ୍ଭିକ ଔପଚାରିକତା ପରେ ତାଙ୍କୁ ଏନ୍‌ଆଇଏ ମୁଖ୍ୟାଳୟକୁ ନିଆଯିବ। ଏଥିସହିତ ତାଙ୍କୁ ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ହାଜର କରାଯିବ ବୋଲି ଜଣାପଡ଼ିଛି। ପରେ ତାଙ୍କୁ ଦିଲ୍ଲୀର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ତିହାର ଜେଲ୍‌ରେ ରଖାଯାଇପାରେ ଏବଂ ବିଚାରଲାଗି ମୁମ୍ବାଇ ନିଆଯାଇପାରେ ବୋଲି କେତେକ ସୂତ୍ରରୁ ଜଣାପଡ଼ିଛି।

ଆମେରିକାରୁ ବୁଧବାର ଏକ ସ୍ୱତନ୍ତ୍ର ବିମାନ ୬୪ ବର୍ଷୀୟ ତହଉର୍‌ଙ୍କୁ ଆଣି ଭାରତ ଆସିଥିଲା। ତାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଭାରତ ସରକାରଙ୍କ ବିରୋଧରେ ଯୁଦ୍ଧରେ ଲିପ୍ତ ହେବା, ହତ୍ୟା, ଜାଲିଆତି ଏବଂ ବେଆଇନ କାର୍ଯ୍ୟକଳାପ (ପ୍ରତିକାର) ଆଇନ ଅଧୀନରେ ବିଭିନ୍ନ ଅଭିଯୋଗ ଲାଗିଛି। ରାଣା ଭାରତରେ ପହଞ୍ଚିବା ପୂର୍ବରୁ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଏକ ବୈଠକରେ ଯୋଗଦେଇଥିଲେ। ୨୬/୧୧ ଆକ୍ରମଣର ମୁଖ୍ୟ ଅଭିଯୁକ୍ତଙ୍କୁ ଆଣିବାରେ ଆମେ ସଫଳ ହୋଇଛୁ ବୋଲି ଏନ୍‌ଆଇଏ ଗୁରୁବାର କହିଛି। ଦୀର୍ଘବର୍ଷର ଉଦ୍ୟମ ପରେ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାରତ ଫେରି ଏଠାରେ ବିଚାରର ସମ୍ମୁଖୀନ ହେବାକୁ ଯାଉଛନ୍ତି। ତହଉରଙ୍କୁ ଭାରତ ଆଣିବା ଦିଗରେ ଆମେରିକାର ନ୍ୟାୟ ବିଭାଗ ଏବଂ ସ୍କାଏ ମାର୍ଶାଲଙ୍କ ସହ ଏନ୍‌ଆଇଏ ଏବଂ ଅନ୍ୟ ଗୋଇନ୍ଦା ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଥିଲେ। ତହଉରଙ୍କୁ ଭାରତରେ ବିଚାରର ସମ୍ମୁଖୀନ ହେବା ପାଇଁ ପ୍ରତ୍ୟର୍ପଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଥିଲେ।

୨୦୦୮ ନଭେମ୍ବର ୨୬ରେ ମୁମ୍ବାଇରେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ବିଦେଶୀଙ୍କ ସମେତ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ସିକାଗୋରେ ରହୁଥିବା ଭାରତୀୟ ବଂଶୋଦ୍ଭବ କାନାଡ଼ା ନାଗରିକ ତହଉର ରାଣାଙ୍କ ମୁଖ୍ୟ ଭୂମିକା ଥିଲା। ସେ ଆକ୍ରମଣ ପାଇଁ ଆବଶ୍ୟକ ଲଜିଷ୍ଟିକ୍ ଏବଂ ଆର୍ଥିକ ସହାୟତା ଯୋଗାଇଥିଲେ ବୋଲି ପାକିସ୍ତାନୀ-ଆମେରିକୀୟ ଆତଙ୍କବାଦୀ ଡାଭିଡ୍ କୋଲେମାନ୍ ହେଡ୍‌ଲି କହିଥିଲେ। ମୁମ୍ବାଇରେ ଇମିଗ୍ରାଣ୍ଟ ଲ' ସେଣ୍ଟର ସ୍ଥାପନ ସାଙ୍ଗକୁ ବିଭିନ୍ନ କାର୍ଯ୍ୟରେ ରାଣା ହେଡ୍‌ଲିଙ୍କୁ ସହଯୋଗ କରିଥିବା ଚାର୍ଜଶିଟ୍‌ରେ କୁହାଯାଇଛି। ଉକ୍ତ ସଂସ୍ଥାର ପ୍ରତିନିଧି ଭାବେ ହେଡ୍‌ଲି ଭାରତର ବିଭିନ୍ନ ସହରକୁ ଗସ୍ତ କରୁଥିଲେ। ତହଉର ମଧ୍ୟ ୨୦୦୮ ନଭେମ୍ବରରେ ଭାରତ ଆସିଥିଲେ। କୋପେନ୍‌ହେଗେନ୍‌ର ଏକ ଖବର କାଗଜ ସଂସ୍ଥା ଉପରେ ଆକ୍ରମଣ ଯୋଜନା ଏବଂ ମୁମ୍ବାଇ ଆକ୍ରମଣରେ ସମ୍ପୃକ୍ତ ପାକିସ୍ତାନର ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନକୁ ସହାୟତା କରିଥିବା ଅଭିଯୋଗରେ ତହଉରଙ୍କୁ ୨୦୦୯ ଅକ୍ଟୋବରରେ ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ ସିକାଗୋରୁ ଗିରଫ କରିଥିଲା। ପ୍ରତ୍ୟର୍ପଣକୁ ରାଣା ଏକାଧିକ ଥର ବିଭିନ୍ନ କାରଣ ଦର୍ଶାଇ ଆମେରିକା କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ତେବେ ଅଦାଲତ ତାଙ୍କ ଆବେଦନକୁ ଖାରଜ କରିଦେବା ଫଳରେ ତାଙ୍କ ପ୍ରତ୍ୟର୍ପଣ ପାଇଁ ବାଟ ଫିଟିଯାଇଥିଲା।

# ଆର୍‌ଟିଆଇ ଆଇନରେ ସଂଶୋଧନକୁ ଜୋର୍‌ଦାର ବିରୋଧ

ନୂଆଦିଲ୍ଲୀ,୧୦।୪

**ପ୍ରତ୍ୟାହାର ଦାବିକଲା ଇଣ୍ଡିଆ ବ୍ଲକ୍**

ଡିଜିଟାଲ ପର୍ସନାଲ ଡେଟା ପ୍ରୋଟେକ୍ସନ ଆକ୍ଟ (ଡିପିଡିପି)ର ଧାରା ୪୪(୩)କୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ବିରୋଧୀ ଇଣ୍ଡିଆ ବ୍ଲକ୍ ଗୁରୁବାର ଦାବି କରିଛି। ଏହି ଧାରା ତଥ୍ୟ ଜାଣିବା ଅଧିକାର (ଆର୍‌ଟିଆଇ) ଆଇନକୁ ଧ୍ୱଂସ କରିଦେବ ବୋଲି ବିରୋଧୀ ଦଳଗୁଡ଼ିକ କହିଛନ୍ତି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଇଣ୍ଡିଆ ବ୍ଲକ୍‌ର ୧୨୦ରୁ ଉର୍ଦ୍ଧ୍ୱ ଏମ୍‌ପି ଉକ୍ତ ବିବାଦୀୟ ଧାରାକୁ ପ୍ରତ୍ୟାହାର କରାଯିବା ଦାବିରେ ମିଳିତ ସ୍ମାରକପତ୍ରରେ ସ୍ୱାକ୍ଷର କରିଥିବା କଂଗ୍ରେସ ନେତା ଗୌରବ ଗୋଗୋଇ ଏକ ମିଳିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସ୍ମାରକପତ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଦାନ କରାଯିବ। ଖବରଦାତା ସମ୍ମିଳନୀରେ ଡିଏମ୍‌କେର ଏମ୍.ଏମ୍. ଅବଦୁଲ୍ଲା, ଶିବସେନା(ୟୁବିଟି)ର ପ୍ରିୟଙ୍କା ଚତୁର୍ବେଦୀ, ସିପିଆଇ(ଏମ୍)ର ଜନ୍ ବ୍ରିଟ୍ଟାସ୍, ସମାଜବାଦୀ ପାର୍ଟି ନେତା ଜାଭେଦ ଅଲି ଖାନ୍ ଏବଂ ଆର୍‌ଜେଡିରୁ ନଭାଲ କିଶୋର ଉପସ୍ଥିତ ଥିଲେ।

ଆର୍‌ଟିଆଇ ଆଇନ, ୨୦୦୫ର ଧାରା ୮(୧)(ଜେ) ପରିବର୍ତ୍ତେ ଲାଗୁ ହେବାକୁ ଯାଉଥିବା ଡିପିଡିପି ଆଇନର ଧାରା ୪୪(୩)କୁ ନାଗରିକ ଅଧିକାର କର୍ମୀମାନେ ବିରୋଧ କରିଛନ୍ତି। ଯଦି କୌଣସି ବ୍ୟକ୍ତିଗତ ସୂଚନା ସାଧାରଣ କାର୍ଯ୍ୟକଳାପ କିମ୍ବା ସ୍ୱାର୍ଥ ସହ ଜଡ଼ିତ ନୁହେଁ ଅଥବା ପ୍ରିଭେସି ଉଲ୍ଲଂଘନ ସମ୍ଭାବନା ଥାଏ, ସେପରି ସ୍ଥଳେ ଆର୍‌ଟିଆଇ ଆଇନର ଧାରା ୮(୧)(ଜେ) ତାହାକୁ ସ୍ଥଗିତ ରଖିବା ପାଇଁ ଅନୁମତି ଦେଉଥିଲା। ସୂଚନା ପ୍ରଘଟ କରିବା ଦ୍ୱାରା ଯଦି ବୃହତ୍ତର ଜନସ୍ୱାର୍ଥ ରକ୍ଷା ହୋଇପାରିବ ବୋଲି କେନ୍ଦ୍ରୀୟ ଜନସୂଚନା ଅଫିସର, ରାଜ୍ୟ ଜନସୂଚନା ଅଫିସର କିମ୍ବା ଆପିଲେଟ୍ କର୍ତ୍ତୃପକ୍ଷ ବିଚାର କରନ୍ତି, ତେବେ ତାହାକୁ ଉପଲବ୍ଧ କରାଇପାରିବେ। ଡିପିଡିପି ଆଇନର ଧାରା ୪୪(୩) ଲାଗୁ ହେଲେ ସରକାରୀ କର୍ତ୍ତୃପକ୍ଷ ବ୍ୟକ୍ତିଗତ ସୂଚନା ସମ୍ପର୍କିତ ତଥ୍ୟ ସ୍ଥଗିତ ରଖିପାରିବେ। ଏଥିପାଇଁ ଜନସ୍ୱାର୍ଥ କିମ୍ବା ଅନ୍ୟକୌଣସି ବ୍ୟତିକ୍ରମକୁ ବିଚାରକୁ ନିଆଯିବ ନାହିଁ। ସର୍ବସାଧାରଣ ଅନୁଷ୍ଠାନଗୁଡ଼ିକର ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସମ୍ପର୍କରେ ଜାଣିବା ପାଇଁ ନାଗରିକଙ୍କୁ ଆର୍‌ଟିଆଇ କ୍ଷମତା ଦେଇଥିଲା।

# ୯୦ ଦିନ ଅଟକିଲା ଟ୍ରମ୍ପ୍‌ଙ୍କ ଟାରିଫ୍

■ ବିଶ୍ୱ ଶେୟାର କାରବାରରେ ବଡ଼ ଅଗ୍ରଗତି

■ ୧୦ ସବୁଠୁ ଧନୀଙ୍କ ସମ୍ପତ୍ତି ୧୩୫ ବିଲିୟନ ଡଲାର ବୃଦ୍ଧି

ୱାଶିଂଟନ,୧୦।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ବିଭିନ୍ନ ରାଷ୍ଟ୍ର ଉପରେ ଲଗାଇଥିବା ରେସିପ୍ରୋକାଲ ଟାରିଫ୍ (ପାଲ୍‌ଟା ଶୁଳ୍କ)କୁ ୯୦ଦିନ ସ୍ଥଗିତ ରଖିଛନ୍ତି। ଟ୍ରମ୍ପ୍‌ଙ୍କ ଏହି ନିଷ୍ପତ୍ତିର ଦିନକ ପରେ ଗୁରୁବାର ବିଶ୍ୱ ଷ୍ଟକ୍ ମାର୍କେଟରେ ଉଲ୍ଲେଖନୀୟ ଅଗ୍ରଗତି ଦେଖାଦେଇଛି। ନିବେଶକମାନେ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

ଜାପାନ ଶେୟାର ବଜାର କାରବାର ୯ ପ୍ରତିଶତରୁ ଅଧିକ ବଢ଼ିଥିବାବେଳେ ଜର୍ମାନୀର ଡିଏଏକ୍ସ କାରବାର ଆରମ୍ଭରେ ୮%ରୁ ଅଧିକ ଲାଭବାନ ହୋଇଥିଲା। ପରେ ଏହା ୫.୩% ବଢ଼ି ୨୦.୭୨୦.୮୬ ରହିଥିବାବେଳେ ଫ୍ରାନ୍ସର ସିଏସି୪୦ ୫% ବଢ଼ି ୭,୨୦୪.୨୩ ଏବଂ ବ୍ରିଟେନ୍‌ର ଏଫ୍‌ଟିଏସ୍‌ଇ୧୦୦ ମଧ୍ୟ ୪ ପ୍ରତିଶତ ବୃଦ୍ଧି ପାଇ ୭,୯୮୩.୩୭ରେ ପହଞ୍ଚିଛି। ଟ୍ରମ୍ପ୍ ୯୦ ଦିନ ପାଇଁ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେବା ପରେ ବିଶ୍ୱର ୧୦ ଜଣ ସର୍ବାଧିକ ଧନୀ ବିଲିୟନେୟାର ମୋଟ ୧୩୫.୩୩ ବିଲିୟନ ଡଲାର ଲାଭବାନ ହୋଇଥିବା ବ୍ଲୁମ୍‌ବର୍ଗ ବିଲିୟନେୟାର୍ସ ଇଣ୍ଡେକ୍ସରୁ ଜଣାପଡ଼ିଛି। କେବଳ ଏଲନ୍ ମସ୍କ, ଜେଫ୍ ବେଜୋସ୍ ଏବଂ ମାର୍କ ଜୁକେରବର୍ଗ ୮୦ ବିଲିୟନ ଡଲାର ଫାଇଦା ଉଠାଇଛନ୍ତି। ଅନ୍ୟପକ୍ଷରେ ଏଲ୍‌ଭିଏମ୍‌ଏଚ୍‌ର ବର୍ନାର୍ଡ ଅର୍ନଲ୍ଟଙ୍କ ବଜାର ପୁଞ୍ଜି ୫.୭ ବିଲିୟନ ଡଲାର ହ୍ରାସ ପାଇ ୧୪୮ ବିଲିୟନ ଡଲାରରେ ପହଞ୍ଚିଛି। ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ମସ୍କଙ୍କ ସମ୍ପତ୍ତି ୩୫.୯ ବିଲିୟନ ଡଲାର ବୃଦ୍ଧି ପାଇ ୩୨୬ ବିଲିୟନ ଡଲାରରେ ପହଞ୍ଚିଥିବାବେଳେ ମେଟା ସିଇଓ ଜୁକେରବର୍ଗଙ୍କ ଶେୟାର ୨୫.୮ ବିଲିୟନ ବଢ଼ି ୨୦୭ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସଙ୍କ ସମ୍ପତ୍ତି ୧୮.୫ ବିଲିୟନ ବଢ଼ି ୨୧୦ ବିଲିୟନ ଡଲାର ହୋଇଛି। ୱାରେନ୍ ବଫେଟ୍‌ଙ୍କ ସମ୍ପତ୍ତି ୮.୧ ବିଲିୟନ ବଢ଼ି ୧୬୨ ବିଲିୟନ ଡଲାର ହୋଇଥିବାବେଳେ ଓରାକ୍ଲର ଲାରି ଏଲିସନଙ୍କ ସମ୍ପତ୍ତି ୧୫.୫ ବିଲିୟନ ବଢ଼ି ୧୫୯ ବିଲିୟନ ଡଲାରରେ ପହଞ୍ଚିଛି। ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ସମ୍ପତ୍ତି ୪.୮ ବିଲିୟନ, ଗୁଗଲ୍‌ର ଲାରି ପେଜ୍‌ଙ୍କ ସମ୍ପତ୍ତି ୧୧ ବିଲିୟନ ଏବଂ ମାଇକ୍ରୋସଫ୍ଟର ଷ୍ଟିଭ୍ ବାଲମେରଙ୍କ ସମ୍ପତ୍ତି ୧୧.୨ ବିଲିୟନ ଡଲାର ବଢ଼ିଛି।

ସୂଚନାଯୋଗ୍ୟ, ଆମେରିକା ବିଭିନ୍ନ ଦେଶ ଉପରେ ଉଚ୍ଚ ଟାରିଫ୍ ଲଗାଇବାକୁ ଘୋଷଣା କରିବା ପରେ ବିଶ୍ୱ ବଜାରରେ ଅଚଳାବସ୍ଥା ସହ ମାନ୍ଦାବସ୍ଥା ସୃଷ୍ଟି ହେବା ଆଶଙ୍କା ପ୍ରକାଶ ପାଇଥିଲା।

## ପାଲଟା ଟାରିଫ୍‌କୁ ୯୦ ଦିନ ରୋକିଲା ଇୟୁ

ବ୍ରସେଲ୍ସ,୧୦।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରେସିପ୍ରୋକାଲ ଟାରିଫ୍ କାର୍ଯ୍ୟକାରିତାକୁ ୯୦ ଦିନ ସ୍ଥଗିତ ରଖିବା ପରେ ୟୁରୋପୀୟ ସଂଘ (ଇୟୁ) ମଧ୍ୟ ଆମେରିକା ସାମଗ୍ରୀ ଉପରେ ଲଗାଇବାକୁ ଥିବା ପାଲଟା ଶୁଳ୍କକୁ ୯୦ ଦିନ ଅଟକାଇବାକୁ ନିଷ୍ପତ୍ତି ନେଇଛି। ବୁଝାମଣା ପାଇଁ ଏକ ସୁଯୋଗ ଦେବା ନିମନ୍ତେ ଆମେ ଟାରିଫ୍ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛୁ ବୋଲି ଇୟୁ ମୁଖ୍ୟ ଉର୍ସୁଲା ଭନ୍ ଡେର୍ ଲେୟେନ୍ ଗୁରୁବାର କହିଛନ୍ତି। ତେବେ ଆମେରିକା ସାମଗ୍ରୀ ଉପରେ ୨୭ ସଦସ୍ୟ ରାଷ୍ଟ୍ର ବିଶିଷ୍ଟ ଇୟୁ କେତେ ପ୍ରତିଶତ ଶୁଳ୍କ ଲଗାଇଥାନ୍ତା, ତାହା ଘୋଷଣା କରିନାହିଁ। ଯଦି ବୁଝାମଣା ସନ୍ତୋଷଜନକ ନହୁଏ, ତେବେ ଆମେ ପାଲଟା ଶୁଳ୍କ ଲାଗୁ କରିବୁ ବୋଲି ୟୁରୋପୀୟ କମିଶନ ଅଧ୍ୟକ୍ଷ କହିଛନ୍ତି।



ସ୍ଲୋଭାକିଆ ଗସ୍ତରେ ଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ସ୍ଥାନୀୟ ପିଲାଙ୍କ ଦ୍ୱାରା ଆୟୋଜିତ ଏକ ଚିତ୍ର ପ୍ରଦର୍ଶନୀ ପରିଦର୍ଶନ କରିବା ଅବସରରେ।

# ଜେଡିୟୁ ନେତାଙ୍କୁ ଗୁଳିକରି ହତ୍ୟା

ପାଟନା, ୧୦।୪


ବିହାରର ଖଗଡ଼ିଆରେ ଗୁରୁବାର କେତେଜଣ ଦୁର୍ବୃତ୍ତ ସଂଯୁକ୍ତ ଜନତା ଦଳ(ଜେଡିୟୁ)ର ଖଗଡ଼ିଆ ଜିଲା ମହାସଚିବ କୌଶଲ ସିଂଙ୍କୁ ଗୁଳିକରି ହତ୍ୟା କରିଛନ୍ତି। କୌଶଲ ସ୍ତ୍ରୀଙ୍କ ସହ ବାଇକରେ ଘରକୁ ଯାଉଥିବା ସମୟରେ ଚୌଥନ ଥାନା କୈଥୀରୁ ଜୟପ୍ରଭା ନଗର ମଧ୍ୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ବାଇକକୁ ରାସ୍ତାରେ ଅଟକାଇ ତାଙ୍କ ଉପରେ ଗୁଳି ଚଳାଇଥିଲେ। ଗୁଳି ମାରିବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। କୌଶଲଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ହତ୍ୟାକାଣ୍ଡକୁ ନେଇ ପୋଲିସର ତନାଘନା ଜାରି ରହିଛି। ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖଗଡ଼ିଆ ଏସ୍‌ପି ରାକେଶ କୁମାର କହିଛନ୍ତି। ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ପୋଲିସ ସନ୍ଦେହ କରୁଛି। ପ୍ରକାଶ ଯେ, କୌଶଲ ହେଉଛନ୍ତି ବେଲ୍‌ଦୌରର ଜେଡିୟୁ ବିଧାୟକ ଲାଲ ସିଂ ପଟେଲଙ୍କର ଭଣଜା।

# ଡକ୍ୟୁମେଣ୍ଟାରି ପାଇଁ ମେଲାନିଆ-ବେଜୋସ୍ ୪୦ ମିଲିୟନ ଡଲାର ଡିଲ୍

ୱାଶିଂଟନ, ୧୦।୪

ଆମେରିକାର ଫାର୍ଷ୍ଟ ଲେଡି ମେଲାନିଆ ଟ୍ରମ୍ପ ସମ୍ପ୍ରତି ଆମାଜନ ପ୍ରାଇମ ଭିଡିଓ ସହ ମିଶି ତାଙ୍କ ଜୀବନକୁ ନେଇ ଆଧାରିତ ଏକ ଡକ୍ୟୁମେଣ୍ଟାରି ଫିଲ୍ମର ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ଏଥିପାଇଁ ସେ ଆମାଜନ ପ୍ରତିଷ୍ଠାତା ତଥା ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଜେଫ୍ ବେଜୋସ୍‌ଙ୍କ ସହ ୪୦ ମିଲିୟନ ଆମେରିକୀୟ ଡଲାରର ଡିଲ୍ କରିଛନ୍ତି। ସମ୍ପ୍ରତି ଫିଲ୍ମର ଶୁଟିଂ ଚାଲିଥିବାବେଳେ ମେଲାନିଆ ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ଭାବେ ଫିଲ୍ମ ନିର୍ମାଣ ପ୍ରକ୍ରିୟାରେ ସାମିଲ ଅଛନ୍ତି। ବ୍ରେଟ୍ ରାଟନରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର କିଛି ଦୃଶ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ପୁଅ ବାରୋନ୍ ଟ୍ରମ୍ପ ମଧ୍ୟ ନଜରକୁ ଆସିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ଚଳିତବର୍ଷ ଶେଷ ଆଡ଼କୁ ଏହି ଫିଲ୍ମ ରିଲିଜ୍ ହେବ।

ୱାଲ୍ ଷ୍ଟ୍ରିଟ୍ ଜର୍ନାଲର ରିପୋର୍ଟ ଅନୁଯାୟୀ, ଗତ ଡିସେମ୍ବରରେ ଫ୍ଲୋରିଡାସ୍ଥିତ ମାର୍-ଏ-ଲାଗୋ ରିସର୍ଟରେ ଏକ ଡିନର ବେଳେ ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ ଓ ତାଙ୍କ ଗର୍ଲଫ୍ରେଣ୍ଡ ଲୌରେନ ସାଞ୍ଚେଜଙ୍କ ସହ ମେଲାନିଆ ଏହି ଡକ୍ୟୁମେଣ୍ଟାରି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଉକ୍ତ ଡକ୍ୟୁମେଣ୍ଟାରି ଫିଲ୍ମକୁ ନେଇ ମେଲାନିଆ ଓ ବେଜୋସ୍‌ଙ୍କ ମଧ୍ୟରେ ୪୦ ମିଲିୟନ ଡଲାରର ଡିଲ୍ ଚୂଡ଼ାନ୍ତ ହୋଇଥିଲା। ତେବେ ବେଜୋସ୍‌ଙ୍କ



ମେଲାନିଆ ଟ୍ରମ୍ପ

ସହ ଆଲୋଚନା ପୂର୍ବରୁ ମେଲାନିଆ ଓ ତାଙ୍କ ଟିମ୍ ଏହି ଡକ୍ୟୁମେଣ୍ଟାରିର ନିର୍ମାଣ ପାଇଁ ଅନେକ ଷ୍ଟୁଡିଓ ଓ ଧନୀ ବ୍ୟକ୍ତିଙ୍କ ସହ ସମ୍ପର୍କ କରିଥିଲେ। ଟ୍ରମ୍ପଙ୍କ ଶପଥ ଗ୍ରହଣରେ ସାମିଲ ହୋଇଥିବା ଅନେକ ବିଜ୍‌ନେସ୍ ଲିଡର ଓ ସିଇଓଙ୍କ ସହ ମଧ୍ୟ ମେଲାନିଆ ଆଲୋଚନା କରିଥିଲେ। ତେବେ ଡକ୍ୟୁମେଣ୍ଟାରି ଫିଲ୍ମ ନେଇ ମେଲାନିଆଙ୍କର ଡିଲ୍ ପ୍ରସ୍ତାବ ସେତେବେଳେ ଚୂଡ଼ାନ୍ତ ହୋଇ ପାରି ନ ଥିଲା।

ଆମେରିକୀୟ ଟିଭି ଶୋ' ଫକ୍ସ ଆଣ୍ଡ ଫ୍ରେଣ୍ଡସ୍‌କୁ ସାକ୍ଷାତ୍‌କାର ଦେଇ ମେଲାନିଆ କହିଛନ୍ତି, ଏହି ଡକ୍ୟୁମେଣ୍ଟାରି ଫିଲ୍ମରେ ତାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାକୁ ଦେଖିବାକୁ ମିଳିବ। ଆମେରିକାର ଫାର୍ଷ୍ଟ ଲେଡି ଭାବେ ତାଙ୍କ କାର୍ଯ୍ୟକୁ ଏହି ଫିଲ୍ମରେ ଗୁରୁତ୍ୱ ଦିଆଯାଇଛି। ହ୍ୱାଇଟହାଉସରେ ଫାର୍ଷ୍ଟ ଲେଡି ଭାବେ ତାଙ୍କର ବିଭିନ୍ନ ଭୂମିକା, ସେ ସାମ୍ନା କରିଥିବା ବିଭିନ୍ନ ଜଟିଳ ପରିସ୍ଥିତି ଏବଂ ହ୍ୱାଇଟହାଉସରେ ଟ୍ରମ୍ପ୍‌ଙ୍କର ପ୍ରତ୍ୟାବର୍ତ୍ତନ କାହାଣୀକୁ ଏହି ଫିଲ୍ମରେ ଦେଖିବାକୁ ମିଳିବ ବୋଲି ମେଲାନିଆ କହିଛନ୍ତି।

ପୂର୍ବରୁ ମେଲାନିଆଙ୍କ ଆତ୍ମଜୀବନୀକୁ ଅନେକ ପାଠକ ପସନ୍ଦ କରିଥିବାରୁ ଏହାକୁ ଡକ୍ୟୁମେଣ୍ଟାରି ଫିଲ୍ମ ଭାବେ ପ୍ରସ୍ତୁତ କରିବାକୁ ତାଙ୍କ ମନରେ ବିଚାର ଆସିଥିଲା ବୋଲି ମେଲାନିଆ କହିଛନ୍ତି। ତାଙ୍କ ଆତ୍ମଜୀବନୀ ପୁସ୍ତକକୁ ପଢ଼ି ଅନେକ ପାଠକ ଏବଂ ପ୍ରଶଂସକମାନେ ତାଙ୍କୁ ଚିଠି ଏବଂ ମେସେଜ୍ ପଠାଉଥିବା ସେ କହିଛନ୍ତି। ତେବେ ଆମାଜନ ପ୍ରାଇମ ଭିଡିଓରେ ରିଲିଜ୍ ହେବା ପୂର୍ବରୁ ମେଲାନିଆଙ୍କ ଏହି ଡକ୍ୟୁମେଣ୍ଟାରିକୁ ସୀମିତ ସିନେମା ହଲ୍‌ରେ ରିଲିଜ୍ କରାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

# ହରିଦ୍ୱାର ଜେଲରେ ୧୫ କଏଦୀ ଏଚ୍‌ଆଇଭି ପଜିଟିଭ



ଡେରାଡୁନ୍, ୧୦।୪

ଉତ୍ତରାଖଣ୍ଡର ହରିଦ୍ୱାର ଜେଲରେ ୧୫ କଏଦୀ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ଘଟଣାକୁ ନେଇ ବରିଷ୍ଠ ଜେଲ ଅଧୀକ୍ଷକ ମନୋଜ କୁମାର ଆର୍ଯ୍ୟ କହିଛନ୍ତି, ଗତ ଏପ୍ରିଲ ୭ରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ଜେଲରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ଜେଲର କଏଦୀମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା, ଯେଉଁଥିରେ ୧୫ ଜଣ ଏଚ୍‌ଆଇଭି ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଚ୍‌ଆଇଭି ପଜିଟିଭ କଏଦୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଜେଲରେ ପୃଥକ ବାରାକ୍ ନିର୍ମାଣ କରାଯାଇଥିବା ସେ କହିଛନ୍ତି। ସମ୍ପ୍ରତି ହରିଦ୍ୱାର ଜେଲରେ ୧୧୦୦ରୁ ଅଧିକ କଏଦୀ ରହୁଛନ୍ତି। ପୂର୍ବରୁ ମଧ୍ୟ ଏହି ଜେଲରେ କେତେଜଣ କଏଦୀ ଏଚଆଇଭି ଚିହ୍ନଟ ହୋଇଥିଲେ ବୋଲି ମନୋଜ କହିଛନ୍ତି।

ଫୁର୍‌ସତ

# ନିରାପଦ ମାତୃତ୍ୱ ଓ ସୁସ୍ଥ ଶିଶୁ

**ନିରାପଦ ମାତୃତ୍ୱ ଦିବସ ଉପଲକ୍ଷେ**

ମାତୃତ୍ୱ ପ୍ରଭୁଙ୍କର ଏକ ସାର୍ଥକ ସୃଷ୍ଟି, ଏକ ସୁନ୍ଦର ସ୍ୱପ୍ନ। ସେ ସ୍ୱପ୍ନ ସାକାର ହୁଏ, ଯେତେବେଳେ ମା'ର କୋଳ ପୂର୍ଣ୍ଣ କରି ଏକ ସୁସ୍ଥ ଶିଶୁଟିଏ ଜନ୍ମନିଏ। ତେବେ ମାତୃତ୍ୱର ଏ ପଥ ସବୁବେଳେ ନିରାପଦ ନୁହେଁ। ଟିକିଏ ଅସାବଧାନ ହେଲେ ଗର୍ଭଜନିତ ଓ ପ୍ରସବଜନିତ ଜଟିଳତା ଦେଖାଦେଇଥାଏ ଏବଂ ମା' ସହ ଶିଶୁର ଜୀବନ ବିପଦାପନ୍ନ ହୋଇଥାଏ। ଏକବିଂଶ ଶତାବ୍ଦୀରେ ପ୍ରତ୍ୟେକ ମିନିଟ୍‌ରେ ପୃଥିବୀର କୌଣସି ନା କୌଣସି ସ୍ଥାନରେ ନିଶ୍ଚିତ ଭାବରେ ଜଣେ ମହିଳା ଗର୍ଭଜନିତ ତଥା ପ୍ରସବଜନିତ କାରଣରୁ ମୃତ୍ୟୁବରଣ କରିଥାନ୍ତି। ଗୋଟିଏ ମା'ର ମୃତ୍ୟୁ ଏକ ପରିବାରର କ୍ଷତି ନୁହେଁ, ଏହା ଏକ ସାମାଜିକ କ୍ଷତି, ଏହା ସାରା ଦେଶର କ୍ଷତି। ପ୍ରତ୍ୟେକ ବର୍ଷ ଏପ୍ରିଲ ୧୧ ତାରିଖ ଦିନ ସାରା ଭାରତରେ ଜାତୀୟ ମାତୃତ୍ୱ ଦିବସ ପାଳନ କରାଯାଉଛି। ଏହା ଜାତୀୟ ପିତା ମହାତ୍ମା ଗାନ୍ଧୀଙ୍କ ପତ୍ନୀ କସ୍ତୁରବା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ୨୦୦୩ ମସିହାରୁ ପାଳନ କରାଯାଉଛି। ଏହାର ମୂଳଲକ୍ଷ୍ୟ ହେଉଛି ପ୍ରତ୍ୟେକ ଗର୍ଭବତୀ ନାରୀଙ୍କ ଗର୍ଭାବସ୍ଥାରେ, ପ୍ରସବ ସମୟରେ ତଥା ପ୍ରସବ ପରେ ସମସ୍ତ ପ୍ରକାର ଯତ୍ନ ନେଇ ଭାରତରେ ମାତୃ ମୃତ୍ୟୁ ହାର କମାଇବା, ନିରାପଦ ମାତୃତ୍ୱ ପାଇଁ ସଚେତନତା ସୃଷ୍ଟି କରିବା। କାରଣ ଉପଯୁକ୍ତ ଭାବରେ ଚିକିତ୍ସା ପାଇ ଏକ ନିରାପଦ ମାତୃତ୍ୱ ଲାଭ କରିବା ହେଉଛି ପ୍ରତ୍ୟେକ ଗର୍ଭବତୀ ନାରୀର ଅଧିକାର।

ପ୍ରତ୍ୟେକ ମାତୃ ମୃତ୍ୟୁ ବା ମାଟରନାଲ ମୋର୍ଟାଲିଟି ସହ ପ୍ରାୟ ୧୫ ଜଣ ମହିଳା ଦୁର୍ବଳ ଓ ରୁଗ୍ଣ ସ୍ୱାସ୍ଥ୍ୟ ସହ ବଞ୍ଚିରହନ୍ତି (ମାଟରନାଲ ମୋର୍ବିଡିଟି) ଏବଂ ଏଥିପାଇଁ ପରିବାରରୁ ବିତାଡିତ ମଧ୍ୟ ହୋଇଥାନ୍ତି। ତେଣୁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଏକ ସମ୍ମିଳନୀରେ ଡା. ମାଲକମ୍ ପଟମ୍ କହିଥିଲେ ଯେ ପୃଥିବୀରେ ମାତୃ ମୃତ୍ୟୁ ଏଭଳି ଭାବରେ ଘଟୁଛି ଯେପରି ଏକ ବିରାଟ ଜେଟ୍ ବିମାନ ପ୍ରତି ଚାରି ଘଣ୍ଟାରେ ଭୟାବହ ଦୁର୍ଘଟଣାର ଶିକାର ହେଉଛି ଏବଂ ତା' ଭିତରେ ବସିଥିବା ପ୍ରାୟ ୨୫୦ ମହିଳା ଯାତ୍ରୀ ଏକା ସାଙ୍ଗରେ ମୃତ୍ୟୁମୁଖରେ ପଡୁଛନ୍ତି। ସାରା ବିଶ୍ୱରେ ପ୍ରତିବର୍ଷ ମାତୃ ମୃତ୍ୟୁ ସଂଖ୍ୟା ୬ଲକ୍ଷ। ଏହା ମଧ୍ୟରୁ ୯୯ ଭାଗ ମୃତ୍ୟୁ ପ୍ରାୟ ବିକାଶୋନ୍ମୁଖୀ ଦେଶରେ ଘଟିଥାଏ। ସାରା ବିଶ୍ୱର ଶତକଡା ୪୬ ଭାଗ ମାତୃ ମୃତ୍ୟୁ କେବଳ ଭାରତ, ପାକିସ୍ତାନ ଏବଂ ବାଂଲାଦେଶରେ ହୋଇଥାଏ।

ଦ୍ରୁତ ଗତିରେ ହେଉଥିବା ମାତୃ ମୃତ୍ୟୁ ହାରକୁ ରୋକିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (WHO) ୧୯୮୭ ମସିହାରେ ନାଇରୋବି କେନିଆଠାରେ ନିରାପଦ ମାତୃତ୍ୱର କେତେକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ନେଲା। ଏହାର ଉଦ୍ଦେଶ୍ୟ ଥିଲା ଝିଅ ଓ ମା' ମାନଙ୍କ ଜୀବନଯାପନଶୈଳୀକୁ ସ୍ୱାସ୍ଥ୍ୟ ଓ ସାମାଜିକ ସ୍ତରରେ ଅଭିବୃଦ୍ଧି କରିବା। ପ୍ରଗତିବାଦୀ ରାଷ୍ଟ୍ରଗୁଡ଼ିକରେ ୨୨ଜଣ ପ୍ରତି ୧ଲକ୍ଷରେ ହେବା ବେଳେ ପ୍ରଗତିଶୀଳ ରାଷ୍ଟ୍ରଗୁଡିକରେ ଏହାର ମାତ୍ରା ୨୦ଜଣ ଅଧିକ ଏବଂ ୨୦୨୦ ସୁଦ୍ଧା ମାତୃ ମୃତ୍ୟୁ ହାର ଶତକଡ଼ା ୮୦ ଭାଗ ଓ ଶିଶୁ ମୃତ୍ୟୁ ହାର ଶତକଡ଼ା ୪୦ ଭାଗ କମାଇବା ପାଇଁ ସ୍ଥିର କରାଯାଇଥିଲା। ଏହି ନିରାପଦ ମାତୃତ୍ୱର ପ୍ରଥମ ଯତ୍ନ ମା' ଗର୍ଭରେ ଥିବା ଶିଶୁଠାରୁ ହିଁ ଆରମ୍ଭ ହୋଇଥାଏ।



**ମାତୃ ମୃତ୍ୟୁର କାରଣ-**

**ପ୍ରତ୍ୟକ୍ଷ କାରଣ-** ଏହା ୭୫ ଶତକଡ଼ା ଅବାଞ୍ଛିତ ଓ ଦୂଷିତ ଗର୍ଭପାତ, ୧୩ ପ୍ରତିଶତ ଅସ୍ଥାନିକ (ଡିମ୍ବବାହୀ ନଳୀରେ) ଗର୍ଭପାତ, ୭ ପ୍ରତିଶତ ଉଚ୍ଚ ରକ୍ତଚାପ ଓ ବାତ, ୧୨ ପ୍ରତିଶତ ଗର୍ଭପାତ ପୂର୍ବରୁ ଓ ପରେ ରକ୍ତସ୍ରାବ, ୨୫ ପ୍ରତିଶତ ବ୍ୟାହତ ଗର୍ଭପାତ, ୮ ପ୍ରତିଶତ ଦୂଷିତ, ୧୫ ପ୍ରତିଶତ ସୂତିକା ଜ୍ୱର।

**ପରୋକ୍ଷ କାରଣ** - ୨୫ ପ୍ରତିଶତ ରକ୍ତହୀନତା, ହୃଦ୍‌ବକ୍ଷ ରୋଗ, ମଧୁମେହ, ଥାଇରଏଡ୍, କାମଳ ରୋଗ ଏବଂ ମ୍ୟାଲେରିଆ।

କେଉଁ କାରଣ ଯୋଗୁ ଏହା ହୋଇଥାଏ-

**ବୟସ-** ୧୫ବର୍ଷରୁ କମ୍ କିମ୍ବା ୩୫ ବର୍ଷରୁ ଅଧିକ ମହିଳା, ଅଳ୍ପ ବ୍ୟବଧାନରେ ବାରମ୍ବାର ଗର୍ଭଧାରଣ ଓ ଅଧିକ ସନ୍ତାନ ଜନ୍ମ କରିଥିବା ମା', ଦାରିଦ୍ର୍ୟ, ଅର୍ଥ ଓ ଶିକ୍ଷା ଅଭାବ, ଗର୍ଭାବସ୍ଥାରେ ଯତ୍ନ ଓ ଗର୍ଭପାତ ପରେ ଯତ୍ନର ଅଭାବ, ଅବାଞ୍ଛିତ ଗର୍ଭପାତ।

ମାତୃ ମୃତ୍ୟୁର ପ୍ରଥମ ଓ ପ୍ରଧାନ କାରଣ ହେଉଛି ମହିଳାମାନଙ୍କର ଶୋଚନୀୟ ସାମାଜିକ ସ୍ଥିତି। ଏହାଛଡ଼ା ଲିଙ୍ଗଭେଦ ଓ ଲିଙ୍ଗଗତ ବୈଷମ୍ୟ ମଧ୍ୟ ମାତୃ ମୃତ୍ୟୁର ଅନ୍ୟ ଏକ କାରଣ। ଅନେକ ମହିଳା ନିରକ୍ଷର ହୋଇଥିବାରୁ ଉପାର୍ଜନକ୍ଷମ ହୋଇପାରନ୍ତି ନାହିଁ ଏବଂ ସମ୍ବଳହୀନ ହୋଇଥାନ୍ତି, ସେମାନେ ପ୍ରାଥମିକ ସ୍ତରରେ ଶିକ୍ଷାଦାନରୁ ମଧ୍ୟ ବଞ୍ଚିତ ହୋଇଥାନ୍ତି। ଏହାଛଡ଼ା ସେମାନେ ଘରକାମ ସହ ପ୍ରଚୁର କାମ କରି କ୍ଲାନ୍ତ ହୋଇପଡ଼ନ୍ତି। ଘରେ ସବା ଶେଷରେ ଖାଆନ୍ତି ଏବଂ ସବୁଠାରୁ କମ୍ ଖାଆନ୍ତି। କେବଳ ସେତିକି ନୁହେଁ, ପ୍ରସୂତିକାଳୀନ କୌଣସି ପରୀକ୍ଷା ବା ସାହାଯ୍ୟ ନେଇପାରନ୍ତି ନାହିଁ, ସୁଷମ ଖାଦ୍ୟ ଖାଆନ୍ତି ନାହିଁ କିମ୍ବା ଡାକ୍ତରଖାନାରେ ପ୍ରସବ କଥା ତ ଦୂରର କଥା ବିଶେଷଜ୍ଞ, ଅଭିଜ୍ଞ ଚିକିତ୍ସକ ବା ତାଲିମପ୍ରାପ୍ତ ଅଭିଜ୍ଞ ଧାଇ ବା ସେବିକାଙ୍କ ସାହାଯ୍ୟ ନେଇପାରନ୍ତି ନାହିଁ।

କୈଶୋର ଅବସ୍ଥାରେ ସ୍ୱାସ୍ଥ୍ୟର ଯତ୍ନ, ଯୌନଶିକ୍ଷା ସହ ରକ୍ତହୀନତା, ପୁଷ୍ଟିହୀନତା, ବିପଦପୂର୍ଣ୍ଣ ଗର୍ଭପାତ, ମାନସିକ ସ୍ତରରେ ଅପରିପକ୍ୱତାକୁ ଦୂର କରାଯାଇ ପାରିବ। ପ୍ରାଥମିକ ସ୍ତରରୁ ରୋଗ ଜଟିଳତା ଚିହ୍ନଟୀକରଣ ତଥା ଗୁରୁତର ରୋଗୀଙ୍କୁ ରେଫରାଲ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରିବା ଅତି ଜରୁରୀ।

ନିରାପଦ ମାତୃତ୍ୱର ଗୁରୁତ୍ୱ- ଗର୍ଭାବସ୍ଥାରେ ପ୍ରଥମ ସୋପାନରୁ ମା'ର ଯତ୍ନ ନିଆଗଲେ ମା'ମାନେ ନିଶ୍ଚିତ ମୃତ୍ୟୁମୁଖରୁ ବଞ୍ଚିଯାଇପାରିବେ। ଏଥିପାଇଁ ପରିବାର ତଥା ଗାଁ ଗହଳିରେ ସଚେତନତା ସୃଷ୍ଟି ସର୍ବୋଦୌ ଜରୁରୀ। ମହିଳାମାନଙ୍କ ପାଇଁ ଖାଦ୍ୟ ଓ ଶିକ୍ଷାର ମାନ ବଢାଇବାକୁ ହେଲେ ସମାଜରେ ତାଙ୍କ ସ୍ଥିତିର ଉନ୍ନତି କରିବା ଉଚିତ। ତେଣୁ ଏକବିଂଶ ଶତାବ୍ଦୀରେ ନିରାପଦ ମାତୃତ୍ୱ ଓ ସୁସ୍ଥ ଶିଶୁ ପାଇଁ ପଦକ୍ଷେପଗୁଡ଼ିକ ହେଲା ଆମ ଦେଶରେ 'ଏମର୍ଜେନ୍‌ସି ଅବଷ୍ଟେଟ୍ରିକ୍ ସର୍ଭିସ୍' ତ୍ୱରାନ୍ୱିତ କରିବା। ଏହାଛଡ଼ା ନାରୀ ଶିକ୍ଷାର ଅଗ୍ରଗତି, ନାରୀମାନଙ୍କ ପାଇଁ ଉପଯୁକ୍ତ କର୍ମସଂସ୍ଥାନ ଦେବା ଜରୁରୀ। ପରିବାର ନିୟନ୍ତ୍ରଣର ବିଭିନ୍ନ ଉପାୟମାନ ରେଡିଓ, ଟେଲିଭିଜନ ଓ ଖବରକାଗଜ ଜରିଆରେ ଗ୍ରାମାଞ୍ଚଳରେ ପରିବେଷଣ କରିବା ଆବଶ୍ୟକ। ବିକାଶଶୀଳ ଦେଶ ଭଳି ଆମ ଭାରତବର୍ଷରେ ମଧ୍ୟ ଅନେକ ନାରୀ ସଫଳତାର ଶୀର୍ଷତମ ସ୍ଥାନରେ ପହଞ୍ଚିଛନ୍ତି। ତେଣୁ ଏକ ଆତ୍ମତୃପ୍ତିର ସ୍ମିତହାସ୍ୟ ସହ ମା' ଓ ସୁସ୍ଥ ଶିଶୁର ପରିକଳ୍ପନା ହିଁ ଆମକୁ ଆମର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦେବ।

**- ଡା. ସରୋଜିନୀ ଷଡ଼ଙ୍ଗୀ,**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, ଲିଙ୍କ୍ ରୋଡ୍, କଟକ - ୧୨



## ସିଏସ୍‌କେର ଅଧିନାୟକତ୍ୱ କରିବେ ଧୋନୀ

ରତୁରାଜ ଗାଏକ୍ୱାଡଙ୍କ ସ୍ଥାନରେ ଆଇପିଏଲ୍ ଅବଶିଷ୍ଟାଂଶ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)ର ଅଧିନାୟକତ୍ୱ କରିବେ ଏମ୍. ଏସ୍. ଧୋନୀ।

୧୨ | ୦୨

## ଆଜିଠୁ ଓଟିଟିରେ ‘ଛାବା’

ଅଭିନେତା ଭିକି କୌଶଲ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର ‘ଛାବା’ ଫିଲ୍ମ ଶୁକ୍ରବାରଠାରୁ ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ।





ଆୟୁଷ୍ମାନ୍ ଭାରତ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ପାଇଁ ଗୁରୁବାର କଟକ ବାଲିଯାତ୍ରା ତଳ ପଡ଼ିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମୀକ୍ଷା କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ଆଜିଠୁ ଆୟୁଷ୍ମାନ୍

## ବାଲିଯାତ୍ରା ପଡ଼ିଆରେ ଯୋଜନାର ଶୁଭାରମ୍ଭ କରିବେ ନଡ୍ଡା

**ଭୁବନେଶ୍ୱର/କଟକ,୧୦।୪ (ସୁନିତ୍ ମିଶ୍ର/ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ବାଲିଯାତ୍ରା ତଳ ପଡିଆରେ ଶୁକ୍ରବାର ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ଶୁଭାରମ୍ଭ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସେ କଟକ ଯାଇ ବାଲିଯାତ୍ରା ପଡିଆରେ ଉପରୋକ୍ତ ଯୋଜନାର ଶୁଭାରମ୍ଭ କରିବେ। ଏଥିସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପେଡିଆଟ୍ରିକ୍‌ର ନୂତନ କୋଠା ଉଦ୍‌ଘାଟନ କରିବେ। ଏଥିସହ ନଡ୍ଡା ଭୁବନେଶ୍ୱରସ୍ଥିତ ସିପେଟ୍ ଓ ଏମ୍‌ସ ମେଡିକାଲ କଲେଜ ଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସନ୍ଧ୍ୟାରେ ପୁରୀଠାରେ ହେବାକୁ ଥିବା ଦଳର ଏମ୍‌ପି ଓ ବିଧାୟକମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ମନମୋହନ କହିଛନ୍ତି, ପୂର୍ବ ସରକାର ଅମଳରେ ପ୍ରଚଳିତ ଯୋଜନାରେ କେବଳ ୯୮ ☞ପୃଷ୍ଠା–୨

# ୨୮ ଆଇଏଏସ୍ ଅଧିକାରୀ ପୁନଃ ଅବସ୍ଥାପିତ

**ଭୁବନେଶ୍ୱର,୧୦।୪ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ୨୮ ବରିଷ୍ଠ ଓଏଏସ୍ ଅଫିସରଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)କୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାସହିତ କେତେକ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁଯାୟୀ, କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟର ବିଜ୍ଞପ୍ତିକୁ ଆଧାର କରି ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଆଇଏଏସ୍ ଅଫିସର ଧରମ ହାଁସଦାଙ୍କୁ ଉକ୍ତ ବିଭାଗର ଯୁଗ୍ମ ସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ମତ୍ସ୍ୟ ଓ ପଶୁ ☞ପୃଷ୍ଠା–୨

**ଆଜିର ସମ୍ପାଦକୀୟ**

ଚାଇନାରେ ବିବାହ ସଙ୍କଟ

# ରାୟ ଉତାରିଥିଲେ ଦୀପକ ମିଶ୍ର

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ ଦ୍ୱାରା ପ୍ରଦତ୍ତ ଏକ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଆୱାର୍ଡକୁ ସିଙ୍ଗାପୁର ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ଜଷ୍ଟିସ୍ ମିଶ୍ର ପୂର୍ବରୁ ଇଣ୍ଟରନ୍ୟାଶନାଲ ଚାମ୍ବର ଅଫ୍ କମର୍ସ (ଆଇସିସି) ଆର୍ବିଟ୍ରେଶନ୍ ଅଧ୍ୟକ୍ଷ ଥିବାବେଳେ ଦେଇଥିବା ୨ଟି ରାୟର ୪୫୧ ପାରାଗ୍ରାଫ୍ ମଧ୍ୟରୁ ୨୧୨ଟି ପାରା ଅର୍ଥାତ୍ ୪୭% ଉତାରି ଭିନ୍ନ ମାମଲାରେ ସମାନ ରାୟ ଦେଇଥିବାରୁ ସିଙ୍ଗାପୁର ସୁପ୍ରିମକୋର୍ଟ ଏହାକୁ ‘ଅବିବେକୀ କାର୍ଯ୍ୟ’ କହି ଭର୍ତ୍ସନା କରିଛନ୍ତି। ପ୍ରଶ୍ନ ଘେରକୁ ଆସିଥିବା ଆଲୋଚ୍ୟ ଆୱାର୍ଡ ଭାରତ ସରକାର ଓ ଘରୋଇ ରେଲୱେ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ହୋଇଥିବା ବିବାଦ ସହ ଜଡ଼ିତ। ୨୦୧୭ରେ ଭାରତ ସରକାର ସର୍ବନିମ୍ନ ମଜୁରି ବୃଦ୍ଧି ସକାଶେ ଏକ ବିଜ୍ଞପ୍ତି ପ୍ରକାଶ କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ଭାରତରେ ଫ୍ରେଟ୍ କରିଡର ଅଧୀନ ପ୍ରକଳ୍ପଗୁଡ଼ିକରେ ସାମିଲ ଥିବା ୩ କମ୍ପାନୀକୁ ନେଇ ଗଠିତ ଏକ କନ୍‌ସୋର୍ଟିୟମ୍ ମଜୁରି ବୃଦ୍ଧି ଯୋଗୁ ଅଧିକ ଦେୟ ଦାବି କରିଥିଲା। ଫଳରେ ଠିକାଦାର କମ୍ପାନୀଗୁଡ଼ିକୁ ଅତିରିକ୍ତ ଦେୟ ପ୍ରଦାନ କରାଯିବ କି ନାହିଁ ସେନେଇ ପ୍ରଶ୍ନ ଉଠିଥିଲା। ସେତେବେଳେ ଏନେଇ ଦେଶରେ ସହମତି ପ୍ରକାଶ ନ ପାଇବାରୁ ସମାଧାନ ପାଇଁ ସିଙ୍ଗାପୁରସ୍ଥିତ ଆଇସିସି ଆର୍ବିଟ୍ରେଶନ୍ ଅଧ୍ୟକ୍ଷ ଜଷ୍ଟିସ୍ ମିଶ୍ରଙ୍କ ନିକଟକୁ ମାମଲା ପଠାଯାଇଥିଲା। ଜଷ୍ଟିସ୍ ମିଶ୍ରଙ୍କ ଟ୍ରିବ୍ୟୁନାଲ ଉକ୍ତ ଠିକା ସଂସ୍ଥାଗୁଡ଼ିକ ସପକ୍ଷରେ ରାୟ ଦେଇଥିଲେ। ମାମଲା ସିଙ୍ଗାପୁର ସୁପ୍ରିମକୋର୍ଟକୁ ଯିବା ପରେ ସେଠାକାର ପ୍ରଧାନ ବିଚାରପତି ଜଷ୍ଟିସ୍ ସୁନ୍ଦରେଶ ମେନନ୍ ଏବଂ ଷ୍ଟିଭେନ୍ ଚୋଙ୍ଗ୍ ଏହାର ବିଚାରକରି ରାୟ ଶୁଣାଇଛନ୍ତି।



ପୂର୍ବତନ ସିଜେଆଇ ଦୀପକ ମିଶ୍ର

## ରଦ୍ଦକଲେ ସିଙ୍ଗାପୁର ସୁପ୍ରିମକୋର୍ଟ

**ସିଙ୍ଗାପୁର/ନୂଆଦିଲ୍ଲୀ,୧୦।୪**

ଭାରତର ପୂର୍ବତନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲଙ୍କ ରାୟକୁ ସିଙ୍ଗାପୁର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଉକ୍ତ ରାୟର ୪୭ ପ୍ରତିଶତ ଅର୍ଥାତ୍ ମୋଟ ୪୫୧ରୁ ୨୧୨ ପାରାଗ୍ରାଫ୍‌ରେ ଦୁଇଟି ପୂର୍ବ ରାୟର ଶବ୍ଦଗୁଡ଼ିକୁ ଅବିକଳ ଉତାରାଯାଇଥିବା ସିଙ୍ଗାପୁର ଶୀର୍ଷ ଅଦାଲତ ଜାଣିବାକୁ ପାଇଛନ୍ତି। ଉକ୍ତ ଟ୍ରିବ୍ୟୁନାଲରେ ମଧ୍ୟପ୍ରଦେଶ ହାଇକୋର୍ଟର ପୂର୍ବତନ ବିଚାରପତି କ୍ରିଷ୍ଣକୁମାର ଲାହୋଟି ଏବଂ ଜମ୍ମୁ-କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଗୀତା ମିତ୍ତଲ ମଧ୍ୟ ସଦସ୍ୟ ରହିଥିଲେ।

ପୂର୍ବ ରାୟଗୁଡ଼ିକୁ ଅତିମାତ୍ରାରେ କପି କରାଯାଇଥିବା ପ୍ରଧାନ ବିଚାରପତି ସୁନ୍ଦରେଶ ମେନନ ଏବଂ ଜଷ୍ଟିସ୍ ଷ୍ଟିଭେନ୍ ଚୋଙ୍ଗଙ୍କୁ ନେଇ ଗଠିତ ସିଙ୍ଗାପୁର ସୁପ୍ରିମକୋର୍ଟ ଖଣ୍ଡପୀଠ ଜାଣିବା ଏହା ପଛରେ ଅନେକ ନିହିତାର୍ଥ ରହିଥିବା ଟିପ୍ପଣୀ ଦେଇଛନ୍ତି। ପରସ୍ପର ସହ ସାମଞ୍ଜସ୍ୟ ଥିବା ୨ଟି ବିବାଦର ସମାଧାନ କରିବା ଜଣେ ଆର୍ବିଟ୍ରେଟରଙ୍କ ☞ପୃଷ୍ଠା–୨

# ୧୨୮ ବର୍ଷ ପରେ ଅଲିମ୍ପିକ୍ସକୁ ଫେରୁଛି କ୍ରିକେଟ୍

**ନୂଆଦିଲ୍ଲୀ,୧୦।୪(ପି.ଟି.)**

୧୨୮ ବର୍ଷର ଦୀର୍ଘ ବ୍ୟବଧାନ ପରେ କ୍ରିକେଟ ଅଲିମ୍ପିକ୍ସକୁ ଫେରିବାକୁ ଯାଉଛି। ଆମେରିକାର ଲସ୍‌ଏଞ୍ଜେଲ୍ସ (ଲା)ରେ ହେବାକୁ ଯାଉଥିବା ୨୦୨୮ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଟି୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଉଭୟ ବିଭାଗରେ ୬ ଲେଖାଏ ଦଳ ଭାଗ ନେବେ। ଏ ନେଇ ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। କ୍ରିକେଟକୁ ଅନ୍ତିମ ଥର ଅଲିମ୍ପିକ୍ସର ୧୯୦୦ ସଂସ୍କରଣରେ ଖେଳାଯାଇଥିଲା। ଏଥିରେ ଗ୍ରେଟ ବ୍ରିଟେନ ଓ ଫ୍ରାନ୍ସ ମଧ୍ୟରେ ଏକ ଦୁଇ ଦିନିଆ କ୍ରିକେଟ ମ୍ୟାଚ ଖେଳାଯାଇଥିଲା, ଯାହାକୁ ବର୍ତ୍ତମାନ ଅଣସ୍ୱୀକୃତିପ୍ରାପ୍ତ ଟେଷ୍ଟ ମାନ୍ୟତା ଦିଆଯାଇଛି। ପ୍ରତ୍ୟେକ ଦଳ ୧୫ ଲେଖାଏ ଖେଳାଳିଙ୍କ ନାମ ଘୋଷଣା କରିବେ। ☞ପୃଷ୍ଠା–୨


KIIT

## ସୁରକ୍ଷା ଅଧିକାରୀ /କର୍ମଚାରୀ ଆବଶ୍ୟକ

କିଟ୍ ବିଶ୍ୱବିଦ୍ୟାଳୟର ବିଭିନ୍ନ କ୍ୟାମ୍ପସ ପାଇଁ ଉଭୟ ପୁରୁଷ ଓ ମହିଳା ବର୍ଗର ୩୦୦ ସୁରକ୍ଷା କର୍ମଚାରୀ ଓ ସୁରକ୍ଷା ଅଧିକାରୀ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି।

**ସୁରକ୍ଷା କର୍ମଚାରୀ** ପ୍ରାର୍ଥୀଙ୍କ ବୟସ ୧୮ରୁ ୨୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରାର୍ଥୀ ମ୍ୟାଟ୍ରିକ୍ ବା ତଦୂର୍ଦ୍ଧ୍ୱ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବେ। ପ୍ରାର୍ଥୀଙ୍କ ଉଚ୍ଚତା ୫ଫୁଟ୍ ୮ଇଞ୍ଚ ହୋଇଥିବା ବାଞ୍ଛନୀୟ (ମହିଳାଙ୍କ କ୍ଷେତ୍ରରେ ଉଚ୍ଚତା କୋହଳ କରାଯିବ)। ପ୍ରାର୍ଥୀଙ୍କ ଫିଜିକାଲ୍ ଓ ମେଡିକାଲ୍ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦିଆଯିବ।

**ସୁରକ୍ଷା ଅଧିକାରୀ** ପଦବୀ ପାଇଁ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ଅଗ୍ରାଧିକାର ଦିଆଯିବ। ଆବେଦନର ଶେଷ ତାରିଖ **୨୫।୪।୨୦୨୫**। ଆବେଦନ କରିବା ସମୟରେ ପ୍ରାର୍ଥୀ ନିଜର ସ୍ଥାୟୀ ଠିକଣା ସହ ଟେଲିଫୋନ୍ ନମ୍ବର ଦେବା ନିହାତି ଆବଶ୍ୟକ।

ସ୍ୱା/-କୁଳସଚିବ (କିଟ୍ ବିଶ୍ୱବିଦ୍ୟାଳୟ)

ଆବେଦନ କରିବାର ଠିକଣା: ଏଚ୍ ଆର୍ ସେଲ୍, ଚିନ୍ତନ ବିଲ୍ଡିଂ, କ୍ୟାମ୍ପସ୍-୪ କିଟ୍ ବିଶ୍ୱବିଦ୍ୟାଳୟ, ପୋ: କିଟ୍, ଭୁବନେଶ୍ୱର-୭୫୧୦୨୪
Email: recruitment.kiit2025@kiit.ac.in


# ପାଣି ନାହିଁ ବୋଲି ମିଳୁନି ବୋହୂ



ମହିଳାମାନେ ଝରଣାରୁ ପାଣି ଧରି ଗାଁକୁ ଫେରୁଛନ୍ତି।

**ନବରଙ୍ଗପୁର,୧୦।୪ (ସଦାଶିବ ପ୍ରହରାଜ)**

## ଗାଁର ୮୦ରୁ ଊର୍ଦ୍ଧ୍ୱ ଯୁବକ ଅବିବାହିତ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସାନବାର୍ଲି ପଞ୍ଚାୟତ ଅଧୀନ ବଡ଼ବାର୍ଲି ଗାଁରେ ବର୍ଷ ବର୍ଷ ଧରି ଲାଗିରହିଛି ପାଣି ସମସ୍ୟା। ପ୍ରାୟ ୨ ବର୍ଷ ହେବ ମେଗା ପାନୀୟଜଳ ପ୍ରକଳ୍ପରେ ଏକ ପାଣି ଟାଙ୍କି ଗ୍ରାମରେ ନିର୍ମାଣ ହୋଇ ପାଇପ ବିଛା ଯାଇଛି। ହେଲେ ଗ୍ରାମବାସୀଙ୍କୁ ପାଇପ୍ ପାଣି ମିଳିନି। ଟୋପାଏ ପାଣି ପାଇଁ ଯିବାକୁ ପଡୁଛି ଦୀର୍ଘ ଦେଢ଼ କିଲୋମିଟର। ଉକ୍ତ ସମସ୍ୟା ପାଇଁ ଏହି ଗାଁରେ ଝିଅ ଦେବାକୁ କେହି ରାଜି ହେଉନାହାନ୍ତି। ଖାସ୍ ଏହି କାରଣରୁ ଏବେ ଗାଁର ପ୍ରାୟ ୮୦ରୁ ଅଧିକ ଯୁବକ ଅବିବାହିତ ଅଛନ୍ତି।

ବଡ଼ବାର୍ଲି ଗାଁରେ ୨୧୮ ପରିବାର। ଲୋକସଂଖ୍ୟା ହଜାରରୁ ଊର୍ଦ୍ଧ୍ୱ। ପାହାଡ଼ଘେରା ଗାଁରେ ରାସ୍ତା, ବିଜୁଳିତ ରହିଛି। କିନ୍ତୁ ପିଇବା ପାଣି ସୁବିଧାରେ ମିଳୁନି। ପ୍ରଶାସନ ପକ୍ଷରୁ ଏଠାରେ ୩ଟି ନଳକୂପ ଖୋଳାଯାଇଥିଲା। ଗାଁ ସ୍କୁଲ ପରିସରରେ ବି ଗୋଟିଏ ନଳକୂପ ଅଛି। କିନ୍ତୁ ବର୍ତ୍ତମାନ ☞ପୃଷ୍ଠା–୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭଗବତୀ ମା' ପାଟୋଳୀଶ୍ୱରୀଙ୍କ ଦ୍ୱାଦଶ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ସୂର୍ଯ୍ୟ ପୂଜା ଓ ଗୀତା ଯଜ୍ଞ, ସ୍ଥାନ: ବେଣ୍ଟପୁର ବାଲିକାଣ୍ଟିଆସ୍ଥିତ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ଦୀକ୍ଷାନ୍ତ ସମାରୋହ, ସ୍ଥାନ: ରେଳ ଅଡିଟୋରିୟମ, ମଞ୍ଚେଶ୍ୱର ସମୟ: ପୂର୍ବାହ୍ଣ ୧୦ଟା।
- ନଳିନୀ ଦେବୀ ଶିକ୍ଷକ ଶିକ୍ଷା ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ଣ ୫ଟା ୩୦।
- ଶ୍ରୀ ଶ୍ରୀ ସୀତା ରାମେଶ୍ୱର ରାମଲୀଳା ଗୀତିନାଟ୍ୟ ସଂଘ ଆନୁକୂଲ୍ୟରେ ନାଟକ 'ଶ୍ରୀ ରାମ ବନବାସ', ସ୍ଥାନ: ଗୋତଲବିନ୍ଧାସ୍ଥିତ ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ସମୟ: ରାତି ୧୧ଟା।
- ଶ୍ରୀ ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ନାଟକ 'ସୂପନେଖାର ନାସା ଓ କର୍ଣ୍ଣ ଛେଦନ', ସ୍ଥାନ: କାକରୁଦ୍ରପୁର ପତିତପାବନ ଦେବ ମନ୍ଦିର ପରିସର, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ରାମଲୀଳା ପ୍ରଚାର କମିଟି ପକ୍ଷରୁ ରାମଲୀଳାର ନାଟକ 'ସୀତା ଚୋରି', ସ୍ଥାନ: ବଇଡୁଆ ଗାନ୍ଧୀ ଛକସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।
- ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ରାମଲୀଳାର ନାଟକ 'ଶ୍ରୀ ରାମ ବନବାସ', ସ୍ଥାନ: ବେଣ୍ଟପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା ୩୦।

## ପୁରୀ

- ଆଭାସି ମାଧ୍ୟମରେ ଅୟୁଷମାନ ଯୋଜନାର ଉଦ୍‌ଘାଟନ, ସ୍ଥାନ: ସୁକଳ, ମହୁରା, ରାୟଖଣ୍ଡି ପଞ୍ଚାୟତ, ସାକ୍ଷୀଗୋପାଳ, ସମୟ: ମଧ୍ୟାହ୍ନ ୨ଟା ୩୦।

## ଜଗତ୍‌ସିଂହପୁର

- ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାର ଶୁଭାରମ୍ଭ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ, ପାରାଦୀପ, ସମୟ: ଅପରାହ୍ଣ ୨ଟା।

## କେନ୍ଦ୍ରାପଡ଼ା

- ଶ୍ରୀପଞ୍ଚଶଖା ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁସନ୍ଥ ସମ୍ମିଳନୀ, ସ୍ଥାନ: ବାରିମୂଳ ପଞ୍ଚାୟତ ପଡିଆ, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଆଇଟିଏସ୍ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବାରିମୂଳ, ଡେରାବିଶ, ସମୟ: ସକାଳ ୭ଟା।
- ଆୟୁଷ୍ମାନ ଭାରତ ଯୋଜନା ଉଦ୍‌ଘାଟନ କାର୍ଯ୍ୟକ୍ରମ, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର, ଖଡିଅଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ଣ ୨ଟା।
- ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ରାମାୟଣ ପାଠ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ମା' ଦୁର୍ଗା ମନ୍ଦିର, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉଡି ନାହାକାଣୀ ପୀଠ, ଅଢ଼ାଯୋଡି, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଭାଗବତ ପାରାୟଣ ଓ ଗୀତା ମହଯଜ୍ଞ, ସ୍ଥାନ: ସିଦ୍ଧ ମହାପୁରୁଷ ଯଜ୍ଞ ପୀଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବ୍ରହ୍ମ ସେବା ଫାଉଣ୍ଡେଶନ ପକ୍ଷରୁ ଭାଗବତ ଓ ଗୀତା ପାଠ, ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବିମ୍ବଳେଇ କ୍ଷେତ୍ର ତାରିଣୀ ପୀଠ, ଶଙ୍ଖପୁର, ରାଜନଗର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଦେବସ୍ଥାପନ, ସ୍ଥାନ: ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ମା' ଜେମାଣ୍ଡୁଣୀ ପୀଠ, ସମୟ: ସକାଳ ୮ଟା।
- ଓଡ଼ିଶା ପକ୍ଷ ପାଳନ ଅବସରରେ ଯୁବ ଲେଖକ ସମ୍ମିଳନୀ, ସ୍ଥାନ : ଯାଜପୁର ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳ, ସମୟ : ସକାଳ ୯ଟା।
- ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସର,ସମୟ : ଅପରାହ୍ଣ ୨ଟା୩୦।
- ରାଜ୍ୟସ୍ତରୀୟ ଡିଫା କପ୍‌ର ୩ୟ ମ୍ୟାଚ୍, ସ୍ଥାନ: ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ: ଅପରାହ୍ଣ ୪ଟା।

## ନୟାଗଡ଼

- ୭ ଦିନିଆ ଦଣ୍ଡପର୍ବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ସକାଳ ୮ଟା।
- ଯୁବ ଲେଖକ ସମ୍ମିଳନୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ସଭାଗୃହ, ସମୟ: ସକାଳ ୯ଟା।
- ଆୟୁଷ୍ମାନ କାର୍ଡ ବଣ୍ଟନ, ସ୍ଥାନ: ଜିଲାର ସବୁ ପଞ୍ଚାୟତ, ସମୟ:ପୂର୍ବାହ୍ଣ ୧୦ଟା।
- ଆୟୁଷ୍ମାନ କାର୍ଡ ବଣ୍ଟନ ଉପରେ ଜିଲାପାଳଙ୍କ ସମୀକ୍ଷା, ସ୍ଥାନ:ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ଣ ୧୧ଟା।
- ୧୫ ଦିନିଆ ଦଣ୍ଡପର୍ବର ୧୩ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସିଦ୍ଧାମୂଳା, ରୟତ ଢ଼ୋଲମରା, ଗୋଡିପଡ଼ା କାମନା ମନ୍ଦିର ସାହି, ସମୟ: ଅପରାହ୍ଣ ୨ଟା।
- ନୟାଗଡ଼ ଜିଲାସ୍ତରୀୟ ଆୟୁଷ୍ମାନ ଯୋଜନାର ଉଦ୍‌ଘାଟନ ଓ କାର୍ଡ ବଣ୍ଟନ, ସ୍ଥାନ: ନୟାଗଡ଼ ବ୍ଲକ ଇଟାମାଟି ବାମନ ଅବକାଶ ହାଇସ୍କୁଲ, ସମୟ:ଅପରାହ୍ଣ ୨ଟା୩୦।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କର ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ଷଷ୍ଠ ଦିବସରେ ଠାକୁରଙ୍କର ଧନୁ ଭଗ୍ନ ଓ ସୀତା ବିବାହ, ସ୍ଥାନ:ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ଦିବସରେ ସୀତା ବିବାହ ଓ ପର୍ଶୁରାମ ଭେଟ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ରାମନବମୀ ଯାତ୍ରା ଅବସରରେ ରାମ ଚରିତ ମାନସ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ନୟାଗଡ଼ ତ୍ରିନାଥ ଛକସ୍ଥିତ ଶ୍ରୀରାମ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଯୁବ ଲେଖକ ସମ୍ମିଳନୀ ଉଦ୍‌ଘାଟନୀ, ସ୍ଥାନ: ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଆୟୁଷ୍ମାନ ଯୋଜନା, ସ୍ଥାନ: ସିମୁଳିଆ ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ଣ ୧୧ଟା।
- ପ୍ରଜ୍ଞାଭାରତୀ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ବାହାର୍ଦ୍ଦା, ବସ୍ତା, ସମୟ: ଅପରାହ୍ଣ ୨ଟା।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ପଞ୍ଚମ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ଣ ୩ଟା।
- ବାଲେଶ୍ୱର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ଣ ୩ଟା।
- ଯୁବ ଲେଖକ ସମ୍ମିଳନୀର ପୁରସ୍କାର ବିତରଣ ଉତ୍ସବ, ସ୍ଥାନ: ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ଣ ୪ଟା।
- ନନ୍ଦୁର ଆଞ୍ଚଳିକ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଅସୁରିଆ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

# ଆଜିଠୁ ଓଟିଟିରେ 'ଛାବା'



**ମୁମ୍ବାଇ:** ଅଭିନେତା ଭିକି କୌଶଳ ଓ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କର 'ଛାବା' ଫିଲ୍ମକୁ ବକ୍ସ ଅଫିସ୍‌ରେ ଢ଼େର ସଫଳତା ମିଳିଛି। ତେବେ ବଡ଼ ପରଦା ପରେ ଏବେ ଏହି ଫିଲ୍ମ ଓଟିଟିରେ ରିଲିଜ୍ ହେବାକୁ ଯାଉଛି। ଶୁକ୍ରବାରଠାରୁ 'ଛାବା' ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମିଂ ହେବ। ଏନେଇ ଫିଲ୍ମର ପ୍ରଡକ୍ସନ କମ୍ପାନୀ ମେଡକ୍ ଫିଲ୍ମସ୍ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରାଯାଇ ସୂଚନା ଦିଆଯାଇଛି। ଏହି ପୋଷ୍ଟକୁ ନେଟଫ୍ଲିକ୍ସ ମଧ୍ୟ ରି-ଶେୟାର କରିଛି। ଗତ ଫେବୃଆରୀ ୧୪ରେ ଲକ୍ଷ୍ମଣ ଉଟେକରଙ୍କ ନିର୍ଦ୍ଦେଶିତ 'ଛାବା' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍ ହୋଇଥିଲା। ରିଲିଜ୍ ହେବା ପରଠାରୁ ଏହା ବକ୍ସ ଅଫିସରେ ଧମାଲ ମଚାଇବା ଆରମ୍ଭ କରିଥିଲା। ବର୍ତ୍ତମାନ ସୁଦ୍ଧା ଏହି ଫିଲ୍ମ ବିଶ୍ୱବ୍ୟାପୀ ୮୦୪.୮୫ କୋଟି ଟଙ୍କା ସଂଗ୍ରହ କରିଥିବା ବେଳେ କେବଳ ଭାରତୀୟ ସିନେମା ହଲଗୁଡ଼ିକରୁ ଏହି ଫିଲ୍ମ ୫୯୯.୨ କୋଟି ଟଙ୍କାର ରୋଜଗାର କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଷଷ୍ଠ ସ୍ଥାନରେ ଚନ୍ଦ୍ର ପାପଗ୍ରହ କେତୁ ଯୁକ୍ତ ହେତୁ ବିଭିନ୍ନ କାରଣକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହିବ ନାହିଁ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ଆଶଙ୍କା ରହିଛି। ପ୍ରିୟବନ୍ଧୁଙ୍କ ଆଗମନର ସୂଚନା ପାଇବା ସାଙ୍ଗକୁ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ।

**ବୃଷ**
ଗୁରୁ ଦ୍ୱିତୀୟସ୍ଥ ଯୋଗୁ ପ୍ରାପ୍ୟ ଅର୍ଥ କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତାରେ ପ୍ରାପ୍ତ ହେବାର ସୂଚନା ରହିଛି। ସପ୍ତମସ୍ଥାନ ଗ୍ରହଶୂନ୍ୟ କାରଣରୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟଲାଭ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଯାତ୍ରା କରିବାକୁ ବାଧ ହୋଇପାରନ୍ତି। ଅବଶ୍ୟ ପିଲାଙ୍କ କୌଣସି ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିତି ଭଲ ରହି ନ ପାରେ।

**ମିଥୁନ**
ରାଶ୍ୟାଧିପ ବୃହସ୍ପତି କ୍ଷେତ୍ରର ପ୍ରଭାବରେ କର୍ମକ୍ଷେତ୍ରରେ ସଫଳତା ଲାଭ କରିପାରିବେ। ପାରିବାରିକ ସହଯୋଗ ଅଭାବରୁ ପ୍ରତିବନ୍ଧକ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଧାର, କରଜ କରି ଆବଶ୍ୟକତା ପୂରଣ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ରୋଗପୀଡା ନିୟନ୍ତ୍ରଣ ମଧ୍ୟରେ ରହିବ।

**କର୍କଟ**
ବଳହୀନ ମଙ୍ଗଳ ରାଶିରେ ଥିବାରୁ ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଲାଗିରହୁଥିବାରୁ ନିରାଶ ହେବାକୁ ପଡିପାରେ। ଅବଶ୍ୟ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ନିଜ ଲୋକମାନଙ୍କ ଅନାଦର ଓ ଖାପଛଡା ମନୋଭାବରୁ ସାମୟିକ ଦୁଃଖୀ ହୋଇପାରନ୍ତି।

**ସିଂହ**
ଉଚ୍ଚାରୋହୀ ରାଶ୍ୟାଧିପ ରବି ଏକାଧିକ ଗ୍ରହଙ୍କ ମଧ୍ୟରେ ଦୁଃସ୍ଥାନସ୍ଥ ଯୋଗୁ କୌଣସି କାର୍ଯ୍ୟ ସୁବିଧାରେ ହୋଇ ନ ପାରେ। ବିଭିନ୍ନ ଦିଗରୁ ସହଯୋଗ ଲାଭକରି ଉପକୃତ ହୋଇପାରନ୍ତି। ଚନ୍ଦ୍ରଙ୍କ ଅଶୁଭତ୍ୱ କାରଣରୁ ସାମୟିକ ମନରେ ଅଶାନ୍ତି ସୃଷ୍ଟି ହେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**କନ୍ୟା**
ଧନାଧିପ ନିଜଭାବରୁ ଷଷ୍ଠସ୍ଥ ହେତୁ ଅର୍ଥ ପ୍ରାପ୍ତିରେ କୌଣସି ବ୍ୟକ୍ତି ପ୍ରତିରୋଧ କରିବେ। ନିଜ ପରିବାରର ବ୍ୟକ୍ତିଙ୍କ ଅସହଯୋଗ ମନୋଭାବରୁ ବ୍ୟଥିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟକର ହେବ। ସାହିତ୍ୟ,କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା**
ଭାଗ୍ୟାଧିପ ଗ୍ରହଯୁଦ୍ଧରେ ଆକ୍ରାନ୍ତ ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କିଛି ଅସୁବିଧା ନ ଥିଲେ ମଧ୍ୟ କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବେ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି, ସାମ୍ବାଦିକତା, ଆଇନ ଓ ଅଦାଲତ କ୍ଷେତ୍ରରୁ ଶୁଭଫଳ ପାଇବେ।

**ବିଛା**
ସପ୍ତମସ୍ଥ ବୃହସ୍ପତି ପାରିବାରିକ ଜୀବନରେ ସମସ୍ୟାଜନିତ ଅଶାନ୍ତି ସୃଷ୍ଟି କରିବ। ସାଧାରଣ କଥାକୁ ନେଇ ଭୁଲ୍ ବୁଝାମଣା ହେତୁ ଦୀର୍ଘ ଦିନର ସମ୍ପର୍କରେ ଭଙ୍ଗା ପଡିବ। ଅନୁରାଧା ସକାଶେ ସମୟାନ୍ତରେ ମତାନ୍ତର ବଦଳିପାରେ। ରାଜନୀତି, ଅଧ୍ୟାପନା, ସାହିତ୍ୟ, ସାମ୍ବାଦିକତା, କ୍ରୀଡା ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ଚତୁର୍ଥଭାବରେ ଏକାଧିକ ଗ୍ରହ ପରିବାର ଓ କର୍ମକ୍ଷେତ୍ର ସକାଶେ ସମସ୍ୟା ସୃଷ୍ଟି କରିବେ। ଅବଶ୍ୟ ଆପଣ ପ୍ରତ୍ୟେକ କ୍ଷେତ୍ରରେ ଭାଙ୍ଗିଯିବେ ପଛକେ ନଇଁବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସାଙ୍ଗରେ ଯିବାକୁ ବାଧ ହେବେ। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର**
ନୀଚାରୋହୀ ରାଶ୍ୟାଧିପ ହେତୁ ଦୈହିକ ଓ ମାନସିକ ସ୍ଥିତି ଭଲ ରହି ନ ପାରେ। ମନ ଚାହୁଁଥିବା ଅନୁସାରେ କୌଣସି ଜିନିଷ ପାଇବା ଦୁଷ୍କର ହୋଇ ପଡିବ। ବହୁ କଷ୍ଟରେ ସାଇତି ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି। ଅବଶ୍ୟ ଆନୁଷ୍ଠାନିକ କାମ, ସଭାସମିତି, ସଂଗଠନ, ରାଜନୈତିକ ସ୍ଥିତି ପ୍ରାୟତଃ ଭଲ ରହିବ।

**କୁମ୍ଭ**
କର୍ମାଧିପତି ଭାଗ୍ୟସ୍ଥାନକୁ ଦେଖୁଥିବାରୁ କୌଣସି କାମ ଅଟକି ରହିବ ନାହିଁ। କିନ୍ତୁ ଶତଭିଷା ନକ୍ଷତ୍ର ପାଇଁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମଟିକୁ ପୂରା କରିବା କଷ୍ଟକର ହୋଇପାରେ। ଯାହାକୁ ନିଜର ବୋଲି ମନେ କରିବେ ସେ ହିଁ ଧୋକା ଦେବାର ବହୁ ସମ୍ଭାବନା ରହିଛି। ବ୍ୟବସାୟ, ଯାତ୍ରା ଓ କର୍ମାରମ୍ଭ କ୍ଷେତ୍ରରେ ପ୍ରତିକୂଳତା ଦୂରେଇଯିବ।

**ମୀନ**
ଧନାଧିପତିଙ୍କ ଦୁର୍ବଳତାଜନିତ ଆର୍ଥିକ ଦୁରବସ୍ଥା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ସଫଳତା ହାସଲ କରିବେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। କୌଶଳ ପ୍ରୟୋଗ କରି ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡିବାରେ ସମର୍ଥ ହେବେ ।

ଆଜି ଏପ୍ରିଲ ୧୧ ତାରିଖ, ନିରାପଦ ମାତୃତ୍ୱ ଦିବସ, ଚୈତ୍ର ଶୁକ୍ଳପକ୍ଷର ବିଷ୍ଣୁ ଓ ଶିବ ଦମନକ ଚତୁର୍ଦ୍ଦଶୀ ଶୁକ୍ରବାର, ଶ୍ରୀମନ୍ଦିରରେ ଦମନକାର୍ପଣ ଉତ୍ସବ ବା ଦୟଣା ଲାଗି, ଶ୍ରୀଲିଙ୍ଗରାଜ ଦେବଙ୍କ ଦମନକ ଯାତ୍ରା, ଶିବ ଚତୁର୍ଦ୍ଦଶୀ ଓ ବେଢା ପରିକ୍ରମା, ରାଶି ନକ୍ଷତ୍ର-ଉତ୍ତରା ଫାଲଗୁନୀ/କନ୍ୟା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୫ ଗତେ, ଘ.୦୬।୨୫ ମଧ୍ୟେ, ଘ.୦୭।୧୪ ଗତେ, ଘ.୦୮।୪୧ ମଧ୍ୟେ ଶୁଦ୍ଧ ଶୁଭବେଳା, ଦିବା ଘ. ୧୦।୧୪ ଗତେ, ଘ.୧୧।୪୭ ମଧ୍ୟେ ରାହୁ କାଳ ।



ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଆୟୁଷ୍ମାନ୍ ଭାରତ ଯୋଜନାର ଉଦ୍‌ଘାଟନ କାର୍ଯ୍ୟକ୍ରମ ସମୀକ୍ଷା କରୁଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଆଜିଠୁ ଆୟୁଷ୍ମାନ...

- ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ୨ ଉପମୁଖ୍ୟମନ୍ତ୍ରୀ
- ୧୨ରେ ଏମ୍‌ପି, ବିଧାୟକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ କରିବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ
- ୧୧ରୁ ୧୩ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ ପ୍ରଶିକ୍ଷଣ ଶିବିର

ହସ୍ପିଟାଲରେ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଥିଲା। ଫଳରେ ବହୁ ଲୋକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିଲେ। ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଶୁଭାରମ୍ଭ ହେବା ପରେ ରାଜ୍ୟ ଓ ବାହାରେ ରହୁଥିବା ଓଡ଼ିଆ ଲୋକଙ୍କୁ ମାଗଣାରେ ଉନ୍ନତମାନର ଚିକିତ୍ସା ସେବା ମିଳିପାରିବ। ଦେଶର ୨୯ ହଜାର ହସ୍ପିଟାଲରେ ଏହି ସେବା ଉପଲବ୍ଧ ହେବ। ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୂର୍ଦ୍ଧ୍ୱ ବୟୋଜ୍ୟେଷ୍ଠ ନାଗରିକଙ୍କୁ ବିନା କୌଣସି ମାନଦଣ୍ଡରେ ଏହି ସେବା ଯୋଗାଇ ଦିଆଯିବ। ଆୟୁଷ୍ମାନ୍ ଭାରତ ଯୋଜନାରେ ପରିବାର ପିଛା ଗୋଟିଏ କାର୍ଡ ଦିଆ ନ ଯାଇ ବ୍ୟକ୍ତିଗତ ଭାବେ ସମସ୍ତଙ୍କୁ ପ୍ରଦାନ କରାଯିବ। ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂତନ ଯୁଗର ଶୁଭାରମ୍ଭ ହେବାକୁ ଯାଉଛି। ପୁରୀରେ ହେବାକୁ ଥିବା 'ବିଧାୟକ ଓ ଏମ୍‌ପି ପ୍ରଶିକ୍ଷଣ' କାର୍ଯ୍ୟକ୍ରମ ୧୧ ତାରିଖ ସନ୍ଧ୍ୟାରୁ ୧୩ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିବ। ୧୨ ତାରିଖ ସକାଳେ ନଡ୍ଡା ବିଧିବଦ୍ଧଭାବେ ଏହାକୁ ଉଦ୍‌ଘାଟନ କରିବେ। ଏହି ଶିବିରରେ ସାଙ୍ଗଠନିକ, ପ୍ରଶାସନିକ, ବିଚାରଧାରା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ନଡ୍ଡାଙ୍କ ଏହି ୨ ଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଓଡ଼ିଶାର ଜନସାଧାରଣଙ୍କ ପାଇଁ ଏକ ସ୍ମରଣୀୟ ହୋଇ ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ କାର୍ଯ୍ୟକ୍ରମରେ ୩ କେନ୍ଦ୍ରମନ୍ତ୍ରୀ ମଧ୍ୟ ସାମିଲ ହେବେ ବୋଲି ଜଣାପଡ଼ିଛି।

ଅପରପକ୍ଷରେ ଗୁରୁବାର ମଧ୍ୟାହ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବାଲିଯାତ୍ରା ପଡିଆରେ ପହଞ୍ଚି ସମସ୍ତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେହିପରି ଅପରାହ୍ନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ବାଲିଯାତ୍ରା ପଡିଆରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସ୍ଥିତି ସମୀକ୍ଷା କରିବା ସହ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ସମୀକ୍ଷା ପରେ ପ୍ରଭାତୀ କହିଛନ୍ତି, ବାଲିଯାତ୍ରା ପଡିଆରେ ପ୍ରାୟ ୨୫ ହଜାର ଲୋକଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଆୟୁଷ୍ମାନ୍ ଭାରତ ଯୋଜନାରେ ଦେଶର ସମସ୍ତ ହସ୍ପିଟାଲରେ ଲୋକମାନେ ଯେପରି ଚିକିତ୍ସା ସୁବିଧା ପାଇପାରିବେ, ସେଥିପାଇଁ ଲକ୍ଷ୍ୟ ରଖାଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ୧୫ରୁ ୨୦ ଜଣଙ୍କୁ ଏହି କାର୍ଡ ପ୍ରଦାନ କରାଯିବ। ପରେ ସମସ୍ତ ପିଏଚ୍‌ସି ଓ ସିଏଚ୍‌ସିରେ ଏହି କାର୍ଡ ବଣ୍ଟନ କରାଯିବ। ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) କାର୍ଡ ଥିଲା, ହେଲେ ସେଥିରେ ଦୁର୍ନୀତି କରାଯାଉଥିଲା ; କିନ୍ତୁ ଏହି ଆୟୁଷ୍ମାନ୍ କାର୍ଡରେ କେବଳ ସେବା ଲୋକଙ୍କ ପାଖରେ ପହଞ୍ଚିବ। ଏଥିସହ ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ଅନ୍ୟ ବ୍ୟବସ୍ଥା ରହିଛି। ଆସନ୍ତା ୧ ମାସ ମଧ୍ୟରେ ସମସ୍ତ ଲୋକଙ୍କ ପାଖରେ ଏହି କାର୍ଡର ସୁବିଧା ପହଞ୍ଚିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରଭାତୀ କହିଛନ୍ତି।

ସେହିପରି କନକବର୍ଦ୍ଧନ ସିଂଦେଓ କହିଛନ୍ତି, କଟକ ବାଲିଯାତ୍ରା ପଡ଼ିଆରେ ଅପରାହ୍ନ ପ୍ରାୟ ୨ଟାରେ କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା ପହଞ୍ଚି ଆୟୁଷ୍ମାନ୍ ଭାରତ ଯୋଜନାର ଶୁଭାରମ୍ଭ କରିବେ। ଏହାପରେ ସେ ଶିଶୁଭବନ ନୂତନ କୋଠାକୁ ଉଦ୍‌ଘାଟନ କରିବେ। ପ୍ରଥମ ପର୍ଯ୍ୟାୟରେ ଓଡ଼ିଶା ଓ ଦିଲ୍ଲୀରେ ଏହି କାର୍ଡ ଲାଗୁ କରାଯିବ। ଓଡ଼ିଶାର ସାଢ଼େ ୩ କୋଟି ଲୋକ ଏହି କାର୍ଡର ସୁବିଧା ପାଇବେ ବୋଲି ସିଂଦେଓ କହିଛନ୍ତି। ଏହି ସମୀକ୍ଷା କାର୍ଯ୍ୟକ୍ରମରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ୨୮ ଆଇଏଏସ୍...

ସମ୍ପଦ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ରୀନା ମହାପାତ୍ରଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ଡ. ମହେଶ୍ୱର ସାହୁ, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କୋରକୋରା, ଅନୁସୂଚିତ ଜାତି ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ, ଚକବନ୍ଦୀ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଉପମା କାଲୋଙ୍କୁ ଆଇଏଏସ୍‌କୁ ପଦୋନ୍ନତି ପରେ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ଲିଲି କୁମାରୀ କୁଲୁଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ରିଭିଜନାଲ କୋର୍ଟ(ଭୁବନେଶ୍ୱର)ର ଅତିରିକ୍ତ ଆୟୁକ୍ତ ପ୍ରଦୀପ କୁମାର ନାୟକ, ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ, ଆୟୁଷ ନିର୍ଦ୍ଦେଶକ ପ୍ରେମଜିତ୍ ନାୟକ, ଜଳସମ୍ପଦ ବିଭାଗ ସ୍ୱତନ୍ତ୍ର ସଚିବ ନରହରି ସେଠୀ, ପଛୁଆବର୍ଗ ନିର୍ଦ୍ଦେଶକ ଯୁଗଳେଶ୍ୱରୀ ଦାଶଙ୍କୁ ତାଙ୍କ ପଦରେ ପୁନଃ ଅବସ୍ଥାପିତ କରାଯାଇଛି।

ସେହିପରି ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ମଧୁମିତା ରଥଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ସହିତ ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବାବେଳେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ବୌଦ୍ଧ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ଆଇଏଏସ୍‌କୁ ପଦୋନ୍ନତି ପରେ ପୁନଃ ଅବସ୍ଥାପିତ କରାଯାଇଛି। ଏହାସହିତ ସଂସଦୀୟ ବ୍ୟାପାର ବିଭାଗ ସ୍ୱତନ୍ତ୍ର ସଚିବ ପ୍ରତାପ କୁମାର ହୋତାଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଥିବାବେଳେ ଶକ୍ତି ବିଭାଗ ସ୍ୱତନ୍ତ୍ର ସଚିବ ନିବେଦିତା ମିଶ୍ରଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ରେଗା ଗୀତାରାଣୀ ପଟ୍ଟନାୟକଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଅବକାରୀ ବିଭାଗ ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଅଞ୍ଜନା ପଣ୍ଡାଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଗୃହବିଭାଗ ସ୍ୱତନ୍ତ୍ର ସଚିବ ନିବେଦିତା ପୃଷ୍ଟିଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ ସ୍ୱତନ୍ତ୍ର ସଚିବ ସ୍ୱୟଂ ପ୍ରଭା ମହାନ୍ତିଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ସୁଦାମ ଚରଣ ମଣ୍ଡଳଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଏବଂ ଗଣଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଗିରିଶ ଚନ୍ଦ୍ର ସିଂହଙ୍କୁ ଉକ୍ତ ବିଭାଗର ଯୁଗ୍ମସଚିବ ଭାବେ ପୁନଃ ଅବସ୍ଥାପିତ କରାଯାଇଛି।

## ୧୨୮ ବର୍ଷ ପରେ...

ପୁରୁଷ ଓ ମହିଳାଙ୍କ ଇଭେଣ୍ଟ ଲାଗି ୯୦ ଲେଖାଏ ଆଥ୍‌ଲେଟ୍‌ଙ୍କ କୋଟା ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ବାଂଲାଦେଶ, ଭାରତ, ଆୟର୍ଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ୱେଷ୍ଟଇଣ୍ଡିଜ, ଜିମ୍ବାୱେ ଆଦି ୧୨ ସମ୍ପୂର୍ଣ୍ଣ ସଦସ୍ୟ ରହିଛନ୍ତି। ଏମାନଙ୍କ ବ୍ୟତୀତ ଆସୋସିଏଟ୍ ସଦସ୍ୟଙ୍କ ଗ୍ରୁପରେ ୯୪ ଦେଶ ରହିଛନ୍ତି। ୨୦୨୮ ଅଲିମ୍ପିକ୍ସର କ୍ରିକେଟ ଇଭେଣ୍ଟ ଲାଗି ଯୋଗ୍ୟତା ମାନଦଣ୍ଡ ସମ୍ପର୍କରେ କିଛି ସ୍ପଷ୍ଟ କରାଯାଇ ନାହିଁ। କିନ୍ତୁ ଆମେରିକା ଆୟୋଜକ ଦେଶ ହୋଇଥିବାରୁ ସିଧାସଳଖ ଇଭେଣ୍ଟରେ ଅଂଶଗ୍ରହଣ କରିବ। ଏହାର ଅର୍ଥ ଯୋଗ୍ୟତା ପର୍ଯ୍ୟାୟ ପ୍ରକ୍ରିୟାରୁ ୫ ଦଳ ମୁଖ୍ୟ ଇଭେଣ୍ଟରେ ପହଞ୍ଚିବେ। ଆଶା କରାଯାଉଛି ଯେ, ଏକ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଆଇସିସି ର୍‍ୟାଙ୍କିଙ୍ଗ୍ସର ଟପ-୫ରେ ଥିବା ଦଳ ଯୋଗ୍ୟତା ହାସଲ କରିବେ।

କ୍ରିକେଟ ସମେତ ୫ଟି ନୂଆ ସ୍ପୋର୍ଟ୍ସ ଇଭେଣ୍ଟ ପରବର୍ତ୍ତୀ ଅଲିମ୍ପିକ୍ ଗେମ୍ସରେ ସ୍ଥାନ ପାଇବ। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ୨୦୨୩ରେ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ଲାଗି ମଞ୍ଜୁରୀ ଦେଇଥିଲା। କ୍ରିକେଟ ସହିତ ବେସ୍‌ବଲ/ସଫ୍ଟବଲ, ଫ୍ଲାଗ ଫୁଟବଲ, ଲାକରୋସେ (ସିକ୍ସେସ) ଓ ସ୍କ୍ୱାଶକୁ ମଞ୍ଜୁରୀ ମିଳିଥିଲା। ଆଇଓସିର କାର୍ଯ୍ୟନିର୍ବାହୀ ପରିଷଦ (ଇବି) ୨୦୨୮ ଅଲିମ୍ପିକ୍ସ ଲାଗି ଇଭେଣ୍ଟ ପ୍ରୋଗ୍ରାମ ଓ ଆଥଲେଟ୍ କୋଟାକୁ ମଞ୍ଜୁରୀ ଦେଇଛି। ୨୦୨୪ ପ୍ୟାରିସ ଅଲିମ୍ପିକ୍ସଠାରୁ ଲସ୍‌ଏଞ୍ଜେଲ୍ସ ସଂସ୍କରଣରେ ୨୮ଟି ଅଧିକ ପଦକ ଇଭେଣ୍ଟ ସାମିଲ କରାଯାଇଛି। ଆଇଓସି ରେକର୍ଡ ୩୫୧ ପଦକ ଇଭେଣ୍ଟ ଓ ୧୦,୫୦୦ ଆଥଲେଟ୍ କୋଟାକୁ ମଞ୍ଜୁରୀ ପ୍ରଦାନ କରିଛି। ୫ ଅତିରିକ୍ତ ସ୍ପୋର୍ଟ୍ସ ଇଭେଣ୍ଟ ଲାଗି ଅଧିକ ୬୯୮ କୋଟା ଦିଆଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ସମସ୍ତ ଦଳଗତ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବିଭାଗରେ ସମାନ ସଂଖ୍ୟକ ଦଳ ଭାଗ ନେବେ।

## ରାୟ ଉତାରିଥିଲେ...

ପାଇଁ କିଛି ଭୁଲ୍ ନୁହେଁ। ତେବେ ପୂର୍ବରୁ ଦିଆଯାଇଥିବା ରାୟର ସମାନ ଅଂଶକୁ ଉତାରି ଏହାକୁ ତୃତୀୟ ରାୟରେ ସ୍ଥାନ ଦେବା ଏବଂ ସେଥିରେ ରହିଥିବା ପାର୍ଥକ୍ୟଗୁଡ଼ିକୁ ଆଦୌ ନ ବଦଳାଇବା ଭୁଲ୍ ବୋଲି ସୁପ୍ରିମକୋର୍ଟଙ୍କ କୋର୍ଟ ଅଫ୍ ଅପିଲ୍ ପକ୍ଷରୁ କୁହାଯାଇଛି। ଉକ୍ତ ରାୟକୁ ଦେଖିଲେ ଟ୍ରିବ୍ୟୁନାଲ ପୂର୍ବ ରାୟଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇଥାଇପାରନ୍ତି ବୋଲି ଯେକୌଣସି ସୁସ୍ଥ ମାନସିକ ପର୍ଯ୍ୟବେକ୍ଷକ ସନ୍ଦେହ କରିପାରେ ବୋଲି ଅଦାଲତ କହିଛନ୍ତି।

ବିବାଦଟି ଭାରତରେ ମାଲ୍ ପରିବହନ କରିଡର ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ଆଇନଗତ ସଂସ୍ଥାକୁ ନେଇ ସୃଷ୍ଟି ହୋଇଥିଲା। ଏହି ଭିତ୍ତିଭୂମି ପ୍ରକଳ୍ପ ସହ ୩ଟି କମ୍ପାନୀର ଏକ କନ୍‌ସୋର୍ଟିୟମ୍ ସମ୍ପୃକ୍ତ ଥିଲେ। ସରକାରଙ୍କ ୨୦୧୭ର ଏକ ବିଜ୍ଞପ୍ତିରେ ସର୍ବନିମ୍ନ ମଜୁରି ବଢ଼ାଇଦିଆଯିବା ଅର୍ଥ କନ୍‌ସୋର୍ଟିୟମ୍ ସେମାନଙ୍କ କଣ୍ଟ୍ରାକ୍ଟ ଅଧୀନରେ ଅତିରିକ୍ତ ପ୍ରାପ୍ୟ ଦାବି କରିପାରିବ କି ବୋଲି ପ୍ରଶ୍ନ ଉଠିଥିଲା। ବୁଝାମଣା ବିଫଳ ହେବା ପରେ ୨୦୨୩ ନଭେମ୍ବରରେ ଉକ୍ତ ମାମଲା ସିଙ୍ଗାପୁରର ଆର୍ବିଟ୍ରେଶନକୁ ଯାଇଥିଲା, ଯେଉଁଠି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ନେତୃତ୍ୱାଧୀନ ଟ୍ରିବ୍ୟୁନାଲ କନସୋର୍ଟିୟମ୍ ସପକ୍ଷରେ ରାୟ ଦେଇଥିଲେ। ପୂର୍ବତନ ସିଜେଆଇ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଅନ୍ୟ ଟ୍ରିବ୍ୟୁନାଲର ରାୟକୁ ଉକ୍ତ ମାମଲାରେ କପି କରାଯାଇଥିବା ଅଭିଯୋଗରେ ସିଙ୍ଗାପୁର ହାଇକୋର୍ଟରେ ଶୁଣାଣି ହୋଇଥିଲା। ତେବେ ପୂର୍ବ ରାୟଗୁଡ଼ିକ ସହ ଦୀପକ ମିଶ୍ରଙ୍କ ସହ ଆର୍ବିଟ୍ରେଟରମାନେ ସାମିଲ ନ ଥିଲେ। ପକ୍ଷମାନଙ୍କ ଯୁକ୍ତି ଏବଂ ଭୁଲ୍ ଚୁକ୍ତିଭିତ୍ତିକ ସର୍ତ୍ତ ଲାଗୁ କରିବା ତଥା ଆଇନଗତ ସିଦ୍ଧାନ୍ତର ନିରପେକ୍ଷ ଭାବେ ଅନୁଧ୍ୟାନ କରିବାରେ ଟ୍ରିବ୍ୟୁନାଲ ବିଫଳ ହୋଇଥିବାରୁ ଏହା ସ୍ୱାଭାବିକ ନ୍ୟାୟ ସିଦ୍ଧାନ୍ତର ଉଲ୍ଲଂଘନ ବୋଲି ହାଇକୋର୍ଟ ଜାଣିବାକୁ ପାଇଥିଲେ।

## ପାଣି ନାହିଁ ବୋଲି...

କେବଳ ଗୋଟିଏ ନଳକୂପରୁ ଅଳ୍ପ କିଛି ପାଣି ବାହାରୁଛି, ଯାହା କି ଲୋକଙ୍କ ଆବଶ୍ୟକତାଠାରୁ ଢେର୍ କମ୍। ଅନ୍ୟ ୩ଟି ଅଚଳ। ଫଳରେ ବାଧ ହୋଇ ରାତି ପାହିଲେ ମହିଳାମାନେ ଦେଢ଼ କି.ମି. ଦୂରରେ ଥିବା ଝରଣାକୁ ପାଣି ପାଇଁ ଯାଉଛନ୍ତି। ତେବେ ଏ ନେଇ ୧୦ ବର୍ଷ ତଳେ ମଧ୍ୟ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଝରଣା ପାଣି ସଂଗ୍ରହ ପାଇଁ ପ୍ରଶାସନ ପକ୍ଷରୁ କୁଣ୍ଡ ନିର୍ମାଣ ସହ ପାଇପ୍ ଲଗାଯାଇଥିଲା। ଝରଣା ପାଖକୁ ଯିବାକୁ ହେଲେ ପ୍ରାୟ ୩୦ ଫୁଟ୍ ତଳକୁ ଯିବାକୁ ପଡୁଥିବାରୁ ପ୍ରଶାସନ ପକ୍ଷରୁ ୩୫ଟି ପାହାଚ କରାଯାଇଛି। ପାଣି ସଂଗ୍ରହ ପାଇଁ ପଥର ସନ୍ଧିରେ ୨ଟି ପାଇପ୍ ଲଗାଯାଇଛି। ଏଥିସହ ଅନ୍ତ୍ୟେଷ୍ଟିକ୍ରିୟା ସ୍ନାନ, ଶୌଚ ଆଦି ପାଇଁ ପ୍ରାୟ ୨କି.ମି. ଦୂର ସାନବାର୍ଲି କିମ୍ବା ନୂଆଗୁଡ଼ା ଗାଁ ପୋଖରୀକୁ ଯିବାକୁ ପଡୁଥିବା ଗ୍ରାମବାସୀ କହିଛନ୍ତି। ବାରମ୍ବାର ଏ ସମସ୍ୟା ସମ୍ପର୍କରେ ବ୍ଲକ ଓ ଜିଲା ପ୍ରଶାସନକୁ ଅବଗତ କରାଯିବା ପରେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଗ୍ରାମବାସୀ ପ୍ରମାନନ୍ଦ ନାଗ କହିଛନ୍ତି। ଏହି ସମସ୍ୟା ପାଇଁ ଗାଁକୁ କେହି ଝିଅ ଦେବାକୁ ରାଜି ହେଉନାହାନ୍ତି। ଯଦି ଅନ୍ୟ ଗାଁ ଝିଅ ଏଠାକୁ ବାହା ହୋଇ ଆସୁଛନ୍ତି ଏହି ଅସୁବିଧା ଯୋଗୁ ଶାଶୁ ଘର ଛାଡ଼ି ବାପଘରକୁ ଚାଲିଯାଉଛନ୍ତି। ଗାଁର ରାଏସିଙ୍ଗ ନାୟକ କହିଛନ୍ତି, ସେ ଅନ୍ୟ ଗ୍ରାମର ଝିଅଙ୍କୁ ବାହା ହୋଇଥିଲେ। ତାଙ୍କର ପୁଅଟିଏ ମଧ୍ୟ ହେଲା। କିନ୍ତୁ ପାଣି ସମସ୍ୟାର ସମ୍ମୁଖୀନ ହୋଇ ୮ ମାସର ପୁଅ ଓ ପରିବାରକୁ ଛାଡ଼ି ସ୍ତ୍ରୀ ଚାଲିଯାଇଥିବା ରାଏସିଙ୍ଗ କହିଛନ୍ତି। ତୁରନ୍ତ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରି ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସମୀର ହରିଜନଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ପ୍ରତୀକ କୁମାର ରାଉତଙ୍କୁ ପଚାରିବାରୁ ବଡ଼ବାର୍ଲି ଗ୍ରାମଟି ରେଡ୍ ଜୋନ୍‌ରେ ଥିବାବେଳେ ପାଣି ସମସ୍ୟା ରହିଥିବା ସେ ସ୍ୱୀକାର କରିଛନ୍ତି। ତେବେ ସେଠାରେ ମେଗା ପାନୀୟଜଳ ପ୍ରକଳ୍ପରେ ଗାଁକୁ ଜଳ ଯୋଗାଣ ଯୋଜନା ରହିଥିଲେ ମଧ୍ୟ ଜାତୀୟ ରାଜପଥ ବିଭାଗ ପାଇପ୍ ବିଛାଇବା ଲାଗି ଅନୁମତି ଦେଉ ନ ଥିବାରୁ ସମସ୍ୟା ହେଉଛି। ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇ ଜୁନ୍ ମାସ ସୁଦ୍ଧା ଗାଁର ପାନୀୟଜଳ ସମସ୍ୟା ଦୂର କରାଯିବ। ସେହିଭଳି ଖରାଦିନ ସାରା ଟ୍ୟାଙ୍କର ଯୋଗେ ଗ୍ରାମରେ ଜଳ ଯୋଗାଣ କରାଯାଇ ପାଣି ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।



ପରିବେଶର ସୁରକ୍ଷା ବାର୍ତ୍ତା ନେଇ ପଶ୍ଚିମବଙ୍ଗ ମୁର୍ଶିଦାବାଦରୁ ସାଇକେଲ ଯୋଗେ ବିଶ୍ୱଭ୍ରମଣରେ ବାହାରିଥିବା ପ୍ରସନ୍ନଜିତ୍ ଦାସ ଓରଫ ଜୋଜୋ ଦାଦା ଗୁରୁବାର 'ଧରିତ୍ରୀ' ମୁଖ୍ୟ କାର୍ଯ୍ୟାଳୟରେ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଅନ୍ୟମାନଙ୍କ ସହ ଏକ ବିଶେଷ ମୁହୂର୍ତ୍ତରେ। (ଫଟୋ: ବିକାଶ ନାୟକ)

# ସବୁଜ ବିଶ୍ୱ ପାଇଁ ସାଇକେଲରେ ୧୯୫ ଦେଶ ବୁଲିବେ ପ୍ରସନ୍ନଜିତ

## ଓଡ଼ିଶାରେ ପହଞ୍ଚି ସଚେତନ ବାର୍ତ୍ତା ଦେଲେ

ଭୁବନେଶ୍ୱର, ୧୦।୪ (ବନ୍ଦନା ସେଠୀ)

ପଶ୍ଚିମବଙ୍ଗରୁ ସାଇକେଲ୍‌ରେ ବିଶ୍ୱ ଭ୍ରମଣରେ ବାହାରିଛନ୍ତି ପ୍ରସନ୍ନଜିତ୍ ଦାସ ଓରଫ ଜୋଜୋ ଦାଦା। ସବୁଜ ପରିବେଶ ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସାଇକେଲ ଚାଳନାକୁ ପ୍ରୋତ୍ସାହିତ କରିବା ଏହି ଯାତ୍ରାର ଲକ୍ଷ୍ୟ ରହିଥିବାବେଳେ ଏଥିପାଇଁ ଚାରା ରୋପଣ ଓ ରକ୍ତଦାନ ଲାଗି ସଚେତନତା ସୃଷ୍ଟି କରୁଛନ୍ତି ପ୍ରସନ୍ନଜିତ୍। ଇତିମଧ୍ୟରେ ସେ ୨୦ ରାଜ୍ୟ ଓ ୬ କେନ୍ଦ୍ର ଶାସିତ ଅଞ୍ଚଳ ବୁଲି ସାରିଲେଣି। ଓଡ଼ିଶାରେ ପହଞ୍ଚିବା ପରେ ଗୁରୁବାର ପ୍ରସନ୍ନଜିତ୍ 'ଧରିତ୍ରୀ' ଏବଂ 'ଓଡ଼ିଶାପୋଷ୍ଟ'ର କାର୍ଯ୍ୟାଳୟକୁ ଆସି ନିଜ ଅନୁଭୂତି ଏବଂ ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ଏହି ଅବସରରେ ପ୍ରସନ୍ନଜିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଶ୍ଚିମବଙ୍ଗ ମୁର୍ଶିଦାବାଦର ଲାଲ୍‌ଗୋଲା ଅଞ୍ଚଳର ମା' ନିଳିମା ଦାସ ଏବଂ ବାପା ବିଶ୍ୱଜିତ୍ ଦାସଙ୍କ ପୁଅ ହେଉଛନ୍ତି ପ୍ରସନ୍ନଜିତ୍। ପିଲାବେଳୁ ତାଙ୍କର ସାଇକେଲ୍ ଚାଳନା ପ୍ରତି ଅହେତୁକ ରୁଚି ଥିଲା। ତେବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରେ ଦିନେ ୨.୫ ଘଣ୍ଟା ମଧ୍ୟରେ ସେ ୪୦ କି.ମି. ବାଟ ସାଇକେଲ୍‌ରେ ଅତିକ୍ରମ କରିଥିଲେ। ଏହା ତାଙ୍କୁ ସାଇକେଲ୍ ଚାଳନା ପ୍ରତି ଅଧିକ ଆଗ୍ରହ ପ୍ରଦାନ କରିଥିଲା। ୨୬ବର୍ଷୀୟ ଏହି ଯୁବ ସାଇକେଲ୍ ଚାଳକ ୨୦୨୧ ଅଗଷ୍ଟ ୨୫ରେ ଲାଲ୍‌ଗୋଲାଠାରୁ ସାଇକେଲ୍ ଯାତ୍ରା ଆରମ୍ଭ କରିଥିଲେ। ମାତ୍ର ୨୨୮ଦିନ ମଧ୍ୟରେ ସେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ହିମାଚଳପ୍ରଦେଶ, ବିହାର, ଉତ୍ତରପ୍ରଦେଶ, ଲଦାଖ, କଶ୍ମୀର, ପଞ୍ଜାବ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ, ତେଲେଙ୍ଗାନା, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସମେତ ୨୦ଟି ରାଜ୍ୟ ଓ ୬ଟି କେନ୍ଦ୍ର ଶାସିତ ଅଞ୍ଚଳ ସାଇକେଲ୍‌ରେ ଅତିକ୍ରମ କରିସାରିଛନ୍ତି। ବିଭିନ୍ନ ଏନ୍‌ଜିଓ ସଙ୍ଗଠନ ସହାୟତାରେ ଏହି ଯାତ୍ରା ସଫଳତାର ସହ ଚାଲିଛି ଓ ଆସନ୍ତା ୧୭ବର୍ଷ ମଧ୍ୟରେ ସାଇକେଲ୍‌ରେ ୧୯୫ଟି ଦେଶ ବୁଲିବାର ଯୋଜନା ରହିଥିବା ସେ କହିଛନ୍ତି। ପ୍ରସନ୍ନଜିତ୍‌ଙ୍କ ଏହି ସାଇକେଲ୍ ଅଭିଯାନକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ୭ ବିଭାଗଠାରୁ ଲୋଡ଼ିଲେ ସଂଶୋଧିତ ଆକାଂକ୍ଷୀ ରିପୋର୍ଟ

## ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ବିଭାଗୀୟ ସମୀକ୍ଷା

### ଆଜି ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା

ଭୁବନେଶ୍ୱର,୧୦।୪ (ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ଆସନ୍ତା ୨୦୨୬ରୁ ୨୦୩୧ ଆର୍ଥିକବର୍ଷ ପାଇଁ ବିଭିନ୍ନ ବିଭାଗ ପକ୍ଷରୁ କେନ୍ଦ୍ର ଅର୍ଥ ଆୟୋଗଙ୍କଠାରୁ କେତେ ଅର୍ଥ ଏବଂ କେଉଁ ବାବଦରେ ଆଶା କରାଯାଉଛି ସେନେଇ ରାଜ୍ୟ ଷଷ୍ଠ ଅର୍ଥ ଆୟୋଗଙ୍କ ପକ୍ଷରୁ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ରାଜ୍ୟ ଷଷ୍ଠ ଅର୍ଥ ଆୟୋଗ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଡ. ଅରୁଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟରେ ମୁଖ୍ୟତଃ ପଞ୍ଚାୟତିରାଜ ବ୍ୟବସ୍ଥା ଓ ସହରାଞ୍ଚଳକୁ ସୁଦୃଢ଼ୀକରଣ କରାଯିବା ସହିତ କୃଷି, ସୂଚନା ପ୍ରଯୁକ୍ତି ଭଳି ବିଭାଗକୁ ଅଧିକ ସଶକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ ସରକାରଙ୍କ କୃଷି, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ, ନଗର ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇସାରିଛି। ଆସନ୍ତା ଶୁକ୍ରବାର ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଏସଂକ୍ରାନ୍ତରେ ଡ. ଅରୁଣ କହିଛନ୍ତି, ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି କେଉଁ ବିଭାଗ କେତେ ଟଙ୍କାର ପ୍ରସ୍ତାବ କେନ୍ଦ୍ର ଅର୍ଥ ଆୟୋଗଙ୍କୁ ଦେବାକୁ ଆଶା ରଖିଛନ୍ତି ତାହାର ଚିହ୍ନିକିଛି ସମୀକ୍ଷା କରାଯାଉଛି। ସ୍ଥଳ ବିଶେଷରେ ପ୍ରସ୍ତାବଗୁଡ଼ିକୁ ସଂଶୋଧନ କରି ମାସକ ମଧ୍ୟରେ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଆସନ୍ତା ମାସକ ମଧ୍ୟରେ ବିଭାଗଗୁଡ଼ିକର ସଂଶୋଧନ ପ୍ରସ୍ତାବ ଆସିବା ପରେ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟକୁ ମଞ୍ଜୁର ପାଇଁ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ର ଷୋଡ଼ଶ ଅର୍ଥ ଆୟୋଗ ଅଧ୍ୟକ୍ଷ ଅରବିନ୍ଦ ପାନଗାରିୟାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଫେବୃଆରୀ ୪ରେ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୫ବର୍ଷ ପାଇଁ କେନ୍ଦ୍ର ଅର୍ଥ ଆୟୋଗଙ୍କଠାରୁ ପ୍ରାୟ ୧୨.୫୬ଲକ୍ଷ କୋଟି ଟଙ୍କା ପାଇବା ପାଇଁ ଓଡ଼ିଶା ଆଶା ବାନ୍ଧିଛି। ସେଥିମଧ୍ୟରେ ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୯ଲକ୍ଷ ୮୮ହଜାର ୪୨୨ କୋଟି ଟଙ୍କା ରହିଥିବାବେଳେ ରାଜ୍ୟର ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ ପାଇଁ ୧ଲକ୍ଷ ୧୦ହଜାର ୪୩୪ କୋଟି ଟଙ୍କା, ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକାଲ ବଡିମାନଙ୍କ ପାଇଁ ଅନୁଦାନ ବାବଦରେ ୧ଲକ୍ଷ ୩୬ କୋଟି ଟଙ୍କା, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୧,୦୦୪ କୋଟି ଟଙ୍କା ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୨୯ହଜାର ୨୫୨ କୋଟି ଟଙ୍କା ଦାବି ରଖାଯାଇଛି ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ଅର୍ଥ ଆୟୋଗଙ୍କ ନିକଟରେ କେନ୍ଦ୍ର ସରକାରଙ୍କ ଟିକସ ଆୟର ୪୧%ରୁ ୫୦%କୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ଏହାସହିତ କେନ୍ଦ୍ର ସରକାରଙ୍କ ଟିକସ ଆୟର ଯେଉଁ ଅଂଶ ରାଜ୍ୟଗୁଡ଼ିକୁ ବଣ୍ଟନ କରାଯାଏ, ତାହା ରାଜ୍ୟମାନଙ୍କ ମଧ୍ୟରେ ଏକ ନିର୍ଦ୍ଧାରିତ ସୂତ୍ର ଆଧାରରେ ବଣ୍ଟାଯାଏ, ଯେଉଁଥିରୁ ଓଡ଼ିଶା ୪.୫୨୮% ଭାଗ ପାଇଥାଏ। ଓଡ଼ିଶାର ଭାଗକୁ ୪.୯୬୪ %କୁ ବୃଦ୍ଧି କରିବା ସହିତ କେନ୍ଦ୍ର ଦ୍ୱାରା ଆକଳନ କରାଯାଇଥିବା ମୋଟ୍ ରାଜସ୍ୱ ପ୍ରାପ୍ତିର ୨ ପ୍ରତିଶତ ଗ୍ରାମୀଣ ଏବଂ ସହରାଞ୍ଚଳ ସ୍ଥାନୀୟ ନିକାୟ ସଂସ୍ଥା ପାଇଁ ଅନୁଦାନ ଦେବା ପାଇଁ ପ୍ରସ୍ତାବ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ଗ୍ରାମୀଣ ଓ ସହରୀ ସ୍ଥାନୀୟ ନିକାୟ ସଂସ୍ଥାମାନେ କେନ୍ଦ୍ର ସରକାରଠାରୁ ଅଧିକ ଆର୍ଥିକ ଅନୁଦାନ ପାଇପାରିବେ । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ଦିଆଯାଉଥିବା ବାର୍ଷିକ ଅନୁଦାନର ୭୫ପ୍ରତିଶତ କେନ୍ଦ୍ର ସରକାର ବହନ କରେ ଏବଂ ଅବଶିଷ୍ଟ ୨୫ପ୍ରତିଶତ ରାଜ୍ୟ ସରକାର ବହନ କରିଥାଏ। ଏହାକୁ କେନ୍ଦ୍ର ସରକାର ୧୦୦ପ୍ରତିଶତ ବହନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି କରାଯାଇଥିଲା। ତେବେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସମୀକ୍ଷା ପରେ ପ୍ରସ୍ତାବରେ କେତେ ସଂଶୋଧିତ ହେଉଛି ଏବଂ କେତେ ଅଧିକ ଅନୁଦାନ ଓଡ଼ିଶାକୁ ମିଳୁଛି ତାହା ଦେଖିବାର ରହିଛି।

# ଜାପାନ ଯିବେ ୩ ମେଧାବୀ ଛାତ୍ରୀଛାତ୍ର


ଢେଙ୍କିକୋଟ,୧୦।୪ (ନୀଳମଣି ମଣ୍ଡଳ)



ସମ୍ମିତ ମୁଣ୍ଡା, ଅନୁଷ୍କା ମହାପାତ୍ର ଓ ସାଇଶ୍ରୀ ଶୁଭସ୍ମିତା ସାହୁ

କେନ୍ଦୁଝର ଜିଲା ଢେଙ୍କିକୋଟ୍‌ରେ ଥିବା ଶିକ୍ଷାନୁଷ୍ଠାନ ଶ୍ରୀଗୁରୁକୁଳ ଇଂଲିଶ ମିଡିୟମ ସ୍କୁଲର ୩ ମେଧାବୀ ଛାତ୍ରୀଛାତ୍ର ଜାପାନ ଯିବେ। ସେମାନେ ହେଉଛନ୍ତି ୧୦ମ ଶ୍ରେଣୀର ଛାତ୍ରୀ ଅନୁଷ୍କା ମହାପାତ୍ର, ସାଇଶ୍ରୀ ଶୁଭସ୍ମିତା ସାହୁ ଓ ସମ୍ମିତ ମୁଣ୍ଡା। ଛାତ୍ରୀଛାତ୍ରମାନେ ଜାପାନର ଶିକ୍ଷା, ସଂସ୍କୃତି, ଆଧୁନିକ ପ୍ରଯୁକ୍ତି ବିଦ୍ୟା ଆଦି ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏ ନେଇ ଜାପାନ ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ମିଳିଛି। ଘଟଣା ପ୍ରଚାର ପରେ ଘଟଗାଁ ବ୍ଲକ୍ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପ୍ରକାଶ ଯେ, ମେଟ୍ ଲର୍ନ ଇନ୍‌ସ୍ୱାୟାର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଇଣ୍ଡୋ-ଜାପାନ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ ଅନୁଯାୟୀ ଗତବର୍ଷ ୨୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ରାଜ୍ୟର ୮ ଛାତ୍ରୀଛାତ୍ର ପରୀକ୍ଷାରେ ସଫଳତା ପାଇ ଜାପାନ ଯିବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୁଡ଼ିପସା ପଞ୍ଚାୟତର ଆଦିବାସୀ ଛାତ୍ର ସମ୍ମିତ ମୁଣ୍ଡା, ଏବଂ ଅନୁଷ୍କା ମହାପାତ୍ର, ସାଇଶ୍ରୀ ଶୁଭସ୍ମିତା ସାହୁ ସ୍ଥାନ ପାଇଛନ୍ତି। ଏପ୍ରିଲ ୧୯ ତାରିଖରେ ସେମାନେ ଜାପାନ ଯିବେ ବୋଲି ଆୟୋଜକଙ୍କ ପକ୍ଷରୁ ବିଦ୍ୟାଳୟକୁ ପତ୍ର ମାଧ୍ୟମରେ ଜଣାଇଦିଆଯାଇଛି। ଛାତ୍ରୀଛାତ୍ରମାନେ ସେଠାକାର ଶିକ୍ଷା, ସଂସ୍କୃତି, ବିଜ୍ଞାନ, ଜ୍ଞାନ କୌଶଳ ସାଙ୍ଗକୁ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଜ୍ଞାନ ଆହରଣ କରିବେ। ଏଥି ନିମନ୍ତେ ଆବଶ୍ୟକ ସମସ୍ତ ଖର୍ଚ୍ଚ ଜାପାନ ସରକାର ବହନ କରିବେ ବୋଲି ଜଣାପଡ଼ିଛି। ଛାତ୍ରୀଛାତ୍ରମାନେ ଜାପାନରେ ମୋଟ ୭ଦିନ ରହିବାର ବ୍ୟବସ୍ଥା କରାଯାଇଥିବା କୁହାଯାଇଛି। ୭ଦିନ ମଧ୍ୟରେ ଜାପାନର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ନୂତନ ଦୃଷ୍ଟିକୋଣ ଓ ଅନ୍ତର୍ଜାତୀୟ ସ୍ତରରେ ନେତୃତ୍ୱ ନେବାର ଦକ୍ଷତା ସୃଷ୍ଟି କରିପାରିବେ ବୋଲି କୁହାଯାଇଛି।




# ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି: ମୁଖ୍ୟମନ୍ତ୍ରୀ

## ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପ

କେନ୍ଦୁଝର,୧୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରାଧାନ୍ୟ ଦେଉଛନ୍ତି। ଏ ନେଇ ପ୍ରତି ବ୍ଲକ୍‌ରେ ଖେଳପଡ଼ିଆ ଓ ପଞ୍ଚାୟତରେ ମିନି ଷ୍ଟାଡିୟମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଇନ୍‌ଡୋର ଷ୍ଟାଡିୟମ ମଧ୍ୟ କରାଯିବ। ହ୍ୟାଣ୍ଡବଲ ସମେତ ଅନ୍ୟାନ୍ୟ କ୍ରୀଡ଼ାର ଉନ୍ନତି ପାଇଁ ସରକାର ସମସ୍ତ ପ୍ରୟାସ ଓ ସହଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନିକିଆ କେନ୍ଦୁଝର ଗସ୍ତ ଅବସରରେ କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମରେ ଚାଲିଥିବା ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପର ତୃତୀୟ ଦିବସରେ ଯୋଗଦେଇ ଏଭଳି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ପହଞ୍ଚିବା ପରେ ସେଠାରୁ ହ୍ୟାଣ୍ଡବଲ ଷ୍ଟାଡିୟମରେ ଚାଲିଥିବା ୩୯ତମ ସବ୍ ଜୁନିୟର ବାଳକ ହ୍ୟାଣ୍ଡବଲ ଚାମ୍ପିୟନଶିପରେ ଯୋଗଦେଇଥିଲେ। ତାଙ୍କ ସହ ତେଲକୋଇ ବିଧାୟକ ଡା. ଫକିର ମୋହନ ନାଏକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ଅଭିଭାଷଣରେ ହ୍ୟାଣ୍ଡବଲ ଖେଳ ପାଇଁ କେନ୍ଦୁଝର ପ୍ରସିଦ୍ଧ। ୧୯୮୦ରେ ପ୍ରଥମେ ଏଠାରେ ଜାତୀୟ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ହୋଇଥିଲା। ଦୀର୍ଘ ୪୫ ବର୍ଷ ପରେ ପୁଣି ଏଠାରେ ଜାତୀୟ ପ୍ରତିଯୋଗିତା ହେବାର ସୌଭାଗ୍ୟ ମିଳିଛି। ୨୪ଟି ରାଜ୍ୟର ୪୩୨ ଜଣ ଖେଳାଳି ଓ ୧୫୦ ଅଫିସିଆଲଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତା କେବଳ ଆମର ଯୁବ ଖେଳାଳିଙ୍କ ଅବିଶ୍ୱସନୀୟ ପ୍ରତିଭା ଏବଂ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁନାହିଁ। ଆମ ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ଏବଂ ଶାରୀରିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାକୁ ମଧ୍ୟ ପ୍ରତିଫଳିତ କରୁଛି। କ୍ରୀଡାର ବିକାଶ ପାଇଁ ୫ ବର୍ଷ ମଧ୍ୟରେ ୪ ହଜାର ୧୨୪ କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୨୫-୨୬ରେ ବ୍ଲକସ୍ତରୀୟ ଷ୍ଟାଡ଼ିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ହ୍ୟାଣ୍ଡବଲ ଖେଳ ଆଜି ସମସ୍ତଙ୍କୁ ଏକାଠି କରିପାରିଛି। ଖେଳର ମୂଲ୍ୟବୋଧକୁ ବୁଝି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। କେନ୍ଦୁଝରର ହ୍ୟାଣ୍ଡବଲ ପଡ଼ିଆ ଏସିଆ ମହାଦେଶର ପ୍ରଥମ ସିନ୍ଥେଟିକ ପଡ଼ିଆ। ଆମ ସରକାର ଖେଳ ସହ ରାଜ୍ୟର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି। ହ୍ୟାଣ୍ଡବଲର ଉନ୍ନତି ସହ ଅନ୍ତର୍ଜାତୀୟ ସ୍ତରର ଖେଳାଳି ପ୍ରସ୍ତୁତ ପାଇଁ ଯାହା ଦରକାର ସରକାର ସହଯୋଗ କରିବେ ବୋଲି କହିଥିଲେ।



ମଞ୍ଚରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ଚୈତ୍ତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। -ଶ୍ରୀଅରବିନ୍ଦ



# ଚାଇନାରେ ବିବାହ ସଙ୍କଟ



ୟି ଫୁକ୍ସିଆନ

ଗତବର୍ଷ ଚାଇନାରେ ନୂଆ ବିବାହ ସଂଖ୍ୟା ଏକ ପଞ୍ଚମାଂଶ ହ୍ରାସ ପାଇଥିଲା। ଫଳରେ ୨୦୨୪ରେ ଥିବା ଜନ୍ମସଂଖ୍ୟା ୯.୫୪ ମିଲିୟନ ତୁଳନାରେ ୨୦୨୫ରେ ୭.୩ରୁ ୭.୮ ମିଲିୟନକୁ ଖସି ଆସିବାର ସମ୍ଭାବନା ଦେଖାଯାଇଛି। ବିଶ୍ୱ ଜନସଂଖ୍ୟାରେ ଚାଇନାର ଅଂଶ ୧୭.୨ ପ୍ରତିଶତ। କିନ୍ତୁ ଏଭଳି ସ୍ଥିତି ଯୋଗୁ ନାଇଜେରିଆ ତୁଳନାରେ ଏହାର ଜନ୍ମ ହାର ୬ ପ୍ରତିଶତ କମ୍ ରହିବ ବୋଲି ଆକଳନ କରାଯାଇଛି। ତେବେ ଚାଇନାର ଫର୍ଟିଲିଟି ରେଟ୍ ବା ହାର (ପିଲାଜନ୍ମ କରିବା ବୟସ ମଧ୍ୟରେ ଜଣେ ମହିଳା ଜନ୍ମ ଦେଉଥିବା ହାରାହାରି ସନ୍ତାନ ସଂଖ୍ୟା) ୨୦୨୫ରେ ମହିଳା ପିଛା ୦.୯ ପ୍ରତିଶତ ହାସ ପାଇବ ବୋଲି ଅନୁମାନ କରାଯାଉଛି। ଏହି ଜନସାଂଖ୍ୟିକ ବାସ୍ତବତା ଅତ୍ୟନ୍ତ ଚିନ୍ତାଜନକ। ଏଥିପାଇଁ ଚଳିତ ମାସ ପ୍ରାରମ୍ଭରେ ଚାଇନିଜ ପ୍ରିମିୟର ଲି କ୍ୱିଆଙ୍ଗ ଘୋଷଣା କରିଥିଲେ, ଜନ୍ମ ହାର ବୃଦ୍ଧି କରିବା ପାଇଁ ସରକାର ନୂଆ ନୀତି ଲାଗୁ କରିବେ। କିନ୍ତୁ ବିବାହ ସଙ୍କଟ ଏହି ପଦକ୍ଷେପର ଗୁରୁତ୍ୱକୁ ସମ୍ପୂର୍ଣ୍ଣ କମାଇଦେବ। ୨୦୧୩ରେ ୧୩.୪୭ ମିଲିୟନ ଦମ୍ପତି ବିବାହ ବନ୍ଧନରେ ବାନ୍ଧିହୋଇଥିବା ବେଳେ ୨୦୨୪ରେ ହ୍ରାସ ପାଇ ଏହା ୬.୧୧ ମିଲିୟନରେ ପହଞ୍ଚିଛି। ସେହିଭଳି ଏହି ସମୟ ମଧ୍ୟରେ ସାମଗ୍ରିକ ବିବାହ ହାର (୧୦୦୦ ଲୋକରେ) ତାଇୱାନର ୫.୪ ଏବଂ ଆମେରିକାର ୬.୧(୨୦୨୩) ଥିଲାବେଳେ ଚାଇନାର ୯.୯ରୁ ୪.୩କୁ ଖସି ଆସିଥିଲା।

ବାସ୍ତବରେ କାହିଁକି ଏଭଳି ଘଟୁଛି? ଦୁର୍ଭାଗ୍ୟଜନକ ଯେ, ଏହା ଚାଇନାର ନେତୃତ୍ୱ ଯୋଗୁ ହେଉଛି। ଏହା ପଛରେ ଗୋଟିଏ ନୁହେଁ ଅନେକ କାରଣ ରହିଛି। ଉଲ୍ଲେଖନୀୟ କାରଣ ଗୁଡ଼ିକ ମଧ୍ୟରେ ରହିଛି ଚାଇନାର ଗର୍ଭଧାରଣ ଓ ସନ୍ତାନ ଜନ୍ମ କରିବା ବୟସର ମହିଳାଙ୍କ



ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏହା ବାଦ୍ ଅନ୍ୟ କାରଣଗୁଡ଼ିକ ହେଉଛି ଜୀବନଶୈଳୀରେ ପରିବର୍ତ୍ତନ, ଦୀର୍ଘଦିନର ଏକ ସନ୍ତାନ ନୀତି (ଏବେ ରଦ୍ଦ କରାଯାଇଛି), ଲଗାତର ଅତ୍ୟଧିକ ସଂଖ୍ୟାରେ ପୁରୁଷ ବାହାରକୁ ଯିବା ଏବଂ ଅଧିକ ଯୁବ ବେରୋଜଗାର ହେବା।

ଚାଇନାର ୨୦୨୦ ଜନଗଣନା ଅନୁଯାୟୀ, ୨୦-୩୦ ବର୍ଷ ବୟସ ମଧ୍ୟରେ ମହିଳାମାନେ ୬୧ ପ୍ରତିଶତ ସନ୍ତାନଙ୍କୁ ଜନ୍ମ ଦେଇଛନ୍ତି। କିନ୍ତୁ ଏହି ବୟସ ବର୍ଗର ମହିଳାଙ୍କ ସଂଖ୍ୟା ୨୦୧୨ରେ ୧୧୧ ମିଲିୟନ ଥିବାବେଳେ ଏହା ହ୍ରାସ ପାଇ ୨୦୨୪ରେ ୭୩ ମିଲିୟନ ହୋଇଛି ଏବଂ ୨୦୫୦ରେ ଏହା ୩୭ ମିଲିୟନରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏପରି କି ଜନ୍ମ ହାର ଲଗାତର ଦ୍ରୁତ ଗତିରେ କମିବ। ଅନେକ ଦଶନ୍ଧି ଧରି ଚାଇନାରେ କନ୍ୟାଭ୍ରୂଣ ଠାବ କରି ଗର୍ଭପାତ କରାଯିବା ଯୋଗୁ ବିବାହ ପାଇଁ କନ୍ୟାଙ୍କ ଅଭାବ ଦେଖାଯାଇଛି ଏବଂ ବ୍ରାଇଡ ପ୍ରାଇସ ଯଥେଷ୍ଟ ବୃଦ୍ଧି ପାଇଛି, ଅର୍ଥାତ୍ ବର ପକ୍ଷ କନ୍ୟାକୁ ଅଧିକ ଅର୍ଥ ଦେବାକୁ ପଡୁଛି। ଚାଇନାରେ ଅନେକ ମହିଳା ଅବିବାହିତ ରହିଛନ୍ତି। କାରଣ ଗୋଟିଏ କନ୍ୟା ସନ୍ତାନ ଥିବା ଅନେକ ଅଭିଭାବକ ସେମାନଙ୍କ ବିବାହ ଅପେକ୍ଷା ଶିକ୍ଷା ଓ ଆର୍ଥିକ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଉଛନ୍ତି। ତୁଳନାତ୍ମକ ଭାବେ ଦେଖିବାକୁ ଗଲେ ୨୦୦୦ରେ ଚାଇନାରେ ୨୫-୨୯ ବର୍ଷ ବୟସ ମଧ୍ୟରେ ଅବିବାହିତ ମହିଳାଙ୍କ ସଂଖ୍ୟା ୯ ପ୍ରତିଶତ ବୃଦ୍ଧି ଘଟିଥିଲାବେଳେ ୨୦୨୦ରେ ଏହା ୩୩ ପ୍ରତିଶତ ଏବଂ ୨୦୨୩ରେ ୪୩ ପ୍ରତିଶତ ବଢ଼ିଛି ଏବଂ ଏହି ଧାରା ଆଗକୁ ଜାରି ରହିବ ବୋଲି କୁହାଯାଉଛି।

୧୯୮୦ରେ ଚାଇନା ଲାଗୁ କରିଥିବା ଏକ ସନ୍ତାନ ନୀତି ବିବାହରେ ବାଧା ଦେବା ସହ ଛାଡ଼ପତ୍ର ବା ବିବାହ ବିଚ୍ଛେଦର ପଥ ସୁଗମ କରିଛି, ଯାହା ବିବାହ ସଙ୍କଟକୁ ଗମ୍ଭୀର କରିଦେଇଛି। ୧୯୮୦ରେ ୧୦୦୦ ଲୋକରେ ଛାଡ଼ପତ୍ର ହାର ୦.୩ ପ୍ରତିଶତ ଥିଲାବେଳେ ୨୦୧୯ରେ ଏହା ୩.୪କୁ ବୃଦ୍ଧି ପାଇଥିଲା। ବ୍ରିଟେନ ଓ ଫ୍ରାନ୍ସକୁ ଅନୁସରଣ କରି ଛାଡ଼ପତ୍ର ପାଇଁ ୩୦ ଦିନର କୁଲିଂ ଅଫ୍ ପିରିୟଡ ଲାଗି ୨୦୨୧ରେ ଚାଇନା ନୂଆ ନାଗରିକ ସଂହିତା ଲାଗୁ କରିଥିଲା ଏବଂ ଏହା ୧୦୦୦ ଜଣରେ ଛାଡ଼ପତ୍ର ହାର ଦୁଇ ପ୍ରତିଶତକୁ ହ୍ରାସ ପାଇଥିଲା। କିନ୍ତୁ ୨୦୨୩ରେ ଏହା ପୁନର୍ବାର ୨.୬ ପ୍ରତିଶତ ବୃଦ୍ଧି ଘଟିଥିଲା। ଚାଇନାର ୩୦ ବର୍ଷ ବୟସ ମଧ୍ୟରେ ଜଣେ ମହିଳାଙ୍କର ୧୦ ପ୍ରତିଶତ ଗର୍ଭପାତ ଆଶଙ୍କା ରହିଥିବାବେଳେ ୩୫ ବୟସରେ ଏହା ୨୦%, ୪୦ବର୍ଷରେ ୩୩-୪୦% ଏବଂ ୪୫ ବର୍ଷରେ ଏହା ୫୭-୮୦%। ଏଣୁ ମା'ର ବୟସ ବୃଦ୍ଧି ଅନୁଯାୟୀ ଗର୍ଭଧାରଣରେ ଜନ୍ମଗତ ବିକୃତ ସନ୍ତାନଙ୍କ ସଂଖ୍ୟା ବୃଦ୍ଧିର ସମ୍ଭାବନା ରହିଛି। ୨୦ ବର୍ଷ ବୟସରେ ୨୦୦୦ ଜଣରେ ଜଣେ ଏଭଳି ସନ୍ତାନ ଗର୍ଭରେ ରହିବାର ଆଶଙ୍କା ରହୁଥିବାବେଳେ ଏହା ବୃଦ୍ଧି ପାଇ ୩୫ ବର୍ଷରେ ୩୫୦ ହେବା ଏବଂ ୪୫ ବର୍ଷ ବୟସରେ ୩୦ ଜଣରେ ଜଣେ ଏଭଳି ସନ୍ତାନର ସମ୍ଭାବନା ରହିଛି।

୨୦୨୧ରେ ଆମେରିକା ଓ ମେକ୍ସିକୋରେ ପ୍ରଥମ ସନ୍ତାନ ଜନ୍ମ ଦେବାର ହାରାହାରି ବୟସ ଥିଲା ୨୭ ଏବଂ ଭାରତରେ ଏହା ଥିଲା ୨୧। ତୁଳନାତ୍ମକ ଭାବେ ଚାଇନାର ପ୍ରଥମ ସନ୍ତାନ ଜନ୍ମ ଦେବାରେ ହାରାହାରି ବୟସ ୨୦୦୦ରେ ୨୫ ଥିଲା ଓ ଏହା ୨୦୨୦ରେ ୨୮କୁ ବୃଦ୍ଧି ପାଇଥିଲା ଏବଂ ଚଳିତବର୍ଷ ବଢ଼ିଥିବା ଅନୁମାନ କରାଯାଉଛି। ସବୁଠୁ ଖରାପ ହେଉଛି, ଚାଇନାରେ ସାମଗ୍ରିକ ଫର୍ଟିଲିଟି ହାର ୧୯୭୦ ଦଶନ୍ଧିରେ ୧.୨% ଥିଲା ଓ ୨୦୨୦ରେ ୧୮% ହୋଇଛି। ଅଧିକରୁ ଅଧିକ ମହିଳାଙ୍କର ବିବାହ ପରେ କିମ୍ବା ପ୍ରଥମ ସନ୍ତାନ ପରେ ଗର୍ଭଧାରଣ କ୍ଷମତା କମୁଛି।

ପାରମ୍ପରିକ ଭାବେ ଦାର୍ଶନିକ କନ୍‌ଫୁସିୟସଙ୍କ ବିଚାରଧାରାରେ ଅଧିକ ବିଶ୍ୱାସ ଥିବା ଅଞ୍ଚଳରେ ଫର୍ଟିଲିଟି ହାର ବିଶ୍ୱରେ ସବୁଠୁ କମ୍। କାରଣ ସେମାନେ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ବିବାହ ଓ ସନ୍ତାନ ଜନ୍ମକୁ କମ୍ ଗୁରୁତ୍ୱ ଦେଇଥାନ୍ତି। ଏହିସବୁ ଅଞ୍ଚଳରେ ସାମଗ୍ରିକ ଭାବେ ସବୁଠୁ ବେଶି ଅବିବାହିତ ଲୋକ ଅଛନ୍ତି। ଇତିହାସର ତଥ୍ୟରୁ ଜଣାପଡ଼େ, ମା'ମାନଙ୍କର ପ୍ରଥମ ସନ୍ତାନ ଜନ୍ମ କରିବାର ହାରାହାରି ବୟସ ୨୮ରୁ ଅଧିକ ହୋଇଥିଲେ ସେ କ୍ଷେତ୍ରରେ ଫର୍ଟିଲିଟି ହାର ୧.୫% ବୃଦ୍ଧି କରିବା ଅସମ୍ଭବ। ଅନ୍ତର୍ଜାତୀୟ ସ୍ତରରେ ଆଇନତଃ ସର୍ବନିମ୍ନ ବିବାହ ବୟସ ୧୬ ରୁ ୧୮ ବର୍ଷ ମଧ୍ୟରେ ରହିଛି। କିନ୍ତୁ ଚାଇନା ୧୯୮୦ରେ ଏହାକୁ ପୁରୁଷଙ୍କ ପାଇଁ ୨୨ ଓ ମହିଳାଙ୍କ ପାଇଁ ୨୦ ବର୍ଷକୁ ବୃଦ୍ଧି କରିଥିଲା। ସେମାନେ ଏହି ବୟସ ସହ ଏମିତି ଅଭ୍ୟସ୍ତ ହୋଇଯାଇଛନ୍ତି ଯେ, ବିବାହ ବୟସ ଏବେ ୧୮କୁ ହ୍ରାସ କଲେ ଫର୍ଟିଲିଟି ହାର ବୃଦ୍ଧିକରିବା କଷ୍ଟକର।

ବିବାହ ଓ ଗର୍ଭଧାରଣରେ ବିଳମ୍ବ ସହ ଅବିବାହିତ ଲୋକଙ୍କ ସଂଖ୍ୟାରେ ବୃଦ୍ଧି ମୁଖ୍ୟତଃ ପ୍ରଜ୍ଞାଗତ ଲାଭ ଓ ନୂଆ ଗୁଣବତ୍ତା ଉତ୍ପାଦକତା ଶକ୍ତି ଅନୁସନ୍ଧାନରେ ଗ୍ରହଣ କରାଯାଉଥିବା ସରକାରୀ ନୀତି ଯୋଗୁ ହେଉଛି। ଚାଇନା ସରକାର ଏହାର ଆର୍ଥିକ ମହତ୍ତ୍ୱାକାଂକ୍ଷା ଏବଂ ଜନସାଂଖ୍ୟିକ ବାସ୍ତବତା ମଧ୍ୟରେ ଥିବା ବିରୋଧାଭାସକୁ ଦୂର କରିପାରିବ ତ? ଏହାର ଅତୀତର ରେକର୍ଡକୁ ଦେଖିଲେ କେହି ବି ଏହା ଉପରେ ଗ୍ୟାରେଣ୍ଟି ଦେବା କଷ୍ଟକର।

**ବରିଷ୍ଠ ବୈଜ୍ଞାନିକ, ୱିସ୍କନସିନ ମାଡିସନ ବିଶ୍ୱବିଦ୍ୟାଳୟ**

# ଆୟୁଷ୍ମାନ୍ ସ୍ୱପ୍ନ ଏବେ ସାକାର

## ସାଢ଼େ ୩ କୋଟି ଓଡ଼ିଶାବାସୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା



ମୋହନ ଚରଣ ମାଝୀ

କଥା ଦେଇଥିଲୁ। କଥା ରଖିଲୁ। ସାରା ରାଜ୍ୟବାସୀ ଆଜି ଖୁସି। ବିଶେଷ ଭାବରେ କାମଧନ୍ଦା ଅନ୍ୱେଷଣରେ ପେଟପାଟଣା ପାଇଁ ବିଭିନ୍ନ ରାଜ୍ୟରେ ପ୍ରବାସୀ ଶ୍ରମିକ ଭାବେ କାମ କରୁଥିବା ଲକ୍ଷ ଲକ୍ଷ ଭାଇଭଉଣୀ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମୁହଁରେ ହସ ଓ ହୃଦୟରେ ଆନନ୍ଦ ଭରିଯାଇଛି।

ଆଜିଠାରୁ ଓଡ଼ିଶାରେ ଆୟୁଷ୍ମାନ୍ ଭାରତର ଲାଗୁ। ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା। ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାର ସୁଫଳ ଆଜିଠାରୁ ମୋର ପ୍ରିୟ ଓଡ଼ିଆ ଭାଇଭଉଣୀମାନଙ୍କୁ ଉପଲବ୍ଧ ହେବା କାରଣରୁ ମୁଁ ବି ବିଶେଷ ଆନନ୍ଦିତ। ଭାରତର ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜଗତ ପ୍ରକାଶ ନଡ୍ଡାଙ୍କ କରକମଳରେ କଟକର ଐତିହାସିକ ବାଲିଯାତ୍ରା ପଡ଼ିଆରେ ଏହାର ଲୋକାର୍ପଣ ହେବ।

ରାଜ୍ୟରେ ୧.୦୩ କୋଟିରୁ ଊର୍ଦ୍ଧ୍ୱ ପରିବାରର ୩.୪୬ କୋଟି ଲୋକଙ୍କ ପାଇଁ ଏହି ଯୋଜନା ସମର୍ପିତ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମିଳିବ ଯୋଜନାର କାର୍ଡ। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳିବ।

ଆୟୁଷ୍ମାନ୍ ବୟୋବନ୍ଦନା ଯୋଜନାରେ ୭୦ ବର୍ଷ କିମ୍ବା ୭୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ମିଳିବ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ମହିଳାଙ୍କ ପାଇଁ ପରିବାର ପିଛା ବାର୍ଷିକ ଅତିରିକ୍ତ ୫ ଲକ୍ଷ ଟଙ୍କାର ସହାୟତା।

ଦେଶର ସବୁ ରାଜ୍ୟର ୨୯ ହଜାରରୁ ଊର୍ଦ୍ଧ୍ୱ ସରକାରୀ ଓ ପଞ୍ଜୀକୃତ ଘରୋଇ ଚିକିତ୍ସାଳୟରେ ଏହି କାର୍ଡ ଦେଖାଇଲେ ମିଳିବ ମାଗଣା ସ୍ୱାସ୍ଥ୍ୟସେବା।

ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶାର ଜନସାଧାରଣଙ୍କୁ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ଉପହାର। ଏହି ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି।

ପୂର୍ବରୁ ରାଜନୈତିକ ଅଭିସନ୍ଧି ରଖି ବିଜେଡି ସରକାର ଏହି ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ ଲାଗୁ କରୁ ନ ଥିଲେ। କିନ୍ତୁ ବିଜେପି ସରକାର ଗଠନ ହେବା ପରେ ଆମେ ଆମର ସଂକଳ୍ପପତ୍ରରେ କହିଥିବା ଗୋଟି ଗୋଟି କଥାକୁ ପୂରଣ କରିବାକୁ ବଦ୍ଧପରିକର। ପ୍ରତିଶ୍ରୁତିର ସଠିକ୍ କ୍ରିୟାନ୍ୱୟନ ହିଁ ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତା।

ଜଣେ ରାଜନୈତିକ କର୍ମୀଭାବରେ ଓଡ଼ିଶାରେ ମୋଦିଙ୍କ ଆୟୁଷ୍ମାନ୍ ଭାରତ ଲାଗୁକରିବା ପାଇଁ ଅନେକ ସମୟରେ ସହକର୍ମୀମାନଙ୍କ ସହ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲୁ। ଗତ ବିଜେଡି ସରକାରରେ ଆୟୁଷ୍ମାନ୍ ଭାରତ ଲାଗୁ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଥର ଅନୁରୋଧ ଓ ଦାବି କରିଥିଲୁ।

ମୋର ସ୍ପଷ୍ଟ ମନେଅଛି ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ଏହି ଯୋଜନାର ଯିଏ ଉଦ୍‌ଘାଟକ ସେ ପୂର୍ବରୁ ଦେଶର ସ୍ୱାସ୍ଥ୍ୟମନ୍ତ୍ରୀ ଭାବରେ ଏବଂ ବିଜେପିର ରାଷ୍ଟ୍ରୀୟ ସଭାପତି ଭାବରେ ଏହି ଯୋଜନାକୁ ଓଡ଼ିଶାରେ ଲାଗୁକରିବା ପାଇଁ ବାରମ୍ବାର ଅନୁରୋଧ ଓ ଦାବି କରିଥିଲେ। ତାଙ୍କରି କରକମଳରେ ଆଜି ଓଡ଼ିଶାରେ ଏହି ଯୁଗାନ୍ତକାରୀ ଯୋଜନାର ଶୁଭାରମ୍ଭ ହେବା ଅବସରରେ ଆମେ ସମସ୍ତେ ଆନନ୍ଦିତ।

ନଡ୍ଡା ଜୀଙ୍କ ସହ ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହା ବାରମ୍ବାର ଓଡ଼ିଶାରେ ଆୟୁଷ୍ମାନ୍ ଭାରତ ଲାଗୁ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ରାଜନୈତିକ କାର୍ଯ୍ୟକର୍ତ୍ତା ଭାବରେ ଆମର ପ୍ରାଥମିକତା ଗରିବ ଲୋକଙ୍କୁ ସୁବିଧା ମିଳୁ। ମୋଦିଙ୍କ ଏପରି ଜନକଲ୍ୟାଣକାରୀ ଯୋଜନା କ୍ରିୟାନ୍ୱୟନ ନ କରାଇ ଦେବା ପଛରେ ତତ୍କାଳୀନ ସରକାରର ଗୋଟିଏ ହୀନ ପ୍ରୟାସ ଥିଲା। ଗରିବ ଓଡ଼ିଆ ଲୋକଙ୍କୁ ପଛେ ଲାଭ ନ ମିଳୁ କିନ୍ତୁ ଶ୍ରେୟ ନରେନ୍ଦ୍ର ମୋଦି ନ ନିଅନ୍ତୁ। ଓଡ଼ିଆ ଲୋକ ସେମାନଙ୍କର ଅସଲ ଉଦ୍ଦେଶ୍ୟ ବୁଝିଲେ। ଲୋକଙ୍କ ଦୁଃଖ ନ ବୁଝୁଥିବା, ରାଜନୈତିକ ସ୍ୱାର୍ଥ ପାଇଁ ରାଜ୍ୟର ଗରିବଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଉଥିବା ସରକାରକୁ ପରିବର୍ତ୍ତନ କରି ରଖିଦେଲେ।

ସଂଘୀୟ ବ୍ୟବସ୍ଥାରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ। ସମସ୍ତଙ୍କୁ ବିନା ଆର୍ଥିକ ଅସୁବିଧାରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଉପଲବ୍ଧ କରାଇବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତ ସରକାର ୨୩ ସେପ୍ଟେମ୍ବର ୨୦୧୮ ତାରିଖରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏୱାଇ) ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଥିଲା ଗୋଟିଏ ଏବଂ ତାହା ହେଉଛି ଗରିବଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା।

ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନ୍‌ଏଚ୍‌ଏ) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ପ୍ରମୁଖ ଯୋଜନା ଦ୍ୱାରା ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚିକିତ୍ସା ଖର୍ଚ୍ଚ ସହାୟତା ପ୍ରତି ପରିବାରକୁ ଯୋଗାଇଦେବା ଥିଲା ମହତ୍ତ୍ୱାକାଂକ୍ଷୀ ଉଦ୍ଦେଶ୍ୟ।

ଆୟୁଷ୍ମାନ୍ ଭାରତ ହେଉଛି ବିଶ୍ୱର ସର୍ବବୃହତ୍ ସାର୍ବଜନୀନ ଅନୁଦାନପ୍ରାପ୍ତ ସ୍ୱାସ୍ଥ୍ୟ ବୀମା ଯୋଜନା ଯାହା ୧୨.୩୪ କୋଟି ପରିବାରର ୫୫ କୋଟି ଲୋକଙ୍କୁ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ କରୁଛି।

ନିକଟରେ ୨୦୨୪ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ୭୦ ବର୍ଷରୁ ଅଧିକ ବୟସର ସମସ୍ତ ବରିଷ୍ଠ ନାଗରିକଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନକୁ ସ୍ୱୀକୃତି ମିଳିଛି, ଯାହା ଏକ ଐତିହାସିକ ନିଷ୍ପତ୍ତି।

ପୂର୍ବ ବିଜେଡି ସରକାର ମୋଦି ସରକାରଙ୍କ ଆୟୁଷ୍ମାନ୍ ଯୋଜନା କାର୍ଯ୍ୟକାରୀ ନ କରି ଗରିବଙ୍କୁ ପ୍ରତାରଣା କରୁଥିଲେ ଏବଂ ନିଜର ପ୍ରଚାର ପାଇଁ ଶସ୍ତା ରାଜନୀତି କରିବାକୁ ମଧ୍ୟ ପଛାଉ ନ ଥିଲେ, ଯାହା ବିଡ଼ମ୍ବନାର ବିଷୟ ଥିଲା। ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଭୟରେ ରାଜ୍ୟ ସରକାର ଓ ଗରିବ ପରିବାରକୁ ଆୟୁଷ୍ମାନ୍ ଭାରତ ଯୋଜନାରୁ ବଞ୍ଚିତ ରଖିଥିଲେ।

ତେବେ ଓଡ଼ିଶା ପାଇଁ ଆୟୁଷ୍ମାନ୍ ଭାରତ ଯୋଜନା ନିହାତି ଆବଶ୍ୟକ ଥିଲା। ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ତାମିଲନାଡୁ, ଗୁଜରାଟ, ମହାରାଷ୍ଟ୍ର ଓ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଆନ୍ତି। ଭାରତର ଏମିତି ରାଜ୍ୟ ନାହିଁ ଯେଉଁଠି ଓଡ଼ିଆ ଭାଇ ଭଉଣୀମାନେ ଶ୍ରମଦାନକରି ଓଡ଼ିଶାକୁ ସେ ରାଜ୍ୟଗୁଡ଼ିକର ବିକାଶରେ ଭାଗୀଦାରି କରିନାହାନ୍ତି। ବାହାର ରାଜ୍ୟରେ କାମ କରୁଥିବା ଏହି ଓଡ଼ିଆ ଭାଇଭଉଣୀମାନେ ସେମାନଙ୍କର କଷ୍ଟ ଅର୍ଜିତ ଅର୍ଥକୁ ନିଜ ପରିବାରକୁ ପଠାଇବା ପରିବର୍ତ୍ତେ ନିଜର ସ୍ୱାସ୍ଥ୍ୟ ସମସ୍ୟା ବେଳେ ସେ ଅର୍ଥକୁ ଡାକ୍ତରଖାନାକୁ ଦେବାକୁ ବାଧ୍ୟ ହେଉଥିଲେ। ଏବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ଦେଖାଇ ସେଠାରେ ମାଗଣାରେ ଉଚ୍ଚମାନର ସ୍ୱାସ୍ଥ୍ୟସେବା ପାଇପାରିବେ।

ପୂର୍ବ ସରକାରଙ୍କ ନିଜସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କେବଳ ଓଡ଼ିଶା ଏବଂ ଓଡ଼ିଶା ବାହାରେ ଲୋକମାନେ ସୀମିତ ଡାକ୍ତରଖାନାରେ ସୁବିଧା ପାଉଥିଲେ। ଏବେ ଆୟୁଷ୍ମାନ୍ ଭାରତ ଯୋଜନା ସହ ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ଲୋକ ଏବଂ ରାଜ୍ୟର ପ୍ରବାସୀ ଲୋକମାନେ ବିଶେଷ ଉପକୃତ ହେବେ।

ଏହି ଯୋଜନା ଅଧୀନରେ ହସ୍ପିଟାଲରେ ଭର୍ତ୍ତିହେବାର ୩ ଦିନ ପୂର୍ବରୁ ଏବଂ ୧୫ ଦିନ ପର୍ଯ୍ୟନ୍ତ ଉପଚାର ଓ ଔଷଧ ମାଗଣା ଉପଲବ୍ଧ ହୋଇଥାଏ।

ଡାକ୍ତରୀ ପରୀକ୍ଷା, ଚିକିତ୍ସା ଏବଂ ପରାମର୍ଶ, ସମସ୍ତ ପ୍ରକାର ସେବାଯତ୍ନ, କ୍ଲିନିକାଲ ଏବଂ ଲାବରେଟୋରି ଇନ୍‌ଭେଷ୍ଟିଗେଶନ, ରହିବା ଏବଂ ଖାଦ୍ୟ ସେବା ଓ ମେଡିସିନ ଏବଂ ଚିକିତ୍ସା ଉପଯୋଗୀ ସାମଗ୍ରୀ ସୁବିଧା ମିଳିବ।

ଓଡ଼ିଶା ସମେତ ଦେଶର ୩ଟି ରାଜ୍ୟରେ ମୋଦିଙ୍କ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ଲାଗୁ ହୋଇପାରି ନ ଥିଲା। ଇତିମଧ୍ୟରେ ଲାଗୁ ହୋଇ ନ ଥିବା ଆମ ରାଜ୍ୟ ଓଡ଼ିଶାରେ ଏହି ଯୋଜନା ଆଜିଠାରୁ ଲାଗୁହେଲା। ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଉକ୍ତ ଯୋଜନା ଲାଗୁ ପାଇଁ ସବୁ ଯୋଜନା ପ୍ରସ୍ତୁତ। ବାକି ରହିଲା ଆମର ପଡ଼ୋଶୀ ପଶ୍ଚିମବଙ୍ଗ। ମୁଁ ନିଶ୍ଚିତ ଆମ ପଡ଼ୋଶୀ ରାଜ୍ୟରେ ଖୁବ୍‌ଶୀଘ୍ର ସେ ରାଜ୍ୟର ଲୋକଙ୍କ ମୋଦିଙ୍କ ପ୍ରତି ଆଶୀର୍ବାଦ, ସାହାଯ୍ୟ ଓ ସମର୍ଥନ ସେ ରାଜ୍ୟରେ ବି ଆୟୁଷ୍ମାନ୍ ଭାରତ ଲାଗୁ ପାଇଁ ରାସ୍ତା ଖୋଲିବ।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

# ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୧ ଏପ୍ରିଲ ୧୯୭୬

- ରାଜ୍ୟର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟ କରୁଥିବା ଖଣି କର୍ମଚାରୀମାନଙ୍କୁ ବାସଗୃହ ଯୋଗାଇଦେବା ପାଇଁ ଖଣି କର୍ପୋରେସନ ପକ୍ଷରୁ ସ୍ଥିର କରାଯାଇଛି।
- ବିଶିଷ୍ଟ ରବୀନ୍ଦ୍ର ସଙ୍ଗୀତ ଗାୟିକା ରାଜେଶ୍ୱରୀ ଦତ୍ତଙ୍କ ୫୫ ବର୍ଷ ବୟସରେ ପରଲୋକ।
- କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶତକଡ଼ା ୧୫ ଭାଗ ସ୍ଥାନ ତଫସିଲଭୁକ୍ତ ଜାତି ଓ ଉପଜାତି ଛାତ୍ରୀଛାତ୍ରଙ୍କ ପାଇଁ ସଂରକ୍ଷିତ କରାଯିବା ନେଇ ନିଷ୍ପତ୍ତି।

# su|do|ku

Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 1 | | | | 9 | | |
| | | 9 | 6 | | | 2 | 7 | |
| | 7 | 5 | | | | | | |
| | | | | | | | | |
| | | | 7 | 2 | 5 | | | |
| | | | 8 | 9 | 1 | 6 | 2 | |
| | 2 | | | 3 | | | 4 | |
| 7 | | 8 | | | 4 | 1 | | |
| 1 | | | 5 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 7 | 4 | 1 | 2 | 8 | 3 | 6 |
| 6 | 8 | 3 | 5 | 9 | 7 | 4 | 2 | 1 |
| 2 | 4 | 1 | 3 | 8 | 6 | 7 | 5 | 9 |
| 7 | 6 | 4 | 9 | 3 | 5 | 1 | 8 | 2 |
| 1 | 3 | 5 | 6 | 2 | 8 | 9 | 4 | 7 |
| 8 | 2 | 9 | 1 | 7 | 4 | 3 | 6 | 5 |
| 5 | 7 | 8 | 2 | 4 | 9 | 6 | 1 | 3 |
| 3 | 9 | 6 | 8 | 5 | 1 | 2 | 7 | 4 |
| 4 | 1 | 2 | 7 | 6 | 3 | 5 | 9 | 8 |

ଗତକାଲିର ଉତ୍ତର

# ବଞ୍ଚିବାକୁ ଦିଅ



ବିପ୍ଳବ

ହାଇଦ୍ରାବାଦର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନିକଟରେ ଏକ ଆଇଟି ପାର୍କ ନିର୍ମାଣ ପାଇଁ ୪ ଶହ ଏକର ଜଙ୍ଗଲକୁ ବୁଲ୍‌ଡୋଜର ଲଗେଇ ରାତାରାତି ସଫା କରିବାର ଅମାନବୀୟ ନିଷ୍ପତ୍ତି ଆଜି ସମସ୍ତ ପରିବେଶବିତ୍ ଏବଂ ପଶୁପକ୍ଷୀପ୍ରେମୀଙ୍କୁ ଗଭୀର ଆଘାତ ଦେଇଛି। ମୁଖ୍ୟତଃ ମୟୂର ଏବଂ ହରିଣଙ୍କର ଚରାଭୂମି ଥିବା ଏହି ଜଙ୍ଗଲ ସୁରକ୍ଷା ପାଇଁ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କର ପ୍ରାଣମୂର୍ଚ୍ଛା ଉଦ୍ୟମ, ସାମାଜିକ ଗଣମାଧ୍ୟମରେ ଜନ ଆନ୍ଦୋଳନ ଏବଂ ଶେଷରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ନିରୀହଙ୍କ ପ୍ରତି ଅତ୍ୟାଚାର ବିରୋଧରେ ମାନବତାର ବିଜୟ ବୋଲି ଧରିନେବାକୁ ହେବ।

ମଣିଷ ଆଗରେ ଏବେ ଦୁଇଟି ବଡ଼ ସମସ୍ୟା ମୁଣ୍ଡ ଟେକିଛି। ଗୋଟିଏ ହେଉଛି ତାପମାତ୍ରାର ଭୟଙ୍କର ବୃଦ୍ଧି ଏବଂ ଅନ୍ୟଟି ହେଉଛି ଭୂତଳ ଜଳର ହ୍ରାସ। ଏହା ବିଶ୍ୱର ମାନବସମାଜ ଏବଂ ଜୀବଜଗତକୁ ପ୍ରଭାବିତ କରୁଛି। ଏ ଦୁଇଟି ସମସ୍ୟାର କାରଣ ଆଉ ନିରାକରଣର ବାଟ ନ ଖୋଜିଲେ ଆମେ ଭବିଷ୍ୟତ ପିଢ଼ିଙ୍କ ପାଇଁ ମୃତ୍ୟୁର କବର ପ୍ରସ୍ତୁତ କରି ରଖୁଛେ ବୋଲି ଭାବିବାକୁ ହେବ।

ଓଡ଼ିଶା କଥା ଆଲୋଚନା ପରିସରକୁ ନିଆଯାଉ। କିଛି ବର୍ଷ ହେବ ଓଡ଼ିଶାର ପ୍ରତ୍ୟେକ ଜିଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ପାନୀୟ ଜଳ ସଙ୍କଟକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ସରକାର ୫ ହଜାରରୁ ଊର୍ଦ୍ଧ୍ୱ ନଳକୂପ ଖନନ କରିଛନ୍ତି। ଏହା ସତ୍ତ୍ୱେ କେତେକ ଜିଲାରେ କେବଳ ଗ୍ରୀଷ୍ମ ଋତୁରେ ନୁହେଁ ବର୍ଷ ସାରା ବି ପାନୀୟ ଜଳ ସଙ୍କଟ ଲାଗିରହିଛି। ଏହାର ମୁଖ୍ୟ କାରଣ ସ୍ୱଳ୍ପ ଜଳ ବୃଷ୍ଟି ଏବଂ ଭୂତଳ ଜଳର ଭୟଙ୍କର ହ୍ରାସ।

ଓଡ଼ିଶା ସରକାରଙ୍କର ପ୍ରଦୂଷଣ ବିଭାଗ



ତରଫରୁ ଜାରି ହୋଇଥିବା ଏକ ରିପୋର୍ଟରୁ ଜଣାଯାଏ କି ୨୦୨୦ରୁ ୨୦୨୪ ଭିତରେ ଗଜପତିରେ ୩. ୮୯ ମିଟର, କେନ୍ଦୁଝରେ ୧. ୨୬ ମିଟର, ବୌଦ୍ଧ ୧. ୫୧ ମିଟର, କଟକ ୧. ୩୮ ମିଟର, ଖୋର୍ଦ୍ଧା ୧. ୪୦ ମିଟର ଏବଂ ରାୟଗଡ଼ା ଜିଲାରେ ୨. ୦୫ ମିଟର ଭୂତଳ ଜଳ ହ୍ରାସ ପାଇଛି। ସରକାର ଏ ଦିଗରେ ବିଭିନ୍ନ ଯୋଜନା ହାତକୁ ନେଇ ସଫଳ ହୋଇ ପାରି ନାହାନ୍ତି। ଏହାର ଅନେକ କାରଣ ରହିଛି। ସରକାରୀ ଭାବରେ ବୃକ୍ଷରୋପଣ ଏବଂ ଜଙ୍ଗଲ ବୃଦ୍ଧିର ମିଛ ରିପୋର୍ଟ, ଶିଳ୍ପାୟନ ଏବଂ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟାପକ ବୃକ୍ଷ ଛେଦନ, ଶିଳ୍ପ ସଂସ୍ଥାଗୁଡ଼ିକରେ ଜଳର ବ୍ୟାପକ ବେଆଇନ ବ୍ୟବହାର, ଭୂପୃଷ୍ଠରେ ମାତ୍ରାଧିକ କଂକ୍ରିଟ ଜଙ୍ଗଲ ଏବଂ ଶେଷରେ ସଂଗୃହୀତ ଜଳର ବହୁଳ ବ୍ୟବହାର ଇତ୍ୟାଦି। ଅଧିକାଂଶ ନଦୀ ଏବେ ବାଲିଚର, ଶୁଷ୍କ ଆଉ ବେଗହୀନ। ଏପରିକି ମହାନଦୀ ଏବେ ଜଳହୀନ। ବୋରିଂ କରି ଯେଉଁ ସବୁ ପ୍ରକଳ୍ପ ଚାଲୁଛି ସେଗୁଡ଼ିକ ପାନୀୟ ଜଳ ପରିବର୍ତ୍ତେ କେତେକ ଅସାଧୁ ଲୋକ ତାକୁ ସଂଗ୍ରହ କରି ନିର୍ମାଣ କାର୍ଯ୍ୟରେ ବ୍ୟବହାର କରୁଛନ୍ତି ତ କେଉଁଠି ଟ୍ୟାପ ଖୋଲା ହୋଇ ଅନବରତ ପାଣି ଝରୁଛି। ସବୁଥିରେ ସରକାରଙ୍କୁ ଦୋଷ ଦେଇ ହେବନି। ଲୋକେ ସଚେତନ ହେବା ଦରକାର।

ତିରିଶ ବର୍ଷ ପଛକୁ ଫେରିଗଲେ ଦେଖିବା ପରିବେଶର ଉତ୍ତାପ ବୃଦ୍ଧି ଭୟଙ୍କର ନ ଥିଲା। ଖରାଦିନେ ଲୋକେ ବିଞ୍ଚଣାର ବ୍ୟବହାର କରୁଥିଲେ। ଏବେ ଘରେ ଘରେ ଫ୍ରିଜ, କୁଲର, ଏସି। କିନ୍ତୁ ତା'ର ପ୍ରତିକୂଳ ପ୍ରଭାବ ଶରୀର ଆଉ ପରିବେଶ ଉପରେ କ'ଣ ପଡୁଛି ତାକୁ ଆମେ ଅଣଦେଖା କରୁଛେ। ସଚେତନ ହେବା ପାଇଁ ବିଜ୍ଞାପନ ଦିଆହେଉଛି, ସଭା ସମିତିରେ ସଚେତନତାର ବାର୍ତ୍ତା ବଣ୍ଟା ଚାଲିଛି। ଲାଭ କ'ଣ? ତମେ ଯେତେବେଳେ ଅନ୍ୟକୁ ଧ୍ୱଂସ କରିବାର କାରଣ ହେବ ନିଜେ ଧ୍ୱଂସ ହୋଇଯିବ। ଅତଏବ ହେ ପ୍ରକୃତିର ଶ୍ରେଷ୍ଠ ଜୀବ ନିଜେ ସଚେତନ ହୁଅ, ନିଜେ ବଞ୍ଚ, ଅନ୍ୟକୁ ବଞ୍ଚିବାକୁ ଦେଇ ମାନବ ଧର୍ମ ସାର୍ଥକ କର।

**ମକୁନ୍ଦ ପୁର, ବାଙ୍କୀ**
**ମୋ : ୯୪୩୭୪୬୮୦୧୬**

# ଏଇ ଭାରତରେ

ମହାରାଷ୍ଟ୍ରର ଏଭଳି ଅନେକ ଆଦିବାସୀବହୁଳ ଗାଁଗୁଡ଼ିକରେ ସୌରଶକ୍ତି ଯୋଗାଇଦେବାର ବ୍ୟବସ୍ଥା କରିଛନ୍ତି କେମିକାଲ ଇଞ୍ଜିନିୟର ତନବୀର ଇନାମଦାର। କେବଳ ଏତିକି ନୁହେଁ, ସେ ପାହାଡ଼ ଉପରେ ଥିବା ଗାଁ ନିକଟରେ ଜଳପ୍ରପାତ ଥିଲେ ସେଥିରୁ ବିଦ୍ୟୁତ ଉତ୍ପାଦନ କରି ଯୋଗାଇ ଦେଉଛନ୍ତି। ତାଙ୍କ ଉଦ୍ୟମରେ ମିଶନ ଉର୍ଜାରେ ଅନେକ ଘର ଆଲୋକିତ ହୋଇପାରିଛି। ୨୦୧୮ରେ ଟ୍ରି (ଟେକ୍‌ନୋଲୋଜି ରିୟୁଜ ଏନ୍‌ଭାଇରନ୍‌ମେଣ୍ଟ ଏମ୍ପାୱାର୍‌ମେଣ୍ଟ ଇନୋଭେଶନ) ଫାଉଣ୍ଡେଶନ ଗଠନ କରି ତା' ମାଧ୍ୟମରେ ୨୦୨୨ରୁ ଏହି ଅଭିଯାନ ଚଳାଇଛନ୍ତି। ମିଶନ ଉର୍ଜାରେ ସ୍ଥାୟୀ ଭାବେ ପ୍ୟାନେଲ ବସାଇ ସୌର ବିଦ୍ୟୁତ ଉତ୍ପାଦନ କରାଯାଉଛି। ଏହା ସହ ସାଙ୍ଗରେ ନେଇଯିବା ଭଳି ଛୋଟ ସୋଲାର ସିଷ୍ଟମ ମଧ୍ୟ ଯୋଗାଇ ଦେଉଛନ୍ତି। ଦରକାର ହେଲେ ଲୋକେ ବାହାରକୁ କାମ କରିବାକୁ ଗଲାବେଳେ ତାହାକୁ ସାଙ୍ଗରେ ନେଇପାରୁଛନ୍ତି। ଏହାର ସୁପରିଚାଳନା ପାଇଁ ସେ ଉର୍ଜା କମିଟି ଗଠନ କରିଛନ୍ତି। ବିଦ୍ୟୁତ ଉପଯୋଗ ପରିମାଣକୁ ନେଇ ପରିବାର ୧୦ରୁ ୫ଶହ ଟଙ୍କା ଦେଉଛନ୍ତି। ଏହାକୁ ଉର୍ଜା କମିଟିର ପାସ୍‌ବୁକ୍‌ରେ ଜମା କରାଯାଉଛି। ଏହି ଅର୍ଥରେ ସୋଲାର ସିଷ୍ଟମର ଦେଖାରଖା କରାଯାଉଛି। ଏବେସୁଦ୍ଧା ୯୪୫ ପରିବାର ଉପକୃତ ହୋଇସାରିଲେଣି। ୨୦୨୮ ସୁଦ୍ଧା ୧୦୦ରୁ ଅଧିକ ଗାଁକୁ ସୌରଶକ୍ତି ଯୋଗାଇ ଦେବାକୁ ତନବୀର ଯୋଜନା କରିଛନ୍ତି। ଏହା ସହ ପ୍ରତି ଗାଁରେ ସେ ୧୦ ଜଣ ଯୁବକଙ୍କୁ ପ୍ରଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି।

# ପାଠକ ଶ୍ରେଷ୍ଠ ବିଚାରକ

## ଟ୍ରମ୍ପଙ୍କ କଠୋର ଚେତାବନୀ

ମହାଶୟ,

ଡୋନାଲ୍ଡ ଟ୍ରମ୍ପ୍ ଆମେରିକାରେ ଦ୍ୱିତୀୟ ଥର ରାଷ୍ଟ୍ରପତି ରୂପେ କ୍ଷମତାସୀନ ହେବା ପରେ କେତେକ ପ୍ରସଙ୍ଗରେ ନିଜର ମତାମତ ବ୍ୟକ୍ତ କରିଛନ୍ତି, ଯାହା ଆନ୍ତର୍ଜାତିକ ସ୍ତରରେ ଅସ୍ଥିରତା ସୃଷ୍ଟି କରିଛି। କାନାଡ଼ାକୁ ଆମେରିକା ଅନ୍ତର୍ଭୁକ୍ତ କରିବାକୁ କହିଛନ୍ତି ଓ ଗ୍ରୀନ୍‌ଲାଣ୍ଡକୁ ନିଜ ଦେଶରେ ସାମିଲ କରବାକୁ କହିଛନ୍ତି। ଆମେରିକା ଉତ୍ପାଦିତ ଦ୍ରବ୍ୟଗୁଡିକ ଉପରେ କାନାଡ଼ା, ଭାରତ, ମେକ୍ସିକୋ, ଚାଇନା ଆଦି କେତେକ ଦେଶ ଉଚ୍ଚ ହାରରେ ଯେଉଁ ଟାରିଫ୍ ଲାଗୁ କରିଛନ୍ତି, ତା'ର ମୁକାବିଲା ପାଇଁ ସେ ସବୁ ଦେଶରୁ ଆମଦାନୀ ଦ୍ରବ୍ୟରେ ସେହି ପରିମାଣରେ ଟାରିଫ୍ ବୃଦ୍ଧି ପାଇଁ ଧମକ ଦେଇଛନ୍ତି। ଇରାନ୍ ଆଣବିକ ଚୁକ୍ତିରେ ସ୍ୱାକ୍ଷର ନ କଲେ ବୋମାମାଡ଼ ହେବ ବୋଲି ଚେତାବନୀ ଦେଇଛନ୍ତି। ଲେବାନନ୍‌ରେ ଆତଙ୍କବାଦୀ ହିଜ୍‌ବୁଲା ଗୋଷ୍ଠୀ ଉପରେ ବୋମାମାଡ଼ ହେଉଛି। ତେବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ସମୟରେ ନୂଆ ନୂଆ ବିବୃତି ଦେଉଥିବାରୁ ରାଜନୈତିକ ଅସ୍ଥିରତା ବୃଦ୍ଧି ପାଇବା ଲକ୍ଷ୍ୟ କରାଯାଉଛି।

**-ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ**

# ଚିରନ୍ତନୀ

ରୂପର ମୋହେ ମୁଗ୍ଧ କବି
ମୁରୁଛି ନାହିଁ ପାରେ
ଅବାକ୍ ହୋଇ ରହିଲା ଚାହିଁ
ପଥର ସେହି ଧାରେ।

-(କୁହୁ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନବୀନଙ୍କ ମୁହଁରେ ମିଛ ଶୋଭା ପାଉନି: ପ୍ରଭାତ

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବିଜେଡିରେ ନାହାନ୍ତି ବୋଲି ଦଳ ସଭାପତି ନବୀନ ପଟ୍ଟନାୟକ କହିବା ସହ ତାଙ୍କୁ ଟାର୍ଗେଟ କରିଥିଲେ। ଏହାର ଦିନକ ପରେ ପ୍ରଭାତ ତ୍ରିପାଠୀ ସଭାପତି ନବୀନଙ୍କ ମନ୍ତବ୍ୟ ଉପରେ କାଉଣ୍ଟର ଆଟାକ୍ କରିଛନ୍ତି। ଗୁରୁବାର ଏକ ଖବରଦାତା ସମ୍ମିଳନୀ କରିଆରେ ପ୍ରଭାତ କହିଛନ୍ତି, ୱକ୍ଫ ବିଲ୍କୁ ନେଇ ବିଜେଡିକୁ ଟାର୍ଗେଟ କରାଯାଉଛି ତାହା ଉପରୁ ନଜର ହଟାଇବାକୁ ଏଭଳି କରାଯାଉଛି। ନବୀନଙ୍କ ଭାବମୂର୍ତ୍ତିକୁ ତାଙ୍କ କାର୍ଯ୍ୟାଳୟ ଜାଣିଶୁଣି କ୍ଷୁଣ୍ଣ କରୁଛି। ବିଜେଡିର ତଥାକଥିତ ମୁଖିଆ ନିଜର ସ୍ଥିତି ଜାହିର କରିବା ପାଇଁ ନବୀନଙ୍କ ମୁହଁରେ ଯାହା କିଛି ବି କୁହାଇ ଦେଇପାରୁଛନ୍ତି। ମିଛ କହିବା ନବୀନ ପଟ୍ଟନାୟକଙ୍କ ମୁହଁରେ ଶୋଭାପାଉନାହିଁ।


ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ।

ନବୀନ ବୁଧବାର ଏହି କଥା କହିବା ବେଳେ କେବଳ ଜାତୀୟ ଗଣମାଧ୍ୟମକୁ ଡାକି ପ୍ରତିକ୍ରିୟା ଦେଇଥିଲେ। ଓଡ଼ିଶାର କୌଣସି ଗଣମାଧ୍ୟମକୁ ଏ କଥା ନବୀନ କହି ନ ଥିଲେ। ୧୦ ମାସ ତଳେ ଓଡ଼ିଶା ଲୋକ ଜବାବ ଦେଇଛନ୍ତି, ଅଣଓଡ଼ିଆଙ୍କୁ କେବେ ଗ୍ରହଣ କରିବେ ନାହିଁ। ଗତ ନିର୍ବାଚନରେ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଲା। ନବୀନ ପଟ୍ଟନାୟକ ଦୁଇଟି ସ୍ଥାନରୁ ଛିଡା ହୋଇଥିଲେ। ଦୁଇଟି ସ୍ଥାନରୁ ଜିତିଥିଲେ, ପାଣ୍ଡିଆନଙ୍କୁ ଛିଡା କରାଇ ଉପମୁଖ୍ୟମନ୍ତ୍ରୀ କରାଇଥାଆନ୍ତେ। ଏହାପରେ ନବୀନ ଓଡ଼ିଶା ଛାଡି ପଳାଇଥାଆନ୍ତେ ବୋଲି ଲୋକ ଭାବିଥିଲେ। ତେଣୁ ଲୋକ ଏହାକୁ ଗ୍ରହଣ କଲେ ନାହିଁ। ପାଣ୍ଡିଆନଙ୍କୁ ଘରେ ରଖି ବ୍ୟକ୍ତିଗତ ଭାବେ ପରାମର୍ଶ ନେବାରେ କିଛି ଅସୁବିଧା ନାହିଁ। କିନ୍ତୁ ଗାଁ ଗହଳିର ଲୋକଙ୍କ ପାଖକୁ ଏକ ଖରାପ ମେସେଜ୍ ଯାଉଛି। 'ଲୁଚିଛି ନା ଗୋଡ଼ ଦି' ଟା ଦିଶୁଛି ' ନ୍ୟାୟରେ ଯଦି ବିଜେଡିରେ ସବୁ ନିଷ୍ପତ୍ତି ତାଙ୍କ ଦ୍ୱାରା ହେଉଥିବ ଏହା ଦଳ ପାଇଁ ଭଲ ନୁହେଁ ବୋଲି ପ୍ରଭାତ କହିଛନ୍ତି।

ପ୍ରଭାତ ଆହୁରି କହିଛନ୍ତି, ୱକ୍ଫ ପ୍ରସଙ୍ଗରୁ ନଜର ହଟାଇବାକୁ ନବୀନବାବୁ ଏପରି କଥା ମୋ ନାଁରେ କହିଛନ୍ତି। ବର୍ତ୍ତମାନ ଯେଉଁମାନେ ଦଳରେ ବେଶି ପାଟି କରୁଛନ୍ତି, ସେମାନେ ମିଡନାଇଟ୍ ଅପରେସନରେ ପ୍ୟାରୀ ବାବୁଙ୍କ ସାଙ୍ଗରେ ଥିଲେ। ସେମାନେ ଦଳର ମେମ୍ବରଶିପ୍ ବିଷୟରେ କ'ଣ କହିବେ। ବିନା କାରଣରେ ଯେମିତି ଆଘାତ ପାଇଲି, ସେମାନେ କି ଆଗକୁ ଅସୁବିଧାରେ ପଡିବେ। ଗୋଟିଏ ରାଜନୈତିକ ଦଳ କ'ଣ ଏମିତି ଚାଲିବ। ଜଣେ ଲୋକ ଜଣକୁ ଭରସା କରି ଚାଲିବ। ସେ ଲୋକ ଚାଲିଗଲେ କଣ ଦଳ ଚାଲିବନି। ଏହା ବ୍ୟକ୍ତିଗତ ପରିବାରର କଥା ନୁହେଁ, ଓଡ଼ିଶାର ଲୋକ ଏହି ଦଳ ସହ ଜଡିତ ଅଛନ୍ତି। ସେ ନିଜ ପାଇଁ ଫାଇଟ୍ କରୁନାହାନ୍ତି। ଗୋଟିଏ କାରଣ ପାଇଁ ଲଢେଇ କରୁଥିବା ସେ କହିଛନ୍ତି। ୱକ୍ଫ ଭୋଟଦାନ ପ୍ରସଙ୍ଗରୁ ନଜର ହଟାଇବାକୁ ନବୀନ ବାବୁ ମୋ ବିରୋଧରେ ଏମିତି ପଦକ୍ଷେପ ନେଇଛନ୍ତି। କିନ୍ତୁ ଦଳର ଏମ୍ପିମାନଙ୍କୁ କେଉଁ ପରିସ୍ଥିତିରେ ବିବେକାନୁମୋଦିତ ଭୋଟ ଦେବା ପାଇଁ କୁହାଗଲା, ଏହା ପଛରେ କିଏ ତାକୁ ବିଜେଡିର ବରିଷ୍ଠ ନେତା ଓ ଓଡ଼ିଶା ଲୋକ ଜାଣିବାକୁ ଚାହୁଁଛନ୍ତି। ଏହାକୁ ନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି, ଦଳରେ ଶୃଙ୍ଖଳା ପାଇଁ ଏବଂ ଭବିଷ୍ୟତ ପାଇଁ କେତେକ ଅନୁଶାସନ ପାଳନ କରିଯିବା ଦରକାର। ସେ ବିଷୟରେ ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। କର୍ମୀ ଏବଂ ନେତାଙ୍କ ଉଦ୍ଦେଶ୍ୟରେ କହିଛନ୍ତି। ତାଙ୍କର ଏହି କଥାକୁ ସ୍ୱାଗତ। କୌଣସି ହୋଟେଲରେ ନେତା କର୍ମୀ ବୈଠକ କରିବା ଅନୁଚିତ ବୋଲି ଗଣେଶ୍ୱର କହିଛନ୍ତି।



ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ଆଇନରୁ ଧାରା ୪୪(୩) ଉଚ୍ଛେଦ କରିବା ଦାବିରେ ନୂଆଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଇଣ୍ଡିଆ ମେଣ୍ଟର ନେତା ଗୌରବ ଗୋଗୋଇ, ପ୍ରିୟଙ୍କା ଚତୁର୍ବେଦୀ, ଜାଭେଦ ଅଲୀ ଏମ୍ଏମ୍ ଅବଦୁଲ୍ଲା, ଜନ୍ ବ୍ରିଟାସ ଓ ନଭଲ କିଶୋର ରାଇ । (ଫଟୋ: ଚମନ ଗୌତମ)

# ୩ବର୍ଷରେ ୫ଲକ୍ଷ ଅନ୍ତ୍ୟୋଦୟ ଗୃହ ବଣ୍ଟନ ହେବ: ମନ୍ତ୍ରୀ ଗଣ୍ଡ


ସମାବେଶରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟ ନେତୃବୃନ୍ଦ।

କେସିଙ୍ଗା,୧୦।୪ (ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି କଲ୍ୟାଣ ମଣ୍ଡପଠାରେ ଗୁରୁବାର ଭାଜପାର ଏକ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଭାରତ ମାତାଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥି ମନ୍ତ୍ରୀ ଗଣ୍ଡ ଡବଲ ଇଞ୍ଜିନ ସରକାରଙ୍କ ୯ମାସର ସଫଳତା ବିଷୟରେ ସୂଚନା ଦେଇଥିଲେ। ସୁଭଦ୍ରା ଯୋଜନା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଓ କର୍ପସ ଫଣ୍ଡ ବ୍ୟବସ୍ଥା କରାଯାଇଥିବା କହିଥିଲେ। ଗରିବଙ୍କୁ ୨୩ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନ କରାଯାଇଥିବାବେଳେ ଆଉ ୪ଲକ୍ଷ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଆସନ୍ତା ୩ବର୍ଷ ମଧ୍ୟରେ ୫ଲକ୍ଷ ଅନ୍ତ୍ୟୋଦୟ ଯୋଜନା ଗୃହ ଯୋଗାଇଦେବା ପାଇଁ ମନ୍ତ୍ରୀ ଘୋଷଣା କରିଥିଲେ। ବୃଦ୍ଧାବୃଦ୍ଧ ଓ ବିକଳାଙ୍ଗଙ୍କୁ ୩୫୦୦ ଟଙ୍କା ଯୋଗାଇ ଦିଆଯାଇଥିବାବେଳେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସହ ମାଣ୍ଡିଆ ଲଡୁ ବଣ୍ଟନ ଆଦି ବିଷୟରେ କହିଥିଲେ। ଶିକ୍ଷାର ବିକାଶ ପାଇଁ ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଥିବା ପ୍ରକାଶ କରିଥିଲେ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଖଡ଼ି ଛୁଆଁ, ଶିଶୁ ବାଟିକା ଆରମ୍ଭ କରାଯାଇଛି। ୪୬୨ ସ୍କୁଲରେ ପିଏମ୍ଶ୍ରୀ ଯୋଜନା ଲାଗୁ କରାଯିବା ସହ ଶହୀଦ ଲକ୍ଷ୍ମଣାନନ୍ଦ ନାଏକଙ୍କ ନାମରେ ଆଦର୍ଶ ସ୍କୁଲ ଖୋଲାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ସମାବେଶରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ପୂର୍ବତନ ବିଧାୟକ ଅନାମ ନାଏକ, ବ୍ଲକ ଅଧ୍ୟକ୍ଷ ଚନ୍ଦନ କୁମାର ସେନାପତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଜେଡି, କଂଗ୍ରେସର ପ୍ରାୟ ୫୦ଜଣ କର୍ମୀ ଭାଜପାରେ ଯୋଗଦେଇଥିଲେ। ଜିଲା ସଭାପତି ଯୁଗଳ କିଶୋର ପୋଢ଼ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଜିଲା ସାଧାରଣ ସମ୍ପାଦକ ଜୟ ଶଙ୍କର ନାଏକ ମଞ୍ଚ ପରିଚାଳନା କରିଥିଲେ। ପ୍ରାରମ୍ଭରେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ କର୍ମୀମାନେ ସଭାସ୍ଥଳକୁ ପାଛୋଟି ନେଇଥିଲେ।

# ଝାରସୁଗୁଡ଼ା ଜିଲା ବିଜେଡି ୨ ଭାଗ

ଝାରସୁଗୁଡ଼ା,୧୦।୪
(ଆଶିଷ ରଞ୍ଜନ ଦାଶ)

## ସଭାପତି ପଦ, ସଙ୍ଗଠନକୁ ନେଇ ସବୁଠି ଚର୍ଚ୍ଚା

ବର୍ତ୍ତମାନ ୱକ୍ଫ ବିଲ୍କୁ ନେଇ ରାଜ୍ୟ ବିଜେଡି ଭାଗ ଭାଗ ହୋଇ ପରସ୍ପରକୁ ଦୋଷାରୋପ କରୁଥିବା ବେଳେ ଝାରସୁଗୁଡ଼ାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷାଙ୍କ ଅନାସ୍ଥା ଭୋଟ ପରେ ଜିଲା ବିଜେଡି ପ୍ରାୟତଃ ଦୁଇ ଭାଗ। ଜିଲା ବିଜେଡିରେ ପୂର୍ବତନ ବିଧାୟିକା ଅଲକା ମହାନ୍ତି ଓ ଦୀପାଳି ଦାସଙ୍କ ମଧ୍ୟରେ ଟକରାଟକରି ଚାଲିଛି। ବ୍ରଜରାଜନଗର ପୌର ପରିଷଦ ଅଧ୍ୟକ୍ଷା ଯାଜ୍ଞସେନୀ ଓରାମ ଥିଲେ ପୂର୍ବତନ ବିଧାୟିକା ଅଳକାଙ୍କ ସମର୍ଥକ। କିନ୍ତୁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଓ ଭାଜପାର ଜଣେ ଆଗ ଧାଡ଼ିର ନେତାଙ୍କ ପ୍ରଚେଷ୍ଟାରେ ଏଇ କିଛି ଦିନ ହେବ ଅନାସ୍ଥା ଅଣାଯାଇ ଯାଜ୍ଞସେନୀଙ୍କୁ ହଟାଇ ଦିଆଯାଇଥିବା ଅଳକାଙ୍କ ଅନୁଗତମାନେ କହୁଛନ୍ତି, ଯାହା କି ଜିଲା ବିଜେଡିରେ ଫାଟ ସୃଷ୍ଟି ହେବା ମୁଖ୍ୟ କାରଣ। ଯଦି ଝାରସୁଗୁଡ଼ାର ୧୫ରୁ ୨୦ ବର୍ଷ ରାଜନୀତି ଇତିହାସକୁ ଦେଖିବା, ତେବେ ସ୍ୱର୍ଗତ


ଅଳକା ମହାନ୍ତି


ଦୀପାଳି ଦାସ

କିଶୋର ମହାନ୍ତିଙ୍କ ଲୋକପ୍ରିୟତା ଥିଲା। ପରେ କଂଗ୍ରେସରୁ ଆସି ନବ ଦାସ ବିଜେଡିରେ ଯୋଗ ଦେଇଥିଲେ। ଫଳରେ ଉଭୟେ ଜିଲାରେ ବିଜେଡିକୁ ମଜଭୁତ କରିଥିଲେ। ତେବେ କିଶୋରଙ୍କ ଦେହାନ୍ତ ପରେ ତାଙ୍କ ସ୍ତ୍ରୀ ଅଳକା କମ୍ ଦିନ ପାଇଁ ବ୍ରଜରାଜନଗର ବିଧାୟକ ହେବା ସହିତ ଗତ ନିର୍ବାଚନରେ ଭାଜପାର ସୁରେଶ ପୂଜାରୀଙ୍କଠାରୁ ହାରିଯାଇଥିଲେ। କିନ୍ତୁ ଏବେ ଅଳକାଙ୍କ ସହ ତାଙ୍କ ପୁଅ ଦୁର୍ଗେଶ ମହାନ୍ତି ପିତାଙ୍କ ଅନୁଗତଙ୍କ ସହ ମିଶି ଲୋକଙ୍କ ପାଇଁ କାମ କରୁଛନ୍ତି।

ବିଶ୍ୱସ୍ତ ସୂତ୍ରର ଖବର ଅନୁସାରେ ଜିଲା ସଭାପତି ପଦ ପାଇଁ ଅଳକା ମହାନ୍ତି ଅନ୍ୟତମ ନେତା ତାପସ ରାୟ ଚୌଧୁରୀଙ୍କ ନାମ ସୁପାରିସ କରିଥିବା ଜଣାପଡିଛି। ଚୌଧୁରୀ ଝାରସୁଗୁଡା ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ଥିଲେ। ଏବେ ସେ ଜିଲା ଆଥ୍ଲେଟିକ ଆସୋସିଏଶନ ସହିତ ବିଭିନ୍ନ ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ସଙ୍ଗଠନ ସହିତ ଜଡ଼ିତ ଅଛନ୍ତି। ସେ ଯଦି ଜିଲା ସଭାପତି ହୁଅନ୍ତି, ତେବେ ଉଭୟ ଗୋଷ୍ଠୀର ଲୋକଙ୍କୁ ଏକଜୁଟ କରି ଜିଲାରେ ବିଜେଡି ସଙ୍ଗଠନକୁ ମଜଭୁତ କରିପାରିବେ ବୋଲି ଚର୍ଚ୍ଚା ହୁଏ।

ସେହିପରି ଦୀପାଳି ମଧ୍ୟ ଝାରସୁଗୁଡ଼ାରେ ତାଙ୍କ ପିତା ନବଙ୍କ ଦେହାନ୍ତ ପରେ ଝାରସୁଗୁଡାର ବିଧାୟକ ହୋଇଥିଲେ। ୨୦୨୪ ନିର୍ବାଚନରେ ଭାଜପାର ଟଙ୍କଧର ତ୍ରିପାଠୀଙ୍କଠାରୁ ଅଳ୍ପ ଭୋଟରେ ହାରିଯାଇଥିଲେ। ନବଙ୍କ ଏକାନ୍ତ ଅନୁଗତ ଥିବା ଅନେକ ଲୋକ ଏବେ ଦଳ ଛାଡି ଭାଜପାକୁ ଚାଲିଯାଉଥିବା ବେଳେ କିର୍ମିରା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନାସ୍ଥା ପ୍ରସ୍ତାବରେ ନିଜର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଦୀପାଳି ନିଜ ଲକ୍ଷ୍ୟ ହାସଲ କରିପାରିଲେ ନାହିଁ। ଅର୍ଥାତ୍ ଏକଦା ନବଙ୍କ ଗଡ଼ ଥିବା କିର୍ମିରାରେ ଭାଜପା ସମର୍ଥିତ ସମିତି ଅଧ୍ୟକ୍ଷା ନିଜ ପଦବୀ ବଜାୟ ରଖିଲେ। ଏହାସତ୍ତ୍ୱେ ଭାଇ ବିଶାଳଙ୍କ ସହାୟତାରେ ଦୀପାଳି ନିଜ ସଙ୍ଗଠନକୁ ମଜଭୁତ କରିବାକୁ ଚେଷ୍ଟା କରୁଛନ୍ତି। ସେ ଜିଲା ସଭାପତି ପଦ ପାଇଁ ବର୍ତ୍ତମାନ ଥିବା ଜିଲା ସଭାପତି ରବି ସିଂ ଓ ହରିଶ ଗଣତ୍ରାଙ୍କ ନାମ ସୁପାରିସେ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। କୁହାଯାଉଛି ରବି ସିଂ ବୟସାଧିକ୍ୟ କାରଣରୁ ଭାଜପା କବ୍ଜାରେ ଥିବା ଝାରସୁଗୁଡା ଜିଲାରେ ଧାଁଧପଡ଼ କରି ସଙ୍ଗଠନକୁ ମଜଭୁତ କରିବା ସମ୍ଭବ ନୁହେଁ। ତେବେ ଜିଲା ସଭାପତି ପଦ ପାଇଁ ଜିଲା ଓକିଲ ସଂଘ ସଭାପତି ତ୍ରିନାଥ ଗୁଆଲଙ୍କ ନାମକୁ ନେଇ ମଧ୍ୟ ଜିଲାରେ ଚର୍ଚ୍ଚା ହେଉଛି। ଏଭଳି ସ୍ଥଳେ ଝାରସୁଗୁଡ଼ାବାସୀ କାହା ନେତୃତ୍ୱ ପ୍ରତି ଆସ୍ଥା ରଖୁଛନ୍ତି ଓ ବିଜେଡି ମୁଖ୍ୟ କାହାର କେଉଁ ଅଭିଜ୍ଞତାକୁ ଆଖି ଆଗରେ ରଖି ଜିଲା ସଭାପତି ପଦ ଦେଉଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ନବୀନଙ୍କ ମୁଠା ହୁଗୁଳା: ତାରା

ଭୁବନେଶ୍ୱର,୧୦।୪
(ରବିନାରାୟଣ ଜେନା)

ବିଜେଡିରେ ସଂପ୍ରତି ୱକ୍ଫ ବିଲ୍କୁ ନେଇ ଯେଉଁ ରାଜନୈତିକ ଆରୋପ ପ୍ରତ୍ୟାରୋପ ଦେଖାଦେଇଛି, ସେଥିରୁ ଦଳର ନେତା ଓ କର୍ମୀଙ୍କ ଅସନ୍ତୋଷ ସ୍ପଷ୍ଟ ବାରି ହୋଇ ପଡୁଛି ବୋଲି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି। ତେଣୁ ବିଜେଡି ଆଉ ନବୀନବାବୁଙ୍କ ନିୟନ୍ତ୍ରଣରେ ନାହିଁ ଓ ତାଙ୍କ ହାତମୁଠା ଦିନକୁ ଦିନ କୋହଳ ହେଉଛି ବୋଲି ତାରା କହିଛନ୍ତି।

ଗୁରୁବାର ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ତ୍ରିପାଠୀ ଖବରଦାତା ସମ୍ମିଳନୀରେ ଦେଇଥିବା ମନ୍ତବ୍ୟକୁ ନେଇ ତାରା କହିଛନ୍ତି, ବିଜେଡିରେ ଆଉ ଶୃଙ୍ଖଳା ନାହିଁ। ନବୀନବାବୁ କେତେବେଳେ କ'ଣ କହୁଛନ୍ତି ତାହା ରାଜ୍ୟବାସୀ କି ତାଙ୍କ ଦଳର ନେତା ଓ କର୍ମୀ ବୁଝିପାରୁନାହାନ୍ତି। ଯଦିଓ ବିଜେଡିର ଏହା ଆଭ୍ୟନ୍ତରୀଣ ବ୍ୟାପାର, ରାଜ୍ୟବାସୀଙ୍କ ସହିତ ନବୀନ ଯେଉଁ ଛଳନା କରୁଛନ୍ତି ତାହାକୁ ନେଇ ଦଳୀୟ ନେତୃବୃନ୍ଦ ଜଣକ ପରେ ଜଣେ ଗଣମାଧ୍ୟମ ସମ୍ମୁଖକୁ ଆସି ଦେଉଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ଦୀର୍ଘଦିନ ଧରି ଦଳରେ ଥିବା ଅସନ୍ତୋଷ ଏବେ ପଦାକୁ ଫୁଟି ବାହାରୁଛି। ସ୍ଥିତି ଏପରି ହେଲାଣି ଯେ ଆଗାମୀ ଦିନରେ ଦଳର ଅସ୍ତିତ୍ୱ ହଜିଯିବ ବୋଲି ତାରା କହିଛନ୍ତି।

# ଖଣି ମାଫିଆମାନେ ଅବୈଧ ଖନନ କରୁଛନ୍ତି

ଭୁବନେଶ୍ୱର, ୧୦।୪(ସୁନିତ୍ ମିଶ୍ର)

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉପବାଚସ୍ପତି

ବର୍ତ୍ତମାନ ସମୟରେ ଓଡ଼ିଶାର ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଓ କୋଇଡା ଅଞ୍ଚଳରେ ବ୍ୟାପକ ଭାବେ ଅବୈଧ କୋଇଲା, ଆଇରନ ଏବଂ ମାଙ୍ଗାନିଜ ଖନନ ଚାଲିଛି। ଉପରୋକ୍ତ ଜଙ୍ଗଲ ଅଞ୍ଚଳରେ ଏହି କାର୍ଯ୍ୟକଳାପ ହେଉଥିବାରୁ ପରିବେଶ, ଜନଜୀବନ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପ୍ରତି ମହାବିପଦ ସୃଷ୍ଟି ହୋଇଛି। ଖଣି ମାଫିଆମାନେ ଭାରି ଯନ୍ତ୍ରପାତି ସହିତ ଅବୈଧ ଖନନ କରୁଛନ୍ତି। ରାଜ୍ୟର ବିଭିନ୍ନ ଅଞ୍ଚଳ ସହ ପଡ଼ୋଶୀ ରାଜ୍ୟକୁ ମଧ୍ୟ ଚୋରା ଚାଲାଣ ହେଉଛି। ବହୁ ସ୍ଥାନରେ ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ, ଜିଲା ଖଣି ଅଧିକାରୀ ଦାୟିତ୍ୱରେ ଥିବା ବିଭାଗର ଅନ୍ୟ କର୍ମଚାରୀଙ୍କ ଅଭିଜ୍ଞତାର ଅଭାବ କିମ୍ବା ସହଯୋଗ ହୀନତା ଦେଖିବାକୁ ମିଳୁଛି ବୋଲି ରାଜ୍ୟ ବିଧାନସଭାର ଉପବାଚସ୍ପତି


SHRI BHABANI SHANKAR BHOI
DEPUTY SPEAKER
ODISHA LEGISLATIVE ASSEMBLY

ଭବାନୀ ଶଙ୍କର ଭୋଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗତ ୮ ତାରିଖରେ ଉପବାଚସ୍ପତି ଏନେଇ ଏକ ଚିଠି ଲେଖି ସେଥିରେ ଉଲ୍ଲେଖ କରିଛନ୍ତି, ବଣାଇ ଉପଖଣ୍ଡର ମୂଷାପୋଷ ପଥର ଖଣି ମଧ୍ୟ ଲୁଟ ହେଉଛି। ଏହିସବୁ ଘଟଣା ଜିଲା ପ୍ରଶାସନର ଦୁର୍ବଳତା ଦର୍ଶାଉଛି। ଅବୈଧ ଖଣି ଖନନ ବିରୋଧରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରାଯାଉ। ଅଭିଯୁକ୍ତ ମାଫିଆ ଓ ସହଯୋଗ କରୁଥିବା କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅବୈଧ ଖଣି ଖନନ ରୋକିବାକୁ ଏକ ବିଶେଷ ଟାସ୍କଫୋର୍ସ ଗଠନ କରାଯାଉ। ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ସଭ୍ୟତା ଓ ଗ୍ରାମବାସୀଙ୍କ ସହଯୋଗ ଜନସଚେତନତା ଅଭିଯାନ ଆରମ୍ଭ ହେଉ। ରାଜ୍ୟର ସମସ୍ତ ବର୍ଡର ଅଞ୍ଚଳରେ ଜୋର୍ଦାର ଚେକିଂ କରାଯାଉ। ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା କରୁଥିବା ଉପବାଚସ୍ପତି ତାଙ୍କ ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ କହିଛନ୍ତି।


TPWODL

TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

NOTICE INVITING TENDER

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. TPWODL/MK/O/SITC/ 2500000915: RC for SITC of 16mtr & 20mtr High mast at TPWODL.
2. TPWODL/PJ/O/SU/2500000917: Supply of 315KVA, 11/0.433KV BIS Lev-II Distribution Transformer.

Interested bidders to submit Tender Participation Fee and Authorization Letter through email on or before 22nd April 2025, 18:00Hrs, respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website www.tp-westernodisha.com. Further details for participating in tender is given in the tender document.

Prospective bidders are requested to visit the website for detailed amendment and updated tender document.

Sd/- Head- Contracts & Procurement



GOVERNMENT OF ODISHA
(PANCHAYATI RAJ & DRINKING WATER DEPARTMENT)
OFFICE OF THE PANCHAYAT SAMITI, NANDAPUR, KORAPUT
E-mail : ori-nandapur@nic.in

No.1489/2025 Dated : 05.04.2025

NOTICE INVITING TENDER

Bid Identification No. - NDP01 of 2025-26 of B.D.O, Nandapur

The Block Development Officer, Nandapur, Dist.-Koraput, PIN-764037 (Odisha) invites **Percentage Rate Bids in Single Cover System** on behalf of Governor of Odisha in electronic tendering system **(www.tendersodisha.gov.in)** for the construction of **8 (Eight)** Nos. of works detailed in the table from the eligible civil contractors. The amount put to tender and bid security may be changed and confirmed at the time of available of tender documents. The bidders may participate for any bids or all the following works.

| Sl. No. | Name of the Work | Amount put to Tender (Approx. in Rupees) | Class of Contractor | Cost of Tender Paper | E.M.D. (Bid Security) in Rs. | Period of Completion (Calendar Month) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Additional class room at Netaji High School, Thuba | 13,51,165/- | "C" & "D" | 6,000/- | 13,550/- | 06 Months |
| 2 | Construction of Additional class room at Govt. UGHS, Attanda | 14,60,442/- | "C" & "D" | 6,000/- | 14,610/- | 06 Months |
| 3 | Construction of Additional class room at Khurji PS | 14,47,366/- | "C" & "D" | 6,000/- | 14,500/- | 06 Months |
| 4 | Construction of Additional class room at Mangrel PS | 14,50,769/- | "C" & "D" | 6,000/- | 14,510/- | 06 Months |
| 5 | Construction of Additional class room at Badel PS | 14,45,853/- | "C" & "D" | 6,000/- | 14,500/- | 06 Months |
| 6 | Construction of Additional class room at Kukudaput PS | 14,48,172/- | "C" & "D" | 6,000/- | 14,500/- | 06 Months |
| 7 | Construction of Additional class room at Talakondapalli PS | 14,48,639/- | "C" & "D" | 6,000/- | 14,500/- | 06 Months |
| 8 | Construction of BT Road from PWD Road to Chatwa | 25,28,210/- | "B" & "C" | 6,000/- | 26,000/- | 04 Months |

| | |
|---|---|
| Tender documents are available on website | Can be downloaded from Website (http://www.tendersodisha.gov.in) |
| Bid documents available date and time | **15.04.2025 to 28.04.2025** up to 17.30 Hours |
| Bid clarification start date & closing date | **15.04.2025 to 28.04.2025** during office hours |
| Date, time and venue of opening of bid online | **(02.05.2025 at 11.30 Hours)**, Office of the Block Development Officer, Panchayat Samiti, Nandapur |
| If stipulation arises the tender will be decided through Lottery System | **(02.05.2025)** Office of the Block Development Officer, Panchayat Samiti, Nandapur |

Sd./- Block Development Officer
Nandapur



ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.05/ET/SBP/ENGG/2025-26, ତା.04.04.2025ରିଖ

(1)ଇ-ଟେଣ୍ଡର ସଂ.01-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢ଼ାଖୋଲ ପରିସୀମା ଅଧୀନସ୍ଥ ଚାରମାଳ ଷ୍ଟେସନ ଠାରେ 40 BOBYNs କୁ ସ୍ଥାନ ଯୋଗାଇ ଦେବା ପାଇଁ TM ତଥା ବାଲାଷ୍ଟ ସାଇଡ଼ିଂର ସମ୍ପ୍ରସାରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 6,45,67,606.21, ବିଡ୍ ସିକ୍ୟୁରିଟି (ଟଙ୍କାରେ): 4,72,900/-।

(2)ଇ-ଟେଣ୍ଡର ସଂ.02-eT-DENE-SBP-25
କାର୍ଯ୍ୟର ନାମ : ବର୍ଷ 2025-26 ନିମନ୍ତେ ସମ୍ବଲପୁର ମଣ୍ଡଳରେ USFD ପରୀକ୍ଷଣ ନିମନ୍ତେ ସହାୟକ କର୍ମଚାରୀଙ୍କ ନିଯୁକ୍ତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 52,44,305/-, ବିଡ୍ ସିକ୍ୟୁରିଟି (ଟଙ୍କାରେ): 1,04,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-।

(3)ଇ-ଟେଣ୍ଡର ସଂ.07-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝୁମୁରା-କେରେଜାଙ୍ଗା ସେକ୍ସନରେ କି.ମି.66/31-67/17 ଠାରେ କର୍ଭ ନଂ.32(UP) ର ସ୍ଥାୟୀ ଗତି ପ୍ରତିବନ୍ଧକ (PSR) ର ଅପସାରଣ ସମ୍ବନ୍ଧୀୟ P.Way ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟଗୁଡ଼ିକର ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 3,00,41,353.97, ବିଡ୍ ସିକ୍ୟୁରିଟି (ଟଙ୍କାରେ): 3,00,300/-।
କାର୍ଯ୍ୟ ଶେଷ ହେବା ଅବଧି: 12 ମାସ (ସମସ୍ତ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.28.04.2025ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟ୍କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-22/Q/25-26


See Career Appointment on every Wednesday & Saturday


ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଡିମାଣ୍ଡ ନୋଟିସ୍

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ବ୍ୟାଙ୍କ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ବିଭିନ୍ନ ସମୟରେ ନିମ୍ନସାରଣୀରେ ଦର୍ଶିତ ଋଣ ପ୍ରଦାନ କରିଥିଲା ଏବଂ ଉକ୍ତ ଋଣ ରାଶିର ବକେୟା ପରିମାଣ ଯଥା ସମୟରେ ପୈଠ ନକରିବାରୁ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶୈଳଶ୍ରୀ ବିହାର ଶାଖାର** ଋଣଗ୍ରହୀତାଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ତେଣୁ ସେଗୁଡିକର ବିଷୟବସ୍ତୁ ସହିତ ବକେୟା ଦେୟ, ଋଣ ପରିମାଣ ଏବଂ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

| ଶୈଳଶ୍ରୀ ବିହାର ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଏନ୍ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ | ସରଫେଶୀ ଆକ୍ଟ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ରାଶିର ପରିମାଣ | ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|---|
| ଋଣଗ୍ରହୀତା:ମେସର୍ସ ସାଇ କ୍ରିଏସନ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଶକ୍ତି ପ୍ରସାଦ ପଣ୍ଡା, ପିତା: ତ୍ରିଲୋଚନ ପଣ୍ଡା, ଠିକଣା-୧: ସା: ଏଚ୍ଆଇଜି ୧୧/୧୧୭, ସତ୍ୟ ସାଇ ଏନ୍କ୍ଲେଭ, ମଣିପାଲ ହସ୍ପିଟାଲ ନିକଟ, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଠିକଣା-୨: ସା: ଫ୍ଲାଟ୍ ନଂ.: ୧୦୧, କ୍ରିପାଳୁ ରେସିଡେନ୍ସି, ପଟିଆ ଷ୍ଟେସନ୍ ରୋଡ, ଭୁବନେଶ୍ୱର-୭୫୧୦୨୪ | ୧) କ୍ୟାଶ କ୍ରେଡିଟ୍ / ଟ.୨୭,୦୦,୦୦୦/-; ୨) ଏଫ୍ଆଇଟିଏଲ୍ /ଟ.୪,୦୭,୩୦୦/-; ୩) ଜିଇସିଏଲ୍ /ଟ.୪,୭୦,୦୦୦/-; ୪) ଜିଇସିଏଲ୍ /ଟ.୩,୪୦,୦୦୦/-; ସମୁଦାୟ: ଟ.୩୯,୧୭,୩୦୦/- | ୩୦.୦୩.୨୦୨୫ / ୦୨.୦୪.୨୦୨୫ | ଟ.୩୧,୩୧,୩୦୪.୬୭ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧) ବନ୍ଧକପ୍ରାପ୍ତ ଫାଇବର ଏବଂ କାଠ ନିର୍ମିତ ଆସବାବପତ୍ରର ଷ୍ଟକ୍, ୨) ଶ୍ରୀମତୀ ଝୁନୁଲତା ପଣ୍ଡା, ସ୍ୱାମୀ: ତ୍ରିଲୋଚନ ପଣ୍ଡାଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୭୨/୪୧୩, ପ୍ଲଟ୍ ନଂ.: ୨୨୬୭/୫୨୬୯, କ୍ଷେତ୍ର: ଏକର୦.୦୮ ଡିସିମିଲି, କିସମ: ଘରବାରୀ, ମୌଜା: ନିମପୁର, ଥାନା: ଟାଙ୍ଗି, ଡିଏସ୍ଆରଓ: କଟକ, ତହସିଲ: ଟାଙ୍ଗି ଚୌଦ୍ୱାର, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋବିନ୍ଦ ଚନ୍ଦ୍ର ସାହୁ, ଦକ୍ଷିଣ: ରେଣୁବାଳା ମିଶ୍ର, ପୂର୍ବ: ରାସ୍ତା, ପଶ୍ଚିମ: ରେଲୱେ ଜମି |

ଉପରଦର୍ଶିତ **ଶୈଳଶ୍ରୀ ବିହାର ଶାଖାର** ଋଣଗ୍ରହୀତା, ମୂଳଋଣ/କିସ୍ତି ସୁବିଧା/ସୁଧ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କର ମାର୍ଗଦର୍ଶିକା ଅନୁସାରେ ଆମ ବ୍ୟାଙ୍କ ଦ୍ୱାରା ସେମାନଙ୍କର ଆକାଉଣ୍ଟକୁ ଅଣକାର୍ଯ୍ୟକାରୀ ସମ୍ପତ୍ତି (**NPA**) ରେ ପରିଣତ କରାଯାଇଛି। ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ତେଣୁ ଆମେ କଥିତ ଆକ୍ଟର ଧାରା ୧୩(୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ଡ଼ିମାଣ୍ଡ ନୋଟିସ୍ ପ୍ରକାଶନ ନିମନ୍ତେ ବାଧ୍ୟ ହେଉଛୁ। ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନୋଟିସ୍ ତାରିଖ ଠାରୁ **୬୦ଦିନ** ମଧ୍ୟରେ ଉପର କଥିତ ବକେୟା ଦେୟ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ,ଆନୁସଙ୍ଗିକ ଖର୍ଚ୍ଚ, ଦେୟ ଇତ୍ୟାଦି ପ୍ରଦାନ କରିବେ, ଅନ୍ୟଥା ଆମେ କଥିତ ଆକ୍ଟର ଧାରା ୧୩(୪) ଅନୁସାରେ ଆପଣଙ୍କର ସୁରକ୍ଷିତ ସମ୍ପତ୍ତିକୁ ଦଖଲ କରି ବିକ୍ରୟ କରିବାକୁ ବାଧ୍ୟ ହେବୁ। ଯଦି ସୁରକ୍ଷିତ ସମ୍ପତ୍ତି ଉପରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ସମ୍ପୂର୍ଣ୍ଣ ବକେୟା ପରିମାଣ ଆଦାୟ ହୋଇନପାରିଲା ତେବେ ବ୍ୟାଙ୍କ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆପଣଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର କରି ଉପରୋକ୍ତ ବକେୟା ରାଶି ଆଦାୟ କରିବାର ଅଧିକାର ସଂରକ୍ଷିତ ରଖିଅଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଥିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ କିମ୍ବା ସର୍ବସାଧାରଣରେ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ କୋଟେସନ୍ କିମ୍ବା ଟେଣ୍ଡର ଆହ୍ୱାନ କିମ୍ବା ଘରୋଇ ଚୁକ୍ତି ମାଧ୍ୟମରେ ଲିଜ୍, ଆସାଇନମେଣ୍ଟ ଦ୍ୱାରା ସମ୍ପତ୍ତି ହସ୍ତାନ୍ତରିତ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶନ ତାରିଖ ପର୍ଯ୍ୟନ୍ତ ଯେକୌଣସି ସମୟରେ ବ୍ୟାଙ୍କର ସମସ୍ତ ଦେୟ ସହିତ ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଖର୍ଚ୍ଚ ପ୍ରଦାନ କରି ଋଣମୁକ୍ତ ହେବାର ଅଧିକାର ଆପଣଙ୍କ ପାଇଁ ଉପଲବ୍ଧ ରହିଛି । ଅବଗତ କରାଗଲା କି କଥିତ ଆକ୍ଟର ଉପଧାରା (୧୩) ଅନୁଯାୟୀ ଏହି ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ଆପଣ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଦାନ, ବନ୍ଧକ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତର କିମ୍ବା ଏନ୍କମ୍ବ୍ରାନ୍ସ ସୃଷ୍ଟି କରିବାକୁ ନିଷେଧ କରାଯାଉଛି। **ଏହି ବିଜ୍ଞପ୍ତି କୌଣସି ଆଇନ ବଳରେ ବ୍ୟାଙ୍କ ଅଧିକାର କ୍ଷୁର୍ଣ୍ଣ ନକରି ଜାରି କରାଯାଉଛି।**

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୧.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# କାମରେ ଲାଗୁନି ବ୍ୟାସଦେବ ଟାଉନ ହଲ୍, ବ୍ୟାସ ସରୋବର ପର୍ଯ୍ୟଟନ ପ୍ରକଳ୍ପ

**ଯାଜପୁରରୋଡ୍, ୧୦।୪ (ପବିତ୍ର ରଞ୍ଜନ ମହାନ୍ତି):**

କାମରେ ଲାଗୁନି ବ୍ୟାସଦେବ ଟାଉନ ହଲ ଓ ବ୍ୟାସ ସରୋବର ପର୍ଯ୍ୟଟନ ପ୍ରକଳ୍ପ। ଗତ ଫେବୃଆରୀ ୮ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲା ଗସ୍ତରେ ଆସି ଯାଜପୁରରୋଡ୍‌ଠାରେ ବ୍ୟାସ ସରୋବର ପର୍ଯ୍ୟଟନ ପ୍ରକଳ୍ପ ଓ ବ୍ୟାସଦେବ ଟାଉନ ହଲକୁ ଉଦ୍‌ଘାଟନ କରିଥିଲେ। ଏହାମଧ୍ୟରେ ୨ ମାସ ବିତିଯାଇଥିଲେ ମଧ୍ୟ ଟାଉନ ହଲ କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେହିପରି ବ୍ୟାସ ସରୋବର ପର୍ଯ୍ୟଟନ ପ୍ରକଳ୍ପ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏନେଇ ସହରବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

ବ୍ୟାସଦେବ ଟାଉନହଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଦ୍ୟୁତ୍, ପାନୀୟ ଜଳ, ଶୀତତାପ ନିୟନ୍ତ୍ରଣ ଓ ସୁରକ୍ଷା ଦୃଷ୍ଟିରୁ ସିସିଟିଭି କ୍ୟାମେରା ସଂଯୋଗ ହୋଇନାହିଁ। ଫଳରେ ଟାଉନ ହଲଟି ସହରବାସୀଙ୍କ କାର୍ଯ୍ୟରେ ଲାଗିପାରୁନାହିଁ। କେବେ ଟାଉନହଲ କାର୍ଯ୍ୟକ୍ଷମ ହେବ ତାହାର ଉତ୍ତର କାହାପାଖରେନାହିଁ। ଏନେଇ ଯାଜପୁରରୋଡ୍ ସିଭିଲ ସୋସାଇଟି ଆବାହକ ବିବେକାନନ୍ଦ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସ ଜରିଆରେ ଜଣାଇବା ସହ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି। ସେହିପରି ୬୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ବ୍ୟାସ ସରୋବର ପର୍ଯ୍ୟଟନ ସ୍ଥଳୀର ବହୁ କାର୍ଯ୍ୟ ବାକି ରହିଛି। କାର୍ଯ୍ୟ ଶେଷ କରାଯାଇ ଏହା କେବେ ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ୟାସସରୋବର ପ୍ରକଳ୍ପ କାର୍ଯ୍ୟ କରୁଥିବା ନୂଆଦିଲ୍ଲୀର ଠିକା ସଂସ୍ଥା ଛୁ ମାରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।


ବ୍ୟାସଦେବ ଟାଉନ ହଲ୍।


ବ୍ୟାସ ସରୋବର ପର୍ଯ୍ୟଟନ ପ୍ରକଳ୍ପ।

## ସଂକ୍ଷେପରେ

### ସ୍ୱାଭାବିକ ହେଲା ଗାଡ଼ି ଚଳାଚଳ

**ରସୁଲପୁର, ୧୦।୪ (ରଞ୍ଜିତ ରାଉତ):** କୁଆଖିଆ ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ଗତ ମଙ୍ଗଳବାର ଖୋର୍ଦ୍ଧା ସହକାରୀ ଜିଲାପାଳ ଅଶ୍ୱିନ କୁମାର ନାୟକ ପାଣିକୋଇଲି ଦେଇ ଅନୁଗୋଳ ଜିଲାକୁ ଯିବାବେଳେ ମୂଳାପାଳ ଛକ ନିକଟରେ ତାଙ୍କ ଇନୋଭା କାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରାଜପଥର ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ ହେଉଥିବାରୁ ଏକ ଆଇଚର ଟ୍ରକ୍ ତାଙ୍କ କାରର ସମ୍ମୁଖ ପଟକୁ ଧକ୍କା ଦେଇଥିଲା। ଫଳରେ ସହକାରୀ ଜିଲାପାଳ ନାୟକ ଏହି ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଜାତୀୟ ରାଜପଥ ମରାମତି ଆଳରେ ୨ମାସରୁ ଊର୍ଦ୍ଧ୍ୱ ଗୋଟିଏ ପାର୍ଶ୍ୱ ବନ୍ଦ ରଖାଯାଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଥିଲା। ତେଣୁ ରାଜପଥ ମରାମତି କାର୍ଯ୍ୟ ତୁରନ୍ତ ଶଷ କରି ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହୋଇଥିଲା। ଏନେଇ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶର ଦିନକ ପରେ ରାଜପଥ କର୍ତ୍ତୃପକ୍ଷଙ୍କ ତରଫରୁ ମରାମତି କାର୍ଯ୍ୟକୁ ଅଧପନ୍ତରିଆ ଭାବରେ ଛାଡ଼ି ଦିଆଯାଇ ଅତି ତରବରିଆ ଭାବରେ ରାସ୍ତାରେ ଗାଡ଼ି ଚଳାଚଳକୁ ସ୍ୱାଭାବିକ କରାଯାଇଛି। ମରାମତି ଆଳରେ ପ୍ରାୟ ୨ କିମିରୁ ଊର୍ଦ୍ଧ୍ୱ ରାସ୍ତାକୁ ଗୋଟିଏ ପାର୍ଶ୍ୱରୁ ବନ୍ଦ କରିଦିଆଯାଇଥିଲା। ରାଜପଥର ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ସୁଗମ ହୋଇଥିବାରୁ ଜନସାଧାରଣଙ୍କ ଯାତାୟାତ ସୁରକ୍ଷିତ ହୋଇପାରିଛି ବୋଲି କୁହାଯାଉଛି।

### ବାରବାଟୀ ପଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ

**ଚଣ୍ଡିଖୋଲ, ୧୦।୪ (ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇସ୍ଥିତ ବାରବାଟୀ ପଡ଼ିଆରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା ଗୁରୁବାର ୫ମ ଦିନରେ ପହଞ୍ଚିଛି। ଏହି ଯଜ୍ଞରେ ଦୈନିକ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇ ଆଶିଷ ଭିକ୍ଷା କରୁଛନ୍ତି। ସନ୍ଧ୍ୟାରେ ଭଜନ ସମାରୋହ, ପ୍ରବଚନ, ମହିମା ଧର୍ମ ଆଲୋଚନା ଓ ଗୋଟି ପୁଅ ନୃତ୍ୟ ଆଦି ପରିବେଷଣ କରାଯାଉଛି। ଏହାକୁ ଦେଖିବା ପାଇଁ ବେଶ ଭିଡ ପରିଲକ୍ଷିତ ହୋଇଛି। ପୁରୀରୁ ଆସିଥିବା ଗୋଟି ପୁଅ ନୃତ୍ୟ ଦଳ ଗୁରୁବାର ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଶନିବାର ଯଜ୍ଞ ପୂର୍ଣ୍ଣାହୁତି ହେବ। ଯଜ୍ଞ କମିଟି ପକ୍ଷରୁ ପ୍ରତ୍ୟେହ ଦିବାରାତ୍ର ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି।

# ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ବାର୍ଷିକ ଉତ୍ସବ


ଅନ୍ୱେଷଣ ଥିଏଟର ଗ୍ରୁପର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ମୁଖପତ୍ର ଉନ୍ମୋଚନ କରୁଛନ୍ତି।

**ଯାଜପୁର ଟାଉନ, ୧୦।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ୬ଷ୍ଠ ବାର୍ଷିକ ଉତ୍ସବ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଯାଜପୁର ଭୂ-ଲେଖ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ, ବିଶିଷ୍ଟ ଅତିଥିଭାବେ ଯାଜପୁର ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ ଶଶଧର ପଣ୍ଡା, ପ୍ରଣମ୍ୟ ଅତିଥିଭାବେ ଅନନ୍ୟା ସାହିତ୍ୟ ସଂସଦ ସଭାପତି ସନ୍ତୋଷ ନନ୍ଦ ଓ ସାରସ୍ୱତ ଅତିଥିଭାବେ କମଳାକାନ୍ତ ଫାଉଣ୍ଡେଶନ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଅନ୍ୱେଷଣ ଗ୍ରୁପ୍ ଓଡ଼ିଶାର ବିଭିନ୍ନ ଜିଲାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଯାଜପୁରର ନାଁ ରଖିଥିବାରୁ ଅନୁଷ୍ଠାନକୁ ଭୂୟସୀ ପ୍ରଶଂସା କରିଥିଲେ।

ଅନୁଷ୍ଠାନ ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁଙ୍କ ନେତୃତ୍ୱରେ ସଂଗ୍ରହ କରାଯାଇଥିବା ୨୭,୮୧୯ଟଙ୍କା ସୁକିନ୍ଦା ବ୍ଲକ ନିବାସୀ ଅସହାୟ କର୍କଟ ପୀଡ଼ିତ ନାରାୟଣ ଚନ୍ଦ୍ର ସାହୁଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ପରେ ଅତିଥିଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର ୨୦୨୫ ଅନ୍ୱେଷିକା ଉନ୍ମୋଚନ କରାଯାଇଥିଲା। କୋର କମିଟି ସଦସ୍ୟା ଲକ୍ଷ୍ମୀପ୍ରୀୟା ରାଉତରାୟଙ୍କ ଦ୍ୱାରା ରଚିତ 'ମିଠା ମିଠା ଗୀତ' ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉପସଭାପତି ସୁବାସ ଚନ୍ଦ୍ର ଦେବତା ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନ ସଭାପତି ବୃନ୍ଦାବନ ମିଶ୍ର ଅନୁଷ୍ଠାନର ଅଭିମୁଖ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅନ୍ୱେଷଣ ସମ୍ମାନ-୨୦୨୫ ଗୋପାଳ ଚନ୍ଦ୍ର ବେହେରା, ଶଶଧର ପଣ୍ଡା, ଚନ୍ଦ୍ରଶେଖର ଜେନା, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଶ୍ରୀଜୟ ମହାପାତ୍ର, ପ୍ରାଧ୍ୟାପକ ବିଷ୍ଣୁ ଚରଣ ବେହେରା, ସ୍ମିତିରଞ୍ଜନ ସାହୁ, ନାରାୟଣ ଚନ୍ଦ୍ର ନାଥ, ନାରାଣ ଚନ୍ଦ୍ର ଓଝାଙ୍କୁ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ ସଭା ଆୟୋଜନ କରାଯାଇଥିଲା। ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ସମାଜସେବୀ ମାହାସଂଘର ରାଜ୍ୟ ସଭାପତି ନାରାୟଣ ଚନ୍ଦ୍ର ଓଝା ଯୋଗଦେଇ ଅନ୍ୱେଷଣର ସମସ୍ତ କଳାକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ଅନୁଷ୍ଠାନର ସଦସ୍ୟ ଖଗେଶ୍ୱର ସାହୁଙ୍କ ରଚିତ ଓ ପ୍ରଦୀପ ନନ୍ଦଙ୍କ ନିର୍ଦ୍ଦେଶନାରେ ସାମାଜିକ ବାର୍ତ୍ତାବହ ନାଟକ 'ବିଧିର ବିଧାନ' ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

**ଯାଜପୁର ଟାଉନ, ୧୦।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚିବ ଜ୍ୟୋତିର୍ମୟୀ ଦାସଙ୍କ ଅଧ୍ୟକ୍ଷତାରେ ରାମବାଗ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକଭାବେ ପ୍ରାକ୍ତନ ପ୍ରାଧିକରଣ ସଦସ୍ୟ ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ବିଷୟରେ ଆଲୋକପାତ କରିଥିଲେ। ଏଥିସହିତ ବିଭିନ୍ନସ୍ତରରେ କାର୍ଯ୍ୟ କରୁଥିବା ଆଇନସେବା ଅନୁଷ୍ଠାନ ଗୁଡିକର କାର୍ଯ୍ୟପରିସର ସହ ଥାନାରେ ଏତଲା, ଜାମିନ, ଅଦାଲତି ତଲବ, ଗିରଫ ପରୱାନା ଇତ୍ୟାଦି ସମ୍ବନ୍ଧରେ କହିଥିଲେ।

ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ସାହୁ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶରଥପୁର ଅତିରିକ୍ତ ତହସିଲଦାର ବାବୁରାମ ମୁର୍ମୁ, ସ୍ଥାନୀୟ ଆରକ୍ଷୀ ଅଧିକାରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ବିଦ୍ୟାଳୟ ଲିଗାଲ୍ ଲିଟ୍ରେସି କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ବବିତା ସାହୁ ଧନ୍ୟବାଦ ଦେଇଥିଲେ।

## ଭଡ଼ାଟଙ୍କା ମାଗିବାରୁ ଡ୍ରାଇଭରଙ୍କୁ ମାଡ଼

**ବ୍ରହ୍ମବରଦା, ୧୦।୪ (ଯଯାତି କେଶରୀ ବେହେରା):** ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସ ଡ୍ରାଇଭର ଭଡ଼ା ଟଙ୍କା ମାଗି ମାଡ଼ ଖାଇଛନ୍ତି। ଭଡ଼ାଟଙ୍କା ମାଗିବାରୁ ମୃତକଙ୍କ ପୁଅ ଟଙ୍କା ନ ଦେଇ ମାଡ଼ ମାରିଥିବା ଡ୍ରାଇଭର ଯାଜପୁର ସଦରଥାନା ଅନ୍ତର୍ଗତ ରିସିପୁର ଗ୍ରାମର ସତ୍ୟାନନ୍ଦ ଦଳାଇ ବ୍ରହ୍ମବରଦା ଥାନାରେ ଅଭିଯୋଗ କରିଛନ୍ତି।

ବ୍ରହ୍ମବରଦା ଥାନା ଖାଲପଡ଼ା ପଞ୍ଚାୟତ କାକୁଡିକୁଦ ଗ୍ରାମର ପରଦେଶୀ ସାହୁ ତାଙ୍କ ମା'ଙ୍କୁ ଚିକିତ୍ସା କରିବା ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ହେବାରୁ ଡାକ୍ତର ରୋଗୀଙ୍କୁ ଘରକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ରୋଗୀଙ୍କୁ ଘରକୁ ଆଣିବା ପାଇଁ ବୁଧବାର ରାତିରେ ଏକ ଘରୋଇ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ଏଥିପାଇଁ ୨ ହଜାର ଟଙ୍କା ଭଡ଼ା ଫାଇନାଲ କରିଥିଲେ। ଯଦି ରୋଗୀଙ୍କ ବାଟରେ ମୃତ୍ୟୁ ହୁଏ ତେବେ ଅଧିକ ୫୦୦ ଟଙ୍କା ଦେବା ପାଇଁ ମଧ୍ୟ କଥା ହୋଇଥିଲା। ମାତ୍ର ଘରେ ପହଞ୍ଚିବାର କିଛି ବାଟ ପୂର୍ବରୁ ରୋଗୀଙ୍କ ମୃତ୍ୟୁ ହୋଇଥିଲା। ଘର ପାଖରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ଡ୍ରାଇଭର ଜବାବ ମୁତାବକ ଅଧିକ ୫୦୦ ଟଙ୍କା ମାଗିଥିଲେ। ହେଲେ ମୃତକଙ୍କ ପରିବାର ଲୋକେ ଅଧିକ ଟଙ୍କା ଦେବାକୁ ରାଜି ହୋଇ ନ ଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପରଦେଶୀ ଡ୍ରାଇଭର ସତ୍ୟାନନ୍ଦଙ୍କୁ ମାଡ଼ ମାରିବା ସହିତ ତାଙ୍କ ଡ୍ରେସ ଚିରିଦେଇଥିଲେ ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଯାଜପୁର ସଦର ଓ ବ୍ରହ୍ମବରଦା ଅଞ୍ଚଳର ଶତାଧିକ ଡ୍ରାଇଭର ମାଡ଼ମାରିଥିବା ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଥାନା ଅଧିକାରୀ ଅଂଶୁମାଳା ଦାସଙ୍କ ନିକଟରେ ଅନୁରୋଧ କରିଛନ୍ତି।

## ମଶାଲ ଶୋଭାଯାତ୍ରା ପାଇଁ କଂଗ୍ରେସର ପ୍ରସ୍ତୁତି


ବୈଠକରେ ଯୋଗ ଦେବାକୁ ଆସିଥିବା ନେତା ଓ କର୍ମୀ।

**ଧର୍ମଶାଳା, ୧୦। ୪ (ବଟକୃଷ୍ଣ ପରିଡା):** ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିଷ୍ପତ୍ତିକ୍ରମେ ଆସନ୍ତା ୧୫ ତାରିଖରେ ଭୁବନେଶ୍ୱରରେ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୁମାରୀସ୍ଥିତ ଦଳ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ କୃଷକ ନେତା ବସନ୍ତ ପରିଡ଼ା, ପ୍ରଫୁଲ୍ଲ ରାୟ, ଦୀପକ ବଳ, କେଶବ ମଳିକ, ଗଗନ ରାଉତ, ଶୁଶୀଲ ଦୋରା, ବାବାଜୀ ରାଉତ, ପୋରାଗ ସବର, ନୀଳମଣି ସ୍ୱାଇଁ, ନକୁଳ ଜେନା, ଅମରେନ୍ଦ୍ର ସାମଲ, ବାବୁଲି ବରାଳ, ସଞ୍ଜୟ ରାଉତ, କୈଳାସ ରାଉତ, ରମେଶ ପତି ପ୍ରମୁଖ ଯୋଗଦେଇ ରାଜ୍ୟରେ ମହିଳା ନିର୍ଯାତନା ବୃଦ୍ଧି ପାଇବା ଉଦ୍‌ବେଗଜନକ ବିଷୟ ବୋଲି ମତବ୍ୟକ୍ତ କରିଥିଲେ। ଧର୍ମଶାଳା କଂଗ୍ରେସ କମିଟିର ବହୁ କର୍ମୀ ଶୋଭାଯାତ୍ରାରେ ସାମିଲ ହେବେ ବୋଲି ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପଣ୍ଡା ସୂଚନା ଦେଇଥିଲେ।

## 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ଯାଜପୁର ଟାଉନ, ୧୦।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ଗୁରୁବାର ପ୍ରତ୍ୟେକ ବ୍ଲକରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାଲା, ଦାସକାଠିଆ, ଘୋଡାନାଚ, ଘୁମୁରା ନାଚ, କେନ୍ଦରା ଆଦି କଳା ପ୍ରଚାର ପ୍ରସାର ପାଇଁ କାମ କରୁଥିବା କଳାକାରଙ୍କୁ ବିଡିଓମାନେ ସମ୍ବର୍ଦ୍ଧିତ କରିଛନ୍ତି। ଯାଜପୁର ବ୍ଲକ ପକ୍ଷରୁ ବିଚିତ୍ରପୁରଠାରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ କରାଯାଇଛି। ବିଡିଓ ହେମନ୍ତ ମହାନ୍ତ ଯୋଗଦେଇ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ୍‌ର ଶପଥପାଠ ସମାରୋହ

**ଯାଜପୁର ଟାଉନ, ୧୦।୪ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏଶନ ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ଶପଥପାଠ ସମାରୋହ ଜିଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ୍ ନିର୍ବାଚନ ଅଧିକାରୀ ବିଜୟ ମହାନ୍ତି କାର୍ଯ୍ୟକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ଅତିଥିଭାବେ ଓଡ଼ିଶା ବାର କାଉନ୍‌ସିଲ ଉପସଭାପତି ରାଜୀବ ମହାନ୍ତି ଯୋଗଦେଇଥିଲେ। ନବନିର୍ବାଚିତ ସଭାପତି ଭାବେ ପ୍ରତାପ ରାୟ, ଉପସଭାପତି ଦିବାକର ମହାନ୍ତି, ସମ୍ପାଦକ ମାନଗୋବିନ୍ଦ ଧଳ, ସହସମ୍ପାଦକ ସରୋଜ ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଭ୍ୟାସଭ୍ୟ ଭାବେ ସଞ୍ଜୀବ ଘୋଷ ନାୟକ, ବର୍ଷା ମହାନ୍ତି, ହୃଦାନନ୍ଦ ଦଳାଇ ଶପଥପାଠ କରିଥିଲେ। ପୂର୍ବତନ ସଭାପତି ପ୍ରବୀର ରାୟ, ସମ୍ପାଦକ ଅନନ୍ତ ବାସୁଦେବ ମିଶ୍ର, ଉପସଭାପତି ମାନସ ତ୍ରିପାଠୀ, ସହସମ୍ପାଦକ ଅଶ୍ୱିନୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପିଏମଶ୍ରୀ ମଧୁବନ ହାଇସ୍କୁଲର କ୍ରୀଡ଼ା ପୁରସ୍କାର ବିତରଣ


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ରସୁଲପୁର, ୧୦।୪ (ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ପିଏମଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ୬୬ତମ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋଜ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଯୋଗଦେଇ ମଧୁବନ ଉଚ୍ଚ ବିଦ୍ୟାଳୟର ଗୌରବମୟ ବିଷୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବିଦ୍ୟାର୍ଥୀଙ୍କ ସଫଳତା ଓ ଶୃଙ୍ଖଳାଗାନ ବିଦ୍ୟାଳୟର ପରିଚୟକୁ ଊର୍ଦ୍ଧ୍ୱଗାମୀ କରିପାରିଛି ବୋଲି ଅତିଥିମାନେ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ସାହିତ୍ୟିକ ପ୍ରଫେସର ଦାମୋଦର ବେହେରା, ପୂର୍ବତନ ପ୍ରଧାପିକା ପ୍ରଣତୀ ସାମଲ, ପୂର୍ବତନ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ରାଜକିଶୋର ପଣ୍ଡା, ବସନ୍ତ ଦ୍ୱିବେଦୀ ଓ ପ୍ରଦୀପ ସାମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସିଆରସିସି ରମେଶ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ରବୀନ୍ଦ୍ର ସାମଲ ବିବରଣୀ ପାଠ କରିଥିଲେ। କ୍ରୀଡ଼ାକ୍ଷେତ୍ରରେ ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ପୁରାତନ ବିଦ୍ୟାର୍ଥୀ ଜାତୀୟ କ୍ରିକେଟ ଖେଳାଳି ଏମ୍‌ଡି. ସୋହେଲ, ସୁଚିସ୍ମିତା ପଣ୍ଡା, ଜାତୀୟ କବାଡ଼ି ଖେଳାଳି ସୋହେଲ ଖାଁଙ୍କୁ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀଶିକ୍ଷକମାନେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ସୁଶାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଥିବା ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଶେଷରେ ପହଞ୍ଚିଥିଲେ। ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇଥିବା ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଆସି ନ ଥିଲେ।

# ଆୟୁଷ୍ମାନ୍ ଭାରତ କାର୍ଡର କାର୍ଯ୍ୟକାରିତା ଆଲୋଚନା

### ଭୋଟକା ପଞ୍ଚାୟତରେ ଜନ ଆରୋଗ୍ୟ ସମିତି ବୈଠକ

**ରସୁଲପୁର, ୧୦।୪ (ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜନ ଆରୋଗ୍ୟ ସମିତି ବୈଠକ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବଡ଼ରମ୍ପେଇ ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରଞ୍ଜିତା ଦାଶ ଯୋଗଦେଇ ପୂର୍ବ ବୈଠକରେ ଆଲୋଚନା ହୋଇଥିବା କାର୍ଯ୍ୟଖସଡ଼ା ସମ୍ପର୍କରେ କହିଥିଲେ। ଅତିଥିଭାବେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ବସନ୍ତ କୁମାର ପଣ୍ଡା ଯୋଗଦେଇ ଆୟୁଷ୍ମାନ ଭାରତ କାର୍ଡର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ।

ପ୍ରତ୍ୟେକ ରାଶନକାର୍ଡଧାରୀ ପରିବାରକୁ ଆୟୁଷ୍ମାନ ଭାରତ କାର୍ଡରେ ଯୋଡ଼ିବାକୁ ପ୍ରୟାସ ଆରମ୍ଭ ହୋଇଛି। ଏହା ୧୧ ଏପ୍ରିଲରେ ରାଜ୍ୟରେ ଶୁଭାରମ୍ଭ କରାଯିବ। ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଡବଣ୍ଟନ କରାଯିବ ବୋଲି ଡା. ପଣ୍ଡା କହିଥିଲେ। ପ୍ରଥମ ଦଫାରେ ପ୍ରତ୍ୟେକ ରାଜସ୍ୱ ଗ୍ରାମରୁ ୨ଜଣ ଲେଖାଏ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯିବ। ହିତାଧିକାରୀଙ୍କୁ ଆଶା କର୍ମୀଙ୍କ ଦ୍ୱାରା ଚୟନ କରାଯିବ। ହିତାଧିକାରୀ ଜନସେବା କେନ୍ଦ୍ରରେ ଇ-କେୱାଇସି କରିବାକୁ ହେବ। ପରବର୍ତ୍ତୀ ସମୟରେ ଜନସେବା କେନ୍ଦ୍ର ପକ୍ଷରୁ ଘରେଘରେ ଇ-କେୱାଇସି କରାଯାଇ କାର୍ଡ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା।

ଏଥିସହିତ ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମସ୍ତ ଗ୍ରାମରେ ପାନୀୟ ଜଳ, ଅଂଶୁଘାତ ସଚେତନତା ସୃଷ୍ଟି ପାଇଁ ଆଲୋଚନା ହୋଇଥିଲା। ରକ୍ତହୀନତା ରୋଗର ଶିକାର ବିଦ୍ୟାର୍ଥୀଙ୍କ ରକ୍ତ ପରୀକ୍ଷା କରାଯିବା ସହ ସେମାନଙ୍କ ପାଖରେ ମାଗଣା ଔଷଧ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ଏଏନ୍‌ଏମ୍ ସାବିତ୍ରୀ ସେଠୀ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ୱାର୍ଡସଭ୍ୟା ସୁକାନ୍ତି ସାହୁ, ସଦାନନ୍ଦ ପଣ୍ଡା, ଅଙ୍ଗନୱାଡି କର୍ମୀ ରଶ୍ମିତା ସାହୁ, ସୁମିତ୍ରା ବିହାରୀ, ନିରୁପମା କର, ସଂଯୁକ୍ତା ସ୍ୱାଇଁ, ସବିତା ସାହୁ, ଶାନ୍ତିଲତା ପଣ୍ଡା, ଆଶାକର୍ମୀ ମମତା ମହାନ୍ତି, ଶାନ୍ତିଲତା ଦାସ, ସୁଲୋଚନା ଦାସ, ଶ୍ରଦ୍ଧାଞ୍ଜଳି ପାଣି ଓ ମନସା ମଲିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିର୍ବାହୀ ଅଧିକାରୀ ରବୀନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।



ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

## ବିଦ୍ୟାଳୟରେ ଛାତ୍ର ପୋଲିସ କ୍ୟାଡେଟ ପ୍ରଶିକ୍ଷଣ ଶିବିର

ରାଜନଗର, (ଭାସ୍କର ରାଉତରାୟ): ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ର ପୋଲିସ କ୍ୟାଡେଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଶିବିରରେ ମୁଖ୍ୟ ଅତିଥି ଭାବେ ରାଜନଗର ଆଇଆଇସି ନରେଶ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମାଜରେ ଘଟୁଥିବା ବିଭିନ୍ନ ପ୍ରକାରର ସାଇବର କ୍ରାଇମ, ଅନ୍‌ଲାଇନ ଠକେଇ ଓ ଟ୍ରାଫିକ ସମ୍ବନ୍ଧ ନିରାପତ୍ତା ଆଇନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଗୋପବନ୍ଧୁ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଅରବିନ୍ଦ ଦାଶ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଖରାପ ସମ୍ପର୍କକୁ ବିରୋଧ: ବୃଦ୍ଧାଙ୍କୁ ମାଡ଼, ନାବାଳିକାଙ୍କୁ ଅସଦାଚରଣ

ରାଜନଗର, ୧୦।୪ (ଭାସ୍କର ରାଉତରାୟ)

ରାଜନଗର ଥାନା ଅଞ୍ଚଳର ଏକ ଗାଁର ଜଣେ ଯୁବକ ତା'ର ଖରାପ ସମ୍ପର୍କ ବିଷୟରେ କାହିଁକି ପାଟି କରୁଛୁ, ହୋହଲ୍ଲା କରି ସମସ୍ତଙ୍କୁ ଜଣାଉଛୁ କହି ବୃଦ୍ଧାଙ୍କୁ ମାଡ଼ ମାରିବା ସହ ନାତୁଣୀଙ୍କୁ ରାତିଅଧରେ ରାସ୍ତା ଉପରକୁ ଘୋଷାଡ଼ି ଆଣି ଅସଦାଚରଣ କରିଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଜଣେ ଯୁବକ ବୁଧବାର ରାତିରେ ବୃଦ୍ଧାଙ୍କ କବାଟ ବାଡ଼େଇ ଥିଲେ। ବୃଦ୍ଧା ଜଣଙ୍କ କବାଟ ଖୋଲିବା ପରେ ଯୁବକ ଜଣକ ଘରକୁ ରାତିରେ ଗଲି କାହିଁକି ହାଲ୍ଲା କରି ସମସ୍ତଙ୍କୁ ଜଣାଉଛୁ କହି ବୃଦ୍ଧାଙ୍କୁ ତଣ୍ଟିଆ ମାରିବା ସହ ମାଡ଼ ମାରିଥିଲେ। ପରେ ବୃଦ୍ଧାଙ୍କ ୧୫ ବର୍ଷିଆ ନାତୁଣୀଙ୍କୁ ଶୋଇଥିବା ଅବସ୍ଥାରେ ଘରୁ ଉଠାଇ ଗାଁ ରାସ୍ତାକୁ ଆଣି ତାଙ୍କୁ ମାଡ଼ ମାରିବା ସହ ଅସଦାଚରଣ କରିଥିବା ନେଇ ବୃଦ୍ଧା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ପୁଅ ବିଦେଶରେ ଥିବାରୁ କାମୁକ ଯୁବକଙ୍କ କବଳରୁ ନାତୁଣୀଙ୍କୁ ରକ୍ଷାକରି ପାରି ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ରାସ୍ତାରେ ଘୋଷାଡ଼ି ନାବାଳିକାଙ୍କୁ ମାଡ ଓ ଅସଦାଚରଣ ଯୋଗୁ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ମାର୍ଶାଘାଇ କଲେଜରେ ଓଡ଼ିଆ ପକ୍ଷ ପାଳନ

ମାର୍ଶାଘାଇ, ୧୦।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉଚ୍ଚଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପ୍ରାଧ୍ୟାପକ ଦୀପକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜକ ସାଂସ୍କୃତିକ ଅଧିକାରୀ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ। ସେ ଓଡ଼ିଆ ଭାଷାର ବ୍ୟାପକତା ଏବଂ ଓଡ଼ିଆ ଅସ୍ମିତାର ଗରିମା ଉପରେ ଗୁରୁତ୍ୱାରୋପ କରିବା ସହ ନୂଆ ଓଡ଼ିଆ ବହିଟିଏ କିଣି ଓଡ଼ିଶାର ଇତିହାସ. ପରମ୍ପରା. କଳା. ଏତିହ୍ୟ. ଏବଂ ଭବିଷ୍ୟତ ରୂପ ରେଖ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜ ପକ୍ଷରୁ ବିଭିନ୍ନ ପ୍ରକାର ବହି କିଣାଯାଇ ଛାତ୍ରୀଛାତ୍ର ଓ ଅଧ୍ୟାପକମାନଙ୍କୁ ବଣ୍ଟନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିପିନ ବିହାରୀ ନାଥ, ଅଧ୍ୟାପକ ବସନ୍ତ କୁମାର ମିଶ୍ର, ଡ଼. ଆଶିଷ କୁମାର ସାହୁ, ପ୍ରୀତି ସାଗର ବିଶ୍ୱାଳ, ଖଗେଶ୍ୱର ନାୟକ, ଅଧ୍ୟାପିକା ଡ. ଅନୁରାଧା ଦାସ, ପ୍ରଭାସିନୀ ସ୍ୱାଇଁ, ପ୍ରଗତି ବିଶ୍ୱାଳ, ଲୁସିସ୍ମିତା ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ସହ ସଂଯୋଜକ ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଆୟୁଷ୍ମାନ୍ ହତ୍ୟା ଘଟଣା: କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

କେନ୍ଦ୍ରାପଡ଼ା/ଡେରାବିଶ, ୧୦।୪
(ଜଗନ୍ନାଥ ଧଳ/ବେବର୍ତ୍ତା ଅଜୟ ଦାସ)


ଉପଜିଲାପାଳ ନିଲୁ ମହାପାତ୍ରଙ୍କୁ ଆୟୁଷ୍ମାନଙ୍କ ପରିବାର ସଦସ୍ୟ ଓ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଧୀନ ଚାଟରାଚକଡା ସରସ୍ୱତୀ ବିଦ୍ୟାମନ୍ଦିରର ୧୦ମ ଶ୍ରେଣୀ ଛାତ୍ର ଆୟୁଷ୍ମାନ ମହାନ୍ତିଙ୍କ ମୃତ୍ୟୁ ଘଟଣାରେ ନୂଆ ମୋଡ଼ ନେଇଛି। କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକରି ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୁରୁବାର ଛାତ୍ରଙ୍କ ପରିବାର ଏବଂ ଗ୍ରାମବାସୀ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଏହି ଘଟଣାର ଠିକ୍ ଭାବେ ତଦନ୍ତ କରୁ ନ ଥିବାବେଳେ ଅଭିଯୁକ୍ତଙ୍କୁ ଧରି ଛାଡ଼ିଦେବା ଘଟଣା ପୋଲିସର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି କ୍ରାଇମବ୍ରାଞ୍ଚ ଦ୍ୱାରା ଏହାର ତଦନ୍ତ କରାଇବାକୁ ଜିଲାପାଳଙ୍କୁ ସୁପାରିସ କରିଛୁ ବୋଲି ସେମାନେ କହିଛନ୍ତି।

ଡେରାବିଶ ଥାନା କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରୀପଡ଼ା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ପୁଅ ଆୟୁଷ୍ମାନ (୧୪) ଓରଫ ଧନ ମାର୍ଚ୍ଚ ମାସରେ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଥିବା ମାମୁଘରକୁ ମା' ସହ ବୁଲିବାକୁ ଯାଇଥିଲେ। ମାମୁଘରୁ ମା' ଘରକୁ ଫେରି ଆସିଥିବାବେଳେ ଆୟୁଷ୍ମାନ ରଙ୍ଗ ଖେଳିବାକୁ ସେଠାରେ ରହିଥିଲେ। ମାର୍ଚ୍ଚ ୧୯ରେ ଆୟୁଷ୍ମାନ ରଙ୍ଗ ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ଏ ନେଇ ଆୟୁଷ୍ମାନଙ୍କ ବାପା ଖଗେଶ୍ୱର କେନ୍ଦ୍ରାପଡ଼ା ସଦର ଥାନାରେ ଆୟୁଷ୍ମାନ ନିଖୋଜ ହେବା ନେଇ ଏତଲା ଦେଇଥିଲେ। ଏହାର ପରଦିନ ମାର୍ଚ୍ଚ ୨୦ ସକାଳେ ଆୟୁଷ୍ମାନଙ୍କ ମୃତଦେହ ଲୁଣାନଦୀରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ସଦର ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଆୟୁଷ୍ମାନଙ୍କ ମୃତଦେହ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଆୟୁଷ୍ମାନଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ, ତାଙ୍କ ପୁଅକୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏହି ଅଭିଯୋଗ ପାଇବା ପରେ ପୋଲିସ ସିସିଟିଭି ଫୁଟେଜ୍‌କୁ ଯାଞ୍ଚକରି ଜାଣିବାକୁ ପାଇଥିଲା ଯେ, ଜଣେ ନାବାଳକ ଓ ଅନ୍ୟ ଜଣେ ଯୁବକ ଆୟୁଷ୍ମାନଙ୍କୁ ଥଣ୍ଡାପାନୀୟରେ ମଦ ମିଶାଇ ପିଇବାକୁ ଦେଉଛନ୍ତି। ପରେ ଆୟୁଷ୍ମାନଙ୍କୁ ଲୁଣାନଦୀ ପଠାରୁ ନଦୀ ଭିତରକୁ ଯୁବକ ଜଣଙ୍କ ଠେଲି ଦେଉଛନ୍ତି। ପରେ ପୋଲିସ ନାବାଳକ ଓ ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ଆଣିଥିଲା। ପ୍ରଥମେ ପୋଲିସ ନାବାଳକଙ୍କୁ ଘଟଣା ସମ୍ପର୍କରେ ପଚରାଉଚୁରା କରିଥିଲା। ନାବାଳକ ଜଣଙ୍କ ପୋଲିସ ଆଗରେ ସମସ୍ତ କଥା ମାନିଯାଇଥିଲେ। ନାବାଳକଙ୍କ ସ୍ୱୀକାରୋକ୍ତି ପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଯୁବକ ଭକ୍ତି ପ୍ରସାଦ ନାୟକଙ୍କୁ ଥାନାରେ ଅଟକ ରଖି ଜେରା କରିଥିଲା। ଭକ୍ତିପ୍ରସାଦ ମଧ୍ୟ ପୋଲିସ ନିକଟରେ ସମସ୍ତ ଦୋଷ ସ୍ୱୀକାର କରିଥିଲେ। ହେଲେ ପୋଲିସ କୌଣସି ଚାପର ବଶବର୍ତ୍ତୀ ହୋଇ ଭକ୍ତିଙ୍କୁ ଛାଡି ଦେଇଥିଲା। ଏ ନେଇ ପୋଲିସର ଭୂମିକା ସନ୍ଦେହକରି ଆୟୁଷ୍ମାନଙ୍କ ବାପା ଖଗେଶ୍ୱର ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ଏବଂ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ଭେଟି ପୁଅ ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ କରାଯିବାକୁ ବହୁବାର ନିବେଦନ କରିଥିଲେ ମଧ୍ୟ କିଛି ଫଳପ୍ରଦ ହେଲା ନାହିଁ। ଫଳରେ ହତ୍ୟାକାରୀ ଅପରାଧକରି ନିର୍ଭୟରେ ବୁଲୁଛନ୍ତି। ହତ୍ୟାକାରୀମାନଙ୍କୁ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ସହଯୋଗ କରୁଛି। ତେଣୁ ଏହି ଘଟଣାର ଏକ ନିରପେକ୍ଷ ତଦନ୍ତ ଲାଗି ଏହାର କ୍ରାଇମବ୍ରାଞ୍ଚ ତ୍ୱରୀୟ ତଦନ୍ତ କରାଯିବାକୁ ଆୟୁଷ୍ମାନଙ୍କ ପରିବାର ସଦସ୍ୟଙ୍କ ସମେତ ତାଙ୍କ ଗ୍ରାମର ଶତାଧିକ ମହିଳା ଗୁରୁବାର ଅତିରିକ୍ତ ଜିଲାପାଳ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ମିଥ୍ୟା ପରକୀୟା ପ୍ରୀତି ଅଭିଯୋଗ: ବଂଶୀଧରଙ୍କ ଆତ୍ମହତ୍ୟା

ପାଟକୁରା, ୧୦।୪ (ରବୀନ୍ଦ୍ରନାଥ ବାରିକ)

### ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ମିଥ୍ୟା ପରକୀୟା ପ୍ରୀତି ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ୍‌ର ପାଟକୁରା ଥାନା ପାଖଡ଼ ମଶାଣି ପାଖରେ ଥିବା ଚାକୁଣ୍ଡା ଗଛରେ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହକୁ ଗୁରୁବାର ପୋଲିସ ଜବତ କରିଛି। ମୃତକ ହେଉଛନ୍ତି ପାଖଡ଼ ଗ୍ରାମର ବଂଶୀଧର ମିଶ୍ର (୪୭)। ସେ ତହସିଲରେ ଭେଣ୍ଡର ଭାବେ କାର୍ଯ୍ୟ କରନ୍ତି। ଗରଦପୁର ଗୋବରା ଛକ-ତହସିଲ ରାସ୍ତା ପାର୍ଶ୍ୱରେ ତାଙ୍କ ଘରେ ସେ କାର୍ଯ୍ୟ କରନ୍ତି।


ବଂଶୀଧର ମିଶ୍ର

ପାରକୁରା ଥାନାରେ ସ୍ତ୍ରୀ ଗାୟତ୍ରୀ ଗୁରୁବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ସେ ଦର୍ଶାଇଛନ୍ତି, ବଂଶୀଧରଙ୍କୁ ଗରଦପୁର ଗ୍ରାମର ଏକ ଦମ୍ପତି ମାସକ ପୂର୍ବରୁ ପୁଅ ବ୍ରତଘର ପାଇଁ ଲକ୍ଷେ ଟଙ୍କା ମାଗିଥିଲେ। ବଂଶୀଧର ଟଙ୍କା ନ ଦେବାରୁ ମହିଳା ଜଣକ ବଂଶୀଧରଙ୍କ ନାମରେ ମିଥ୍ୟା ବଳାତ୍କାର ଅଭିଯୋଗ ଥାନାରେ କରିଥିଲେ। ଏହି ବିଷୟକୁ ଗଣମାଧ୍ୟମ ଦ୍ୱାରା ପ୍ରଚାରପ୍ରସାର କରାଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ବଂଶୀଧର ଆତ୍ମହତ୍ୟା କରିଛନ୍ତି। ଏଥିସହ ଅଭିଯୋଗ ପତ୍ରରେ ଉକ୍ତ ଦମ୍ପତି ଓ ୨ଜଣ ଖବରଦାତାଙ୍କ ନାମ ସାମିଲ କରାଯାଇଛି। ଗାୟତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୫୭/୨୫ରେ ମାମଲା ରୁଜୁକରି ତଦନ୍ତ ଚାଲୁ ରଖିଛି। ପୋଲିସ ବଂଶୀଧରଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବଂଶୀଧରଙ୍କ ନିଜ ଘର ହେଉଛି ଗରଦପୁର ବ୍ଲକ ପହଣା ଗ୍ରାମରେ। ସେ ୧୫ବର୍ଷ ହେବ ଗରଦପୁର ତହସିଲ ନିକଟ ପାଖଡ଼ ଗ୍ରାମରେ ଘର ନିର୍ମାଣକରି ବଡ଼ଭାଇ ଅବସରପ୍ରାପ୍ତ ଆର୍‌ଆଇ ରାଜକିଶୋର ମିଶ୍ରଙ୍କ ସହ ରହୁଛନ୍ତି। ବଂଶୀଧରଙ୍କ ମୃତଦେହ ପାଟକୁରା ପୋଲିସ ନେବାବେଳେ ଗରଦପୁର ରଥଦାଣ୍ଡ ବ୍ୟାଙ୍କ ନିକଟରେ ସ୍ଥାନୀୟ ଲୋକ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିକରି ରାସ୍ତାରୋକୋ କରିଥିଲେ। ଅପରାହ୍ନରେ ବଂଶୀଧରଙ୍କ ସଂସ୍କାର ଜନ୍ମସ୍ଥାନ ପହଣା ଗ୍ରାମ ନିକଟ ଚିତ୍ରୋତ୍ପଳା ନଦୀକୂଳ ଶ୍ମଶାନରେ ସମ୍ପନ୍ନ ହୋଇଛି।

# ଐତିହ୍ୟ, ସ୍ମାରକୀ ଲାଲକୋଠାକୁ ଭୁଲିଗଲା ଜମ୍ବୁ ଦ୍ୱୀପ ମହୋତ୍ସବ






କାର୍ଡରେ ବଡିଘର, ହୁକିଟୋଲା ସ୍ଥାନ ପାଇଥିବାବେଳେ ଜମ୍ବୁ ଲାଲକୋଠା ନାହିଁ। ଜିଲାର ଐତିହାସିକ ସ୍ମାରକୀ ଜରାଜୀର୍ଣ୍ଣ ଜମ୍ବୁ ଲାଲକୋଠା।

ମହାକାଳପଡ଼ା, ୧୦।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

### ହୋର୍ଡିଂ, କାର୍ଡରେ ଜମ୍ବୁ ଲାଲକୋଠା ସ୍ମାରକୀ ଲୋଗୋ ସ୍ଥାନ ପାଇନି

କେନ୍ଦ୍ରାପଡ଼ା ଜିଲା ଉପକୂଳ ଅଞ୍ଚଳର ପ୍ରସିଦ୍ଧ ଜମ୍ବୁ ଦ୍ୱୀପର ଲାଲକୋଠା ସ୍ମାରକୀର ପରିଚୟ। ପ୍ରଥମ ଥର ପାଇଁ ସରକାରୀ ଭାବେ ଜମ୍ବୁ ଦ୍ୱୀପ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ମା' ରାମଚଣ୍ଡୀ ପୀଠରେ ପାଳିତ ହେବାର କାର୍ଯ୍ୟକ୍ରମ ରହିଛି। ହେଲେ ମହୋତ୍ସବର ବ୍ୟାନର ଓ ନିମନ୍ତ୍ରଣ ପତ୍ରରେ ଜମ୍ବୁ ସ୍ମାରକୀ ଲାଲକୋଠା ଲୋଗୋର ସ୍ଥାନ ପାଇନାହିଁ। ବଡ଼ ଦୁଃଖ ଓ ପରିତାପର ବିଷୟ ଯାହା ପାଇଁ ମହୋତ୍ସବ ତାହାର କିଛି ଚିହ୍ନବର୍ତ୍ତି ନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଠାରେ ପ୍ରଶ୍ନ ଉଠେ ମହୋତ୍ସବର ଲୋଗୋରେ ୱାଲିଙ୍ଗ ଏଡିଟିଙ୍ଗ ପ୍ରସ୍ତୁତ ବେଳେ ଜମ୍ବୁ ସ୍ମାରକୀ ଲାଲକୋଠା କାହିଁକି ସ୍ଥାନ ପାଇଲା ନାହିଁ। ଏହା ଜିଲା ପ୍ରଶାସନର ଦୂରଦୃଷ୍ଟି ଅଭାବ ନା ଲାଲକୋଠା ଅଛି ବୋଲି ଅଧିକାରୀମାନେ ଅବଗତ ନାହାନ୍ତି ବୋଲି ବୁଝାପଡୁଛି। ତୁରନ୍ତ ମହୋତ୍ସବ ୱାଲିଂ ଲୋଗୋରେ ଲାଲକୋଠା ସ୍ଥାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ସୂଚନାଯୋଗ୍ୟ, ଜମ୍ବୁଠାରେ ଲାଲକୋଠା ୧୮୩୨ ମସିହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ନିର୍ମାଣ କରିଥିଲା। ଦିନ ଥିଲା ଲାଲକୋଠାରେ ବ୍ରିଟିଶ ଶାସକମାନଙ୍କର ଗୁପ୍ତ ମନ୍ତ୍ରଣା ଦରବାର ହଲ୍ କକ୍ଷରେ ଗହଳଚହଳ ହେଉଥିଲା। ଲାଲକୋଠାରେ ଲୁହା ରେଲିଂ, ଶିଶୁ, ଶାଗୁଆନ କାଠ, ବଡ ବଡ ନାଲି ଇଟା, ଲାଖ, ଝୁଣା, ଗୁଡ଼ ମିଶ୍ରିତରେ ସୁଉଚ୍ଚ ଦ୍ୱିତଳ ପ୍ରାସାଦ ନିର୍ମାଣ ହୋଇଥିଲା। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଲାଲକୋଠା ତା'ର ସ୍ମାରକୀର ସତ୍ତା ହରାଇଛି। ହେଲେ ଏବେ ବି ଏହାଏଠାରେ ଦଣ୍ଡାୟମାନ ହୋଇ ରହିଛି। ଏହି ଐତିହ୍ୟ କଳା ସଂସ୍କୃତିକୁ କିଭଳି ଅଧିକାରୀମାନେ ଭୁଲିଗଲେ ସାଧାରଣରେ ପ୍ରଶ୍ନ ଉଙ୍କି ମାରିଛି। ଅପରପକ୍ଷରେ ଏହି ନିମନ୍ତ୍ରଣ ପତ୍ର ୱାଲିଙ୍ଗ କାର୍ଡରେ ହୁକିଟୋଲା ଓ ବଡିଘର ସ୍ମାରକୀ ସ୍ଥାନ ପାଇଛି। ପୁରାଣ ବର୍ଣ୍ଣିତ ଅନୁସାରେ ଓ ପୌରାଣିକ ମତରେ ଭାରତ ଭୂଖଣ୍ଡେ ଉତ୍କଳ ପ୍ରଦେଶେ ଜମ୍ବୁ ଦ୍ୱୀପେ ସ୍ଥାନ ପାଇଥିବା ଶୁଭାଶୁଭ, ମାଙ୍ଗଳିକ କର୍ମ, ଯଜ୍ଞ ଆହୁତି କାର୍ଯ୍ୟରେ ବ୍ରାହ୍ମଣମାନଙ୍କ ଶ୍ଳୋକ, ମନ୍ତ୍ର ପାଠରେ ଉଚ୍ଚାରଣ କରାଯାଏ। ବିଶ୍ୱରେ ବୃହତ୍ ୭ ଦ୍ୱୀପ ମଧ୍ୟରେ ଜମ୍ବୁ ଦ୍ୱୀପ ଶ୍ରେଷ୍ଠତମ ବୋଲି କିମ୍ବଦନ୍ତୀରେ ଉଲ୍ଲେଖ ରହିଛି ବୋଲି ବୁଦ୍ଧିଜୀବୀ ସୁବାସ ସ୍ୱାଇଁ କହିଛନ୍ତି। ଏ ସମ୍ପର୍କରେ ଜିଲା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ବଳିଆରସିଂହଙ୍କୁ ପଚାରିବାରେ ଏ କାର୍ଡ ପ୍ରିଣ୍ଟ ବାବଦରେ ଅବଗତ ନାହିଁ। ଦାୟିତ୍ୱରେ ପ୍ରଶାସନ ଅଛି ବୋଲି ସୂଚନା ଦେଇଛନ୍ତି।

## ପୂର୍ବତନ ସରପଞ୍ଚ ଗିରଫ

ରାଜକନିକା, ୧୦।୪ (ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ପୂର୍ବ କନିକା ଅଞ୍ଚଳ ଅବଦଲପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସାରଙ୍ଗଧର ସାହୁଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସୂଚନାଯୋଗ୍ୟ, ସାହୁଙ୍କ ବିରୋଧରେ ୨୦୧୪ରେ ଦଫା ୪୨୦, ୪୬୮, ୪୭୧, ୧୨୦(ବି), ୪୦୯ ଆଇପିସିରେ ନଂ. ୩୮୭/୧୪ରେ ମାମଲା ରୁଜୁ ହୋଇଥିଲା। ସେବେଠାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରାୱାନା ଜାରି ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ସେ କଣ୍ଡିଆହାଟଠାରେ ଥିବା ଜାଣି ପୋଲିସ ସଦଳବଳେ ପହଞ୍ଚି ତାଙ୍କୁ ଗିରଫ୍ କରିବା ସହ କୋର୍ଟ ଚାଲାଣ କରିଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା

ରାଜନଗର, ୧୦।୪ (ଭାସ୍କର ରାଉତରାୟ)

ଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏକମାଣିଆ ପଞ୍ଚାୟତର ନଳପାହି ଗାଁରେ ଯାଦବ ସଂଘ ପକ୍ଷରୁ ଶ୍ରୀରାଧାକୃଷ୍ଣ ଦେବଙ୍କ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ କରିଥିଲେ। ପ୍ରଥମେ ଗାଁର ଶତାଧିକ ମହିଳା ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ପାଣି ଉଠାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପରେ ସୂର୍ଯ୍ୟ ପୂଜା, ଅଙ୍କୁରାରୋପଣ, ଗୋ ପୂଜା ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗୋପାଳ ସମ୍ପ୍ରଦାୟର ଭାଇମାନଙ୍କ ଦ୍ୱାରା ଲଉଡ଼ି ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଯାଦବ ସଂଘର କାର୍ଯ୍ୟକର୍ତ୍ତା ଏହାକୁ ପରିଚାଳନା କରିଥିଲେ।

## କଳାକାର ବୁଝେ କଳାର ମହତ୍ତ୍ୱ



କାର୍ଯ୍ୟକ୍ରମରେ ଯୋଗଦେଇଥିବା କଳାକାର ଓ ଅନ୍ୟମାନେ।

ରଘୁନାଥପୁର, ୧୦।୪
(ରାଜେନ୍ଦ୍ର ନାରାୟଣ ସିଂହ)

### ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ରାଜ୍ୟ ସଂସ୍କୃତି ବିଭାଗ ଏବଂ ପାନୀୟଜଳ ଓ ପଞ୍ଚାୟତିରାଜ ବିଭାଗର ଆହ୍ୱାନ କ୍ରମେ ରଘୁନାଥପୁର ବ୍ଲକ ପ୍ରଶାସନ ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବ୍ଲକ ସଭାକକ୍ଷରେ ଆୟୋଜିତ ସଭାରେ ବିଡିଓ ବିରଞ୍ଚି ନାରାୟଣ ବେହେରା ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାର ଜୀବନର ସଂଘର୍ଷ ଓ ସେମାନଙ୍କର ସମାଜ ପାଇଁ ଥିବା କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କଳାକାରଟିଏ କଳାର ମହତ୍ତ୍ୱ ବୁଝିପାରେ ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ବିଡିଓ ବେହେରା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଜଡ଼ିତ ଥିବା କଳାକାରଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଜଗନ୍ନାଥପୁର ସରପଞ୍ଚ ଜଗବନ୍ଧୁ ମଲ୍ଲିକ ଓ ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଯାତ୍ରା କଳାକାର କୃଷ୍ଣଚନ୍ଦ୍ର ପାଳ, ରବୀନ୍ଦ୍ରନାଥ ମହାପାତ୍ର ଓ ମିନତୀ ମାହାନ୍ତି, ଲେଖିକା ପ୍ରତିଭାରାଣୀ ରାୟ, ଓଡ଼ିଶୀ ନୃତ୍ୟଶିଳ୍ପୀ ମଧୁମିତା ରାୟ ଓ ପଥପ୍ରାନ୍ତ ନାଟକ ନିର୍ଦ୍ଦେଶକ ତ୍ରିଲୋଚନ ଦ୍ୱିବେଦୀ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଥିଲା। ଏବିଡିଓ ଜ୍ଞାନଦା ନାୟକ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ଆକାଉଣ୍ଟ ଅଫିସର ବୈରାଗୀ ଚରଣ ସେଠି ଧନ୍ୟବାଦ ଦେଇଥିଲେ। କ୍ୟାଶିଅର ଭବେଶ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ବଡ଼ବାବୁ ବିଜୟ ମଲ୍ଲିକ, ଓଏଲମ୍ ବିପିଏମ୍ ଲିପିକା ଷଡ଼ଙ୍ଗୀଙ୍କ ସହ ସମସ୍ତ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

# ପଟ୍ଟାମୁଣ୍ଡାଇର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ ବୈଜୟନ୍ତ


ଏମ୍‌ପି ବୈଜୟନ୍ତ ପଣ୍ଡା ଓ ଅନ୍ୟମାନେ ବିଦ୍ୟାପୀଠ ପରିସର ସଫେଇ କରୁଛନ୍ତି।

ପଟ୍ଟାମୁଣ୍ଡାଇ, ୧୦।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନଗର ପଞ୍ଚାୟତ ଗସ୍ତରେ ଆସି ଗୁରୁବାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏମ୍‌ପି ପଣ୍ଡା ହେଲିକପଟର ଯୋଗେ ବନ୍ତୋ ପଡ଼ିଆରେ ଅବତରଣ କରିଥିଲେ। ତାଙ୍କୁ ଭାଜପା ନେତା କର୍ମକର୍ତ୍ତା ସ୍ୱାଗତ କରି ଶୋଭାଯାତ୍ରାରେ ଚନ୍ଦନନଗର ପଦ୍ମଲୋଚନ ବିଦ୍ୟାପୀଠକୁ ନେଇଥିଲେ। ସେଠାରେ ଏମ୍‌ପି ବିଦ୍ୟାପୀଠ ପରିସର ସଫେଇ କରିବା ସହ ବୃକ୍ଷରୋପଣ କରିଥିଲେ। ସେଠାରୁ ଅଢାଯୋଡିଠାରେ ଥିବା ଚନ୍ଦନନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀ ସେବା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିଲେ। ବନ୍ତୋ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ କଣ୍ଟାବଣ ମଣ୍ଡଳ ସଭାପତି ସ୍ୱାଗତ ଦାଶ ଓ ବୁଥ୍ ସଭାପତି କୃଷ୍ଣଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭାଜପା ସାଙ୍ଗଠନିକ ସଭାରେ ଯୋଗଦେଇଥିଲେ। ଶେଷରେ ଉତିକଣ ଅଞ୍ଚଳର ପ୍ରସିଦ୍ଧ ଚନ୍ଦନନଗର ଚନ୍ଦ୍ରମଉଳି ପୀଠ ନିକଟ ହାଟଠାରେ ଆୟୋଜିତ ପଥପ୍ରାନ୍ତ ସଭାରେ କେନ୍ଦ୍ର ଭାଜପା ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଓ ଜନସାଧାରଣଙ୍କ ପାଇଁ ସରକାରୀ ଲାଭାର୍ଥୀ ଯୋଜନା ସମ୍ପର୍କ କହିଥିଲେ। ଏମ୍‌ପି ପଣ୍ଡାଙ୍କ ସହ ରାଜନଗର ଭାଜପା ବିଧାୟକ ପ୍ରାର୍ଥୀ ଲଳିତ ବେହେରା, କେନ୍ଦ୍ରାପଡ଼ା ଭାଜପା ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ, ଆଳି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଭାରତ ଭୂଷଣ ଦାସ, ସନ୍ତୋଷ ମହାନ୍ତି, ଯୁବ ନେତା ପରେଶ ସାହୁ, ମନୋଜ ନାୟକ, ଗିରିଜା ସାମଲ, ସୁଶୀଲ ପରିଡା, ଚନ୍ଦନ ପାତ୍ର, କିଶୋର ପଣ୍ଡା, ସୁନାକାର ପ୍ରଧାନ, ରଶ୍ମିତା ସାହୁ, ପ୍ରମୋଦ ସାହୁ, ଦମୟନ୍ତୀ ସାମନ୍ତରାୟ, ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

# ଏସ୍‌ଏଚ୍‌ଜିର ପୁନର୍ଗଠନକୁ ବିରୋଧ କରି ୨ୟ ଦିନରେ ଧାରଣା

ରାଜକନିକା, ୧୦।୪ (ସଞ୍ଜୟ କୁମାର ଦାଶ)


ଦିବାରାତ୍ର ଧାରଣାରେ ମହିଳାମାନେ ବସିଛନ୍ତି।

ମିଶନ ଶକ୍ତିକୁ ଅଧିକରୁ ଅଧିକ ସଶକ୍ତ କରିବାକୁ ନୂତନ ସରକାର ମିଶନ ଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚଜି)ର ମହିଳାଙ୍କ ସଙ୍ଗଠନଠାରୁ ପଞ୍ଚାୟତସ୍ତରୀୟ ମହିଳା ସଙ୍ଗଠନ ପୁନଃ ଗଠନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାପରେ ବୁଧବାର ଏହାକୁ ବିରୋଧ କରି ଜାଗୁଲାଇପଡ଼ା ପଞ୍ଚାୟତସ୍ତରୀୟ ଏସ୍‌ଏଚଜି ମହିଳାମାନଙ୍କ ପକ୍ଷରୁ ଓଡ଼ିଶା ଜୀବିକା ମିଶନ ଗୃହ ସମ୍ମୁଖରେ ଦିବାରାତ୍ର ଗଣଧାରଣା ଦ୍ୱିତୀୟ ଦିନ ଗୁରୁବାର ବଳବତ୍ତର ରହିଛି।

ସୂଚନାଯୋଗ୍ୟ, ଜାଗୁଲାଇପଡ଼ା ପଞ୍ଚାୟତସ୍ତରୀୟ ଏସ୍‌ଏଚଜିର ସଭାନେତ୍ରୀ ଗାୟତ୍ରୀ ମହାନ୍ତି ଓ ସମ୍ପାଦିକା ମିନତି ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ବିଭିନ୍ନ ନାରାବାଜି ଦେବା ସହ ମିଶନ ଶକ୍ତି ପୁନଃ ଗଠନ ବନ୍ଦ କରିବା ଜିଦରେ ବୁଧବାରଠାରୁ ଦିବାରାତ୍ର ଧାରଣାରେ ବସିଛନ୍ତି। ମହିଳାମାନେ ଦାବି କରିଛନ୍ତି, ବର୍ଷେ ହେବ ଆମର ପଞ୍ଚାୟତସ୍ତରୀୟ ମହାସଂଘ ଗଠନ କରାଯାଇଛି। ଆମକୁ କୌଣସି ସରକାରୀ ଅର୍ଥ ମିଳିନାହିଁ କି ଆମ ପଞ୍ଚାୟତରେ ମିଶନ ଶକ୍ତି ଗୃହ ନାହିଁ। ସରକାର ଆମ ପଞ୍ଚାୟତରେ

### ଜାଗୁଲାଇପଡ଼ା ପଞ୍ଚାୟତସ୍ତରୀୟ ସଂଘର ମହିଳା

ପଞ୍ଚାୟତସ୍ତରୀୟ ସଙ୍ଗଠନ ପୁନଃ ଗଠନ ନ କରନ୍ତୁ ବୋଲି ଦାବି କରିଛନ୍ତି। ନଚେତ ଏହିପରି ଭାବେ ବ୍ଲକ ପରିସରରେ ମହିଳାମାନେ ଦିବାରାତ୍ର ଧାରଣାରେ ବସି ରହିବୁ ବୋଲି ଧାରଣାରତ ପ୍ରଭାବତୀ ସାହୁ, ଉଳିରାଣୀ ପାତ୍ର, ବିନୋଦିନୀ ମହାନ୍ତି, ସନ୍ଧ୍ୟାରାଣୀ ବେହେରା, ସଙ୍ଘମିତ୍ରା ଦାସ, ଶାନ୍ତିଲତା ମଲ୍ଲିକ, ଅନିତା ମହାରଣା, ସସ୍ମିତା ବେହେରା, ଜ୍ୟୋତ୍ସ୍ନାରାଣୀ ମହାନ୍ତି, ଝୁନାରାଣୀ ମଲ୍ଲିକ, କୁନିଲତା ସାମଲ, ସବିତା ନାୟକ, ବନଲତା ବେହେରା, ସଞ୍ଜିଲତା ନାୟକ, ପୂଜାରାଣୀ ନାୟକ, ଉଳିରାଣୀ ପାତ୍ର, ବିଦ୍ୟୁସ୍ମିତା ଭଳି, ମଞ୍ଜୁଲତା ଦାସ, ସରସ୍ୱତୀ ମହାପାତ୍ର, ପ୍ରତିମା ବେହେରା, ବିମଳା ମହାପାତ୍ର, ସରସ୍ୱତୀ ମହାପାତ୍ର କହିଛନ୍ତି। ଏ ସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ମହାଳିକଙ୍କୁ ପଚାରିବାରେ ଧାରଣା ସମ୍ପର୍କରେ ବୁଧବାର ଜିଲାପାଳଙ୍କୁ ଅବଗତ କରାଇ ଧାରଣାରୁ ଓହରିବାକୁ ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନରତ ମହିଳାମାନେ ସେମାନଙ୍କ ଜିଦରେ ଅଟଳ ରହିଛନ୍ତି। ଗୁରୁବାର ସରକାରୀ ସ୍ତରରେ ବିଭାଗୀୟ ସଚିବ ଭିସିରେ ସ୍ପଷ୍ଟ କରିଥିଲେ ଯେଏସ୍‌ଓପି ଯାହା ଲାଗୁ କରାଯାଇଛି ତାହା ବଳବତ୍ତର ରହିବ। ଏହାପରେ ଆନ୍ଦୋଳନରତ ମହିଳାମାନେ ଯଦି ବସିବେ ଆମେ କ'ଣ କରିପାରିବୁ। ଅନ୍ୟପକ୍ଷରେ ଧାରଣା ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ପୋଲିସ ପ୍ରଶାସନକୁ ଅବଗତ କରାଯିବା କଥା ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଖଣ୍ଡପଡ଼ାରେ ରାମଲୀଳା ଯାତ୍ରା

ଖଣ୍ଡପଡ଼ା,୧୦।୪
(ଅଜୟ କୁମାର ମହାରଣା)

ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହର ଗଡଭିତର ସାହି ଶ୍ରୀ ରଘୁନାଥ ନାଟ୍ୟ ସଂସଦର କଳାକାରମାନେ ଦୀର୍ଘ ବର୍ଷ ଧରି ରାମଲୀଳା ଯାତ୍ରା ପରିବେଷଣ କରି ଆସୁଛନ୍ତି। ଏହି ଅବସରରେ ସ୍ଥାନୀୟ ରଥଗଡ଼ା ଛକରେ ପାରମ୍ପରିକ ରାମଲୀଳା ରାମନବମୀଠାରୁ ଆରମ୍ଭ ହୋଇଛି। ପ୍ରତିଦିନ ସନ୍ଧ୍ୟାରେ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ପରେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ କଳାକାରମାନେ ସହର ପରିକ୍ରମା କରିବା ସହ ରାତିରେ ରାମଲୀଳା ନାଟକ ପରିବେଷଣ କରି ଦର୍ଶକଙ୍କ ମନୋରଞ୍ଜନ କରୁଛନ୍ତି। ରାମଲୀଳା ନାଟକ ପରିବେଷଣ ଯୋଗୁ ରଥଗଡା ଛକ ଉତ୍ସବମୁଖର ହୋଇ ଉଠିଛି।

### କାର୍ଯ୍ୟରେ ଯୋଗଦେଲେ ଏଡିଇଓ

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ(ଏଡିଇଓ) ଭାବେ ଗୀତାଞ୍ଜଳୀ ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ନୟାଗଡ଼ ଓ ଓଡ଼ଗାଁ ବ୍ଲକର ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। କିଛି ମାସ ତଳେ ତାଙ୍କ ପଦୋନ୍ନତି ହୋଇ ଅନ୍ୟ ଜିଲାକୁ ବଦଳି ହୋଇଥିଲା ।

# ନଦୀଗର୍ଭରେ ଲୀନହେବ ଶତାଧିକ ଏକର ଚାଷଜମି

ଖଣ୍ଡପଡ଼ା,୧୦।୪
(ଅଜୟ କୁମାର ମହାରଣା)

ପ୍ରତି ବର୍ଷ କୁସୁମୀ ଓ କୁଆଁରିଆ ନଦୀ ବନ୍ୟାରେ ନଦୀ ତଟବର୍ତ୍ତୀ ଚାଷଜମି କ୍ରମଶଃ ଲୀନ ହେବାରେ ଲାଗିଛି। ଏହାଛଡା ପ୍ରବଳ ବନ୍ୟା ସ୍ରୋତରେ ଅନେକ ଚାଷ ଜମି ମଧ୍ୟ ବାଲିଚର ହେଉଛି। ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ଉଭୟ ନଦୀର ସଙ୍ଗମ ସ୍ଥଳରେ ଜଳ ସମ୍ପଦ ବିଭାଗ ପକ୍ଷରୁ କମ ଉଚ୍ଚତା ବିଶିଷ୍ଟ ପଥରବନ୍ଧ ନିର୍ମାଣ ସହ ନଦୀକୂଳରେ ପଥର ପ୍ୟାକିଂ କରାଯିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହେଉଛି ।

କଣ୍ଟିଲୋ, ଦୁଆରଗାଁ ଓ ଧାନଚେଙ୍ଗଡା ଗ୍ରାମ ନିକଟ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମସ୍ଥଳରୁ କମେଇ ନଦୀର ସୃଷ୍ଟି। ଏହି କମେଇ ନଦୀର ଗର୍ଭ(ଓସାର) ପ୍ରାୟ ଦେଢ ଶହ ଫୁଟ ହୋଇଥିବା ବେଳେ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ୪କି.ମି. ଦୂର ତଳ ମୁଣ୍ଡରେ ପ୍ରବାହିତ ମହାନଦୀ ସହ କମେଇ ନଦୀ ମିଶିଛି। ନିକଟବର୍ତ୍ତୀ ଗ୍ରାମ ଓ ଚାଷ ଜମିର ସୁରକ୍ଷା ଦୃଷ୍ଟିରୁ ଜଳ ସମ୍ପଦ ବିଭାଗ ପକ୍ଷରୁ କମେଇ ବ୍ରିଜଠାରୁ ଧାନଚେଙ୍ଗଡା ପର୍ଯ୍ୟନ୍ତ କମେଇ ନଦୀର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ଅଢେଇ କି.ମି. ଲମ୍ବର ମାଳ ବନ୍ଧ ନିର୍ମାଣ କରାଯାଇଛି । ସେହିପରି କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାଠାରୁ କମେଇ ବାମ ପାର୍ଶ୍ୱ ଧୋବଣୀଘାଇ-ଭାଗବତ ମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ଲମ୍ବର ମାଳବନ୍ଧ ନିର୍ମାଣ କରାଯାଇଛି । ମାତ୍ର କମେଇ


କୁସୁମୀ ନଦୀରେ ଲୀନ ହୋଇଥିବା ଚାଷଜମି ।

ନଦୀ ଓ କମେଇ ବାମ ପାର୍ଶ୍ୱ ମାଳବନ୍ଧ ମଧ୍ୟରେ ଥିବା ଛଣପାଟ, ପାଟକୁକୁଟା, ବୋଲୁଅପାଟ, କେନ୍ଦୁଆ ଓ ମରେଇକଣର ପ୍ରାୟ ହଜାର ଏକରରୁ ଉର୍ଦ୍ଧ୍ୱ ଜମି ପ୍ରତିବର୍ଷ ବନ୍ୟାରେ ଜଳମଗ୍ନ ହୋଇଥାଏ । ପଟୁ ମାଡ଼ିଯାଉ ଥିବାରୁ ସେହି ଜମିରେ ଧାନ ଫସଲ କରିବା ସମ୍ଭବ ନୁହେଁ । ମାତ୍ର ଏହି ସବୁ ଜମିରେ ଧାନ ଫସଲ ବ୍ୟତିତ କଣ୍ଟେଇମୁଣ୍ଡି ବାଇଗଣ, ଆଖୁ, ମୁଗ, ବିରି, କୋଳଥ ଓ ବାଦାମ ଚାଷ କରାଯାଇଥାଏ । ବିଶେଷ କରି ଏହି ସବୁ ଜମିରୁ ପ୍ରଚୁର ପରିମାଣର ମୁଗ, ବିରି ଉତ୍ପାଦନ ହୋଇଥାଏ । ପରିତାପର ବିଷୟ ପ୍ରବଳ ବନ୍ୟାଜଳ ଉକ୍ତ ଜମିରେ ପ୍ରବାହିତ ହେବା ସମୟରେ ଅଧିକାଂଶ ଜମି ବାଲିଚର ହେଉଛି। ନଦୀ କୂଳରେ ଥିବା ଜମି ଅତଡା ଖାଇ ପ୍ରତିବର୍ଷ ନଦୀ ଗର୍ଭରେ ଲୀନ ହେଉଛି । ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଜଳ ସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷମାନଙ୍କୁ ଦୀର୍ଘ ବର୍ଷରୁ ହାରୀଗୁହାରୀ କରି ଆସୁଥିଲେ ମଧ୍ୟ ପ୍ରତିକାର ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜ୍ୟ ସରକାର ପ୍ରତିବର୍ଷ ମାଳବନ୍ଧଗୁଡିକର ରକ୍ଷଣାବେକ୍ଷଣ ଓ ନୂତନ ମାଳବନ୍ଧ ନିର୍ମାଣ ପାଇଁ ଅନେକ କୋଟି ଟଙ୍କା ବ୍ୟୟ କରୁଛନ୍ତି । ମାତ୍ର ଆବଶ୍ୟକ ପଦକ୍ଷେପ ସ୍ୱରୂପ ବିଭିନ୍ନ ମାଳବନ୍ଧର ରକ୍ଷଣାବେକ୍ଷଣ ଆଳରେ ଅର୍ଥ ବ୍ୟୟ କରୁଥିବା ଅଭିଯୋଗ ହେଉଛି। କମେଇ ନଦୀ କୂଳବର୍ତ୍ତୀ ଜମିର ସୁରକ୍ଷା ତଥା ବାଲିଚରରୁ ରକ୍ଷା ପାଇଁ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳ ତଳ ମୁଣ୍ଡରେ ଦୁଇ କୂଳକୁ ଲଗାଇ ପ୍ରାୟ

**ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ପାଇଁ ପଥରବନ୍ଧ ନିର୍ମାଣ ଦାବି**

ଦେଢ ଶହ ଫୁଟ ଲମ୍ବ ଓ ୨ ମିଟର ଉଚ୍ଚତା ବିଶିଷ୍ଟ ଏକ ପଥର ବନ୍ଧ(ଏସ୍‌କେପ) ନିର୍ମାଣ କରାଗଲେ ଚାଷୀମାନଙ୍କ ବହୁ ଦିନର ଏକ ସମସ୍ୟା ଦୂର ହୋଇ ପାରନ୍ତା ବୋଲି ସାଧାରଣରେ ଦାବି ହେଉଛି ।

ସୂଚନାଯୋଗ୍ୟ, ବନ୍ୟା ସମୟରେ କମେଇ ନଦୀର ଜଳ ପତ୍ତନ ଦୁଇ କୂଳ ଲଘିଁ ପ୍ରାୟ ୨୫ରୁ ୩୦ ଫୁଟ ଉଚ୍ଚରେ ପ୍ରବାହିତ ହୋଇ ଥାଏ। ନଦୀରେ ୨ ମିଟର ଉଚ୍ଚତା ବିଶିଷ୍ଟ ଏହି ପଥରବନ୍ଧ ନିର୍ମାଣ ହେଲେ ବନ୍ୟା ସ୍ରୋତରେ ଭାସି ଆସୁଥିବା ବାଲି ପଥରବନ୍ଧରେ ବାଧା ପ୍ରାପ୍ତ ହୋଇ ସେଠାରେ ଅଟକି ରହିବ। ନଦୀ କୂଳବର୍ତ୍ତୀ ଜମିରେ ବନ୍ୟାର ସେପରି ପ୍ରଭାବ ପଡିବ ନାହିଁ। ଏ ସମସ୍ୟାର ପ୍ରତିକାର ସମ୍ପର୍କରେ ସ୍ଥାନୀୟ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ରାମ ମୋହନ ବେହେରାଙ୍କ ସହ ଆଲୋଚନା କରାଯାଇଥିଲା । ଯଦି ଏହି ବନ୍ଧର ଆବଶ୍ୟକତା ରହିଛି ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯିବ ।ସେମାନେ ସେହି ସ୍ଥାନ ପରିଦର୍ଶନ କରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରେ ବୋଲି ବେହେରା କହିଛନ୍ତି । ଏହାଛଡା ଲୋକ ପ୍ରତିନିଧିମାନେ ଏହି ଯୋଜନା ଉପରେ ଗୁରୁତ୍ୱାରୋପ କରିବାକୁ ଦାବି ହୋଇଛି ।

# ଖଣ୍ଡପଡ଼ା ମା' ଡୁମାଲୁଣୀଙ୍କ ଉଭାଯାତ୍ରା



ଖଣ୍ଡପଡ଼ା,୧୦।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳର ୧୦ନଂ ୱାର୍ଡ଼ ବ୍ରାହ୍ମଣସାହିର ଅଧିଷ୍ଠାତ୍ରୀ ଦେବୀ ମା' ଡୁମାଲୁଣୀଙ୍କ ଉଭାଯାତ୍ରା ପର୍ବ ମହାସମାରୋହରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ାଗଡ଼ର ଅନ୍ୟତମ ଶକ୍ତିପୀଠ ରୁପେ ମା'ଙ୍କ ପୀଠ ବେଶ୍ ଜଣାଶୁଣା । ପ୍ରାତଃ ସମୟରେ ମନ୍ଦିର ପରିସରକୁ ସୁସଜ୍ଜିତ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ପାରମ୍ପରିକ ରୀତିନୀତି ଅନୁଯାୟୀ ପ୍ରତ୍ୟେକ ବର୍ଷ ଭଳି ମା' ଡୁମାଲୁଣୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ମା'ଙ୍କ ଉଭାପର୍ବ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଧୂପ, ଦୀପ, ନୈବେଦ୍ୟ ଓ ହୋମଯଜ୍ଞ ଇତ୍ୟାଦି କାର୍ଯ୍ୟ ମା'ଙ୍କ ନିକଟରେ ସମାପନ ପରେ ଦେହୁରୀ ପୂଜକ ମା'ଙ୍କ ଆଶୀର୍ବାଦରେ ଉଭା ହୋଇଥିଲେ। ପରେ ମନ୍ଦିର ପରିସରରୁ ଏକ ଆଜ୍ଞାମାଳ ନେଇ ଦେହୁରୀ ପୂଜକ ନିକଟସ୍ଥ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ଉଭା ଯାତ୍ରା ପର୍ବ ଉପଭୋଗ କରିବା ତଥା ମା'ଙ୍କ ସୁବେଶ ଦର୍ଶନ ପାଇଁ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ୧୦ନଂ ୱାର୍ଡ଼ର ସ୍ୱେଚ୍ଛାସେବୀଙ୍କ ସମେତ ମା'ଡୁମାଲୁଣୀ କ୍ଲବ୍‌ର ସଭ୍ୟାସଭ୍ୟମାନେ ସକ୍ରୀୟ ସହଯୋଗ କରିଥିଲେ।

# ହୋମିଓପାଥିକର ଜନକଙ୍କ ଜୟନ୍ତୀ


ଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ନୟାଗଡ଼,୧୦।(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟାମାଟିରେ ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘ ନୟାଗଡ଼ ଜିଲା ତରଫରୁ ଗୁରୁବାର ହୋମିଓପାଥିକର ଜନକ ଡ.ସାମୁଏଲ ହାନିମାନଙ୍କ ୨୭୧ତମ ଜୟନ୍ତୀ ପାଳିତ ହୋଇଯାଇଛି । ଜୟନ୍ତୀ ପାଳନ ଅବସରରେ ସଂଘର ସଭାପତି ପିତାମ୍ବର ଡାକୁଆ ହାନିମାନଙ୍କ ତୈଳ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ସମ୍ପାଦକ ବାଳକୃଷ୍ଣ ନନ୍ଦ ସଂଘର ସମ୍ପାଦକୀୟ ପାଠ କରି ହାନିମାନଙ୍କ ଜୀବନୀ ଉପରେ କହିଥିଲେ। ଉପ ସଭାପତି ରମେଶ ଚନ୍ଦ୍ର ସାହୁ କହିଥିଲେ ହୋମିଓପାଥିକ ଚିକିତ୍ସା ପଦ୍ଧତି ଦ୍ୱାରା ବହୁ ଅସାଧ୍ୟ ରୋଗ କମ୍‌ଖର୍ଚ୍ଚରେ ଭଲ ହୋଇପାରୁଛି। ନିଜ ନିଜ ଅଞ୍ଚଳରେ ଚିକିତ୍ସା କରୁଥିବା ଚିକିତ୍ସକମାନେ ହୋମିଓପାଥିକ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଅନ୍ୟପକ୍ଷେ ପାର୍ଶ୍ୱ ପ୍ରତିକ୍ରିୟା ବିହିନ ହୋମିଓପ୍ୟାଥିକ ଔଷଧକୁ ସମସ୍ତେ ଯେପରି ବହୁଳ ଭାବେ ବ୍ୟବହାର କରିବେ ସେଥିପାଇଁ ସଚେତନତା ପାଇଁ କହିଥିଲେ। ଜିଲାର ୮ଟି ବ୍ଲକର ସମସ୍ତ ସଂଯୋଜକମାନେ ଜୟନ୍ତୀ ଉତ୍ସବରେ ସହଯୋଗ କରିଥିଲେ ।

# ବାୟୋମେଟ୍ରିକ ମେଶିନ କାର୍ଯ୍ୟକ୍ଷମ ହେଲାନି

- ବିଡିଓଙ୍କ ନିର୍ଦ୍ଦେଶ ପରେ ବି ମରାମତି କରାଗଲାନାହିଁ
- ଅସାଧୁ କର୍ମଚାରୀଙ୍କୁ ସୁରକ୍ଷା ଦେଉଛନ୍ତି ବରିଷ୍ଠ ଅଧିକାରୀ

ନୂଆଗାଁ,୧୦।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କର୍ମଚାରୀମାନଙ୍କ ଉପସ୍ଥାନ ରଖିବା ପାଇଁ ବାୟୋମେଟ୍ରିକ୍ ମେଶିନ ଲଗାଯାଇଥିଲା। କିନ୍ତୁ ତାହା ଅନେକ ଦିନ ହେଲା ଅଚଳ ହୋଇ ପଡିଥିବା ନେଇ ଖବର ପ୍ରକାଶ ପାଇଥିଲା। ଏହା ପରେ ଅଚଳ ମେଶିନକୁ ମରାମତି କରିବା ପାଇଁ ବିଡିଓ ବ୍ଲକ ମୁଖ୍ୟ କିରାଣୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକ୍ଷମ ହୋଇନାହିଁ। ତେବେ ବ୍ଲକ ମୁଖ୍ୟ କିରାଣି ଅସାଧୁ କର୍ମଚାରୀଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହେଉଛି।

ନୂଆଗାଁ ବ୍ଲକ କର୍ମଚାରୀମାନେ କାର୍ଯ୍ୟ ଦିବସରେ ନିୟମିତ ଭାବେ ଏବଂ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁ ନ ଥିବାରୁ କୌଣସି କାମରେ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ହଇରାଣ ହେଉଛନ୍ତି। ତେଣୁ କର୍ମଚାରୀମାନଙ୍କୁ ସମୟାନୁବର୍ତ୍ତିତା କରିବା ସହ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସିବା ଓ ସ୍ୱଚ୍ଛତାର ସହ ଲୋକମାନଙ୍କ କାମ କରି ଠିକ୍ ସମୟରେ କାର୍ଯ୍ୟାଳୟ ଛାଡିବାର ଉପସ୍ଥାନ ପାଇଁ ପୂର୍ବତନ ବିଡିଓ ବାୟୋମେଟ୍ରିକ ମେଶିନ ଲଗାଇଥିଲେ। ଉକ୍ତ ମେଶିନକୁ ବ୍ଲକ କାର୍ଯ୍ୟାଳୟର ମୁଖ୍ୟ କିରାଣୀଙ୍କ ପ୍ରକୋଷ୍ଠରେ ଲଗାଯାଇଛି। ମେଶିନ ଲାଗିବା ପରେ କର୍ମଚାରୀମାନେ ମେଶିନ ମାଧ୍ୟମରେ ନିଜର ଉପସ୍ଥାନ ପକାଇ ଠିକ୍ ସମୟରେ ଯିବା ଆସିବା କରୁଥିଲେ। କିନ୍ତୁ କିଛି ମାସ ହେଲା ଉକ୍ତ


ଅଚଳ ହୋଇ ପଡିଥିବା ବାୟୋମେଟ୍ରିକ ମେଶିନ।

ବାୟୋମେଟ୍ରିକ ମେଶିନଟି ଅଚଳ ହୋଇ ପଡିଛି। କର୍ମଚାରୀମାନେ ସୁବିଧା ଦେଖି ନିଜ ଇଚ୍ଛାରେ ଆସି ରେଜିଷ୍ଟରରେ ଦସ୍ତଖତ କରୁଛନ୍ତି। କେଉଁ କର୍ମଚାରୀ କେତେବେଳେ ଆସୁଛନ୍ତି, କେତେବେଳେ ଯାଉଛନ୍ତି ତାହା ଜଣାପଡୁନାହିଁ। ନିୟମିତ ଭାବେ କାର୍ଯ୍ୟାଳୟ ନ ଆସି ମଧ୍ୟ ମାସକର ବେତନ ପାଇବାରେ କୌଣସି ଅସୁବିଧା ହେଉ ନାହିଁ। ତେଣୁ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ବ୍ଲକ କର୍ମଚାରୀମାନଙ୍କୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତିତା କରିବା ପାଇଁ ଉକ୍ତ ମେଶିନକୁ ସଚଳ କରିବାକୁ ଦାବି ହୋଇ ଆସୁଛି। ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳ ବ୍ଲକର ମୁଖ୍ୟ କିରାଣୀ ଚନ୍ଦ୍ର ଶେଖର ମତାକୁ ନିଜ ପ୍ରକୋଷ୍ଠକୁ ଡାକି ବାୟୋମେଟ୍ରିକ ମେଶିନ ସଜାଡିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଇତିମଧ୍ୟରେ ୫୦ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ତାହା ମରାମତି ହୋଇନାହିଁ। ମେଶିନ ମରାମତି ନ ହେବା ବାବଦରେ ମୁଖ୍ୟ କିରାଣିଙ୍କୁ ପଚାରିବାରୁ ଅବହେଳାରୁ ହୋଇନି ବୋଲି କହିଛନ୍ତି ।

# ମଗରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ହେଲାନି

- ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ରୋଗୀ ହନ୍ତସନ୍ତ
- ବକେୟା ଦେୟ ପଠଇ ହୋଇ ନ ଥିବାରୁ ସମସ୍ୟା



ଶରଣକୂଳ,୧୦।୪(ଦୀପକ କର)

ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ମଗରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠାରେ କାର୍ଯ୍ୟକ୍ଷମ ହେବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟୁତ୍ ସମସ୍ୟା ପାଇଁ ରୋଗୀମାନେ ଠିକ ଚିକିତ୍ସା ସେବା ପାଉ ନ ଥିବା ଅଭିଯୋଗ ହୋଇଛି । ବହୁ ଲୋକ ଅସୁବିଧା ଭୋଗୁଥିବା ବେଳେ ସବୁଜାଣି ସ୍ୱାସ୍ଥ୍ୟ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ।

ରୋଗୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଗରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ କୋଠା ନିର୍ମାଣ ହୋଇଥିଲା। ୨କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ପ୍ରଣାଳୀରେ ଷ୍ଟାଫ୍‌କ୍ୱାର୍ଟରଠାରୁ ଆରମ୍ଭ କରି ଓ ରୋଗୀଙ୍କ ପାଇଁ ଉନ୍ନତମାନର କକ୍ଷମାନ ତିଆରି ହୋଇଛି। ଏହା ସହିତ ରକ୍ତ ପରୀକ୍ଷା, ନିରାମୟ ଔଷଧ ବିତରଣ କେନ୍ଦ୍ର କାର୍ଯ୍ୟ ଶେଷ ହୋଇ ୬ମାସ ହେବ ପଡ଼ିଛି । କିନ୍ତୁ ନୂତନ କୋଠାକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ବର୍ଷ ହେବ କ୍ୱାର୍ଟର୍ସରେ ରୋଗୀ ସେବା ଚାଲିଛି। କ୍ୱାର୍ଟର୍ସରେ ଏତେ ସଂଖ୍ୟକ ରୋଗୀ ଦେଖିବା କାଠିକର ପାଠ ହୋଇଥିଲେ ମଧ ବାଧ ହୋଇ ସେଠାରେ ରୋଗୀମାନଙ୍କୁ ଚିକିତ୍ସା କରାଯାଉଛି । ରୋଗୀଙ୍କର ରକ୍ତ ପରୀକ୍ଷା, ସାଲାଇନ ଦେବା ଓ ଗୁରୁତର ରୋଗୀଙ୍କୁ ରଖି ଚିକିତ୍ସା କରିବାକୁ ବେଡ୍ ନ ଥିବାରୁ ରୋଗୀମାନେ ହଇରାଣ ହୋଇ ଅନ୍ୟ ଡାକ୍ତରଖାନା ଯିବାକୁ ବାଧ୍ୟ ହେଉଛନ୍ତି। ଏହା ଦିନକର ଘଟଣା ନୁହଁ ପ୍ରତିଦିନ ଏଭଳି କଷ୍ଟ ଦେଖିବାକୁ ମିଳୁଛି। ହେଲେ ସ୍ୱାସ୍ଥ୍ୟ ବିଭାଗ ଏଥିପତି ଗୁରୁତ୍ୱ ଦେଇନାହିଁ। ମଗରବନ୍ଧ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୩ ପଞ୍ଚାୟତର ରୋଗୀମାନେ ନିର୍ଭର କରୁଥିଲେ ମଧ୍ୟ ନୂତନ କୋଠାକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ତାପସ ରଞ୍ଜନ ସେନାପତି କହିଛନ୍ତି, ବିଦ୍ୟୁତ୍ ବିଭାଗର ଥିବା ପୁରୁଣା ବକେୟା ପରିଶୋଧ କରାଯିବା ପରେ ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି ।

# କୁସୁମୀ ସେତୁ-ବନମାଳୀପୁର ରାସ୍ତାରେ ଅସଂଖ୍ୟ ଖାଲ

ଖଣ୍ଡପଡ଼ା,୧୦।୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରରୁ କୁସୁମୀ ସେତୁ ଦେଇ ବନମାଳୀପୁରକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାରୁ ଯାନବାହନ ଓ ବାଇକ୍ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ରାସ୍ତାର କୁସୁମୀ ସେତୁଠାରୁ ବନମାଳୀପୁରକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଯାଇଥିବା ପାଣି ପାଇପ୍ ଲାଇନ ଫାଟି ଯିବାରୁ ରାସ୍ତା ପାର୍ଶ୍ୱରୁ ମାଟି ଧୋଇ ହୋଇଯାଇ ରାସ୍ତା ବିପଦ ସଙ୍କୁଳ ହୋଇପଡିଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଫାଟି ଯାଇଥିବା ପାଇପ ଲାଇନ ମରାମତି କାର୍ଯ୍ୟ ଶେଷ କରିଥିଲେ ହେଁ ଅଦ୍ୟାବଧି ରାସ୍ତା ପାର୍ଶ୍ୱ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଅଣ ଓସାରିଆ ରାସ୍ତା ଦେଇ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବନମାଳୀପୁର ପଞ୍ଚାୟତବାସୀ ଦାବି କରିଛନ୍ତି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଶରଣକୁଳ,୧୦।୪(ଦୀପକ କର)

ଶରଣକୁଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଆମ ଖେଳନା ଆନୁକୂଲ୍ୟରେ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶରଣକୂଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ମୁଖ୍ୟବକ୍ତା ଭାବେ ମୋ ସ୍କୁଲ ସଭାପତି ତଥା ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଶରଣକୁଳ କ୍ଲଷ୍ଟର ସିଆରସିସି ଗୋଦାବରୀ ବସନ୍ତିଆ ଓ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ପ୍ରତିଯୋଗିତା ମୂଳକ ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀମାନଙ୍କୁ ଉତ୍ତମ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥିସହିତ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦଳଗତ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩ଶମ୍ଭୁ ଦଣ୍ଡକାଳୀଙ୍କ ମହାମିଳନ

**ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼**

ଗଣିଆ,୧୦।୪(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆର ବିଭିନ୍ନ ପୁରପଲ୍ଲୀରେ ଚାଲିଛି ଭକ୍ତି ଓ ବିଶ୍ୱାସର ପ୍ରତୀକ ଦଣ୍ଡପର୍ବ। ଏଥିପାଇଁ ମା' ଦଣ୍ଡକାଳୀଙ୍କ ଉପାସନା ପାଇଁ ଶତାଧିକ ଦଣ୍ଡୁଆ ଦଣ୍ଡପର୍ବରେ ସାମିଲ ହୋଇଛନ୍ତି। ବିଭିନ୍ନ ଶୈବପୀଠରେ ଥିବା ଦଣ୍ଡ କାମେନା ଗୃହକୁ ପରମ୍ପରା ଅନୁଯାୟୀ ୧୩ଦିନିଆ, ୯ଦିନିଆ,୧୧ ଦିନିଆ, ୨୧ଦିନିଆ ଦଣ୍ଡ ଆରମ୍ଭ ହୋଇଛି। ମାନସିକଧାରୀ ଦଣ୍ଡୁଆମାନେ ନିଷ୍ଠା ଓ କାଷ୍ଠାର ସହ ପୂଜାର୍ଚ୍ଚନା କରି ପଇତା ଧାରଣ କରିବା ପରେ ଦଣ୍ଡ ଉପବାସରେ ସାମିଲ ହୋଇଥାନ୍ତି। ହେଲେ ୧୩ ଦଣ୍ଡ ମେଳଣର ବିରଳ ଦୃଶ୍ୟ ଶ୍ରଦ୍ଧାଳୁମାନଙ୍କ ପାଇଁ ନିଆରା। ବୁଧବାର ଗଣିଆ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ମାନସିକ ପୂରଣ ପାଇଁ ୧୩ ଦଣ୍ଡ ମେଳଣ ଆୟୋଜନ କରିଥିଲେ। ଏହି ୧୩ ଦଣ୍ଡ ମେଳଣରେ ଜଗନ୍ନାଥପ୍ରସାଦ, କର ଆଠମୌଜା-ଗୌ ଗଣିଆ, ସାତମୌଜା-କିଶୋରପ୍ରସାଦ, ବିଜୟନଗର, ବେଲପ ୱାଲିପୁର, ରାସଙ୍ଗ, ଡଙ୍କାରିସାହି, ରାଜିଙ୍ଗି,


ମା' ଦଣ୍ଡକାଳୀଙ୍କ ଉପାସନା ପାଇଁ ଦଣ୍ଡପର୍ବରେ ସାମିଲ ହୋଇଥିବା ଶତାଧିକ ଦଣ୍ଡୁଆ ଓ ଶ୍ରଦ୍ଧାଳୁମାନେ।

ଛାମୁଣ୍ଡିଆ ସମେତ ୧୩ମେଳ ଦଣ୍ଡକାଳୀଙ୍କୁ ଆବାହନ କରିଥିଲେ। ବୁଧବାର ସକାଳୁ ୧୩ମେଳ ଦଣ୍ଡକାଳୀଙ୍କୁ ବନ୍ଦାପନା କରି ବରଣ କରିଥିଲେ। ଅପରାହ୍ନରେ ସମସ୍ତ ଦଣ୍ଡୁଆମାନେ ପୋଖରୀରେ ସ୍ନାନ କରିସାରିବା ପରେ କାଳେସୀଙ୍କ ଦ୍ୱାରା ପୂଜାର୍ଚ୍ଚନା ସାରି ଦଣ୍ଡ ଜିଆଁଇବା ପରେ ଦଣ୍ଡୁଆମାନେ ଦଣ୍ଡ ଠାକୁରଙ୍କ ଧରି ବାଜା,ବାଣ,ରୋଷଣୀ,ମହୁରୀ ଓ ପାରମ୍ପରିକ ଢୋଲ ବଜାଇ ଗଣିଆ ରାମ ମନ୍ଦିର ପରିସରରେ ପହଞ୍ଚିଥିଲେ। ସେଠାରେ ପ୍ରଭୁ ରଘୁନାଥଙ୍କ ସହିତ ଦଣ୍ଡ ଠାକୁରଙ୍କ ହରିହର ଭେଟ ହେବା ପରେ ୧୩ ଦଣ୍ଡ ଠାକୁରଙ୍କୁ ବାଣ,ବାଜା, ରୋଷଣୀ ସହ ଭୋଗତାମାନେ ଏକ ବିରାଟ ପଟୁଆରରେ ଗଣିଆ ଗ୍ରାମ ଓ ବଜାର ପରିକ୍ରମା କରି ଶେଷଦେବ ସ୍ୱାଇଁଙ୍କ ବିନ୍ଧ୍ୟଗିରିସ୍ଥିତ ବାସଭବନରେ ପହଞ୍ଚିଥିଲେ। ସେଠାରେ ସମସ୍ତ ଠାକୁରଙ୍କୁ ବନ୍ଦାପନା କରାଯାଇଥିଲା। ରାତିରେ ଦଣ୍ଡୁଆମାନଙ୍କ ଦ୍ୱାରା ଦଣ୍ଡଖେଳ ପରେ ପର୍ଯ୍ୟାୟକ୍ରମେ ପ୍ରଭାନୃତ୍ୟ, ଶିବପାର୍ବତୀ, ପତରଶଉରା, ଯୋଗୀଯୋଗିଆଣୀ, ଶବରଶବରୁଣୀ, କେଳାକେଲୁଣୀ, ବୀଣାକାର ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ମେଳଣ ଦେଖିବା ପାଇଁ ଗଣିଆ ବ୍ଲକ୍ ତଥା ଅଖପାଖ ଅଞ୍ଚଳର ଅନେକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗଣିଆ ପୋଲିସ ତରଫରୁ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା ।


# କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଲା ଏନ୍‌ସିଏସ୍‌ଟି

## ଖଣି, ସହରାଞ୍ଚଳରେ ସର୍ବାଧିକ ଡ୍ରପ୍ ଆଉଟ୍ ପ୍ରସଙ୍ଗ

**ଯାଜପୁର,୧୦।୪(ହର୍ଷବର୍ଦ୍ଧନ ବେହେରା) :**

ଯାଜପୁର ଜିଲାର ଶିଳ୍ପ ଓ ଖଣି ଅଞ୍ଚଳ ତଥା ସୁକିନ୍ଦା ଓ ଦାନଗଦି ବ୍ଲକରେ ଡ୍ରପ୍‌ଆଉଟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଧିକାଂଶ ତଫସିଲଭୁକ୍ତ ଜାତି ଓ ଜନଜାତି (ଏସଟି/ଏସସି) ରହିଛନ୍ତି। ଏହି ଡ୍ରପ୍‌ଆଉଟ ଛାତ୍ରୀଛାତ୍ରମାନେ ଦେଶୀ ମଦ ଦୋକାନ, ଚାଷ କାର୍ଯ୍ୟ, ହୋଟେଲ, ଚୁକ୍ତିଭିତ୍ତିକ ଶ୍ରମିକ, ଗ୍ୟାରେଜ ଆଦି ସ୍ଥାନରେ ବାଧ ହୋଇ କାମ କରୁଛନ୍ତି। ଫଳରେ ସେମାନଙ୍କ ଶାରୀରିକ ଓ ମାନସିକ ଉପରେ ଖରାପ ପ୍ରଭାବ ପଡୁଛି। ଏହିମର୍ମରେ ସାମାଜିକ କର୍ମୀ ମଣ୍ଟୁ ଦାସ ୭।୯।୨୦୨୪ରେ ନ୍ୟାଶନାଲ କମିଶନ ଫର୍ ସିଡୁଲ ଟ୍ରାଇବ(ଏନ୍‌ସିଏସ୍‌ଟି) ବା ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୁକ୍ତ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ଆଧାର କରି ୫।୪।୨୦୨୫ରେ ଏନ୍‌ସିଏସ୍‌ଟିର ନିର୍ଦ୍ଦେଶକ ପି. କଲ୍ୟାଣ ରେଡ୍ଡି ୩୦ ଦିନ ମଧ୍ୟରେ ଉକ୍ତ ଅଭିଯୋଗ ଉପରେ ସତ୍ୟତା ଏବଂ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଏସ୍‌ଟି/ଏସ୍‌ସି ଡେଭଲପମେଣ୍ଟ, ମାଇନରିଟିଜ ଆଣ୍ଡ ବ୍ୟାକ୍‌ୱାର୍ଡ ବିଭାଗର ପ୍ରିନ୍ସିପାଲ ସେକ୍ରେଟେରୀ, ସ୍କୁଲ ଆଣ୍ଡ ମାସ୍ ଏଜୁକେଶନ ବିଭାଗର କମିଶନ ଏବଂ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଖିଲାପ କଲେ ସମ୍ପୃକ୍ତ ଅଧିକାରୀମାନଙ୍କୁ ସମନ ଜାରି କରାଯିବ ବୋଲି ଚେତାବନୀ ଦିଆଯାଇଛି।

ନିକଟରେ କଳିଙ୍ଗନଗର ଶିଳ୍ପାଞ୍ଚଳର ଟାଟା ଷ୍ଟିଲ ଫାଉଣ୍ଡେଶନ(ଟିଏସ୍‌ଏଫ୍) ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୫ରୁ ୨୦୨୪ ମଧ୍ୟରେ ଜିଲାର ଖଣି ଓ ଶିଳ୍ପାଞ୍ଚଳ ଦାନଗଦୀ ଓ ସୁକିନ୍ଦା ବ୍ଲକରେ ୫୬,୧୬୬ ଜଣ ଡ୍ରପ୍‌ଆଉଟ ଛାତ୍ରୀଛାତ୍ର ଚିହ୍ନଟ ହୋଇଛନ୍ତି। ଏହି ୨ ବ୍ଲକର ୪୮ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୪୬୨ଟି ଗ୍ରାମର ୩୩୧ଟି ସରକାରୀ ବିଦ୍ୟାଳୟରେ ଏହା ଦେଖିବାକୁ ମିଳିଛି। ସେମାନଙ୍କୁ ଟିଏସ୍‌ଏଫ୍ ଯୋଜନାରେ ଥଇଥାନ କରାଯାଇଥିବା ରିପୋର୍ଟରୁ ସୂଚନା ମିଳିଛି। ଏହାବାଦ୍ ୨୦୨୪ ଜାନୁଆରୀରେ ଯାଜପୁର ସମଗ୍ର ଶିକ୍ଷା ବିଭାଗର ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନଫରମେଶନ ସିଷ୍ଟମ ଫର ଏଜୁକେଶନ(ୟୁଡିଆଇଏସ୍‌ଇ) ରିପୋର୍ଟରେ ୧୩,୦୧୦ ଜଣ ଡ୍ରପ୍‌ଆଉଟ ଛାତ୍ରୀଛାତ୍ର ରହିଥିଲେ। ଡ୍ରପ୍‌ଆଉଟ ପିଲାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ଯେତେ ପଦକ୍ଷେପ ନିଆଯାଇଥିଲେ ବି ଏଯାଏ ସଫଳତା ନୈରାଶ୍ୟଜନକ ରହିଛି। ଏନେଇ ସାମାଜିକ କର୍ମୀ ମଣ୍ଟୁ ଦାସ ଉକ୍ତ ଶିଶୁମାନେ ଶିକ୍ଷା, ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ପରି ମୌଳିକ ଅଧିକାରରୁ ବଞ୍ଚିତ ହେଉଥିବା ଅଭିଯୋଗରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ନଂ.୧୭୨୯/୨୦୨୩) ଦାୟର କରିଥିଲେ। ଏହି ମାମଲା ଉପରେ ହାଇକୋର୍ଟଙ୍କ ପକ୍ଷରୁ ୨୪।୧।୨୦୨୩ରେ ଶୁଣାଣି କରି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଅଭିଯୋଗ ଉପରେ ତଦନ୍ତ କରିବା ସହ ଉପଯୁକ୍ତ ଭାବେ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶର ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଶିକ୍ଷା ବିଭାଗର ବିଫଳତା ଯୋଗୁ ଡ୍ରପ୍‌ଆଉଟ ପିଲାମାନେ ଥଇଥାନ ପାଇଁ ରାହା ଖୋଜୁଥିବା ଅଭିଯୋଗ ହେଉଛି। ଜିଲାର ୨୪୯ଟି ହାଇସ୍କୁଲର ରୂପାନ୍ତରୀକରଣ କରାଯାଇ ୧୬୮ କୋଟି ୬୪ ଲକ୍ଷ ୪୪ ହଜାର ୪୩୦ ଟଙ୍କା ଖର୍ଚ୍ଚ ହୋଇଛି। ଏହାବାଦ୍ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି। ତଥାପି ଡ୍ରପ୍‌ଆଉଟ ହ୍ରାସ ନ ହେବା ଶିକ୍ଷା ବିଭାଗର ଉଦାସୀନତାକୁ ସ୍ପଷ୍ଟ କରୁଛି ବୋଲି ଅଭିଯୋଗ ହୋଇଛି। ଏହାବାଦ୍ ଏନ୍‌ସିଏସ୍‌ଟି ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଅଧିକାର ଆଇନ-୨୦୦୯ରେ ସାମିଲ କରାଯାଇ ପାରୁନାହିଁ। ଏଭଳି ଅନେକ ପ୍ରସଙ୍ଗକୁ ନେଇ ସାମାଜିକ କର୍ମୀ ଦାସ ଏନ୍‌ସିଏସ୍‌ଟିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିରେ ସେ ୨୨ ଜଣ ଡ୍ରପ୍‌ଆଉଟ ଛାତ୍ରୀଛାତ୍ରଙ୍କ ତାଲିକା ଦାଖଲ କରିଥିଲେ। ସେଥିମଧ୍ୟରୁ ୪ ଜଣ ନାବାଳିକା ଡ୍ରପ୍‌ଆଉଟ ଛାତ୍ରୀ ବାହା ହୋଇ ସନ୍ତାନ ଜନ୍ମ କରି ସାରିଥିବା ସୂଚନା ମିଳିଛି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ଏନ୍‌ସିଏସ୍‌ଟି ଗୁରୁତ୍ୱ ପ୍ରଦାନ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


सत्यमेव जयते
भारत सरकार / GOVERNMENT OF INDIA
राष्ट्रीय अनुसुचित जनजाति आयोग
NATIONAL COMMISSION FOR SCHEDULED TRIBES
(क्षेत्रीय कार्यालय - Regional Office)
(अधिकार क्षेत्र - ओडिशा, पश्चिम बंगाल, आन्ध्रप्रदेश, तेलंगाना, तामिलनाडु, पुदुचेरी तथा आण्डमान एवं निकोबार द्वीप समूह)
(Jurisdiction : - Odisha, West Bengal, Andhra Pradesh, Telangana, Tamilnadu, Puducherry and Andaman & Nicobar Islan

दूरभाष / Telephone : 0674-25516
फैक्स / Fax : 0674-25518
ई-मेल आई.डि./ e-mail I.D : ncst@dataone
ro-bbsr@ncst.nic

एन 1-297, आई.आर.सि. विलेज, भुवनेश्वर -7510
N/1-297, IRC Village, Bhubaneswar - 7510

NOTICE

File No.- NCST/DEV-4774/OR/103/2025-RO-BHUV/RU-III
Date: 05/04/2025

1. The Principal Secretary,
ST & SC Development, Minorities & Backward Classes Welfare Department
Government of Odisha,
Odisha Secretariat, Lokseba Bhawan,
Bhubaneswar,
Khordha, (Odisha)- 751001
Email Id: stscdev@gmail.com
Tel. No: 916742536672

2. Commissioner-Cum-Secretary,
School and Mass Education Deptt.,
Government of Odisha,
Lokseba Bhawan,
Odisha Secretariat,
Bhubaneswar,
Khordha, (Odisha)- 751001
Email Id: secysme.od@nic.in
Tel. No: 916742536631

3. The Collector & District Magistrate,
District- Jajpur,
Office of The Collector and District Magistrate,
Jajpur, At And Post- Jajpur,
Jajpur, (Odisha)- 755001
Email Id: dm-jajpur@nic.in
Tel. No: 06728222001

Sub: Representation dated 07/09/2024 of Shri Mantu Das, Social Activist, At – Sanabagasahi, District- Jajpur – 755005 regarding alleged violation of Education Rights of Scheduled Tribe children under Dangadi Block and Sukinda Blocks in the Jajpur District of Odisha - prayer for ensuring RTE Act-2009.

Whereas a Petition/ complaint/ information has been received by National Commission for Scheduled Tribes from Shri Mantu Das dated 07/09/2024 as enclosed and the Commission has decided to investigate/inquire into the matter in pursuance of the powers conferred upon it under Article 338A of the Constitution of India. You are hereby requested to submit the facts and information on the action taken on the said allegations/matters to the undersigned within 30 day(s) of receipt of this notice either by post or in person or by any other means of communication.

Please take notice that in case the Commission does not receive reply from you within the stipulated time, the Commission may exercise the powers of Civil Court conferred on it under of Article 338A of the Constitution of India and issue summons for your appearance in person or by a representative before the Commission.

(डॉ.पी.कल्याण रेड्डी/Dr. P. Kalyan Reddy)
निदेशक/Director

Copy to:
Shri Mantu Das, (Social Activist)
At-Sanabagasahi District-Jajpur,
(Odisha) – 755005
Email: dasmantu9438@gmail.com
Mobile No: 9438038700

ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୁକ୍ତ ଅଧ୍ୟକ୍ଷଙ୍କ ଚିଠି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଶ୍ୱଜିତ୍


@ ମୈତ୍ରୀ


@ ଶିବ


@ ଶ୍ରୀଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା’ଜେମାଶୁଣୀ ପୀଠରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଗୁରୁବାର ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

# ମା’ଜେମାଶୁଣୀ ପୀଠରେ ଗାୟତ୍ରୀ ମହାଯଜ୍ଞ ଆରମ୍ଭ

**ଧର୍ମଶାଳା,୧୦।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମା’ଜେମାଶୁଣୀ ପୀଠରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ଯୋଗଦେଇ ବ୍ରାହ୍ମଣୀ ନଦୀର ଧର୍ମଶାଳା ଘାଟରେ ପୂଜାର୍ଚ୍ଚନା କରିବା ପରେ ଜଳ ସଂଗ୍ରହ କରି ଶୋଭାଯାତ୍ରାରେ ଆସି ମା’ଜେମାଶୁଣୀ ପୀଠରେ ପହଞ୍ଚିଥିଲେ। ପରେ ପୀଠରେ କଳସ ସ୍ଥାପନା କରାଯାଇଥିଲା। ୩ଦିନ ବ୍ୟାପୀ ହେବାକୁ ଥିବା ଏହି ଯଜ୍ଞ ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ ସହ ହରିଦ୍ୱାର ଶାନ୍ତିକୁଞ୍ଜରୁ ଆସିଥିବା ପ୍ରତିନିଧିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଧର୍ମଶାଳା ଗାୟତ୍ରୀ ପରିବାର ସଭାପତି ଚନ୍ଦ୍ରମଣି ନାୟକ ଓ ବରିଷ୍ଠ ସଭ୍ୟ ନବଘନ ମହାନ୍ତି ସୂଚନା ଦେଇଥିଲେ। କଳସଯାତ୍ରାରେ ଗୀତାଞ୍ଜଳି ନାୟକ, ତିଲୋତମା ରାଉତ, ସାବିତ୍ରୀ ବିଶ୍ୱାଳ, ଲିପ୍ସା ମହାନ୍ତି, ପୁଷ୍ପିତା ସାମଲ ଓ ମନୋରମା ଜେନା ପ୍ରମୁଖ ସାମିଲ ହୋଇଥିଲେ। ଗାୟତ୍ରୀ ପରିବାର ସଦସ୍ୟ ବିବେକାନନ୍ଦ ଜେନା, ସୁଦାମ ଚନ୍ଦ୍ର ମହାରଣା, ପ୍ରାଣକୃଷ୍ଣ ସାମଲ, ଅନିରୁଦ୍ଧ ରାଉତ, ଚିତ୍ତରଞ୍ଜନ ସାମଲ, ମଦନମୋହନ ବିଶ୍ୱାଳ ଓ ଅଭିରାମ ନାୟକ ଶୋଭାଯାତ୍ରା ପରିଚାଳନରେ ସହାୟତା କରିଥିଲେ।

# ଦଣ୍ଡ ମାରି ଯାତ୍ରାକଲେ ଭକ୍ତ

**ଚଣ୍ଡିଖୋଲ,୧୦।୪(ପ୍ରଦୀପ୍ତ କୁମାର ପୃଷ୍ଟି):**

ମହାପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଦାଣ୍ଡଯାତ୍ରା ପାଇଁ ଭକ୍ତ ୨ କି.ମି. ରାସ୍ତା ଦଣ୍ଡ ମାରିଯିବା ବେଶ ଆକର୍ଷଣୀୟ ପାଲଟିଛି। ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଲୋକ ଏହାକୁ ଦର୍ଶନ କରିବା ସହିତ ସହଯୋଗ କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବାଲିଚନ୍ଦ୍ରପୁର ଅଞ୍ଚଳରେ। ମାନସିକ ବ୍ରତଧାରୀ ଭକ୍ତମାନେ ବାଲିଚନ୍ଦ୍ରପୁର ହନୁମାନ ମନ୍ଦିରଠାରୁ ଅଣିଳା ରାମ ମନ୍ଦିର ପର୍ଯ୍ୟନ୍ତ ଗୁରୁବାର ଦଣ୍ଡ ମାରି ଯାଉଥିବା ଦେଖାଯାଇଛି। ସେମାନେ ସେଠାରେ ପହଞ୍ଚିବା ପରେ ପ୍ରଭୁ ଶ୍ରୀରାମଙ୍କୁ ନିମନ୍ତ୍ରଣ ପ୍ରଦାନ କରିବେ। ଏହାପରେ ଆରମ୍ଭ ହେବ ଦାଣ୍ଡ ଯାତ୍ରା। ମହାପ୍ରଭୁ ଶ୍ରୀରାମ, ମାତା ସୀତା ଓ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତି ଏକ ସୁସଜ୍ଜିତ ବିମାନରେ ଆସିବ। ହଜାର ହଜାର ଭକ୍ତ ବିଭିନ୍ନ ବେଶରେ ଏହି ବିମାନ ସମ୍ମୁଖରେ ନୃତ୍ୟ ପରିବେଷଣ କରିବେ। ଏହି ଦାଣ୍ଡ ଯାତ୍ରା ପୂର୍ବ ଦିନ ଭକ୍ତମାନେ ଦଣ୍ଡ ମାରି ଯିବା ଏକ ନିଆରା ପରମ୍ପରା। ବହୁ କଷ୍ଟ ସ୍ୱୀକାର କରି ଦଣ୍ଡ ମାରି ଯିବା ନେଇ ମନ୍ଦିର କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇ ଥାଏ ବୋଲି ସୂଚନା ମିଳିଛି।


ମାନସିକ ବ୍ରତଧାରୀ ଭକ୍ତମାନେ ବାଲିଚନ୍ଦ୍ରପୁର ହନୁମାନ ମନ୍ଦିରଠାରୁ ଅଣିଳା ରାମ ମନ୍ଦିର ପର୍ଯ୍ୟନ୍ତ ଦଣ୍ଡ ମାରି ଯାଉଛନ୍ତି।

# ଡିଫା କପ ଫୁଟ୍‌ବଲ୍: ସେମିରେ ମିଶନ ଟାଇଗର

**ଧର୍ମଶାଳା,୧୦।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଫୁଟ୍‌ବଲ୍ ଆସୋସିଏଶନ (ଡିଫା) ପକ୍ଷରୁ ୨୭ତମ ଡିଫା କପ୍ ଓ ୭ମ ରଞ୍ଜିତ୍ ସ୍ୱାଇଁ ମେମୋରିଆଲ ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବାଣୀପୀଠ ପଡ଼ିଆରେ ବାଲେଶ୍ୱର ମିଶନ ଟାଇଗର ସହିତ ସମ୍ବଲପୁର ସିଟି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ମିଶନ ଟାଇଗର ୫-୩ ଗୋଲରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। କ୍ରୀଡ଼ାବିତ୍ ରବୀନ୍ଦ୍ର ମହାନ୍ତି ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କ ସହ ପରିଚିତ ହୋଇଥିଲେ।

ଖେଳର ପ୍ରଥମାର୍ଦ୍ଧରେ ମିଶନ ଟାଇଗର ବାଲେଶ୍ୱର ତରଫରୁ ଭାନୁ ମୁର୍ମୁ, ସୁକୁଲ୍ ମୁର୍ମୁ ଗୋଟିଏ ଲେଖା ଗୋଲ କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ସିଟି କ୍ଲବ ସମ୍ବଲପୁର ପକ୍ଷରୁ ବିକାଶ ପଢ଼ିହାରୀ ୨ଟି ଓ ଅଜୟ ମାଝି ଗୋଟିଏ ଗୋଲ କରିଥିଲେ। ମିଶନ ଟାଇଗର ପକ୍ଷରୁ ବନ୍ଧୁ ମାଝୀ ୨ଟି ଓ ମୁକୁଲ୍ ମୁର୍ମୁ ଗୋଟିଏ ଗୋଲ କରିଥିଲେ। ଫଳରେ ମିଶନ ଟାଇଗର ୫-୩ ଗୋଲରେ ଅଗ୍ରଣୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଥିଲେ। ସୁକୁଲ୍ ମୁର୍ମୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ବନ୍ଧୁ ମାଝୀଙ୍କୁ ବେଷ୍ଟ ସ୍କୋରର୍ ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ମାନସ ବିଶ୍ୱାଳ ଓ ଶୈଳେସ୍ ପାଣି ପରିଚାଳନା କରିଥିଲେ। ଲାଇନ୍‌ରେ ଉତ୍ତମ ବାରିକ ଓ ସତ୍ୟପ୍ରକାଶ ବିଶ୍ୱାଳ ସହାୟତା କରିଥିଲେ। ଶୁକ୍ରବାର ପୁରୀ ନୀଳଚକ୍ର କ୍ଲବ ସହ ଭୁବନେଶ୍ୱର କଳିଙ୍ଗ ସ୍ପୋର୍ଟିଂ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଡିଫା ଚେୟାରମ୍ୟାନ୍ ପ୍ରମୋଦ କୁମାର ଦାସ ଓ କନ୍‌ଭେନର୍ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି।

# ଡିଏଜେଜିୟୁଏର ସଫଳ ରୂପାୟନ ପାଇଁ ବୈଠକ

**ଯାଜପୁର,୨।୪ (ହର୍ଷବର୍ଦ୍ଧନ ବେହେରା) :**

ଅନୁସୂଚିତ ଜନଜାତିମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉର୍ଦ୍ଦିଷ୍ଟ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ(ଡିଏଜେଜିୟୁଏ)ର ସଫଳ ରୂପାୟନ ପାଇଁ ଗୁରୁବାର ଯାଜପୁର ଓସ୍ୱାନ ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ୫ଟି ବ୍ଲକ ଅଧୀନସ୍ଥ ୬୭ ଟି ରାଜସ୍ୱ ଗ୍ରାମରେ ବସବାସ କରୁଥିବା ପ୍ରାୟ ୧ ଲକ୍ଷ ୬୦ ହଜାର ଅନୁସୂଚିତ ଜନଜାତିମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆଗାମୀ ୫ ବର୍ଷ ମଧ୍ୟରେ ସମସ୍ତ ଆବଶ୍ୟକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିବାକୁ ଜିଲାପାଳ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକରେ ଜିଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ୫ଟି ବ୍ଲକ ଅନ୍ତର୍ଗତ ମଣ୍ଡଳ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଅଭାସୀ ମାଧ୍ୟମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।


ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯୋଗଦେଇଥିବା ଅଧିକାରୀ।

# ବଳଦେବଜୀଉ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ ଗଠିତ

**କୋରେଇ,୧୦।୪(ଚନ୍ଦ୍ରକାନ୍ତ ପତି):**

କୋରେଇ ବ୍ଲକ୍‌ଅଧୀନ ଜହ୍ନା ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ନୂତନ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି। ଏଥିରେ ଅଭିଳାଷ ବୋଇତାଇ, ଚିନ୍ତାମଣି ପାଢ଼ୀ, ଚନ୍ଦ୍ରମଣି ବେହେରା, ବିଶ୍ୱଜିତ ନାୟକ, ପ୍ରୀତିରଞ୍ଜନ ସାହୁ, ବିକ୍ରମ କେଶରୀ ବିଶ୍ୱାଳ, ସଦାନନ୍ଦ ବେହେରା, ଅତନୁ ବିଶ୍ୱାଳ, ରାଜୀବ ଲୋଚନ ରାଉତ, ସନାତନ ଦାଶ, ଭବାନୀ ଶଙ୍କର ପାଢ଼ୀଙ୍କୁ ନୂତନ ସଦସ୍ୟ ଭାବେ ନିଯୁକ୍ତ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଗୁରୁବାର ଟ୍ରଷ୍ଟ ବୋର୍ଡ ନବନିଯୁକ୍ତ ସଦସ୍ୟ ମନ୍ଦିର ପରିସରରେ ଅନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରି ଶ୍ରଦ୍ଧା ଓ ନିଷ୍ଠା ପୂର୍ବକ ମନ୍ଦିରର ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଶପଥ ପାଠ କରିଛନ୍ତି। ପ୍ରଥମେ ସମସ୍ତ ସଦସ୍ୟ ରତ୍ନସିଂହାସନରେ ବିଜେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ସମସ୍ତଙ୍କୁ ବଡ଼ପଣ୍ଡା ଗୋପବନ୍ଧୁ ପାଢ଼ୀ ଓ ପଣ୍ଡିତ ଗିରିଜା ଶଙ୍କର ପାଢ଼ୀ ପ୍ରଭୁଙ୍କ ଆଜ୍ଞାମାଳ ଓ ଉପଢୌକନ ଦେଇ ଅଭିନନ୍ଦିତ କରିଥିଲେ। ମନ୍ଦିର କାର୍ଯ୍ୟାଳୟରେ ପୂର୍ବବର୍ଷଗୁଡ଼ିକର ସମସ୍ତ ରେକର୍ଡ ତନଖି କରାଯାଇ ଚଳିତ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଖସଡ଼ା ତିଆରି ହୋଇଥିଲା। ଓଡ଼ିଶା ଦେବୋତ୍ତର ବିଭାଗ ଅଧୀନ ୫ଶହ ବର୍ଷର ଏହି ପୁରୁଣା ମନ୍ଦିରର ଭୂସମ୍ପତ୍ତିକୁ କିପରି ସୁରକ୍ଷିତ ରଖାଯିବ ସେନେଇ ସମସ୍ତେ ଯତ୍ନବାନ ହେବା ନେଇ ଆଲୋଚନା ହୋଇଥିଲା। ଏହାପରେ ବାର ମାସରେ ତେର ପର୍ବ ଓ ଦୈନନ୍ଦିନ ନୀତିକାନ୍ତିକୁ କିଭଳି ଆହୁରି ଶୃଙ୍ଖଳିତ କରାଯିବ ଏବଂ ମନ୍ଦିରର ବିଭିନ୍ନ ଉନ୍ନତିକରଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକରେ ପରିଚାଳନା କମିଟି ପ୍ରଧାନ ଟ୍ରଷ୍ଟିଭାବେ ଅଭିଳାଷ ବୋଇତାଙ୍କୁ ମନୋନୀତ କରାଯାଇଥିଲା। ମନ୍ଦିର କର୍ମକର୍ତ୍ତା କାମଦେବ ଦାଶ, ବିଦ୍ୟାଧର ସାହୁ, ସଞ୍ଜୟ ସାହୁ, ସନ୍ତୋଷ କୁମାର ନାୟକ, ଆଶୁତୋଷ ସାହୁ, ହୃଷୀକେଶ ସିଂହ, ନିମାଇଁ ପାଳ, ନିତ୍ୟାନନ୍ଦ ବିଶ୍ୱାଳ, ଲକ୍ଷ୍ମୀଧର ଦାଶ, ନିରଞ୍ଜନ ନାୟକ ଓ ଭୋଦେବ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବଳଦେବଜୀଉ ମନ୍ଦିର ପରିଚାଳନା କମିଟିର ନୂତନ ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ।

# ମୁଖ୍ୟାଳୟରେ ରହୁନାହାନ୍ତି ସରକାରୀ କର୍ମଚାରୀ

**ଜଗତ୍‌ସିଂହପୁର, ୧୦।୪ (ପ୍ରମୋଦ କୁମାର ନାୟକ)**

ଜଗତ୍‌ସିଂହପୁର ଜିଲାରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କ ମଧ୍ୟରୁ ଅନେକ ମୁଖ୍ୟାଳୟରେ ରହୁନାହାନ୍ତି। ଏପରିକି ଜିଲା ମୁଖ୍ୟାଳୟରେ ମଧ୍ୟ ରହୁ ନ ଥିବା ଗୁରୁତର ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ, କେତେକ ସରକାରୀ ଗାଡିର ଦୁରୁପଯୋଗ ସାଙ୍ଗକୁ ହାତପୂରା ଛୁଟି ନେବା ଅଭିଯୋଗ ସତ୍ତ୍ୱେ ସେମାନଙ୍କ ଉପରେ କୌଣସି ଅଙ୍କୁଶ ରହୁନାହିଁ।

ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଅତୀତରେ ବହୁ ଅଭିଯୋଗ ହେଲା ପରେ ୨୦୧୯ ଜୁଲାଇରେ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଥିଲେ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଧିକାରୀ ଓ କର୍ମଚାରୀମାନେ ଯେପରି ସେମାନଙ୍କ ମୁଖ୍ୟାଳୟରେ ରହିବେ ସେନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ସେତେବେଳେ ସେ କହିଥିଲେ, କର୍ମଚାରୀମାନେ ମୁଖ୍ୟାଳୟରେ ରହିଲେ ଲୋକଙ୍କ ପ୍ରତି ସେମାନଙ୍କ ଆତ୍ମୀୟତା ଓ ଅଙ୍ଗୀକାରବଦ୍ଧତା ବଢ଼ିବ। କିନ୍ତୁ ପରବର୍ତ୍ତୀ ସମୟରେ ଯଥା ପୂର୍ବଂ ତଥା ପର ଅନୁଭବ ହୋଇଥିଲା। ଜିଲାପାଳଙ୍କ ଏହି ନିର୍ଦ୍ଦେଶ ପାଣିର ଗାର ହୋଇଥିଲା। ତାଙ୍କ ପରେ ପାରୁଲ ପଟୱାରୀ ଜିଲାପାଳ ଭାବେ ଯୋଗଦେଇଥିଲେ ସୁଦ୍ଧା ଏହି କର୍ମଚାରୀମାନଙ୍କ କ୍ଷେତ୍ରରେ କୌଣସି ପରିବର୍ତ୍ତନ ଆସି ନ ଥିଲା। ତା ପରେ ଅନୁପମ ସାହା ଓ ଏବେ ଜେ. ସୋନାଲ ଜିଲାପାଳ ଭାବେ ଦାୟିତ୍ୱ ତୁଲାଉଛନ୍ତି। ୨୪ ବର୍ଷର ବିଜେଡି ସରକାର ପରେ ଓଡ଼ିଶାରେ ଭାଜପା ସରକାର ଆସିଛି। ଏହି ସରକାରର ପ୍ରଥମ ୬ ମାସ ଭିତରେ ଜଗତ୍‌ସିଂହପୁରର ଜଣେ ଅତିରିକ୍ତ ଜିଲାପାଳ, ଉପଜିଲାପାଳ ସମେତ ଜିଲାରେ ଏକାଧିକ ବିଭାଗୀୟ ଅଧିକାରୀ ଯଥା ପୂର୍ତ୍ତ, ଜଳ ସମ୍ପଦ, ଡ୍ରେନେଜ୍ ବିଭାଗର ସୁପେରିଣ୍ଟେଣ୍ଡିଂ ଇଞ୍ଜିନିୟର, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଆଦି ପଦବୀ ଖାଲିପଡିଥିଲା। ଏଥିଯୋଗୁ ଉନ୍ନୟନମୂଳକ କାର୍ଯ୍ୟ ଧିମା ହୋଇଯାଇଥିଲା। ଏହାର ସୁଯୋଗରେ ପୂର୍ବପରି ସରକାରୀ ଅଧିକାରୀ ଓ କର୍ମଚାରୀମାନେ କଟକ, ଭୁବନେଶ୍ୱର ଆଦିରୁ ଯାତାୟାତ ଜାରି ରଖିଥିଲେ। ଏବେ ଯଦିଓ ସବୁ ପଦବୀ ପୂରଣ ହୋଇଯାଇଛି ତଥାପି କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଉନାହିଁ। ଅନେକ ସମୟରେ ଶୁକ୍ରବାର ଅପରାହ୍ନରୁ ସୋମବାର ଅପରାହ୍ନ ପର୍ଯ୍ୟନ୍ତ ଏବଂ ଛୁଟିଦିନ ଥିଲେ ତା'ପୂର୍ବଦିନରୁ ମଧ୍ୟ ଆଗୁଆ ସମ୍ପୃକ୍ତ ଅଧିକାରୀମାନେ କଟକ, ଭୁବନେଶ୍ୱରସ୍ଥିତ ଘରକୁ ଚାଲିଯାଉଛନ୍ତି। କେବଳ ଏତିକି ନୁହେଁ, ଏହି ଅଧିକାରୀ, କର୍ମଚାରୀ ଓ ଯନ୍ତ୍ରୀମାନେ ସରକାରୀ ଗାଡ଼ିର ଦୁରୁପଯୋଗ କରିବାକୁ ପଛାଉନାହାନ୍ତି। ସରକାର ସେମାନଙ୍କୁ ମୋଟା ଅଙ୍କର ଦରମା ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଦେଉଛନ୍ତି। ଏହାସତ୍ତ୍ୱେ ସେମାନେ ସରକାରୀ ଅର୍ଥରେ କଟକ, ଭୁବନେଶ୍ୱର ଯାତାୟାତ କରିବା ଦୁର୍ଭାଗ୍ୟଜନକ କଥା। ସରକାରୀ କର୍ମଚାରୀଙ୍କ ଏଭଳି ମାନସିକତା ସରକାରଙ୍କ ବାସ୍ତବ ଲକ୍ଷ୍ୟ ପୂରଣରେ ଅନ୍ତରାୟ ସୃଷ୍ଟିକରୁଛି। ଏବେ ଖରାଦିନ ଯୋଗୁ ସକାଳୁଆ ଅର୍ଥାତ୍ ସକାଳ ୭ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଚାଲିବା ଆରମ୍ଭ ହୋଇଛି। ଏହା ମଧ୍ୟ ବିଗତ ବର୍ଷଗୁଡିକ ପରି ଏହି ସରକାରୀ କର୍ମଚାରମାନଙ୍କୁ ବେଶ୍ ସୁହାଇବ। ଅଧିକାଂଶ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଓ ଯନ୍ତ୍ରୀମାନେ ଶୀତତାପ ନିୟନ୍ତ୍ରିତ କୋଠରିରେ କାମ କରୁଛନ୍ତି। ସେମାନେ ବ୍ୟବହାର କରୁଥିବା କାର୍ ମଧ୍ୟ ଶୀତତାପ ନିୟନ୍ତ୍ରିତ। ତେବେ କାର୍ଯ୍ୟାଳୟ କିମ୍ବା କ୍ଷେତ୍ର ପରିଦର୍ଶନରେ କୌଣସି ଅସୁବିଧା ନ ଥିବା ବେଳେ ନାନା ବାହାନା ଦର୍ଶାଇ ମୁଖ୍ୟାଳୟରେ ଅନୁପସ୍ଥିତ ରହିବା ଦୁଃଖଦାୟକ ଘଟଣା। ଲୋକଙ୍କ ଟିକସରେ ଦରମା ପାଉଥିଲେ ସୁଦ୍ଧା ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସର୍ବସାଧାରଣଙ୍କ ସ୍ୱାର୍ଥକୁ ଗୌଣ କରିବା ଆଦୌ ଗ୍ରହଣୀୟ ନୁହେଁ। ସରକାରୀ କର୍ମଚାରୀଙ୍କ ଏପରି ମାନସିକତା ପ୍ରକାରାନ୍ତରେ ଲୋକଙ୍କୁ ଅସୁବିଧାରେ ପକାଉଛି ବୋଲି ଅଭିଯୋଗ ହୋଇଛି। ତେଣୁ ଏହି କର୍ମଚାରୀମାନଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେମାନଙ୍କ ମୋବାଇଲ ଟାୱାର ଲୋକେଶନ୍, ସିଡିଆର୍ (କଲ ଡିଟେଲ ରେକର୍ଡ) ସଂଗ୍ରହ କରାଗଲେ କେଉଁମାନେ କେଉଁଠି କେତେ ସମୟ ରହିଛନ୍ତି ତାହା ଜଣାପଡ଼ିଯିବ। ଏଥିସହ ସେମାନେ ବ୍ୟବହାର କରୁଥିବା ସରକାରୀ ଗାଡି ସମ୍ପର୍କରେ ମଧ୍ୟ ତଥ୍ୟ ମଗାଯାଉ। ଏଭଳି କର୍ମଚାରୀ ଅଛନ୍ତି ଯେଉଁମାନେ ସରକାରୀ ଗାଡ଼ିରେ ପ୍ରତ୍ୟହ ଭୁବନେଶ୍ୱର, କଟକ ଆଦିରୁ ଯାତାୟାତ କରୁଛନ୍ତି। ଏହି ଗାଡ଼ିଓ ତେଲଖର୍ଚ୍ଚ ମଧ୍ୟ ସରକାର ବହନ କରୁଛନ୍ତି। ଜିଲାପାଳ ଏହା ଉପରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲାପାଳ ଜେ. ସୋନାଲଙ୍କ ସହ ତାଙ୍କ ମୋବାଇଲ ନମ୍ବର ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା।

## କେତେଜଣ ସରକାରୀ ଗାଡ଼ିର ଦୁରୁପଯୋଗ କରୁଛନ୍ତି

# ଶ୍ରମିକଙ୍କ ତ୍ରାଣକର୍ତ୍ତା ଥିଲେ ଜେନା ସାହେବ

## ଘନଶ୍ୟାମ ଜେନାଙ୍କ ଜୟନ୍ତୀ

**ପାରାଦୀପ, ୧୦।୪ (ଶରତ ରାଉତ)**

ସର୍ବଭାରତୀୟ ଶ୍ରମିକନେତା ସ୍ୱର୍ଗତ ଘନଶ୍ୟାମ ଜେନାଙ୍କ ୯୫ ତମ ଜୟନ୍ତୀ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ପାରାଦୀପ ପୋର୍ଟ ଆଣ୍ଡ ଡକ୍ ମଜଦୂର ୟୁନିୟନ ପକ୍ଷରୁ ବଡ଼ପଡ଼ିଆ ପରିସରରେ ଆୟୋଜିତ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ତାଙ୍କ ପୁତ୍ର ତଥା ଏଫ୍‌ସିଆଇ ୟୁନିୟନ ସଭାପତି ତନ୍ମୟ ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଜେନା ସାହେବଙ୍କ ଜୀବନି ଉପରେ ଅନେକ ଶ୍ରମିକ ନେତା ମତ ରଖିଥିଲେ। ସ୍ୱର୍ଗତ ଜେନା ତାଙ୍କ ସଂଘର୍ଷପୂର୍ଣ୍ଣ ଜୀବନ କାଳରେ ଅନେକ ବିରୋଧର ସମ୍ମୁଖୀନ ହୋଇଥିଲେ। କାରଣ ସେ ଶ୍ରମିକମାନଙ୍କ ପାଇଁ ସଂଗ୍ରାମ କରୁଥିଲେ। କହିବାକୁ ଗଲେ ସେ ଶ୍ରମିକମାନଙ୍କ ତ୍ରାଣକର୍ତ୍ତା ଥିଲେ ବୋଲି ୟୁନିୟନ ସମ୍ପାଦକ ସନାତନ ବେହେରା କହିଥିଲେ। ପରେ ଦରିଦ୍ର ନାରାୟଣ ସେବା କରାଯାଇଥିଲା।

# ପାରାଦୀପ ବନ୍ଦର, ବ୍ୟାଙ୍କର୍ସ, କୋଷ୍ଟଗାର୍ଡ ଟିମ୍ ବିଜୟୀ

## କର୍ପୋରେଟ କ୍ରିକେଟ ପ୍ରତିଯୋଗିତା ପ୍ରଥମ ଦିବସ

**ପାରାଦୀପ, ୧୦।୪ (ଶରତ ରାଉତ)**

ପାରାଦୀପ ବନ୍ଦରର ଗୋପବନ୍ଧୁ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମରେ ଚାଲିଥିବା ୪ର୍ଥ କର୍ପୋରେଟ କ୍ରିକେଟ ପ୍ରତିଯୋଗିତାର ଗୁରୁବାର ପ୍ରଥମ ମ୍ୟାଚ ଆଇଓସିଏଲ୍ ଏବଂ ବ୍ୟାଙ୍କର୍ସ ଓ ଇନ୍ସ୍ୟୁରାନ୍ସ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଆଇଓସିଏଲ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ୍ ବିନିମୟରେ ୮୩ ରନ କରିଥିଲା। ଜବାବରେ ବ୍ୟାଙ୍କର୍ସ ଓ ଇନ୍ସ୍ୟୁରାନ୍ସ ୮.୩ ଓଭରରେ ୩ ଉଇକେଟ୍ ବିନିମୟରେ ୮୪ ରନ କରି ୭ ଉଇକେଟ୍‌ରେ ବିଜୟୀ ହୋଇଛି। ଦ୍ୱିତୀୟ ମ୍ୟାଚ ଗୋଆ କାର୍ବନ ଓ କୋଷ୍ଟ ଗାର୍ଡ ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ବ୍ୟାଟିଂ କରି ଗୋଆ କାର୍ବନ ୯ ଉଇକେଟ୍ ହରାଇ ୬୨ ରନ କରିଥିଲା। ଜବାବରେ କୋଷ୍ଟ ଗାର୍ଡ ୫.୩ ଓଭରରେ ୧ଉଇକେଟ୍ ବିନିମୟରେ ୬୭ରନ କରି ୯ ଉଇକେଟ୍‌ରେ ବିଜୟୀ ହୋଇଛି । ସେହିପରି ୩ୟ ମ୍ୟାଚରେ ଟିଏମ୍‌ଆଇଏଲ୍‌ଏଲ କମ୍ପାନୀ ଓ ପାରାଦୀପ ପୋର୍ଟ ମଧ୍ୟରେ ଖେଳାଯାଇଥିଲା। ଟିଏମ୍‌ଆଇଏଲ୍‌ଏଲ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ମାତ୍ର ୨୮ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ପାରାଦୀପ ବନ୍ଦର ୩.୩ ଓଭରରେ ମାତ୍ର ୧ ଉଇକେଟ୍ ବିନିମୟରେ ୨୯ରନ କରି ୯ ଉଇକେଟରେ ବିଜୟୀ ହୋଇଛି । ୪ର୍ଥ ମ୍ୟାଚ ଜେଏସ୍‌ଡବ୍ଲ୍ୟୁ ଏବଂ କେଆଇସିଟିପିଏଲ୍ ମଧ୍ୟରେ ଖେଳାଯାଇଥିଲା। ଜେଏସ୍‌ଡବ୍ଲ୍ୟୁ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୬୩ ରନ ସଂଗ୍ରହ କରିଥିଲା। ଜବାବରେ କେଆଇସିଟୀପିଏଲ ୯ ଉଇକେଟ ବିନମୟରେ ୬୩ ରନ କରିଥିଲା। ଫଳରେ ମ୍ୟାଚ ଟାଇ ହୋଇଥିଲା। ଉଭୟ ଦଳ ପଏଣ୍ଟ ଭାଗ କରିନେଇଥିଲେ।

# ଆମରଣ ଅନଶନ ପାଇଁ ଚେତାବନୀ

## ବଛାଲୋ ପଞ୍ଚାୟତ

■ ସରପଞ୍ଚ ଓ ସଭ୍ୟଙ୍କ ଅଗୋଚରରେ ଚାଲିଛି ଉନ୍ନୟନମୂଳକ କାର୍ଯ୍ୟ

**ନାଉଗାଁ, ୧୦।୪ (ସୁଧା ବେହୁରା)**

ନାଉଗାଁ ବ୍ଲକ ଅନ୍ତର୍ଗତ ବଛାଲୋ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ଅଜାଣତରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ଏହାକୁ ଗ୍ରାମବାସୀଙ୍କ ସମେତ ସରପଞ୍ଚ ପ୍ରିୟଦର୍ଶିନୀ ଲେଙ୍କା ଓ ସମିତି ସଭ୍ୟ ଚନ୍ଦନ ଲେଙ୍କା ବିରୋଧ କରିଛନ୍ତି। ଏନେଇ ବିଡିଓଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ବର୍ତ୍ତମାନ କରାଯାଉଥିବା କାର୍ଯ୍ୟର ଠିକ୍ ଭାବେ ତଦନ୍ତ କରା ନ ଗଲେ ଓ ସରପଞ୍ଚ, ସମିତି ସଭ୍ୟଙ୍କ ଅଜାଣତରେ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ କରାଗଲେ ତୀବ୍ର ବିରୋଧ କରାଯିବ। ୧୫ ଏପ୍ରିଲ ସୁଦ୍ଧା ଏସବୁ ସମସ୍ୟାର ସମାଧାନ ନ ହେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତରେ ୨୬ ତମ ସାଧାରଣ ବୈଠକ ୨୧ ମାର୍ଚ୍ଚ ୨୦୨୫ରେ ବ୍ୟାଙ୍କ ସେବା ଗୃହ ନିମନ୍ତେ ସ୍ଥାନ ନିରୂପଣ କରାଯାଇଥିଲା। କିନ୍ତୁ ଯେଉଁ ସ୍ଥାନ ସ୍ଥିର କରାଯାଇଥିଲା ସେହି ସ୍ଥାନରେ ଉକ୍ତ ଗୃହ ନିର୍ମାଣ କରା ନ ଯାଇ ସମିତିସଭ୍ୟ, ସରପଞ୍ଚଙ୍କ ଅଜାଣତରେ ଅନ୍ୟ ସ୍ଥାନରେ ନିର୍ମାଣ କରାଯାଉଛି। ଏବିଷୟରେ ୨୯ ମାର୍ଚ୍ଚ ୨୦୨୫ ରେ ଜିଲାପାଳ ଜଗତସିଂହପୁର, ବ୍ଲକ ଅଧ୍ୟକ୍ଷା, ବିଡିଓ ଆଦିଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଅଭିଯୋଗ ପରେ ବ୍ଲକ ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ସହକାରୀ ଯନ୍ତ୍ରୀ ଅଙ୍କିତା ଜାଲି, ପଞ୍ଚାୟତର ଯନ୍ତ୍ରୀ ସୋନାଲି ମଲିକଙ୍କ ସହ ଆସି କାର୍ଯ୍ୟ ସ୍ଥଳ ତଦାରଖ କରିଛନ୍ତି। ଏହାପରେ ମଧ୍ୟ ଉକ୍ତ କାର୍ଯ୍ୟ ଜାରି ରହିଛି। ଏପରିକି ଅନିୟମିତତା ଭାବେ ରାତିରେ କାର୍ଯ୍ୟ ଜାରି ରହିଛି। ମାତ୍ର ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଅଭିଯୋଗର ସମ୍ପର୍କରେ ଜିଲାପାଳ, ଏସ୍‌ପି, ପ୍ରକଳ୍ପ ନିର୍ଦ୍ଦେଶକ, ଭାରପ୍ରାପ୍ତ ବିଡିଓ, ତହସିଲଦାର ଓ ଥାନା ଅଧିକାରୀଙ୍କୁ ଅବଗତ କରାଯାଇଛି। ଏ ପ୍ରସଙ୍ଗରେ ଭାରପ୍ରାପ୍ତ ବିଡିଓ ଆଶୁତୋଷ ମିଶ୍ରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ୍ ଫୋନ ଉଠାଇ ନଥିଲେ।

# ଆମ ଲୋକକଳା ଆମର ପରିଚୟ, ଗର୍ବର ପ୍ରତୀକ



କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଥିବା କଳାକାର ଓ ଅନ୍ୟମାନେ।

**ଜଗତ୍‌ସିଂହପୁର, ୧୦।୪ (ପ୍ରମୋଦ ନାୟକ)**

ଓଡ଼ିଆ ପକ୍ଷ ପାଳନର ଦଶମ ଦିବସ ଉପଲକ୍ଷେ ଜିଲାର ସମସ୍ତ ବ୍ଲକରେ ଲୋକକଳା ପାଇଁ ଦିନଟିଏ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଓଡ଼ିଶାର ସମୃଦ୍ଧ ଲୋକକଳା ଓ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରଚାର କରିବା ସହ ଆଗାମୀ ପିଢ଼ିକୁ ଯୋଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଡିଓ, ସାମାଜିକ ସୁରକ୍ଷା ଅଧିକାରୀ, ବି କେଏସ୍‌ଏସ୍ ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ ଆମ ଲୋକକଳା ହେଉଛି ଆମର ପରିଚୟ ଓ ଗର୍ବର ପ୍ରତୀକ ବୋଲି କହିଥିଲେ। ଉତ୍ସବଗୁଡ଼ିକରେ ବ୍ଲକର ବିଶିଷ୍ଟ ଲୋକକଳାକାରମାନଙ୍କୁ ସମ୍ମାନିତ କରାଯାଇ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ ପିଢ଼ିଙ୍କୁ ଲୋକକଳା ପ୍ରତି ଆଗ୍ରହ କରାଇବା ଏବଂ ଏହାର ସଂରକ୍ଷଣ ଓ ପ୍ରସାର ପାଇଁ ପ୍ରୋତ୍ସାହିତ କରାଯାଇଥିଲା।

# ତାଡି: ରାସ୍ତାକଡ଼ରୁ ଗଛକଟାକୁ ନେଇ ଅସନ୍ତୋଷ

**ଆଳି, ୧୦।୪ (ବନମାଳୀ ସେନାପତି)**

ଗ୍ରୀଷ୍ମପ୍ରବାହ ବଢ଼ି ଚାଲିଥିବା ବେଳେ ବାଟୋଇମାନଙ୍କୁ ଶୀତଳ ଛାଇ ପ୍ରଦାନ କରୁଥିବା ରାସ୍ତା କଡ଼ର ଏକ ଚାକୁଣ୍ଡା ଗଛର ବଡ଼ ବଡ଼ ଡାଳକୁ ଜଣେ ଲୋକ କାଟି ଦେଇଛନ୍ତି। ଏହାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଭଳି ଘଟିଛି ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତର ନୂଆଗାଁ ପୋଷ୍ଟ ଅଫିସ ସମ୍ମୁଖରେ ଥିବା ବୃହତ ଚାକୁଣ୍ଡା ଗଛକୁ ନେଇ। ଗତ ୭ ତାରିଖରେ ନୂଆଗାଁ ପୋଷ୍ଟ ଅଫିସ ସମ୍ମୁଖ ରାସ୍ତା କଡ଼ରେ ଥିବା ପୁରୁଣା ବୃହତ ଚାକୁଣ୍ଡା ଗଛକୁ ପ୍ରଶାସନର ଅନୁମତି ନ ନେଇ ସେହି ପଞ୍ଚାୟତର ଜଣେ ବ୍ୟକ୍ତି କିଛି ଲୋକଙ୍କ ସହଯୋଗରେ ବଡ଼ ଡାଳ କାଟି ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଥିଲା। ଆଳି ତହସିଲଦାରଙ୍କୁ ଏ ବିଷୟରେ ଅଭିଯୋଗ କରାଯାଇଥିଲା। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅଟାଳ ଆରଆଇ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିବା ପରେ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଆଳି ତହସିଲଦାର ସେହି ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଆଳି ଥାନାରେ ଅଭିଯୋଗ କରିବା ସହ ରାଜନଗର ବନ ବିଭାଗ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅବଗତ କରିଛନ୍ତି। ଆଳି ବନ ବିଭାଗ ପକ୍ଷରୁ ଘଟଣାସ୍ଥଳ ଅନୁଧ୍ୟାନ କରି କାଠକୁ ଜବତ କରି ସ୍ଥାନୀୟ ସରପଞ୍ଚଙ୍କ ଜିମାରେ ରଖାଯାଇଛି। ଅପରପକ୍ଷରେ ଅନ୍ୟଜଣେ ବ୍ୟକ୍ତି ଏହି ଗଛରୁ ଅଧିକ ଡାଳ କଟା ଯାଇଥିବା ବେଳେ ଆରଆଇ ଭୁଲ ତଥ୍ୟ ଦେଉଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଠିକ ତଦନ୍ତ କରି ଗଛ କାଟି ଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।



ରାସ୍ତାକଡ଼ରୁ ଗଛ କଟାଯାଉଛି।

# ସମସ୍ତ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହିଛି ଭାଷାର ବିକାଶ

**ଏରସମା, ୧୦। ୪ (ଦୀପ୍ତି ଖଣ୍ଡୁଆଳ)**

ଏରସମା ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଓଡ଼ିଆ ପକ୍ଷ ୨୦୨୫ ପାଳନ କରାଯାଇଛି। ଏଥିରେ ବିଡିଓ ଦାଶରଥି ଜେନା ସଭାପତିତ୍ୱ କରି ଓଡ଼ିଆ ଭାଷାର ବିକାଶରେ ନିଜକୁ ସାମିଲ କରିବାର ପ୍ରୟାସ ସବୁ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱରେ ବୋଲି କହିଥିଲେ। ଏଥିରେ ପାରିବାରିକ ପତ୍ରିକା ଆଇନାର ସମ୍ପାଦକ କ୍ଷେତ୍ରବାସୀ ସାହୁ ଯୋଗଦେଇ ଯେଉଁ ଜାତିର ମାତୃଭାଷା ଯେତେ ସମୃଦ୍ଧ ତା'ର ସଭ୍ୟତା ଓ ପରମ୍ପରା ସେତେ ମହାନ୍ ବୋଲି ପ୍ରକାଶ କରିଥିଲେ। ଉତ୍ସବରେ ପ୍ରାବନ୍ଧିକ କୈଳାସ ଚନ୍ଦ୍ର ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ଲୋକନାଥ ମହାନ୍ତି, ଦୃଷ୍ଟିବାଧିତ କଣ୍ଠଶିଳ୍ପୀ ତଥା ଶିକ୍ଷକ ସୁଶାନ୍ତ କୁମାର ନାୟକ ଓ ଆଇନାର ସମ୍ପାଦକ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ସଂଯୋଜକ ନଳିନୀ ରଞ୍ଜନ ମନ୍ତ୍ରୀଙ୍କ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଷ୍ଣା ରାଉତ ଧନ୍ୟବାଦ ଦେଇଥିଲେ।

# କଣ୍ଠଶିଳ୍ପୀ ତାରିକ୍ ଗ୍ରୁପ୍ ସଙ୍ଗୀତରେ ଝୁମିଲେ ଦର୍ଶକ

## କୁଜଙ୍ଗ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

**କୁଜଙ୍ଗ, ୧୦।୪ (ମନୋଜ ପ୍ରଧାନ)**

ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କୁଜଙ୍ଗ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କୁନି ପିଲାଙ୍କ ନୃତ୍ୟ ଓ ବିଶିଷ୍ଟ କଣ୍ଠଶିଳ୍ପୀ ତାରିକ ଓ ତାଙ୍କ ଗ୍ରୁପ୍ ଦ୍ୱାରା ପରିବେଷଣ କରାଯାଇଥିବା ସଙ୍ଗୀତରେ ଦର୍ଶକମାନେ ଝୁମିଥିଲେ। ସଂଳାପକାର ଶରଣବିନ୍ଦ ଓଝାଙ୍କ ସଂଯୋଜନାରେ ଆୟୋଜିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁରର ମୁଖ୍ୟ ବିକାଶ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ରବି ନାରାୟଣ ଜେଠୀ ଯୋଗଦେଇ କୁଜଙ୍ଗର ଐତିହ୍ୟ, ସଂସ୍କୃତି , ଭାରତୀୟ ମୁକ୍ତି ସଂଗ୍ରାମରେ କୁଜଙ୍ଗ ମାଟିର ଅବଦାନ ଓ ବୀରତ୍ୱର ଗାଥା ଚିରସ୍ମରଣୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଉପଦେଷ୍ଟା ତଥା ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରୀ ତିର୍ତ୍ତୋଲ ଗିରିଜା ଶଙ୍କର ମଲ୍ଲିକ, ମହୋତ୍ସବ କମିଟି ସମ୍ପାଦକ ତଥା କୁଜଙ୍ଗ ବିଡିଓ ବିକାଶ କୁମାର ମହାନ୍ତି, ଅନ୍ୟତମ ଅତିଥିଭାବେ ନାରାୟଣ ବୀରବର ସାମନ୍ତ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ତପନ କୁମାର ସାମନ୍ତରାୟ, କୁଜଙ୍ଗ ପଞ୍ଚାୟତ ସମିତିସଭ୍ୟା ସସ୍ମିତା ନାୟକ ଓ ପାଟପୁର ସମିତିସଭ୍ୟ ଜ୍ୟୋତି ପ୍ରକାଶ ପାଣି ପ୍ରମୁଖ ଯୋଗଦେଇ କୁଜଙ୍ଗର କଳା, ସଂସ୍କୃତି, ସାହିତ୍ୟ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ମହୋତ୍ସବ କମିଟି ସଭାପତି ତଥା କୁଜଙ୍ଗ ତହସିଲଦାର ସ୍ୱରୂପ ନନ୍ଦନ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ତପନ ତ୍ରିପାଠୀ, ସମ୍ପାଦକ ଭଞ୍ଜକିଶୋର ନାୟକ, କୋଷାଧ୍ୟକ୍ଷ ତଥା ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଅଗପାଳ ସରପଞ୍ଚ ବିପିନ ବିଶ୍ୱାଳ, ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ, ଅନୁଜ ପଣ୍ଡା, ସହସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ, ସରୋଜ ସେଠୀ ଓ ପ୍ରତାପ ଦାସ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।



କୁନି କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବିଶ୍ୱଜିତ୍



@ ମୈତ୍ରୀ



@ ଶିବ



@ ଶ୍ରୀଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫ ଭରି ସୁନା, ୫ କିଲୋ ରୁପା, ୨୦ ହଜାର ଟଙ୍କା ନେଇଗଲେ ଦୁର୍ବୃତ୍ତ

## ସ୍କାଏ ଲାଇଟ୍ ତାଡ଼ି ଗହଣା ଦୋକାନରୁ ଚୋରି

**ବାଲିକୁଦା, ୧୦।୪ (ତାପସ ସ୍ୱାଇଁ)**

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ଡେଙ୍ଗାପୋଲ ବଜାରସ୍ଥିତ ଓଁସାଇରାମ ଜୁଏଲେରି ଦୋକାନରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଏ ନେଇ ମାଲିକ ଦୀନବନ୍ଧୁ ଗିରି ଗୁରୁବାର ସକାଳେ ବାଲିକୁଦା ଥାନାରେ ଅଭିଯୋଗ କରିବା ପରେ ପୋଲିସ ସନ୍ଧାନୀ କୁକୁର ଜରିଆରେ ତଦନ୍ତ କରିଛି। ଅଭିଯୋଗ ଅନୁଯାୟୀ, ସେ କୃଷ୍ଣଦାସପୁର ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାରପୁର ଗ୍ରାମରେ ରହୁଥିବାବେଳେ ଡେଙ୍ଗାପୋଲ ବଜାରରେ ଗହଣା ଦୋକାନ ରହିଛି। ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦୋକାନର ସମ୍ମୁଖ ପାର୍ଶ୍ୱର ସର୍ଟର ଉପରେ ଥିବା ସ୍କାଏଲାଇଟକୁ ତାଡି ଦୋକାନ ଭିତରକୁ ପଶିଛନ୍ତି। ଏଥିସହ ଦୋକାନରେ ଥିବା ୫ ଭରିରୁ ଊର୍ଦ୍ଧ୍ୱ ସୁନା ଅଳଙ୍କାର, ୫କିଲୋରୁ ଅଧିକ ରୁପା ଅଳଙ୍କାର ଓ ନଗଦ ୨୦ ହଜାର ଟଙ୍କା ନେଇଯାଇଛନ୍ତି। ଯିଏ ଏହି ଘଟଣା ଘଟାଇଛି ତା'ର ଦୋକାନ ସହ ସମ୍ପର୍କ ଥାଇପାରେ ବୋଲି ଦିନବନ୍ଧୁଙ୍କ ବଡ଼ଭାଇ ପୀତାମ୍ବର ସନ୍ଦେହବ୍ୟକ୍ତ କରିଛନ୍ତି। ଏନେଇ ପୋଲିସ ପକ୍ଷରୁ ବାଲିକୁନା ଥାନାରେ ମାମଲା (ନଂ.୧୭୯/୨୫) ରୁଜୁ କରାଯିବା ପରେ ତଦନ୍ତ ଜାରି ରହିଛି ବୋଲି ବାଲିକୁଦା ଥାନା ଆଇଆଇସି ସୁଶାନ୍ତ କୁମାର ସାହୁ କହିଛନ୍ତି।

# ଛେନାପୋଡ଼ ଦିବସକୁ ନେଇ ବିବାଦ

## ପାଳନ କରିବ ନାହିଁ ଜିଲା ପ୍ରଶାସନ

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)

ଛେନାପୋଡ଼ର ନାଁ କହିଲେ ନୟାଗଡ଼ର ନାଁ ଆଗକୁ ଆସେ। ପ୍ରସିଦ୍ଧ ଛେନାପୋଡ଼ର ଜନ୍ମ ୧୯୪୫ରେ ଦଶପଲ୍ଲା ବ୍ଲକର ସାତପାଟଣା ଗାଁରୁ ହୋଇଛି। ତେବେ ବର୍ଷରେ ୨ଥର ବିଶ୍ୱ ଛେନାପୋଡ଼ ଦିବସ ପାଳନ ପରେ ବିବାଦ ବଢ଼ିଛି। ଫଳରେ ଏପ୍ରିଲ ୧୧ରେ ଜିଲା ପ୍ରଶାସନ ଯେଉଁ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରୁଥିଲା ସେଥିରେ ପୂର୍ଣ୍ଣଚ୍ଛେଦ ପଡିଥିବା ବିଶ୍ୱସ୍ତ ସୁତ୍ରରୁ ଜଣାପଡିଛି। ଅନ୍ୟପକ୍ଷେ ଜିଲା ସଦର ମହକୁମାରେ ବେସରକାରୀ ଭାବେ ଛେନାପୋଡ଼ ଦିବସ ପୂର୍ବ ବର୍ଷ ପରି ପାଳନ ନ ହୋଇ ପାରେ ବୋଲି ଜଣାପଡିଛି। ଛେନାପୋଡ଼ର ସ୍ରଷ୍ଟାକୁ ନେଇ ବାପ ଓ ପୁଅଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଉଥିବାରୁ ଛେନାପୋଡ଼ ଦିବସ ପାଳନ ନେଇ କେହି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ନୟାଗଡ଼ର ହେଲ୍ପିଂ ହ୍ୟାଣ୍ଡସର କର୍ମକର୍ତ୍ତା ନୂଆ ରାଜବାଟୀ କଲ୍ୟାଣ ମଣ୍ଡପରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ କରିବାକୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ଜିଲାବାସୀ ଘରେ ଛେନାପୋଡ଼ ଦିବସ ପାଳନ ପାଇଁ ନୟାଗଡ଼ ବିଧାୟକ ଅରୁଣ ସାହୁ ସଚେତନତା କରିଛନ୍ତି। ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ନୟାଗଡ଼ରେ ଅନୁଷ୍ଠିତ ହୋଇଛି। ଏଥିରେ ନୟାଗଡ଼ ବିଧାୟକ, ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ନୟାଗଡ଼ ମ୍ୟୁନିସିପାଲିଟି ଅଧକ୍ଷା ନିରୁପମା ଖଟେଇ ଓ ଉପାଧକ୍ଷ ଗୁରୁ ପ୍ରସାଦ ଜେନା, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୁଣି ଇଟାମାଟିରେ ଏପ୍ରିଲ ୧୧ରେ ଛେନାପୋଡ଼ ଦିବସ ପାଳନ ପାଇଁ ପ୍ରସ୍ତୁତି ଚାଲୁ ରହିଛି। ଓଡ଼ିଆ ମିଡ଼ିଆ ପ୍ରାଇଭେଟ ଲିମିଟେଡ ଆୟୋଜିତ ସହଭାଗିତା ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ଭୁବନେଶ୍ୱରର ସୂଚନା ଭବନରେ ଏପ୍ରିଲ ୧୧ ସାଢ଼େ ୧୦ଟାରେ ଛେନାପୋଡ ଦିବସ ପାଳନ କରାଯିବାକୁ ପ୍ରସ୍ତୁତି ଚାଲୁ ରହିଛି। ପ୍ରକାଶଥାଉକି ୨୦୨୨ ଏପ୍ରିଲ ୧୧ରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହୋଇ ଆସିଛି। ତେବେ ୨୦୨୪ରେ ଏପ୍ରିଲ ୧୧ ଓ ଡିସେମ୍ବର ୩୧ରେ ବିଶ୍ୱ ଛେନାପୋଡ ଦିବସ ପାଳନ ହେବା ପରେ ବିବାଦ ବଢ଼ିଛି।



### ପ୍ରସିଦ୍ଧି ସତ୍ତ୍ୱେ ଗୁଣବତ୍ତା ରହୁନି

ନୟାଗଡ଼ ଛେନାପୋଡ଼ର ପ୍ରସିଦ୍ଧି ସତ୍ତ୍ୱେ ଗୁଣବତ୍ତା ରହୁ ନ ଥିବା ଅଭିଯୋଗ ହୋଇ ଆସୁଛି। ନୟାଗଡ଼ ଛେନାପୋଡକୁ ଏକ ସ୍ୱତନ୍ତ୍ର ବ୍ରାଣ୍ଡ ଭାବେ ତିଆରି କରି ବ୍ୟବସାୟର ପ୍ରଚାର ଓ ପ୍ରସାର କରାଗଲେ ଏକ ନିଆରା ଖାଦ୍ୟ ରୂପେ ଛେନାପୋଡ଼ ଖାଦ୍ୟ ସାରଣୀରେ ପ୍ରତିଷ୍ଠିତ ହୋଇଯାଆନ୍ତା ବୋଲି ମତ ପ୍ରକାଶ ପାଇଛି। ଏନେଇ ସରକାର, ପ୍ରଶାସନ ଓ ବ୍ୟବସାୟୀଙ୍କ ସହଯୋଗ ଦରକାର। ଜିଲାର ବିଭିନ୍ନ ସ୍ଥାନରେ ଛେନାପୋଡ଼ ତିଆରି ହୋଇ ବିକ୍ରି ହେଉଥିଲେ ମଧ୍ୟ ଆଗଭଳି ଆଉ ସ୍ୱାଦିଷ୍ଟ ରହୁନି ବୋଲି ଅଭିଯୋଗ ହେଉଛି। ଛେନାପୋଡ଼ର ଗୁଣବତ୍ତା ନ ଥିବାରୁ ଧୀରେ ଧୀରେ ଏହାର ମାନ କମିବାରେ ଲାଗିଛି। ଏପରିକି ରାଜ୍ୟ,ଦେଶବିଦେଶରେ ଏନେଇ ସମାଲୋଚନା ହେଉଛି। ଛେନାର କେଜି ପିଛା ଦର ୧୫୦ରୁ ୨୦୦ ଟଙ୍କା ରହିଥିବାବେଳେ ଛେନାପୋଡ କେଜି ୧୦୦ରୁ ଆରମ୍ଭ ହୋଇ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଛେନାର ଦର ଅଧିକ ଥିବାବେଳେ ଛେନାପୋଡ଼ର ଦର କମ ଥିବାରୁ ଏହାର ମାନରେ ଗୁଣବତ୍ତା ରହୁ ନ ଥିବା ଅଭିଯୋଗ ହୋଇଛି। ଛେନାପୋଡ ନୟାଗଡ଼ ବ୍ଲକର ମାଛିପଡା୧୨୦ପରିବାର ତିଆରି କରୁଛନ୍ତି। ମାଛିପଡା ଅଞ୍ଚଳକୁ ଛେନାପୋଡ଼ର ପେଣ୍ଠସ୍ଥଳ କୁହାଯାଇପାରେ। ସେହିପରି ଓଡଗାଁ ବ୍ଲକର ସୋଲପଟାରେ ୭୯, ଦରପଦା ଗାଁରେ ୩୦, ନୟାଗଡ଼ ସହରରେ ୧୫, ନବଘନପୁରରେ ୫ରୁ ଊର୍ଦ୍ଧ୍ୱ ପରିବାର ପ୍ରସ୍ତୁତି କରି ଆସୁଛନ୍ତି। ଅନ୍ୟପକ୍ଷେ ଭାପୁର ବ୍ଲକର ଫତେଗଡ ଅଞ୍ଚଳ ରେ ୨୦ରୁ ଊର୍ଦ୍ଧ୍ୱ ପରିବାର ଛେନାପୋଡ଼ ପ୍ରସ୍ତୁତକରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ଛେନାପୋଡ ଭାଟି କରି କିଛି କାରିଗର ସହଯୋଗୀଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରତ୍ୟହ ଛେନାପୋଡ଼ ରାଉରକେଲା, ସୁନ୍ଦରଗଡ, ବ୍ରହ୍ମପୁର, କେନ୍ଦୁଝର, ସମ୍ବଲପୁର, କୋରାପୁଟ, ରାୟଗଡା, ବାଲିଗୁଡା, ଜୋଡା, ବଡବିଲ, ଝାରସୁଗୁଡା ଓ ଭୁବନେଶ୍ୱର ଆଦି ଅଞ୍ଚଳକୁ ଯାତ୍ରୀବାହୀ ବସରେ ଯାଉଛି।

### ଜିଆଇ ଟ୍ୟାଗ ଦାବି ଶୀତଳ ଭଣ୍ଡାରରେ

ନୟାଗଡ଼ର ଛେନାପୋଡ଼କୁ ଜିଓ ଗ୍ରାଫିକାଲ୍ ଇଣ୍ଡିକେସନ(ଜିଆଇ) ଟ୍ୟାଗ୍ ମାନ୍ୟତା ପାଇଁ ବିଭିନ୍ନ ସମୟରେ ଦାବି ଉଠିଛି। ମାନ୍ୟତା ମିଳିଲେ ଛେନାପୋଡ଼ର ସୃଷ୍ଟି ନୟାଗଡ଼ରୁ ବୋଲି ସରକାରୀ ସ୍ୱୀକୃତି ରହିବ। ଏନେଇ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଥିବା ଶିଳ୍ପନୀତି ଓ ପ୍ରୋତ୍ସାହନ ବିଭାଗ ନିକଟରେ ଜିଆଇ ଟ୍ୟାଗ୍ ପ୍ରଦାନ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜାତ ଦାଖଲ କରାଯାଇଥିଲେ ମଧ ଏହି ଦାବି ଶୀତଳ ଭଣ୍ଡାରରେ ପଡି ରହିଛି। ୨୦୧୭ ମସିହାରେ ନୟାଗଡ଼ର କିଛି ବୁଦ୍ଧିଜୀବୀ ଛେନାପୋଡ଼ ସମେତ ଅନ୍ୟ ସାମଗ୍ରୀକୁ ଜିଆଇ ଟ୍ୟାଗ୍ ମିଳୁ ବୋଲି ଦାବି ଉଠିବା ପରେ ପରବର୍ତ୍ତି ସମୟରେ ସାରା ରାଜ୍ୟରେ ଛେନାପୋଡ଼ ଦିବସ ପାଳନ ଚାଲିଛି। ତେବେ ଛେନାପୋଡ଼ର ସ୍ରଷ୍ଟାଙ୍କୁ ନେଇ ବିବାଦ ଜିଆଇ ଟ୍ୟାଗକୁ ପଛରେ ପକାଇ ଦେଇଛି ବୋଲି ଚର୍ଚ୍ଚା ହେଉଛି। ଓଡିଆ ମିଡିଆ ପ୍ରାଇଭେଟ ଲିମିଟେଡ ଆବାହକ ଶୁଭ୍ରାଂଶୁ ପଣ୍ଡା କୁହନ୍ତି, ଛେନାପୋଡ଼ ଦିବସ ୨ ଦିନ କ'ଣ ବର୍ଷ ଯାକ କଲେ କିଛି ଅସୁବିଧା ନାହିଁ। ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତା ମିଳିବା ଦରକାର। ଏଥିପାଇଁ ସମସ୍ତେ ସହଯୋଗ କରିବା ଦରକାର ବୋଲି କହିଛନ୍ତି।

### ଗୋ ସମ୍ପଦ ହ୍ରାସ ପାଉଛି

ଛେନା ବ୍ୟବସାୟ ବଢୁଥିବାବେଳେ ନୟାଗଡ଼ ଜିଲାରେ ଗୋ ସମ୍ପଦ ହ୍ରାସ ପାଉଛି। ଗାଁରେ ଆଉ ଗାଈ ଗୋଠ ଦେଖିବାକୁ ମିଳୁ ନାହିଁ। ଛେନାପୋଡ଼ ପାଇଁ ଲଢ଼େଇ ଆରମ୍ଭ ହୋଇଥିବାବେଳେ ଗୋସମ୍ପଦ ହ୍ରାସର କାରଣ ଖୋଜା ଯାଉନି। ଅଣଚାଷୀମାନେ ଗୁହାଳ ସହାୟତା ପାଉଛନ୍ତି। ଜିଲାରେ ବେଆଇନ ଗୋଚାଲାଣ ବଢ଼ିଚାଲିଛି। ଏଣୁ ଛେନାପୋଡ଼ ପାଇଁ କ୍ଷୀରର ସ୍ଥାନ କୃତ୍ରିମ ପାଉଡର ନେଉଛି। ଅନ୍ୟପକ୍ଷେ ଅଙ୍ଗାରରେ ଛେନାପୋଡ଼ ନ ପୋଡି କିଛି ସ୍ଥାନରେ ଗ୍ୟାସରେ ଛେନାପୋଡ଼ ପ୍ରସ୍ତୁତି ହେଉଛି। କିନ୍ତୁ ସରକାରୀ ଭାବେ ମିଳଥିବା ତଥ୍ୟ ଅନୁସାରେ ଗାଁ ଗହଳିରେ ଦେଶୀ ଗାଈ ସଂଖ୍ୟା କମିଥିବାବେଳେ ଦର୍ସି, ହଲିଷ୍ଟନ, ଗିରଙ୍କ ପରି ଶଙ୍କର ଜାତୀୟ ଗାଈଙ୍କ ସଂଖ୍ୟା ବଢ଼ିଚାଲିଛି। ଅଳ୍ପ ଗାଈ ହେଲେ ବି ଅଧିକ କ୍ଷୀର ଦେଉଛନ୍ତି। ଏଣୁ ଛେନାପୋଡ଼ ପାଇଁ ଛେନା ସମସ୍ୟା ନୁହେଁ ବୋଲି ସଫେଇ ଦିଆଯାଉଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଶ୍ୱଜିତ୍



@ ମୈତ୍ରୀ



@ ଶିବ



@ ଶ୍ରୀଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୨ଫୁଟ ଲମ୍ବର ଅହିରାଜ ଉଦ୍ଧାର



ଉଦ୍ଧାର ହୋଇଥିବା ଅହିରାଜ।

ରଣପୁର,୧୦।୪
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବ୍ଲକ ଶ୍ରୀକୃଷ୍ଣପୁର ଗ୍ରାମରୁ ବୁଧବାର ରାତିରେ ୧୨ଫୁଟ ଲମ୍ବର ଅହିରାଜ ସାପକୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଚୈତନ୍ୟ ବରାଡ଼ ଘରେ ଶୋଇଥିବା ବେଳେ ସୁସୁ ଶବ୍ଦ ହେବାରୁ ତାଙ୍କ ନିଦ ଭାଙ୍ଗି ଯାଇଥିଲା। ସେ ଉଠି ଦେଖନ୍ତି ତ ଘରେ ଏକ ଅହିରାଜ ସାପ ବୁଲୁଛି। ଏହା ଦେଖି ପରିବାର ଲୋକେ ଭୟଭୀତ ହୋଇ ବନବିଭାଗକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ବନବିଭାଗ କର୍ମଚାରୀ ଓ ସ୍ନେକ ହେଲ୍ପ ଲାଇନ ସଦସ୍ୟ ପ୍ରଦୀପ ପରିଡ଼ା ପହଞ୍ଚି ସାପଟିକୁ ଘରୁ ଉଦ୍ଧାର କରି ଫରେଷ୍ଟର ଅକ୍ଷୟ କୁମାର ନାୟକଙ୍କ ଉପସ୍ଥିତରେ ନିକଟସ୍ଥ ଖିଲାମୁଣ୍ଡା ଜଙ୍ଗଲରେ ଗୁରୁବାର ଛାଡ଼ି ଦେଇଥିଲେ।

# ଯାଗରକ୍ଷା ତାଡ଼କା ବଧ, ଶିବଧନୁ ଭଗ୍ନ

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୫ମ ଦିବସ

ଦଶପଲ୍ଲା,୧୦।୪ (ପ୍ରକାଶ କୁମାର ପାଣି)

ଭାରତ ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ପଞ୍ଚମ ଦିବସରେ ପରମ୍ପରା ଅନୁସାରେ ଗୁରୁବାର ପୂର୍ବାହ୍ନରେ ପ୍ରଭୁ ଶ୍ରୀ ରଘୁନାଥଙ୍କ ମନ୍ଦିରରେ ଜାଗରକ୍ଷା, ତାଡକା ବଧ ଓ ଶିବଧନୁଭଗ୍ନ କାର୍ଯ୍ୟକ୍ରମ ନୀତି ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଶୋତ୍ରୀୟ ବ୍ରାହ୍ମଣ, ପୂଜକ, ସେବାୟତମାନେ ବିଧିମତେ ପ୍ରଭୁ ରଘୁନାଥଙ୍କ ପଞ୍ଚମ ଦିବସର ପୂଜାକର୍ମ ଓ ନୀତି ଯଥାରୀତି ସମାପନ କରିଥିଲେ। ୧୮୦୨ ମସିହାରୁ ଆରମ୍ଭ ହୋଇଥିବା ଭାରତ ପ୍ରସିଦ୍ଧ ସର୍ବପୁରାତନ ମୁକ୍ତାକାଶ ରଙ୍ଗମଞ୍ଚରେ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୫ମ ଦିବସରେ ବ୍ରତଧାରୀ କଳାକାରମାନଙ୍କ ଦ୍ୱାରା ଅହଲ୍ୟା ତାରଣ, ତାଡ଼କା ବଧ, ଯାଗରକ୍ଷା,କୈବର୍ତ୍ତଙ୍କ ହସ୍ତରେ ପଦ ପ୍ରକ୍ଷାଳନ, ଗଙ୍ଗାପାର, ମିଥିଳା ଗମନ ଓ ଶିବଧନୁଭଗ୍ନ ନୀଳାଭିନୟ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଶିଷ୍ଟ କବି ବିକ୍ରମ ନରେନ୍ଦ୍ରଙ୍କ ରଚିତ ରାମଲୀଳା ପୋଥିଗୀତ ସାଙ୍ଗକୁ କେଇ ହଳ ଗିନି ଓ ପାରମ୍ପରିକ ବାଦ୍ୟଯନ୍ତ୍ର ସାହାଯ୍ୟରେ ଏହି ନୀଳାଭିନୟ ଅନୁଷ୍ଠିତ ହୋଇଥାଏ। ପାରମ୍ପରିକ ଗାୟନଶୈଳୀ ଓ ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କୁ ରାମରସରେ ବିମୋହିତ କରିଥାଏ।



ନାଟକର ୫ମ ସନ୍ଧ୍ୟାରେ ଶିବ ଧନୁ ଭଙ୍ଗାର ଦୃଶ୍ୟ।

# ଖଣ୍ଡପଡ଼ା ଅଞ୍ଚଳରେ ହାତୀ ଆତଙ୍କ

ଖଣ୍ଡପଡା,୧୦।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ବନାଞ୍ଚଳ ଅଧୀନ ସାପୁଆ ସଂରକ୍ଷିତ ଜଙ୍ଗଲରେ ୩ଟି ହାତୀ ଚଳପ୍ରଚଳ ହେଉଥିବା ନେଇ ଜଣାପଡିବା ପରେ ସିଂଘାପଡା, ଗଡିଆସାହି, କିଆଝର, କୋସକା ପ୍ରଭୃତି ପଞ୍ଚାୟତବାସୀଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଖଣ୍ଡପଡା ବନ ବିଭାଗ କର୍ମଚାରୀମାନେ ସୂଚନା ପାଇବା ପରେ ବନାଚଞ୍ଚ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସନାତନ ସ୍ୱାଇଁ, ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ହାତୀମାନଙ୍କ ଗତିବିଧି ଉପରେ ପୁରା ନଜର ରଖିଛନ୍ତି। ବୁଧବାର ରାତିରୁ ଦଶପଲ୍ଲା ଜଙ୍ଗଲ ଦେଇ ସାପୁଆ ସଂରକ୍ଷିତ ଜଙ୍ଗଲକୁ ହାତୀ ଆସିଥିବା ନେଇ ବନ ବିଭାଗ ସୂଚନା ଦେଇଛି। ଜଙ୍ଗଲରେ ହାତୀ ଚଳପ୍ରଚଳ ହେଉଥିବାରୁ ସ୍ଥାନୀୟ ଅଂଚଳବାସୀ ସଚେତନ ହୋଇ ଏ ଦିଗରେ ପୁରା ସଜାଗ ରହିବାକୁ ଖଣ୍ଡପଡା ବନାଚଂଳ ଅଧିକାରୀ ପରାମର୍ଶ ଦେଇଛନ୍ତି।

# ମହାନଦୀରେ ୭.୫୦ ଲକ୍ଷ ମାଛ ଯାଆଁଳ ଛଡ଼ାଗଲା



ଉନ୍ନତ ମାଛ ଯାଆଁଳ ଛାଡ଼ିବା କାର୍ଯ୍ୟକ୍ରମରେ ଯୋଗଦେଇଥିବା ମତ୍ସ୍ୟ ଚାଷୀ।

ଖଣ୍ଡପଡା,୧୦।୪
(ଅଜୟ କୁମାରମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ବଡବାଣପୁର ପଞ୍ଚାୟତ ମହାଦେବ ସାହି ନିକଟବର୍ତ୍ତୀ ମହାନଦୀ କୂଳରେ ମତ୍ସ୍ୟ ସଂପଦ ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ କିସମର ମାଛ ଯାଆଁଳ ଛାଡିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମହାନଦୀରେ ଉନ୍ନତ ମାନର ମାଛ ଯାଆଁଳ ମଧ ଛଡାଯାଇଥିଲା। ବିଶେଷ କରି ମହାନଦୀର ମଧୁର ଜଳ ମାଛ ଚାଷର ଚାହିଦା ଥିବା ବେଳେ ସରକାର ଏ ଦିଗରେ ପଦକ୍ଷେପ ଗ୍ରହଣ କରୁଥିବା ସୂଚନା ମିଳିଛି। ନୟାଗଡ଼ ଜିଲା ମତ୍ସ୍ୟ ଅଧିକାରୀ ପ୍ରକାଶ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଉଜଳ ମହାରଣା, ବରିଷ୍ଠ ଜିଲାପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଉପଜିଲାପାଳ ସୁମିତ୍ରା ଭୂୟାଁ, ବାଣପୁର ସରପଂଚ ପ୍ରତିମା ପ୍ରଧାନ ଓ ବେଣାଗାଡିଆ ସରପଞ୍ଚ ବଳରାମ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଚାଷୀଙ୍କ ଯୋଜନା ବାବଦରେ ସୂଚନା ଦେଇଥିଲେ। ଖଣ୍ଡପଡା ବ୍ଲକ ସହକାରୀ ମତ୍ସ୍ୟ /ଅଧିକାରୀ ଦେବାଶିଷ ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ସହକାରୀ ମତ୍ସ୍ୟ ଅଧିକାରୀ ସ୍ନେହାଂଶୁ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ମହାନଦୀରେ ପ୍ରାୟ ୭ ଲକ୍ଷ ୫୦ ହଜାର ଯାଆଁଳ ଛଡା ଯାଇଥିବା ଜଣାପଡିଛି।

# ଲାଗୁ ହେଲା ୟୁନିଫାଏଡ୍ ଅଟୋମେଶନ ବ୍ୟବସ୍ଥା

- ଭିତ୍ତିଭୂମି ସୁଦୃଢ଼ ନ ହେଲେ ସଫଳତା ଆଶା କ୍ଷୀଣ
- ଶିକ୍ଷୟିତ୍ରୀ,ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ଉପସ୍ଥାପନକୁ ବିରୋଧ

ନୟାଗଡ଼,୧୦।୪(ଲୋକନାଥ ମିଶ୍ର)

ଗୁରୁବାରଠାରୁ ବିଦ୍ୟାଳୟରେ ୟୁନିଫାଏଡ୍ ଅଟୋମେଶନ୍ ସିଷ୍ଟମ ଲାଗୁ ହୋଇଥିଲେ ମଧ୍ୟ ଏହାର ସଫଳତା ଉପରେ ସନ୍ଦେହ ପ୍ରକାଶ ପାଇଲାଣି। ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ମାଧ୍ୟମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଦୈନିକ ଉପସ୍ଥାପନ ପକାଇବାର ବ୍ୟବସ୍ଥା ହୋଇଥିଲେ ହେଁ ବ୍ୟବସ୍ଥା ଲାଗୁ ପୂର୍ବରୁ ଓ ପରେ ବିରୋଧ ବଢ଼ିବା ଶିକ୍ଷା ବିଭାଗର ନିଷ୍ପତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଭିତ୍ତିଭୂମିକୁ ସୁଦୃଢ଼ ନ କରି ଏହି ବ୍ୟବସ୍ଥା ଲାଗୁ ପରେ ଶିକ୍ଷକ ମହଲରେ ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ ପାଇଛି।ଏନେଇ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରାଯାଇଛି।

ଗୁରୁବାର ନୟାଗଡ଼ ପ୍ରାଥମିକ ଶିକ୍ଷକ ଭବନରେ ଜିଲା ମାଧ୍ୟମିକ ଶିକ୍ଷକ ସଂଘ, ଜିଲା ପ୍ରାଥମିକ ଶିକ୍ଷକ ସଂଘ, ନୂତନ ପେନଶନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ, ଆଲୋଷ୍ଟା, ଏକ୍ସ କ୍ୟାଡର ଶିକ୍ଷକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଜିଲା ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟରେ ୱାଇଫାଇ ସେବା ଓ ଡାଟା ଏଣ୍ଟ୍ରି ଅପରେଟର ନ ଥିବା ପରି ଅନେକ ସୁବିଧା ନ ଥାଇ ଅନଲାଇନ ଉପସ୍ଥାନ ଲାଗୁ କରିବା ସରକାରଙ୍କର ଅପରିଣାମଦର୍ଶିତା ବୋଲି ମତ ପ୍ରକାଶ ପାଇଛି। ଏଣୁ ଏହାକୁ ବାତିଲ କରିବାକୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଉକ୍ତ ବୈଠକରେ ଶିକ୍ଷକ ନେତା ମାଣିକେଶ୍ୱର ସ୍ୱାଇଁ, ଶେଖ ଅବଦୁଲ ଖାଲିକ, ଭକ୍ତ ରଞ୍ଜନ ମିଶ୍ର, ପରମାନନ୍ଦ ସ୍ୱାଇଁ, ବିଭୂତି ଭୂଷଣ ସାହୁ, ବାମନ ବାରିକ, ଲକ୍ଷ୍ମୀଧର ସାହୁ, ସୁରେଶ ଚନ୍ଦ୍ର ସେଠୀ, ପୀତବାସ ପ୍ରଧାନ, ଜ୍ୟୋତି ରଞ୍ଜନ କର, ନରେଶ ପାଣିଗ୍ରାହୀ, ଅଶୋକ ସାହୁ, ସୁଶିଲ ରଣା, ଉମେଶ ସ୍ୱାଇଁ, ଭଗବାନ ପଣ୍ଡା, ଗତିକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ନେତା ଏସ୍.ଏ ଖାଲିକ କୁହନ୍ତି, ଅନ୍‌ଲାଇନରେ ଉପସ୍ଥାନ ନେବା ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ବିଦ୍ୟାଳୟରେ ଭିତ୍ତିଭୂମିର ବିକାଶ ଏଯାବତ ହୋଇ ପାରିନାହିଁ। ଜିଲାରେ ଏପରି ସ୍କୁଲ ରହିଛି ଯେଉଁଠାରେ ୫ଟି ଶ୍ରେଣୀକୁ ଜଣେ ଅଥବା ୨ ଜଣ ଓ ୮ଟି ଶ୍ରେଣୀକୁ ୪ଜଣ ଶିକ୍ଷକରେ ପାଠପଢ଼ା ଚାଲିଛି। ବଣ ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳରେ ନେଟୱର୍କ ସୁବିଧା ନାହିଁ। ସେହିପରି ରାଜ୍ୟ ସରକାର ୟୁନିଫାଏଡ୍ ଅଟୋମେଶନ ସିଷ୍ଟମ ପାଇଁ ୱାଇ ଫାଇ ବ୍ୟବସ୍ଥା କରି ନାହାନ୍ତି। ପୁଣି ଶିକ୍ଷକଙ୍କୁ ଟାବଲେଟ ଦେଇଛନ୍ତି କିନ୍ତୁ ଇଣ୍ଟରନେଟ ସୁବିଧା ଯୋଗାଇ ଦିଆଯାଇନାହିଁ। ଭିତ୍ତିଭୂମିକୁ ସୁଦୃଢ଼ ନ କରି ଶିଶୁ ବାଟିକା-୩ ଖୋଲାଯିବା ଦ୍ୱାରା ଶିକ୍ଷକମାନଙ୍କ କାର୍ଯ୍ୟଭାର ବଢ଼ି ଯାଇଛି। ଏକାକାଳୀନ ଏଭଳି କାର୍ଯ୍ୟଭାର ଲଦିଦେବା ଦ୍ୱାରା ଶିକ୍ଷକମାନେ ମୁକ୍ତ ଶିକ୍ଷାଦାନ ଦେବାରେ ଅସୁବିଧା ଭୋଗି ଚାଲିଛନ୍ତି। ଏଣୁ ଏଭଳି ବ୍ୟବସ୍ଥା ଲାଗୁ କରାଯିବା ପୂର୍ବରୁ ଶିକ୍ଷକ ସଂଗଠନ ପ୍ରତିନିଧିଙ୍କ ସହିତ ଆଲୋଚନା କରି ଲାଗୁ କରାଯାଇଥିଲେ ସଫଳତା ମିଳି ପାରିଥାନ୍ତା ବୋଲି ଆଶା କରାଯାଉଛି। ଅନ୍‌ଲାଇନରେ ଉପସ୍ଥାନ ବ୍ୟବସ୍ଥା ଯଦି ଲାଗୁ କରାଯାଉଛି ତେବେ ଭିତ୍ତିଭୂମି ଯୋଗାଇ ସବୁ ବର୍ଗର କର୍ମଚାରୀମାନଙ୍କ ପାଇଁ ଲାଗୁ କରାଯିବା ଦରକାର ବୋଲି କହିଛନ୍ତି। ଶିକ୍ଷକ ନେତା ଉମେଶ ସ୍ୱାଇଁ କୁହନ୍ତି, ୟୁନିଫାଏଡ୍ ଅଟୋ ମେଶନ୍ ସିଷ୍ଟମ ଲାଗୁ ପାଇଁ ସ୍କୁଲର ପ୍ରଧାନଶିକ୍ଷକମାନଙ୍କୁ କେବଳ ୨ ଘଣ୍ଟିଆ ତାଲିମ ପ୍ରଦାନ କରିଥିଲେ ବ୍ୟବସ୍ଥାର ସୁଫଳ ମିଳିବ ଆଶା କରିବା ଠିକ ନୁହେଁ। ୟୁନିଫାଏଡ୍ ଅଟୋ ମେଶନ୍ ସିଷ୍ଟମ ଲାଗୁ ପୂର୍ବରୁ ଆନୁଷଙ୍ଗିକ ଭିତ୍ତିଭୂମି ଯୋଗାଇବାର ଆବଶ୍ୟକତା ରହିଥିଲା। ଆମେ ୟୁନିଫାଏଡ୍ ଅଟୋ ମେଶନ୍ ସିଷ୍ଟମକୁ ବିରୋଧ କରୁନୁ, ତେବେ ଭିତ୍ତିଭୂମି ନଯୋଗାଇ ଆମ ଉପରେ ଏହାକୁ ଲଦି ଦେବା ଠିକ ନୁହେଁ। ଯାହାକି ଆମକୁ ଭାରାକ୍ରାନ୍ତ କରୁଥିବାରୁ ଆମେ ବିରୋଧ କରିବାକୁ ବାଧ୍ୟ ହୋଇଛୁ ବୋଲି କହିଥିଲେ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣ୍ଡେ କୁହନ୍ତି,ଗୁରୁବାରଠାରୁ ୟୁନିଫାଏଡ୍ ଅଟୋମେଶନ୍ ସିଷ୍ଟମ ଲାଗୁ ହୋଇଛି। ଏଥିରେ କେତେକ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ ଉପସ୍ଥାନ ଆସିଛି। ୨ରୁ ୩ ଦିନ ପରେ ସମୀକ୍ଷା କରାଯିବ। ପରେ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ୟୁନିଫାଏଡ୍ ଅଟୋମେଶନ୍ ସିଷ୍ଟମକୁ ବିରୋଧ କରୁଥିବା କର୍ମଚାରୀ।

# ୪୯ ଲକ୍ଷର ନକଲି ନୋଟ୍ ଜବତ, ୨ ଗିରଫ

## ଟିଟିଲାଗଡ଼ରେ ଏସ୍‌ଟିଏଫ୍ ଚଢ଼ାଉ


ଗିରଫ ଦୁଇ ଅଭିଯୁକ୍ତ

ଟିଟିଲାଗଡ଼,(ଶରତ ମିଶ୍ର)/ ଭୁବନେଶ୍ୱର,୧୦।୪ (ସତ୍ୟଜିତ୍ ରାଉତ)

ପଶ୍ଚିମ ଓଡ଼ିଶା ନକଲି ନୋଟ୍ କାରବାରର ପେଣ୍ଠସ୍ଥଳ ପାଲଟିଛି। କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବାରମ୍ବାର ନକଲି ନୋଟ୍ ଜବତ କରିବା ସହ ସମ୍ପୃକ୍ତ ଚାଲାଣକାରୀଙ୍କୁ ଧରୁଥିଲେ ମଧ୍ୟ ଏହି ବେଆଇନ କାରବାର ବନ୍ଦ ହେବା ପରିବର୍ତ୍ତେ ବଢ଼ି ଚାଲିଛି। ଏବେ ବଲାଙ୍ଗୀର ଜିଲା ଟିଟିଲାଗଡ଼ରେ ଆଉ ଏକ ନକଲି ନୋଟ୍ ର୍‌ୟାକେଟକୁ ଧରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍। ସ୍ଥାନୀୟ ପୋଲିସ ସହାୟତାରେ ଏସ୍‌ଟିଏଫ୍ ଟିମ୍ ଚଢ଼ାଉ କରି ୪୯ ଲକ୍ଷ ଟଙ୍କାର ନକଲି ନୋଟ୍ ଜବତ କରିବା ସହ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟିଟିଲାଗଡ଼ ସହର ରଘୁନାଥପଡା ଅଞ୍ଚଳର ମହମ୍ମଦ ସବିର (୪୫) ଓ ସିକିର ଅଞ୍ଚଳର ନେତ୍ର ରାଉତ। ମିଳିତ ଟିମ୍ ସେମାନଙ୍କଠାରୁ ନକଲି ନୋଟ୍ ବ୍ୟତୀତ ଅନ୍ୟ ଅପରାଧ ସମ୍ବନ୍ଧୀୟ ସାମଗ୍ରୀ ଜବତ କରିଛି। ତେବେ ଗିରଫ ପରେ ଅଭିଯୁକ୍ତଦ୍ୱୟଙ୍କୁ ଏସ୍‌ଟିଏଫ୍ ଟିମ୍ ଟିଟିଲାଗଡ ଥାନାକୁ ହସ୍ତାନ୍ତର କରିଥିଲା। ଏହି ଘଟଣାରେ ଟିଟିଲାଗଡ ଥାନା ପୋଲିସ ଏକ ମାମଲା (ନଂ.୧୨୭/୨୦୨୫) ରୁଜୁ କରିବା ସହ ସବିର ଓ ନେତ୍ରଙ୍କୁ ଗୁରୁବାର କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ଟିଟିଲାଗଡ଼ ଥାନାରେ ପୋଲିସ ପକ୍ଷରୁ ଗୁରୁବାର ଖବରଦାତା ସମ୍ମିଳନୀ କରାଯାଇଥିଲା। ଟିଟିଲାଗଡ଼ ଏସ୍‌ଡିପିଓ ଯଶୋବନ୍ତ ପ୍ରଧାନୀ ଓ ଆଇଆଇସି କଲ୍ୟାଣୀ ବେହେରାଙ୍କ ସୂଚନା ଅନୁଯାୟୀ, ନକଲି ନୋଟ୍ କାରବାର ନେଇ ସୂଚନା ମିଳିବା ପରେ ବୁଧବାର ସନ୍ଧ୍ୟାରେ ବଲାଙ୍ଗୀର-ଟିଟିଲାଗଡ ରୋଡ୍ ସିକିର ଗ୍ରାମ ନିକଟରେ ମିଳିତ ଟିମ୍ ଛକି ରହି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ସେମାନେ ଦୀର୍ଘଦିନ ହେବ ନକଲି ନୋଟ କାରବାର କରୁଥିଲେ। ସେମାନଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ତଦନ୍ତ କରାଯିବ। ଏହି ନକଲି ନୋଟ୍ କେଉଁଠି ଛପା ଯାଉଥିଲା, ର୍‌ୟାକେଟର ମାଷ୍ଟରମାଇଣ୍ଡ କିଏ; ତାହା ଜାଣିବାକୁ ଛାନ୍‌ଭିନ୍ ଚାଲିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଭିନ୍ନ ଜାତିର ପୁଅ ସହ ଚାଲିଯିବାରୁ ଝିଅଙ୍କୁ ହତ୍ୟାକଲେ ବାପା

### ମାମୁଙ୍କ ଅଭିଯୋଗ ଆଧାରରେ ଅଭିଯୁକ୍ତ ବାପା ଗିରଫ

ପାଟନା, ୧୦।୪

ଅନ୍ୟ ଜାତିର ଜଣେ ଯୁବକଙ୍କ ସହ ଝିଅ ଘରୁ ପଳାଇଯିବାରୁ କ୍ରୋଧରେ ଜର୍ଜରିତ ଜଣେ ବାପା ନିଜ ଝିଅଙ୍କୁ ହତ୍ୟା କରିବାକୁ ପଛାଇ ନାହାନ୍ତି। ଏପରି କି ଏହି ହତ୍ୟା ସମ୍ପର୍କରେ ଅନ୍ୟ କାହାରିକୁ ନ ଜଣାଇ ମୃତଦେହକୁ ଗାଧୁଆ ଘରେ ଲୁଚାଇ ରଖିଥିଲେ। ଏଭଳି ଏକ ଘଟଣା ବିହାର ସମସ୍ତିପୁର ଜିଲାରେ ଘଟିଥିବାବେଳେ ଅଭିଯୁକ୍ତ ବାପା ମୁକେଶ ସିଂଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ଝିଅ ସାକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ପୋଲିସ ସୂଚନାନୁଯାୟୀ, ସାକ୍ଷୀଙ୍କ ବାପା ମୁକେଶ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ। ସାକ୍ଷୀ ଏବଂ ତାଙ୍କର ଜଣେ ପୁରୁଷବନ୍ଧୁ ସାଙ୍ଗ ହୋଇ କଲେଜ ଯିବାଆସିବା କରନ୍ତି। ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହେଲେ ଯୁବକ ଜଣକ ଭିନ୍ନ ଜାତିର ହୋଇଥିବାରୁ ଏହି ସମ୍ପର୍କକୁ ଝିଅର ପରିବାର ଗ୍ରହଣ କରିପାରି ନ ଥିଲେ। ଗତ ମାର୍ଚ୍ଚ ୪ରେ ସାକ୍ଷୀ ନିଜର ପୁରୁଷବନ୍ଧୁଙ୍କ ସହ ଘରଛାଡ଼ି ଦିଲ୍ଲୀ ପଳାଇଯାଇଥିଲେ। ସେଠାରେ ଜଣେ ସମ୍ପର୍କୀୟଙ୍କ ଘରେ ରହିଥିଲେ। ଘରୁ ଝିଅ କୁଆଡ଼େ ଚାଲିଯାଇଥିବା ନେଇ ମୁକେଶ ମୋଇଉଦ୍ଦିନ ନଗର ଥାନାରେ ଏକ ନିଖୋଜ ରିପୋର୍ଟ କରିଥିଲେ। ସପ୍ତାହେ ତଳେ ପୁରୁଷ ବନ୍ଧୁଙ୍କ ସମ୍ପର୍କୀୟମାନେ ଉଭୟଙ୍କୁ ବୁଝାଶୁଝା କରିବା ସହ ସାକ୍ଷୀଙ୍କୁ ତାଙ୍କ ଘର ଲୋକଙ୍କୁ ଫେରାଇ ଦେଇଥିଲେ। ତେବେ କିଛିଦିନ ପରେ ସାକ୍ଷୀଙ୍କୁ ଆଉ ଦେଖିବାକୁ ମିଳି ନ ଥିଲା। ଏନେଇ ମୁକେଶଙ୍କୁ ତାଙ୍କ ସ୍ତ୍ରୀ ପଚାରିଥିଲେ ସୁଦ୍ଧା ସେ କୌଣସି ଉତ୍ତର ଦେଇ ନ ଥିଲେ। ପରେ ସାକ୍ଷୀଙ୍କ ମା' ନିଜ ଭାଇ ବିପିନ କୁମାରଙ୍କୁ ଏନେଇ ଜଣାଇଥିଲେ। ବିପିନ ଭାଣିଜୀଙ୍କ ସମ୍ପର୍କରେ ମୁକେଶଙ୍କୁ ପଚାରିବାରୁ ସାକ୍ଷୀ ପୁଣି ଥରେ ଘର ଛାଡ଼ି ଚାଲିଯାଇଥିବା କହିଥିଲେ। ତେବେ ମୁକେଶଙ୍କ ଏହି କଥାରେ ସନ୍ଦେହ ହେବାରୁ ବିପିନ ପୋଲିସକୁ ଖବର ଦେଇଥିଲେ। ଏହାପରେ ପୋଲିସ ମୁକେଶଙ୍କ ଘରକୁ ଆସି ତଦନ୍ତ ଆରମ୍ଭ କରିଥିଲା। ମୁକେଶଙ୍କ ଘରର ବନ୍ଦ ପଡ଼ିଥିବା ଏକ ଗାଧୁଆଘର ମଧ୍ୟରୁ ଦୁର୍ଗନ୍ଧ ଆସିବାରୁ ପୋଲିସ ଉକ୍ତ ଗାଧୁଆ ଘର ଖୋଲିଥିଲା ଓ ସେଠାରୁ ସାକ୍ଷୀଙ୍କ ମୃତଦେହ ଜବତ କରିଥିଲା। ପରେ ପୋଲିସ ମୁକେଶଙ୍କୁ ଗିରଫ କରିଥିଲା। ଝିଅ ସାକ୍ଷୀଙ୍କୁ ହତ୍ୟା କରିଥିବା ନେଇ ମୁକେଶ ପୋଲିସ ସମ୍ମୁଖରେ ସ୍ୱୀକାର କରିଛନ୍ତି।

# ସ୍ୱାମୀହନ୍ତା ସ୍ତ୍ରୀଙ୍କୁ ଆଜୀବନ କାରାଦଣ୍ଡ

ବଲାଙ୍ଗୀର,୧୦।୪ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ଡ. ପବିତ୍ର ମୋହନ ସାମଲ ଏହାର ବିଚାରକରି ସ୍ୱାମୀହନ୍ତା ସ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ୨୦୨୨ ଅକ୍ଟୋବର ୨୨ରେ ବଲାଙ୍ଗୀର ଜିଲା ତୁଷରା ଥାନା ମହୀପୁର ଗ୍ରାମର ରଜନୀକାନ୍ତ ଭୋଇ ତୁଷରା ଥାନାରେ ତାଙ୍କ ପୁଅ ଦିବ୍ୟସିଂହ ଭୋଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ। ଦିବ୍ୟସିଂହଙ୍କ ସ୍ତ୍ରୀ ଯଶୋଦା ଭୋଇ (୩୦) ଏହି ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସେ ଦର୍ଶାଇଥିଲେ। ଏ ସଂକ୍ରାନ୍ତରେ ଥାନାରେ ସେତେବେଳେ ଏକ ମାମଲା (ନଂ.୧୬୨/୨୨) ରୁଜୁ ହୋଇଥିଲା। ତତ୍କାଳୀନ ପୋଲିସ ଅଧିକାରୀ ସଞ୍ଜୀବ ପ୍ରଧାନ ଘଟଣାର ତଦନ୍ତ କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ଯଶୋଦାଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଥିଲା। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଶେଷରେ ୨୦୨୨ ଅକ୍ଟୋବର ୨୧ ବିଳମ୍ବିତ ରାତିରେ ଦିବ୍ୟସିଂହଙ୍କୁ ଶୋଇଥିବା ଅବସ୍ଥାରେ ଯଶୋଦା ଏକ ଟାଙ୍ଗିଆ ସାହାଯ୍ୟରେ ହତ୍ୟାକରିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ମାମଲାର ବିଚାରକରି ଜିଲା ଦୌରାଜଜ୍ ଡ. ସାମଲ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଉକ୍ତ ମାମଲାକୁ ସରକାରୀ ଓକିଲ ସୁବାସ ଚନ୍ଦ୍ର ମାହାନ୍ତ ପରିଚାଳନା କରିଥିଲେ।

# ରାଉରକେଲାରେ ଡବଲ ମର୍ଡର, ଜଣେ ଗିରଫ

- ଶୋଇଥିବାବେଳେ ଯୁବକଙ୍କ ତଣ୍ଟିକାଟି ହତ୍ୟା
- ପୂର୍ବଶତ୍ରୁତାରୁ ବିଟ୍ ବଜାରରେ ଗୋଡ଼ାଇ ହାଣିଲେ

ରାଉରକେଲା,୧୦।୪ (ସଙ୍ଗୀତା ଜେନା)

ରାଉରକେଲା ସହରରେ ବୁଧବାର ରାତିରେ ୨ଟି ହତ୍ୟାକାଣ୍ଡ ଘଟିଛି। ପ୍ଲାଣ୍ଟସାଇଟ୍ ଥାନା ଗାନ୍ଧୀରୋଡ୍‌ରେ ଶୋଇଥିବା ଅବସ୍ଥାରେ ଏକ ଧାରୁଆ ଛୁରିରେ ଜଣେ ଯୁବକଙ୍କ ତଣ୍ଟିକାଟି ହତ୍ୟା କରାଯାଇଛି। ମୃତକ ହେଲେ ମଧୁସୂଦନପାଲୀ ଅଞ୍ଚଳର ସୁଦୀପ କର(୩୭) ଓରଫ ବଙ୍ଗାଳୀ। ଏହି ମାମଲାରେ ପୋଲିସ ଗୁରୁବାର ବିହାର ରାଜ୍ୟ ଗୟାର ମୂଳନିବାସୀ ତଥା ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ରହୁଥିବା ସଞ୍ଜୟ ରବିଦାସ(୪୪)ଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାରେ ବ୍ୟବହୃତ ଧାରୁଆ ଛୁରି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୨/୨୫) ରୁଜୁ କରି ଅପରାହ୍ନ ୫ଟାରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଏବଂ ବଙ୍ଗାଳୀ ଜରି ଓ ବର୍ଜ୍ୟବସ୍ତୁ ସଂଗ୍ରହ କରି ଚଳୁଥିଲେ। ଉଭୟ ବୁଧବାର ରାତି ପ୍ରାୟ ୧୦ଟା ସମୟରେ ଗାନ୍ଧୀ ରୋଡ୍ ପାର୍ଶ୍ୱରେ ଶୋଇଥିଲେ। ଏହାପୂର୍ବରୁ ସଞ୍ଜୟ ମଦ ପିଇବା ପାଇଁ ବଙ୍ଗାଳୀଙ୍କୁ ଟଙ୍କା ମାଗିଥିଲେ। ଏଥିରେ ବଙ୍ଗାଳୀ ରାଜି ନ ହୋଇ ଶୋଇପଡ଼ିଥିଲେ। ସଞ୍ଜୟ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଛୁରିରେ ବଙ୍ଗାଳୀଙ୍କ ତଣ୍ଟି କାଟି ଦେଇଥିଲେ। ସ୍ଥାନୀୟ ଲୋକେ ସଞ୍ଜୟଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ସେହିପରି ବୁଧବାର ରାତିରେ ଛେଣ୍ଡ ଥାନା ଅଞ୍ଚଳରେ ଚାଲିଥିବା ଆଖଡା ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ଆସିଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁର୍ବୃତ୍ତମାନେ ଜଣେ ଯୁବକଙ୍କୁ ବିଟ୍ ବଜାରରେ ଗୋଡାଇ ଗୋଡାଇ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଛେଣ୍ଡ କଳିଙ୍ଗ ବିହାର କୋ-ଅପରେଟିଭ୍ କଲୋନିର ମୁକେଶ କର(୨୧)। ମୃତକଙ୍କ ସମ୍ପର୍କୀୟ ବିଶ୍ୱରଞ୍ଜନ କର ରାତି ପ୍ରାୟ ୩ଟାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୯୭/୨୫) ରୁଜୁ କରି ହତ୍ୟାକାଣ୍ଡରେ ସମ୍ପୃକ୍ତି ସନ୍ଦେହରେ ୪/୫ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସିସିଟିଭି ଓ ସାଇଣ୍ଟିଫିକ୍ ଟିମ୍ ଏହାର ଅନୁସନ୍ଧାନ କରୁଛନ୍ତି। ଅପରପକ୍ଷେ ଗୁରୁବାର ସକାଳେ ମୃତକଙ୍କ ପିତା ସୁଧୀର କର ଛେଣ୍ଡ ଥାନାରେ ପହଞ୍ଚି ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କହିଛନ୍ତି। ଅପରାହ୍ନ ୪ଟାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

# ଡକାୟତି କରି ଫେରୁଥିବା କାର୍ ଦୁର୍ଘଟଣାଗ୍ରସ୍ତ



- ୨ଲକ୍ଷ ୪୦ହଜାର ଟଙ୍କା, ୪୬ ଗ୍ରାମ୍ ସୁନା, ୨୦୯ ଗ୍ରାମ୍ ରୁପା ଜବତ
- ୨ ଅଟକ

ବାହାନଗା, ୧୦।୪ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଥାନା ଜୁଣିଆ ନିକଟସ୍ଥ ସାରଙ୍ଗପୁର ଛକଠାରେ ବୁଧବାର ବିଳମ୍ବିତ ରାତିରେ ଏକ ବଡ଼ଧରଣର କାର୍ ଦୁର୍ଘଟଣା ହୋଇଥିଲା। ଏଥିରେ ଥିବା ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପୋଲିସ ହେପାଜତ୍‌ରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣାଗ୍ରସ୍ତ କାର୍‌କୁ ଯାଞ୍ଚ କରାଯିବା ପରେ ତା' ମଧ୍ୟରୁ ପୋଲିସ ୨ଲକ୍ଷ ୪୦ହଜାର ଟଙ୍କା, ୪୬ ଗ୍ରାମ୍ ସୁନା ଓ ୨୦୯ ଗ୍ରାମ୍ ରୁପା ଜବତ ହୋଇଛି। ଡକାୟତି କରି ବାସୁଦେବପୁର ଆଡୁ ଦିଲ୍ଲୀ ନମ୍ବର ଥିବା ଏହି କାର୍ ଫେରୁଥିବା ବେଳେ ସନ୍ଦେହଜନକ ଭାବେ କେତେଜଣ ଯୁବକ ଗୋଡ଼ାଇବାରୁ ଗାଡ଼ି ରାସ୍ତାକଡ଼ରେ ଜମା ହୋଇଥିବା ମାଟି ଉପରେ ଚଢ଼ିଯାଇ ବିଦ୍ୟୁତ୍‌ଖୁଣ୍ଟରେ ପିଟି ହୋଇଯାଇଥିଲା। ଦ୍ରୁତଗତିରେ କାର୍ (ନଂ. ଡିଏଲ-୩ ସିବିକ୍ୟୁ-୧୯୬୯) ଆସି ଦୁର୍ଘଟଣାଗ୍ରସ୍ତ ହେବା ପରେ ସ୍ଥାନୀୟ ଲୋକେ ଘେରିଯାଇଥିଲେ। ଏଥିରେ ଗଞ୍ଜେଇ ଚାଲାଣ ହେଉଥିବା ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସେଥିରେ ଥିବା ଉତ୍ତରପ୍ରଦେଶର ଇମାମ କ୍ୟୁରେସି(୩୯) ଓ ଇରଫାନ ଅନୱାର(୩୮)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ଡ୍ରାଇଭର କୌଶଳକ୍ରମେ ଖସି ପଳାଇଯାଇଥିଲେ। ପୋଲିସ ରାତିରେ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଥାନାକୁ ଆଣିଥିଲା। ଆହତମାନଙ୍କୁ ପ୍ରଥମେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ସଦର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଅଧିକ କିଛି ସୂଚନା ମିଳି ନ ଥିବା ବେଳେ ଆହତଦ୍ୱୟ ସୁସ୍ଥ ହେବା ପରେ ସମସ୍ତ ତଥ୍ୟ ଜଣାପଡିବ ବୋଲି ପୋଲିସ କହିଛି। ଫେରାର ଡ୍ରାଇଭରଙ୍କୁ ଗିରଫ ପାଇଁ ପୋଲିସ ଖୋଜାଖୋଜି କରୁଛି। ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ। ବାଲେଶ୍ୱର ଏସ୍‌ଡିପିଓ ପହଞ୍ଚି ଜବତ ଟଙ୍କା ଓ ଅଳଙ୍କାର ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି।

# ଚାକିରି କରାଇଦେବା ନାଁରେ ୬୪ ଲକ୍ଷ ଠକେଇ, ଜଣେ ଗିରଫ

### ଗିରଫ ନକଲି ଡିଏସ୍‌ପିଙ୍କ ସହ ଲିଙ୍କ୍ ଥିବା ସନ୍ଦେହ

ପଦ୍ମପୁର, ୧୦।୪ (ପ୍ରଶାନ୍ତ କୁମାର କର)

ଫରେଷ୍ଟ ବିଭାଗରେ ରେଞ୍ଜର ଚାକିରି କରାଇଦେବା ନାଁରେ ଠକେଇ। ୪ ଜଣ ଯୁବକଙ୍କଠାରୁ ୬୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ରାୟଗଡ଼ା ଜିଲା ପଦ୍ମପୁର ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ବ୍ଲକ୍ ଅଧୀନ କେନ୍ଦୁଗୁଡ଼ା ନିକଟସ୍ଥ ରାଜପୁରର ଗ୍ରାମର ପ୍ରସନ୍ନ କରଡ଼ା। ନିକଟରେ ଭୁବନେଶ୍ୱରରୁ ଗିରଫ ହୋଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତିଙ୍କ ସହ ପ୍ରସନ୍ନଙ୍କ ଲିଙ୍କ୍ ଥିବା ପୋଲିସ ସନ୍ଦେହ କରିଛି। ତେବେ ଏହି ଠକେଇ କାର୍ଯ୍ୟରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ପୋଲିସ ସେ ନେଇ ଖୋଳତାଡ଼ କରୁଥିବା ଜଣାପଡିଛି।

ପୋଲିସ ସୂଚନା ଅନୁଯାୟୀ, ଖମ୍ବାରିଗୁଡ଼ାର ଶ୍ରୀଧର ପ୍ରହରାଜଙ୍କ ପୁଅଙ୍କୁ ଫରେଷ୍ଟ ବିଭାଗରେ ରେଞ୍ଜର ଚାକିରି କରାଇଦେବାକୁ କହି ପ୍ରସନ୍ନ ୪୦ ଲକ୍ଷ ଟଙ୍କା ଠକି ନେଇଥିଲେ। ଏହାପରେ ସେ ଆଉ ଧରାଛୁଆଁ ନ ଦେବାରୁ ଶ୍ରୀଧର ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ କେସ୍ ନଂ. ୫୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅଭିଯୁକ୍ତ ପ୍ରସନ୍ନ ଚାକିରି କରାଇଦେବା ନାଁରେ ପଦ୍ମପୁର ଅଞ୍ଚଳର ଆଉ ୩ଜଣ ବ୍ୟକ୍ତିଙ୍କଠାରୁ ୨୪ ଲକ୍ଷ ଟଙ୍କା ଠକି ନେଇଥିବା ପୋଲିସ ତଦନ୍ତ ସମୟରେ ଜଣାପଡ଼ିଥିଲା।

# ବଳାତ୍କାର ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ

ଅନୁଗୋଳ,୧୦।୪ (ମାନସ ବିଶ୍ୱାଳ)

ଅନୁଗୋଳ ଅତିରିକ୍ତ ଜିଲା ଓ ସେସନ ଜଜ୍ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ଏକ ଭିନ୍ନକ୍ଷମ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଚନ୍ଦନ ମାଝୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ତାଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ମାମଲାରୁ ପ୍ରକାଶ, ୨୦୨୪ ଜାନୁଆରୀ ୭ ଅପରାହ୍ନରେ ନାବାଳିକା ଜଣକ ଘର ଅଗଣାରେ ଖେଳୁଥିଲେ। ଏହି ସମୟରେ ଅଭିଯୁକ୍ତ ଚନ୍ଦନ ନାବାଳିକାଙ୍କୁ ନିକଟସ୍ଥ ଶାଗୁଆନ ବାଡ଼ିକୁ ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ମା' ଝିଅକୁ ଉଦ୍ଧାର କରିବା ସହ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରିଥିଲା। ୧୧ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଦାଲତ ଦୋଷୀ ଚନ୍ଦନଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିବା ସହ ପୀଡ଼ିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥିକ ରାଶି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ପେଶାଲ ପି.ପି. ପ୍ରଦୀପ କୁମାର ଭୂତିଆ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଧୋବ ଧାଉଳିଆ ଯେଉଁଠି**
**ପୁଳା ଟଙ୍କା ପଡ଼େ ସେଇଠି।**

ବଡ଼ବଡ଼ିଆଙ୍କ ପାଖରେ ସମସ୍ତେ ନେଇ ଅର୍ଥ ଠୁଳ କରନ୍ତି। କ୍ଷମତାଶାଳୀଙ୍କ ପାଖରେ ଟଙ୍କା ଭୋଗ ନ ଥୋଇଲେ କାମ କିଛି ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧେଇ ଧେଇ ଧେଇକି ନାଟ**
**ପେଯ ପିଆଠାରେ ବସିଛି ହାଟ।**

ସାଧାରଣତଃ ବଡ଼ ଲୋକ ଭୁଲ୍ କଲେ କିଛି ହଟଗୋଳ ହୋଇ ନ ଥାଏ। କିନ୍ତୁ ଗରିବ ବା ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ୍ ପାଇଁ ବି କଥା କୋର୍ଟ କଚେରିକୁ ଯାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଏହାହିଁ ଏ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଚୁନୁରିରେ ତଣ୍ଟିକୁ ଭିଡ଼ି ମାରିଥିଲେ ପ୍ରେମିକ

### ଦୟାନଦୀ ପଠାରୁ ଯୁବତୀଙ୍କ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ


ଅଭିଯୁକ୍ତ ଚନ୍ଦନ ପରିଡା

ଭୁବନେଶ୍ୱର,୧୦।୪ (ସତ୍ୟଜିତ୍ ରାଉତ)

ପ୍ରାୟ ଅଢ଼େଇ ମାସ ତଳେ ଭୁବନେଶ୍ୱର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ମେଲଣପଡ଼ିଆ ନିକଟ ଦୟାନଦୀ ପଠାରେ ଜଣେ ଅଚିହ୍ନା ଯୁବତୀଙ୍କ ଗଳିତ ମୃତଦେହ ଜବତ ଘଟଣାରେ ସତ ପଦାକୁ ଆସିଛି। ଏହା ଏକ ହତ୍ୟାକାଣ୍ଡ ଥିଲା ବୋଲି କମିଶନରେଟ୍ ପୋଲିସ କହିବା ସହ ପରଦା ପଛରେ ଥିବା ରହସ୍ୟ ଉନ୍ମୋଚନ କରିଛି। ମୃତା ଯୁବତୀ ହେଲେ କନ୍ଧମାଳର ସ୍ନେହା ବେହେରା ଓରଫ ଅପର୍ଣ୍ଣା (୩୦)। ନିବିଡ଼ ପ୍ରେମ ସମ୍ପର୍କ ଭିତରେ କୁହୁଳୁଥିବା ସନ୍ଦେହରୁ ଏହି ବର୍ବରୋଚିତ କାଣ୍ଡ ଘଟିଥିଲା। ଧଉଳି ବୁଲାଇବାକୁ ନେଇ ଫେରିବା ବେଳେ ପ୍ରେମିକ ହିଁ ଚୁନୁରିରେ ତାଙ୍କ ବେକକୁ ଭିଡ଼ି ଜୀବନ ନେଇଥିଲେ। ଗୁରୁବାର ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ଧଉଳି ପାଲିସ ଏକ ହତ୍ୟା ମାମଲା (ନଂ.୬୦/୨୦୨୫) ରୁଜୁ କରି ଅଭିଯୁକ୍ତ ପ୍ରେମିକ ଚନ୍ଦନ ପରିଡା ଓରଫ ମଙ୍ଗୁ (୨୭)ଙ୍କୁ ଗିରଫ କରିଛି। ଚନ୍ଦନଙ୍କ ଘର ଜଗତ୍‌ସିଂପୁର ଜିଲା କୁଜଙ୍ଗ ଥାନା ଅଧୀନ କାଠକୋଟା ଗାଁରେ ଓ ସେ ଭୁବନେଶ୍ୱର କଟକରୋଡ୍‌ସ୍ଥିତ ଏକ ହୋଟେଲରେ ସିକ୍ୟୁରିଟି ଗାର୍ଡ ଥିଲେ। ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଚନ୍ଦଙ୍କ ନାଁରେ କୁଜଙ୍ଗ ଥାନାରେ ଦୁଇଟି ମାମଲା ରହିଛି। ପୋଲିସ ଟିମ୍ ଚନ୍ଦନଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏଟ୍ କରିବା ସହ ପୂରା ଘଟଣାର ତଥ୍ୟ ହାସଲ କରିଛି।

### ଫେସ୍‌ବୁକ୍‌ରୁ ପ୍ରେମ

ସ୍ନେହାଙ୍କ ଘର କନ୍ଧମାଳରେ ହୋଇଥିବା ସେ ଭୁବନେଶ୍ୱର ନୟାପଲ୍ଲୀ ବରମୁଣ୍ଡା ବେହେରା ସାହିରେ ରହି ଏକ ଧୂପ କାରଖାନାରେ କାମ କରୁଥିଲେ। ଏଥିସହ ଅନ୍ୟାନ୍ୟ ଛୋଟମୋଟ କାମ ମଧ୍ୟ କରୁଥିଲେ। ଗତବର୍ଷ ମାର୍ଚ୍ଚରେ ଫେସବୁକ୍‌ରେ ଚନ୍ଦନଙ୍କ ସମ୍ପର୍କରେ ଆସିଥିଲେ। ଉଭୟ ଫ୍ରେଣ୍ଡ୍ ହେବା ପରେ ମେସେଞ୍ଜର୍‌ରେ ଚାଟିଂ ଏବଂ ନମ୍ବର ଦିଆନିଆ ହୋଇଥିଲେ। ପରେ ଉଭୟ ବିଭିନ୍ନ ସମୟରେ ପାର୍କ ଆଦି ବୁଲିଯିବା ସହ ପ୍ରେମ ସମ୍ପର୍କରେ ଘନିଷ୍ଠତା ବଢ଼ିଥିଲା। ସ୍ନେହାଙ୍କୁ ଚନ୍ଦନ ଏକ ନୂଆ ମୋବାଇଲ ଦେଇଥିଲେ। ଏପରିକି ଅଧିକାଂଶ ସମୟରେ ଟଙ୍କା ମଧ୍ୟ ଦେଉଥିଲେ।

### ଜାନୁଆରୀ ୧୦ ସ୍ନେହାଙ୍କ ପାଇଁ ଥିଲା ଶେଷଦିନ

ସ୍ନେହା ଜାନୁଆରୀ ୧୦ରେ ଘରୁ ଭୁବନେଶ୍ୱର ଫେରିଥିଲେ। ପରେ ଚନ୍ଦନଙ୍କ ସହ ସେ ମୋ ବସ୍‌ରେ ଧଉଳି ଶାନ୍ତିସ୍ତୁପକୁ ବୁଲିବାକୁ ଯାଇଥିଲେ। ତେବେ ସ୍ନେହାଙ୍କ ମୋବାଇଲ ପ୍ରାୟ ସମୟରେ ବିଜି ରହୁଥିବାରୁ ସେ ଅନ୍ୟ ଜଣେ ଯୁବକଙ୍କ ସହ ସମ୍ପର୍କ ବଢ଼ାଉଥିବା ଚନ୍ଦନଙ୍କ ମନରେ ସନ୍ଦେହ ଉପୁଜିଥିଲା। ବୁଲାବୁଲି ସମୟରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ବଢ଼ିଥିଲା। ଚନ୍ଦନଙ୍କ ପ୍ରଶ୍ନକୁ ସ୍ନେହା ବାଆଁରେଇ ଦେଇଥିଲେ। ଉଭୟ ଅଟୋ ଯୋଗେ ଧଉଳିଛକକୁ ଫେରିଥିଲେ। ଝଗଡ଼ାଭିତରେ ଉଭୟ ଆଗ ପଛ ହୋଇ ଚାଲି ଚାଲି ଦୟାନଦୀ ପଠା ଆଡକୁ ଆସିଥିଲେ। ସନ୍ଧ୍ୟାରେ ବାଲିଯାତ୍ରା ପଡିଆ ପାଖରେ ଝଗଡା ଉଗ୍ରରୂପ ନେଇଥିଲା। ହଠାତ୍ ସ୍ନେହାଙ୍କୁ ଚନ୍ଦନ ଶକ୍ତ ଚାପୁଡା ମାରିବା ସହ ଗାଳି ଦେଇଥିଲେ। ସ୍ନେହା ତଳେ ପଡ଼ିଯିବାରୁ ରାଗରେ ଜର୍ଜରିତ ଚନ୍ଦନ ଚୁନୁରିରେ ତାଙ୍କ ବେକକୁ ଭିଡ଼ି ହତ୍ୟା କରିଥିଲେ। ସେଠାରେ ହିଁ ସ୍ନେହାଙ୍କ ପ୍ରାଣବାୟୁ ଉଡ଼ିଯିବା ପରେ ରାସ୍ତା କଡରେ ମୃତଦେହ ଫିଙ୍ଗି ଚନ୍ଦନ ଚାଲିଆସିଥିଲେ।

# ଶ୍ମଶାନ ମାଟି ତଳୁ ଶବ ଗାଏବ


ମୃତଦେହ ଗାଏବ ହୋଇଥିବା ସ୍ଥାନ

### ପୋତାଯାଇଥିଲା, ଦଶାହ କର୍ମବେଳକୁ ନାହିଁ

ଭଣ୍ଡାରିପୋଖରୀ,୧୦।୪ (ରାଜେନ୍ଦ୍ର ଶତପଥୀ)

ଶ୍ମଶାନରୁ ଶବ ଗାଏବ। ଗାଁ ଶ୍ମଶାନରେ ମା'ଙ୍କ ମୃତଦେହ ପୋତାଯାଇଥିଲା। ଦଶାହ କର୍ମ ପାଇଁ ପୁଅ ଗଲାବେଳକୁ ଶ୍ମଶାନରେ ମୃତଦେହ ନାହିଁ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଣିନାଥପୁର ବୈତରଣୀ ନଦୀପଠାରେ ଥିବା ଶ୍ମଶାନରେ ଗୁରୁବାର ସକାଳେ ଏଭଳି ଘଟଣା ଦେଖିବାକୁ ମିଳିଛି। ମୃତା ମହିଳା ହେଲେ ମଣିନାଥପୁର ଗ୍ରାମର ରୁକ୍ମିଣୀ ସାମଲ। ଗତ ୧ ତାରିଖରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ନଦୀପଠାରେ ଥିବା ଶ୍ମଶାନରେ ତାଙ୍କ ମୃତଦେହ ପୋତାଯାଇଥିଲା। ଦଶାହ କର୍ମ ପାଇଁ ମୁଖାଗ୍ନି ଦେଇଥିବା ତାଙ୍କ ପୁଅ ତପନ ସାମଲ ସକାଳେ ଉକ୍ତ ସ୍ଥାନକୁ ଯାଇଥିବା ବେଳେ ଗାତ ଖୋଳାଯାଇ ଶବ ଗାଏବ ହୋଇଥିବା ସେ ଦେଖିବାକୁ ପାଇଥିଲେ। ସେଠାରେ ପାଣି ଓ ମଦ ବୋତଲ ପଡ଼ିଥିଲା। ପ୍ରାୟ ୨ଶହ ମିଟର ଘୋଷରା ଯାଇଥିବା ସ୍ଥାନରେ ପଚି ଯାଇଥିବା ମାଂସ ଓ ଅନ୍ତଃବସ୍ତ୍ର ପଡ଼ିଥିବା ସେ ଦେଖିଥିଲେ। ମୃତା ରୁକ୍ମିଣୀଙ୍କ ସ୍ୱାମୀ ଶ୍ରୀମନ୍ତ ସାମଲ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ବୁଧବାର ରାତିରେ ମୃତଦେହ ଚୋରି ହୋଇଥିବା ନେଇ ଦର୍ଶାଯାଇଛି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ପ୍ରକାଶଥାଉ କି, ୨୦୨୩ ଜୁନ୍ ୨୩ ରାତିରେ ଏହି ଶ୍ମଶାନରୁ ଏକକାଳୀନ ୩ ମୃତଦେହ ଗାଏବ ହୋଇଯାଇଥିବା ନେଇ ଗ୍ରାମବାସୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ୨୦୨୩ ଏପ୍ରିଲ ୨୪ରେ ମୃତକ ଗ୍ରାମର ଶ୍ରୀକାନ୍ତ ବେହେରା, ୩ରେ ମୃତକ ଅକ୍ଷୟ ବେହେରା ଓ ଅନନ୍ତ ନାଥଙ୍କ ଶବ ନ ଥିବା ଚିହ୍ନଟ ହୋଇଥିଲା। ଖୋଳାଯାଇଥିବା ୩ଟି ଗାତ ନିକଟରୁ ସଂସ୍କାର ସମୟରେ ମୃତଦେହର ପିନ୍ଧାବସ୍ତ୍ର ପଡ଼ିଥିଲା। ଏଥିପୂର୍ବରୁ ୨୦୧୬ରେ ମୃତଦେହ ଚୋରି ହୋଇଥିବା ସମ୍ପର୍କରେ ଗ୍ରାମବାସୀ ପ୍ରଥମେ ଅବଗତ ହୋଇଥିଲେ। ନଦୀର ବାଲି ଖାଲରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଜଣେ ଶିଶୁର ମୃତଦେହ ପୋତାଯିବାର ଦୁଇମାସ ପରେ ଖୋଳି ନିଆଯାଇଥିଲା। ଏହା ଗୁଣିଗାରେଡ଼ି କିମ୍ବା ବିଜ୍ଞାନ ପରୀକ୍ଷାଗାର କିମ୍ବା ଡାକ୍ତରୀ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଚୋରି କରାଯାଇଥାଇପାରେ ବୋଲି ଗ୍ରାମବାସୀ ଆଲୋଚନା କରୁଛନ୍ତି।

# ସନସ୍ୟୁର ଏନର୍ଜି ସହ ଜେଏସ୍‌ଏଲ୍ ସୁପର ଷ୍ଟିଲ୍‌ର ବୁଝାମଣା




ଭୁବନେଶ୍ୱର,୧୦।୪ (ଅଭୟ ଦାଶ)
ଭାରତର ସର୍ବବୃହତ୍ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦନକାରୀ ଜିନ୍ଦଲ ଷ୍ଟେନଲେସର ଗାଜିଆବାଦସ୍ଥିତ ସହାୟକ କମ୍ପାନୀ ଜେଏସ୍‌ଏଲ ସୁପର ଷ୍ଟିଲ ଏବଂ ଶକ୍ତି ଉତ୍ପାଦନକାରୀ କମ୍ପାନୀ ସନସ୍ୟୁର ଏନର୍ଜି ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥା ୧୧ ମେଗାୱାଟର ଦୀର୍ଘମିଆଦୀ ଶକ୍ତି କ୍ରୟ ଚୁକ୍ତି (ପିପିଏ) ସ୍ୱାକ୍ଷର କରିଛନ୍ତି। ବୁଝାମଣା ଅନୁଯାୟୀ ଉତ୍ତର ପ୍ରଦେଶର ଅଗସାଇଠାରେ ଥିବା ୪୯ ମେଗାୱାଟ୍ ପିକ୍ ସୌର ପ୍ରକଳ୍ପରୁ ଏହା ୧୧ ମେଗାୱାଟ୍ ସୌର ଶକ୍ତି ଗ୍ରହଣ କରିବ ଏବଂ ଏହାର ପ୍ଲାଣ୍ଟରେ ପ୍ରାୟ ୫୦% ସ୍ୱଚ୍ଛ ଶକ୍ତି ଉପଯୋଗ କରିବ। ସ୍ଥାୟୀ ଶିଳ୍ପ ଅଭିବୃଦ୍ଧି ଦିଗରେ ଏହା ଏକ ସୈନିକିକ ପଦକ୍ଷେପ ହେବ ବୋଲି କୁହାଯାଉଛି। ଜିନ୍ଦଲ ଷ୍ଟେନଲେସର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ମୁଖ୍ୟ ପରିଚାଳନା ଅଧିକାରୀ ଜଗମୋହନ ସୁଦ୍ କହିଛନ୍ତି, ଜେଏସ୍‌ଏଲ ସୁପର ଷ୍ଟିଲ୍‌ର ଏହି ଭାଗିଦାରି ଆମର ନେଟ୍ ଜିରୋ ଲକ୍ଷ୍ୟ ହାସଲ ଦିଗରେ ଆଉ ଏକ ପଦକ୍ଷେପ ଏବଂ ୨୦୩୫ ସୁଦ୍ଧା ୫୦% କାର୍ବନ ନିର୍ଗମନ ହ୍ରାସ କରିବାର ଆମର ସ୍ୱଳ୍ପକାଳୀନ ଲକ୍ଷ୍ୟର ଏକ ଅଂଶ। ଆମର ଉତ୍ପାଦନ ପ୍ରକ୍ରିୟାରେ ଅକ୍ଷୟ ଶକ୍ତିକୁ ସମନ୍ୱିତ କରି ଆମେ କେବଳ କାର୍ବନ ଫୁଟ୍‌ପ୍ରିଣ୍ଟ ହ୍ରାସ କରୁନାହୁଁ ବରଂ ଭାରତରେ ଧାତୁ ଶିଳ୍ପ ପାଇଁ ନୂତନ ମାନଦଣ୍ଡ ମଧ୍ୟ ସ୍ଥାପିତ କରୁଛୁ। ଷ୍ଟେନଲେସ୍ ଷ୍ଟିଲ ଶିଳ୍ପରେ ଏକ ଅଗ୍ରଣୀ କମ୍ପାନୀ ହିସାବରେ ସବୁଜ ହାଇଡ୍ରୋଜେନ ବ୍ୟବହାର, ଜୈବ ଇନ୍ଧନର ବ୍ୟବହାର, ଗ୍ରିଡରୁ ଅକ୍ଷୟ ଶକ୍ତି ଅଂଶ ବୃଦ୍ଧି ଇତ୍ୟାଦି ମାଧ୍ୟମରେ ସ୍ୱଚ୍ଛ ଉପାୟ ଅବଲମ୍ବନ କରିବା ଏକ ଦାୟିତ୍ୱ ବୋଲି ଆମେ ବିଚାର କରୁଅଛୁ। ସେହିଭଳି ସନସ୍ୟୁର ଏନର୍ଜିର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ସିଇଓ ଶଶାଙ୍କ ଶର୍ମା କହିଛନ୍ତି, ଶିଳ୍ପ କ୍ଷେତ୍ର ଭାରତର ଅକ୍ଷୟ ଶକ୍ତି ଲକ୍ଷ୍ୟ ସହ ଯୋଡ଼ି ହୋଇଥିବାରୁ ଏଭଳି ସହଯୋଗ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଏହି ଚୁକ୍ତି ମାଧ୍ୟମରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଅକ୍ଷୟ ଉତ୍ସରୁ ଶକ୍ତି ସଂଗ୍ରହ କରି ଉତ୍ତର ପ୍ରଦେଶରେ ଧାତୁ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ସାଜିଛି। ଏହା ଦର୍ଶାଉଛି ଯେ ସ୍ୱଚ୍ଛ ଶକ୍ତି କେବଳ ଏକ ବିକଳ୍ପ ନୁହେଁ, ବରଂ ଶିଳ୍ପ ପ୍ରଗତିର ଭବିଷ୍ୟତ। ନିରନ୍ତର ବିକାଶ ପଦକ୍ଷେପ ପାଇଁ ଜେଏସ୍‌ଏଲ୍‌ର ସୁପରିଚିତ ଏବଂ ସେମାନଙ୍କୁ ଆମର ଗ୍ରାହକ ପରିବାରରେ ସ୍ୱାଗତ କରି ଆମେ ଗର୍ବ ଅନୁଭବ କରୁଛୁ। ଅପରପକ୍ଷରେ ଜେଏସ୍‌ଏଲ ସୁପର ଷ୍ଟିଲ ସହ ସନସ୍ୟୁର ଏନର୍ଜିର ବୁଝାମଣା (ଭାଗିଦାରି) ଭାରତର ବାଣିଜ୍ୟିକ ଏବଂ ଶିଳ୍ପ କ୍ଷେତ୍ରରେ ଅକ୍ଷୟ ଶକ୍ତିକୁ ଆଗକୁ ବଢ଼ାଇବାର ଲକ୍ଷ୍ୟକୁ ଆହୁରି ସୁଦୃଢ଼ କରିବ। ଏହି ଭାଗିଦାରି ଜେଏସ୍‌ଏଲ ସୁପର ଷ୍ଟିଲକୁ ବାର୍ଷିକ ୧୬.୫ ମିଲିୟନ ୟୁନିଟ୍ (ଏମୟୁ) ସ୍ୱଚ୍ଛ ଶକ୍ତି ପାଇବାରେ ସକ୍ଷମ କରିବ ଏବଂ କମ୍ପାନୀକୁ ବାର୍ଷିକ ୧୨ ମିଲିୟନ କିଲୋଗ୍ରାମ କାର୍ବନ ନିର୍ଗମନକୁ ହ୍ରାସ କରିବାରେ ସାହାଯ୍ୟ କରିବ, ଯାହା ୫ ଲକ୍ଷ ୪୫ ହଜାରରୁ ଅଧିକ ଗଛ ଲଗାଇବା ସହିତ ସମାନ। ଏହି ପଦକ୍ଷେପ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଭାରତର ପ୍ରୟାସକୁ ସୁଦୃଢ଼ କରିବ ଏବଂ ଏକ ଶିଳ୍ପ କ୍ଷେତ୍ରରେ ଗୁଣାତ୍ମକ ଆଣିବ, ଯାହାର ଉଦ୍ଦେଶ୍ୟ ହେଉଛି ଶକ୍ତି ଭିତ୍ତିକ ଶିଳ୍ପ କ୍ଷେତ୍ରରେ କାର୍ବନ ନିର୍ଗମନକୁ ରୋକିବା।

# ଫିଜିକ୍ସୱାଲାର ୨ୟ ଅଫ୍‌ଲାଇନ ସେଣ୍ଟର ଉଦ୍‌ଘାଟିତ




ପିଡବ୍ଲ୍ୟୁର ଦ୍ୱିତୀୟ ଅଫ୍‌ଲାଇନ ସେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୦।୪
ଫିଜିକ୍ସୱାଲା (ପିଡବ୍ଲ୍ୟୁ)ର ଦ୍ୱିତୀୟ ଅଫ୍‌ଲାଇନ ସେଣ୍ଟର 'ବିଦ୍ୟାପୀଠ କେନ୍ଦ୍ର' ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଇନ୍‌ଫିନିଆ ଟାୱାରରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି ଏହା ଏକ ନୂତନ ଟେକ୍-ସକ୍ଷମ 'ପିଡବ୍ଲ୍ୟୁ ବିଦ୍ୟାପୀଠ କେନ୍ଦ୍ର' ହୋଇଥିବାବେଳେ ଏଠାରେ ଛାତ୍ରଛାତ୍ରୀମାନେ ଅନୁଭବୀ ଶିକ୍ଷକଙ୍କ ନେତୃତ୍ୱରେ ପାଠ ପଢ଼ି ପାରିବେ। ଏହି ଅବସରରେ ଫିଜିକ୍ସୱାଲାର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ବିବେକ ଗୌର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡବ୍ଲ୍ୟୁର ବହୁ ବରିଷ୍ଠ ଅଧିକାରୀ ଓ ସେଣ୍ଟର କର୍ମଚାରୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଫିଜିକ୍ସୱାଲାର ସିଇଓ (ଅଫ୍‌ଲାଇନ) ଅଙ୍କିତ ଗୁପ୍ତା କହିଛନ୍ତି, ଆମେ ସର୍ବଦା ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଗ୍ରହଣ ଅନୁଭବକୁ ଉନ୍ନତ କରିବାର ଉପାୟ ଖୋଜିବାକୁ ଚେଷ୍ଟା କରୁଛୁ। ଭୁବନେଶ୍ୱରରେ ଆମର ପୂର୍ବ କେନ୍ଦ୍ର ସହିତ ଏକ ନୂତନ କେନ୍ଦ୍ର ଖୋଲି ଆମେ ଅଧିକ ଛାତ୍ରଛାତ୍ରୀଙ୍କୁ ସେବା ପ୍ରଦାନ କରିବା ଏବଂ ସେମାନଙ୍କ ଘର ନିକଟରେ ଉଚ୍ଚ ଗୁଣବତ୍ତା ଶିକ୍ଷା ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ଏହା ବ୍ୟତୀତ ପିଡବ୍ଲ୍ୟୁ ଏବଂ ପିଡବ୍ଲ୍ୟୁଏସ୍‌ଏଟି ପାଇଁ ମଧ୍ୟ ନାମଲେଖା ଆରମ୍ଭ ହୋଇଛି, ଯାହା ଛାତ୍ରଛାତ୍ରୀମାନଙ୍କ ପାଇଁ ଅଫ୍‌ଲାଇନ କୋର୍ସଗୁଡ଼ିକ ପାଇଁ ଟ୍ୟୁସନ ଫି ଛାଡ଼ ସୁଯୋଗ ପ୍ରଦାନ କରିବ। ଏହି ପରୀକ୍ଷା ଅଫ୍‌ଲାଇନ ଏବଂ ଅନ୍‌ଲାଇନ ଉଭୟ ମୋଡ୍‌ରେ ଆୟୋଜିତ ହେବ ଏବଂ ଏଥିରେ ସପ୍ତମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଏବଂ ଜେଇଇ କିମ୍ବା ନିଟ୍ ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀମାନେ ଭାଗ ନେଇପାରିବେ। ପିଡବ୍ଲ୍ୟୁ ବିଦ୍ୟାପୀଠ ହେଉଛି ଟେକ୍-ସକ୍ଷମ ଅଫ୍‌ଲାଇନ କେନ୍ଦ୍ର, ଯେଉଁଠାରେ ଛାତ୍ରଛାତ୍ରୀମାନେ ଅନୁଭବୀ ଶିକ୍ଷକଙ୍କ ନେତୃତ୍ୱରେ ବ୍ୟକ୍ତିଗତଶ୍ରେଣୀରେପାଠପଢ଼ୁଛନ୍ତି।

# ବଜାରରେ ରିଆଲ୍‌ମିର ନୂତନ ଉତ୍ପାଦ

ଭୁବନେଶ୍ୱର,୧୦।୪
ରିଆଲ୍‌ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଆଲ୍‌ମି ନାର୍ଜୋ ୮୦ ପ୍ରୋ ୫ଜି ଏବଂ ରିଆଲ୍‌ମି ନାର୍ଜୋ ୮୦ଏକ୍ସ ୫ଜିର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ରିଆଲ୍‌ମିର ମୁଖପାତ୍ର କହିଛନ୍ତି, ରିଅଲ୍‌ମି ପ୍ରବର୍ତ୍ତନ ଚାଲୁଥିବା ଯୁବା ଉପଭୋକ୍ତାଙ୍କ ପାଇଁ ନାର୍ଜୋ ୮୦ ସିରିଜରେ ଆମର ସବୁଠାରୁ ଶକ୍ତିଶାଳୀ ସୁବିଧାଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ୮୦ପ୍ରୋର ଗେମିଂ ଆଧିପତ୍ୟ ଏବଂ ୮୦ଏକ୍ସର ସନ୍ତୁଳିତ ଉତ୍କର୍ଷତା ସହିତ ଆମେ ମଧ୍ୟମ ସେଗମେଣ୍ଟରେ ପ୍ରିମିୟମତାର ଉଦ୍ଭାବନ ଆଣିଛୁ। ୮୦ ପ୍ରୋରେ ୪୫୦୦ ନିଟ୍ ଡିସ୍‌ପ୍ଲେ ଏବଂ ୬୦୦୦ ଏମ୍‌ଏଚ୍ ବ୍ୟାଟେରି ସହିତ ୮୦ଏକ୍ସରେ ସେଗମେଣ୍ଟ-ପ୍ରଥମ ମିଡିଆଟେକ୍ ଡାଇମେନସିଟି ୬୪୦୦ ଚିପସେଟ 'ମେକ୍ ଇନ୍ ଇଣ୍ଡିଆ' ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

# ସେନ୍‌କୋରେ ବ୍ୟାଙ୍ଗଲ ଉତ୍ସବର ଶୁଭାରମ୍ଭ

ଭୁବନେଶ୍ୱର,୧୦।୪
ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ (ସେନ୍‌କୋ)ର ବହୁ ପ୍ରତୀକ୍ଷିତ ପ୍ରଦର୍ଶନୀ 'ବ୍ୟାଙ୍ଗଲ ଉତ୍ସବ'ର ଶୁଭାରମ୍ଭ ହୋଇଯାଇଛି। ପୋଇଲା ବୈଶାଖ ଏବଂ ଅକ୍ଷୟ ତୃତୀୟା ଉପଲକ୍ଷେ ଆୟୋଜିତ ଏହି ନୂତନ ବ୍ୟାଙ୍ଗଲ ଉତ୍ସବ ଉଭୟ ପ୍ରଦର୍ଶନୀ ଓ ବିକ୍ରୟ ପାଇଁ ଉପଲବ୍ଧ। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଗର୍ବର ସହ ଖୁସିଯୋଗ କି ରିତ ଉପସ୍ଥାପନ କରୁଛି, ସେନ୍‌କୋ କାରିଗରିର ୮୫ ବର୍ଷରୁ ଅଧିକ ଗୌରବମୟ ବର୍ଷ ପାଳନ କରୁଥିବା ବେଳେ 'ଆପ୍‌କା ଶୁକ୍ରିୟା ଅଭିଯାନ'ରେ ଚିତ୍ରିତ ପ୍ରତ୍ୟେକ ଫିଲିଗ୍ରି, ନକ୍ସା ଖୋଦିନ ଏବଂ ହୀରା ସେଟିଂ ପଛରେ ଥିବା କାରିଗରମାନଙ୍କୁ ସ୍ୱୀକୃତି ପ୍ରଦାନ କରୁଛି। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ତଥା ମାର୍କେଟିଂ ଆଣ୍ଡ ଡିଜାଇନ ମୁଖ୍ୟ ଜୋଇତା ସେନ୍ କହିଛନ୍ତି, ଆପ୍‌କା ଶୁକ୍ରିୟା ଅଭିଯାନ ହେଉଛି କାରିଗର ଏବଂ କାରିଗରି ଉପରେ ନିର୍ମିତ ସେନ୍‌କୋର ବିରାସତର ଏକ ଉଦାହରଣ। ଆମର କାରିଗରମାନଙ୍କୁ ସେମାନଙ୍କର ସମର୍ପଣ ଏବଂ ପିଢ଼ି ପିଢ଼ି ଧରି ଆମ ସହିତ ରହିବା ପାଇଁ ଧନ୍ୟବାଦ ଜଣାଉଛୁ। ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମଡି ତଥା ସିଇଓ ଶୁଭଙ୍କର ସେନ୍ କହିଛନ୍ତି, ଏଥର ଆମେ ଐତିହ୍ୟକୁ ସମସାମୟିକ ସୁନ୍ଦରତା ସହିତ ମିଶାଇ ସୁନା, ହୀରା ଏବଂ ପ୍ଲାଟିନମରେ ଚୁଡ଼ି, ବ୍ରେସଲେଟ୍, ବାର୍ମ, ରୁର, ବାଲା, ପୋଲା ଏବଂ ଶଙ୍ଖା ୧୦୦ରୁ ଅଧିକ ନୂଆ ଡିଜାଇନ୍ ଆଣିଛୁ।

---

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
### INVITATION FOR BIDS (IFB)

E-mail ID : cebuildings_orissa@yahoo.co.in, cebuildings@rediffmail.com,
No.B-17 Tel. (0674)-2391523

File No.B-I-Home-24/2025 Lr.No. 14444 Dtd. 4th Apr., 2025

NOTICE INVITING REQUEST FOR PROPOSAL (RFP)

Bid Identification No: C.E. (B) - 01 / 2025-26

1. Chief Engineer (Buildings-II), Odisha, Bhubaneswar on behalf of Governor of Odisha invites proposals from experienced and reputed Consulting firms to provide Service of Programme Management Consultancy.

| Sl. No. | Name of Project | EMD | Bid Processing Fee | Period of Service |
|---|---|---|---|---|
| 1. | Selection of Programme Management Consultant (PgMC) for the work, "Construction of New Building of Odisha Bhawan at New Delhi, Chanakyapuri, New Delhi." | 2,00,000/- | 10,000/- | 30 (Thirty) Calendar Months |

1. The bidders must participate in Online bidding only. The website for "ONLINE BIDDING" is https://www.tendersodisha.gov.in
2. Bid documents will be available in the above website from 15.04.2025 to 05:00 P.M. of 07.05.2025 "ONLINE BIDDING".
3. The Pre-Bid queries from the bidders shall be received through e-mail on cebuildings_orissa@yahoo.co.in on or before dtd.24.04.2025 till 5.00 P.M.
4. The Prebid meeting will be held on dtd. 25.04.2025 in the Conference hall of Chief Engineer (Buildings), Nirman Soudh, Bhubaneswar.
5. The Prebid Clarification shall be uploaded on e-procurement portal on dtd.28.04.2025.
6. Last date/time for receipt of bid in web portal is dtd. 07.05.2025.
7. The tender will be opened on dtd. 08.05.2025 at 11:00 A.M. in the office of the E.I.C (Civil), Nirman Soudh Odisha, Bhubaneswar in the presence of the bidders, who wish to attend. Bidders who participated in the bid can witness the opening of bids after logging on to the site through their DSC. If the office happens to be closed on the scheduled date of opening, then the bid will be opened on the next working day at the same time and venue.
8. The bidder must possess compatible Digital Signature Certificate (DSC) of Class-II or Class-III. 9. Bids submitted other than e-procurement platform shall not be considered.
10. Further details can be seen from the e-Procurement portal https://www.tendersodisha.gov.in.
11. The authority reserves the right to cancel any or all bids without assigning any reason thereof.
12. The addendum / corrigendum if any will be posted in the e-procurement portal only.

Sd/- Chief Engineer (Buildings-II), Odisha, Bhubaneswar

OIPR-34117/11/0074/2425

---

No.A-29:

## ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର
### ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: EE-DD-CTC-01/2025-26

୧.କାର୍ଯ୍ୟର ନାମ : ମୋଟ ୦୨ (ଦୁଇ) ଗୋଟି ଜଳନିଗମ କାର୍ଯ୍ୟ।
୨.ଆନୁମାନିକ ମୂଲ୍ୟ: ୭୩.୫୧ ଲକ୍ଷ ଟଙ୍କା ଏବଂ ୮୩.୭୫ ଲକ୍ଷ ଟଙ୍କା।
୩.କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି : ୦୯ (ନଅ) ମାସ।
୪.ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୧୧.୦୪.୨୦୨୫ର ୧୧.୦୦ ଘଣ୍ଟାରୁ ତା.୨୫.୦୪.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ।
୫.ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୨୫.୦୪.୨୦୨୫ ର ୧୮.୦୦ ଘଣ୍ଟା।
୬.ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ନିର୍ବାହୀ ଯନ୍ତ୍ରୀ, ଜଳନିକାସ ବିଭାଗ, କଟକ, ଠିକଣା: ଗଉଡ଼ସାହି, କଟକ-୭୫୩୦୦୩, ଇ-ମେଲ୍:eeddcuttack@gmail.com
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖା ଯାଇପାରିବ। ଆବଶ୍ୟକସ୍ଥଳେ ଉକ୍ତ ୱେବ୍‌ସାଇଟରେ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟରେ ପ୍ରକାଶ କରାଯିବ।

ସ୍ୱା।-ନିର୍ବାହୀ ଯନ୍ତ୍ରୀ
ଜଳନିକାସ ବିଭାଗ, କଟକ

OIPR-32466/11/0003/2425

---

## OFFICE OF THE DISTRICT FISHERIES OFFICER, KAUSALYAGANGA

Email - dfo.kanga@gmail.com Phone : 0674-2465771
No. 323 /Date : 07.04.2025

CORRIGENDUM NOTICE TO THE TENDER CALL NOTICE NO. -297/DATE-29.03.2025 PROCUREMENT OF LIVE FISH BROOD STOCK

No.M-02 : In pursuance to the Tender Call Notice No.-297 Dated-29.03.2025 the following corrections/modifications have been made.

| Originally Published as | Corrections / Modifications |
|---|---|
| Date of opening of the tender - 20th April 2025 at 3 P.M. | Date of opening of the tender - 21st April 2025 at 3 P.M. |
| Sl. No. - 1 The rate should be quoted per / kg pieces wise and they must certify the species / origin of breeder. | Sl. No. - 1 The rate should be quoted per kg (Species wise) and the supplier must certify the species and origin of breeder |
| Sl. No. - 2 The payment will be made after delivery of the healthy in desired condition | Sl. No. - 2 The payment will be made after delivery of the healthy live brood fish in desired condition |

All other terms and conditions of the tender call notice shall remain unchanged.

Sd./- (B. P. Dwivedy)
District Fisheries Officer
Kausalyaganga

OIPR-06040/11/0003/2425

---

## NATIONAL COMPETITIVE BIDDING THROUGH e-Procurement

Tel.No.06752222092, e-mail id- eerwpuri@gmail.com

No.O-32: TCN No.TENDER ONLINE-02 OF 2025-26
No.4307/ Dt.7.04.2025

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 2 Nos. of work for the year 2025-26 in the District of Puri. 1. Total no. of works:2 nos., 2. Tender cost of packages: Amount varies from Rs.71.64 lakhs. 3. Class of Contractor: As per DTCN. 4. Period of completion: 5 (Five) Calendar Months. 5. Period of availability of tenders on-line / Date and time of bidding on-line/ last date of seeking clarification/ Date of Opening of tender papers.

| Procurement Officer | Bid Identification No. | Availability of tender on-line for bidding: From | To | Last date & time of seeking tender clarification | Date, time & venue of opening of tender: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Puri | Online-02 | 17.04.2025 at 11.00 A.M. | 30.04.2025 upto 5.00 P.M. | 29.04.2025 upto 01.30 P.M. | 01.05.2025 at 12.00 Noon Office of the S.E., R.W. Division, Puri | Will be intimated to qualified bidders through the website later |

6. Other details can be seen in the bidding documents, which is available in website "https://tendersodisha.gov.in".

OIPR-25065/11/0017/2425 Sd./- Superintending Engineer, R.W.Division, Puri

---

## OFFICE OF THE NOTIFIED AREA COUNCIL : KESINGA

No.1003 / NAC(K) Dated

CORRIGENDUM TO SHORT QUOTATION CALL
NOTICE NO. 882 DT.27.03.2025

No.C-59 : The last date of submission of quotation is here by extended up to 3.00 P.M. on 09.04.2025 and will be opened on the same day at 4.00 P.M. All other terms and condition remain unchanged.

Sd./- Executive Officer
N.A.C., Kesinga

OIPR-13109/11/0030/2425

---

## INSTITUTE ON MANAGEMENT OF AGRICULTURAL EXTENSION (IMAGE)

(AN AUTONOMOUS INSTITUTE OF GOVERNMENT OF ODISHA)
Siripur, Bhubaneswar-751003, Odisha
Ph.- (0674) 2974145, E-mail:imagebbsr@rediffmail.com
No.1641/IMAGE Dated: 09.04.2025

### RFP for "Selection of Event Management Agency for Organization of State Level Krushak Divas-2025"

No.CAD-74:IMAGE invites RFP for "Selection of Event Management Agency for Organization of State Level Krushak Divas-2025". The detailed RFP document can be downloaded from the website www.agri.odisha.gov.in & https://image.odisha.gov.in from dt.09.04.2025. The last date for submitting the RFP documents alongwith Bid Processing Fees of Rs.5,000/- (Rupees Five Thousand) only in favour of Director, IMAGE payable at Bhubaneswar through Speed Post/ Registered Post/ Courier on or before dt.22.04.2025 upto 04.00 P.M. The Technical Bids will be opened on dt.23.04.2025 at 11.30 AM. The Financial Bids will be opened on dt.24.04.2025. IMAGE reserves the right to accept or reject any/ all proposals/ terminate the entire selection process at any stage without assigning any reason thereof.

OIPR-01408/11/0021/2425 Sd./- DIRECTOR, IMAGE

---

No.CAD-76

idco Your power to grow | ODISHA NEW OPPORTUNITIES

## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022

Tender Call Notice No.IDCO/H.O./P&C/EST/E-1057/03/2024/ 10124, dated: 08.04.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work: Construction of RCC Drains with cover slab (infocity Road to Venkateswar School connecting to Sai Vihar) at Chandaka Industrial Estate, Bhubaneswar, Odisha.
2. Value of the work: Rs.44.32 Lakhs.
3. Period of Completion: 03 (Three) Calendar Months
4. Other details :

| Procurement Officer | Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Janpath, Bhubaneswar-751022 | P&C/ EST/E-49/ 2024-25 | 11.04.2025 at 17.00 Hrs. | 24.04.2025 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0131/2425

---

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA

No.O-30

e-mail: serwsbd2003@yahoo.com

No.1304 **1st Corrigendum** Dt:07.04.25

In continuation to this office Bid Identification No- CCERWCSBD Online-24/2024-25 invited vide this office Notice No.972, Dtd.17.03.2025, partial modification of TCN has been made as follows:-

| Sl. No. | Item | Time Schedule as per original TCN | Time Schedule as per Corrigendum Notice |
|---|---|---|---|
| 1 | Availability of Tender online for bidding | 26.03.2025 at 11.00 AM to 09.04.2025 upto 5.00 PM | Extended upto 17.04.2025, 5.00 PM |
| 2 | Date and Time of seeking tender clarification if any | 08.04.2025 upto 2.00 PM | 16.04.2025 upto 2.00 PM |
| 3 | Date & Time of opening of tender (Technical Bid) | 10.04.2025 at 11.00 AM | 19.04.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

OIPR-25182/11/0050/2425 Sd./- Chief Construction Engineer, Rural Works Circle, Sunabeda

---

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E_Mail ID: serwcbaripada@gmail.com, Ph.No-06792-261343/261344, Gangraj, Baripada

"e" Procurement Notice for Road Work

Identification No.-Online Tender-Road N.C.B. No.373 for 2024-25

Letter No.1700/ Date 5.4.25

No.O-24:Name of the Work: Post DLP Maintenance of PMGSY Road Works in the District of Mayurbhanj for the year 2024-25. 2. Total No. of Work: 01 No. (One). 3. Estimated Cost: Rs.110.80 Lakhs (approximately). 4. Eligible Class of Contractor: As per Annexure. 5. Period of Completion: As per Annexure. 6. Other details:

| Procurement Officer | Bid Identification No. | Availability of tender On-line for bidding: From | To | Last Date & Time of seeking Tender Clarification | Date & Time of Opening of Tender in O/O C.C.E., R.W. Circle, Baripada: Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road On-line N.C.B. No.373 | Dt.10.04.2025 at 11.00 A.M. | Dt.24.04.2025 upto 5.00 P.M. | Dt.23.04.2025 upto 5.00 P.M. | Dt.25.04.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in.
• Any Corrigendum / Addendum will be displayed in the above e_tender website only.

OIPR-25130/11/0026/2425 Sd./-Chief Construction Engineer, R.W.Circle, Baripada

---

No.C-63

## OFFICE OF THE ANGUL MUNICIPALITY, ANGUL

e-Procurement Notice
Bid Identification No. - EO/RFP/AGLM-01/2025-26
e-mail ID - angulmunicipality@gmail.com
RFP Notice No. 1093 Date : 07.04.2025

1. Name of the Project : Providing Consultancy Services for Preparation of comprehensive Drainage Master Plan and DPR for Storm Water Drainage System of Angul Municipality, in the District of Angul, Odisha
2. Period of contract : 06 (six) Calendar month

**Date and Time Schedule :**

| Start | End | Technical bid Opening |
|---|---|---|
| 11.00 A.M. on 09.04.2025 | 5.00 P.M. on 22.04.2025 | 11.30 A.M. on 23.04.2025 |

Tender details can be seen from the procurement portal : www.tendersodisha.gov.in

Sd./- S.P. Tripathy
Executive Officer, Angul Municipality

OIPR-13085/11/0030/2425

---

## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-81: Email-hpschiplima@yahoo.in, Fax No. (0663) 2460505

No.-CHEP/TW-112 (Part File)/1214 Date: 07.04.2025

TENDER CALL NOTICE NO.-CHEP-02/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned work from the Reputed Firms / Agencies having valid Firm's Registration Certificate and Experience in similar nature of works.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Repair & Replacement of damaged Roller Bearing of Gate No.2 & 6 of Head Regulator, CHEP, Chiplima | Rs.708.00 (Rs.600.00 + GST@18%) | Rs.1,33,062.00 / EMD = Rs.1,350.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.10.04.2025 up to 10:30 AM of dtd.23.04.2025.

OIPR-04006/11/0070/2425 Sd/- C & P Head, CHEP, Chiplima

---

## Government of Odisha
## Office of the Superintending Engineer, Rural Works Division-II, Dhenkanal Kamakhyanagar

No.O-20 E-Mail : rw.kamakhyanagar@yahoo.co.in

e-procurement Notice No. 01 / Building Work / 2025-26

| | | |
|---|---|---|
| 1 | Name of the work | Building Work |
| 2 | Total No. of Works | 04 (Four) Nos. |
| 3 | Tender Cost | Rs. 5.67 to 27.00 lakhs (approx) |
| 4 | Class of Contractor | "C" & "B" Class |
| 5 | Period of Completion | 6 calendar months |
| 6 | Availability of Tender online for bidding | 11.04.2025 at 11.00 A.M. to 22.04.2025 up to 5.00 P.M. |
| 7 | Last Date & Time of seeking tender clarification | 21.04.2025 upto 4.00 P.M. |
| 8 | Date & Time of opening of Bid | 23.04.2025 at 11.00 A.M. |

Other Details can be seen from the website http://tendersorissa.gov.in.

Sd./- Superintending Engineer
R.W. Division-II, Dhenkanal
Kamakhyanagar

OIPR-25094/11/0023/2425

---

## ODISHA HYDRO POWER CORPORATION LTD

CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No.CAD-80: Email-hpschiplima@yahoo.in, Fax No. (0663) 2460505

No.-CHEP/TW-156 (Vol.-X)/1253 Date: 08.04.2025

TENDER CALL NOTICE NO.-CHEP-03/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible bidders dealing with Trash Rack Cleaning Machine with Hydraulic operated Telescopic Boom for the following work;

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Annual Operation & Maintenance Contract of GMW Make Trash Rack Cleaning Machine installed at CHEP, Chiplima | Rs.11,800/- (Rs.10,000/- + GST @18%) | Rs.65,43,073/- EMD=Rs.65,450/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.11.04.2025 up to 10:30 AM of dtd.22.04.2025.

OIPR-04006/11/0071/2425 Sd/- C & P Head, CHEP, Chiplima

---

No.A-28:

## GOVERNMENT OF ODISHA, DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR

'e' Procurement Notice No. ACECIC-01/2025-26

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding: From | To | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| ACE, CIC, Bhubaneswar | NGR-01/ 2025-26 | Cement Concrete Lining in Right Distributary of Kuanria Irrigation Project from RD. 11.00 Km to 18.20 Km) | 834.63 | 834700/- Online | 10000/- (Online) | "A" & "Special" Class | 11.04.2025 At 10.00 Hours | 25.04.2025 At 17.00 Hours | 28.04.2025 At 11.00 Hours | 18 (Eighteen Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.

OIPR-32160/11/0025/2425 Sd./- Additional Chief Engineer, Central Irrigation Circle

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ

**ନୂଆଦିଲ୍ଲୀ,୧୦।୪(ପି.ଟି.)**

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ଭାରତକୁ ମିଳିବ। ଏହି ଇଭେଣ୍ଟ ଆୟୋଜନ ଲାଗି କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରୁଥିବା ସତ୍ତ୍ୱେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁବାର ଏଭଳି ଦୃଢ଼ୋକ୍ତି ଦେଇଛନ୍ତି। ମାର୍ଚ୍ଚ ୩୧ ତାରିଖ ସମୟସୀମା ମଧ୍ୟରେ ଉଭୟ କାନାଡା ଓ ନାଇଜେରିଆ ଏକ୍ସପ୍ରେଶନ ଅଫ ଇଣ୍ଟରେଷ୍ଟ (ଇଓଆଇ) ଦାଖଲ କରିଛନ୍ତି।

ମୋତେ ସୂଚନା ମିଳିଛି ଯେ, କାନାଡା ଓ ନାଇଜେରିଆ ଇଚ୍ଛା ପ୍ରକଟ କରିଛନ୍ତି। କିନ୍ତୁ ଆମେ ନିଶ୍ଚିତ ଯେ, ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳିବ। ଯଦି ଭାରତକୁ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ଅଧିକାର ମିଳେ, ତେବେ ଆମେ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ଦକ୍ଷ ବୋଲି ପ୍ରଦର୍ଶିତ କରିପାରିବୁ। ଏ ସଂକ୍ରାନ୍ତରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସହ ପରାମର୍ଶ ଚାଲିଛି। ଜୁନ୍‌ରେ ନୂଆ ଆଇଓସି ସଭାପତି କ୍ରିଷ୍ଟି କୋଭେଣ୍ଟ୍ରି ଦାୟିତ୍ୱ ନେଲା ପରେ ଭାରତ ତା'ର ଯୋଜନାକୁ ପ୍ରଦର୍ଶିତ କରିବାକୁ ପ୍ରସ୍ତୁତ ବୋଲି ମାଣ୍ଡବ୍ୟ କହିଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଷ୍ଟ୍ରେଲିଆର ଭିକ୍ଟୋରିଆ ବଦଳରେ ଗ୍ଲାସଗୋରେ ହେବ। ଆୟୋଜନ ଲାଗି ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭିକ୍ଟୋରିଆ ଆୟୋଜନରୁ ପଛଘୁଞ୍ଚା ଦେଉଛି। ଏଥିଯୋଗୁ ପରବର୍ତ୍ତୀ ସଂସ୍କରଣ ଗ୍ଲାସଗୋରେ ହେବ ଏବଂ ଏଥିରୁ ବକ୍ସିଂ, ରେସଲିଂ, ହକି, କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଓ ଶୁଟିଂ ଆଦି ଇଭେଣ୍ଟକୁ ବାଦ ଦିଆଯାଇଛି।

# ଓଡ଼ିଶାକୁ ୬ ପଦକ




ପଦକ ବିଜେତା ଓଡ଼ିଶା ଦଳ।

**ଭୁବନେଶ୍ୱର,୧୦।୪(ଅନାଦି କର)**

## ସିନିୟର ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିୟନଶିପ୍

ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଚାଲିଥିବା ସିନିୟର ଅସ୍ମିତା ଖେଲୋ ଇଣ୍ଡିଆ ପେଞ୍ଚକ ସିଲାଟ ଚାମ୍ପିୟନଶିପରେ ଓଡ଼ିଶା ଆଥଲେଟ୍‌ମାନେ ୬ ପଦକ ଜିତିଛନ୍ତି। ପଦକ ତାଲିକାରେ ୧ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ରହିଛି। ଓଡ଼ିଶା ଦଳର କୋଚ ରାହୁଲ ସା'ଙ୍କ ତତ୍ତ୍ୱାବଧାନରେ ୧୮ ଜଣ ଓଡ଼ିଆ ଆଥ୍‌ଲେଟ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଟାଣ୍ଡିଂ ଇଭେଣ୍ଟର ୭୦ରୁ ୭୫ କେଜି ଓଜନ ବର୍ଗରେ ଖୋର୍ଦ୍ଧାର ପ୍ଲିଜାଲିନ ତରାଇ (କ୍ଲାସ ଏଫ୍) ରୌପ୍ୟ ପଦକ ଜିତିଥିବାବେଳେ ୬୦ରୁ ୬୫ କେଜି ବର୍ଗରେ ମୟୂରଭଞ୍ଜର ଗାୟତ୍ରୀ ବଦ୍ରା (କ୍ଲାସ ଡି') ଓ ୭୫ରୁ ୮୦ କେଜି ବର୍ଗରେ ସମ୍ବଲପୁରର ପାୟଲ ତାଣ୍ଡି (କ୍ଲାସ ଜି) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ସୋଲୋ ଇଭେଣ୍ଟରେ ଝାରସୁଗୁଡ଼ାର ତାନ୍ୟା ଠାକୁର, ଗାଣ୍ଡା ଇଭେଣ୍ଟରେ ମୟୂରଭଞ୍ଜର ଉମାବତୀ ପାତ୍ର ଓ ଝାରସୁଗୁଡ଼ାର ଲିଲାବତୀ ରଣା ବ୍ରୋଞ୍ଜ ପଦକ ହାତେଇଛନ୍ତି। ପ୍ରତିଯୋଗିତାରେ ସୁଚାରୁରୂପେ ରେଫ୍ରିଶିପ ତୁଲାଇଥିବାରୁ ପ୍ରେମ ସିଂ ଥାପାଙ୍କୁ ସାଇ ଓ ଖେଲୋ ଇଣ୍ଡିଆ ପକ୍ଷରୁ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପେଞ୍ଚକ ସିଲାଟ ଆସୋସିଏଶନ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ଓ ପେଞ୍ଚକ ସିଲାଟ ଆସୋସିଏଶନ ଖୋର୍ଦ୍ଧାର ସମ୍ପାଦକ ତିତେନ୍ଦ୍ର କୁମାର ରାଉତ ଅଭିନନ୍ଦନ ଜଣାଇଛନ୍ତି।

# ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍, ମଣିପୁର ବିଜୟୀ

**ଭୁବନେଶ୍ୱର,୧୦।୪ (ଅନାଦି କର)**

## ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ଗୁରୁବାର ଖେଳାଯାଇଥିବା ଭିନ୍ନ ଭିନ୍ନ ମ୍ୟାଚରେ ସିଆଇଏସ୍‌ଏଫ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍ ଓ ମଣିପୁର ବିଜୟୀ ହୋଇଛନ୍ତି।

ଆଜିର ପ୍ରଥମ ମ୍ୟାଚରେ ସିଆଇଏସ୍‌ଏଫ୍ ୩-୨ ଗୋଲରେ ଏସ୍‌ଏସ୍‌ବିକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ବିଏସ୍‌ଏଫ୍ ୬-୦ ଗୋଲରେ କେରଳ ପୋଲିସକୁ ହରାଇଥିଲା। ତୃତୀୟ ମ୍ୟାଚ ସିଆର୍‌ପିଏଫ୍ ଓ ତାମିଲନାଡୁ ପୋଲିସ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ସିଆର୍‌ପିଏଫ୍ ୫-୨ ଗୋଲରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ମଣିପୁର ପୋଲିସ ୪-୨ ଗୋଲରେ ପଶ୍ଚିମବଙ୍ଗ ପୋଲିସକୁ ହରାଇଥିଲା। ଖେଳ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନର ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ, ଡିଆଇଜି (କ୍ରାଇମବ୍ରାଞ୍ଚ) ବାତୁଲା ଗଙ୍ଗାଧର, ରେଳବାଇ (କଟକ) ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ବିଭିନ୍ନ ମ୍ୟାଚରେ ଅତିଥି ଭାବେ ଯୋଗଦେଇଥିଲେ।


# ପୂର୍ବତନ ବାସ୍କେଟବଲ ଅଧିନାୟକଙ୍କ ପରଲୋକ

**ପିଥୋରାଗଡ଼, ୧୦।୪ (ପି.ଟି.)**

ବିଶିଷ୍ଟ ବାସ୍କେଟବଲ ଖେଳାଳି ତଥା ଭାରତୀୟ ଦଳର ପୂର୍ବତନ ଅଧିନାୟକ ହରିଦତ୍ତ କାପ୍ରିଙ୍କର ୮୩ ବର୍ଷୀୟ ବୟସରେ ତାଙ୍କ ନିଜସ୍ୱ ବାସଭବରେ ପରଲୋକ ଘଟିଛି। ସେ ତାଙ୍କର ସ୍ୱାମୀ ଓ ଦୁଇ ପୁତ୍ରସନ୍ତାନକୁ ଛାଡ଼ି ଚାଲିଯାଇଛନ୍ତି। କାପ୍ରି ୧୯୬୯ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ତାଙ୍କ ନେତୃତ୍ୱରେ ୧୯୬୯ରେ ଭାରତୀୟ ବାସ୍କେଟବଲ ଦଳ ଏସିଆରେ ୭ମରୁ ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଥିଲେ। ତାଙ୍କ ଅଧିନାୟକତ୍ୱରେ ଭାରତ ୧୯୬୫ରୁ ୧୦୭୮ ମଧ୍ୟରେ ସିରିଜ କ୍ରମାଗତ ବିଜୟ ଲାଭ କରିଥିଲା। ଉତ୍ତରାଖଣ୍ଡ ସରକାରଙ୍କ ଦ୍ୱାରା ସେ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିଲେ।


# Classified Everyday

0674-2580101, 9692975378



**AUTOMOBILE SALE**

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D-76254



**REAL ESTATE SALE**

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439



Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited SPA by expert female therapist. 9114559860. D-76907

Newly open Jyoti SPA positively health benefits (Expert therapist). 8458067955. D-76908

Positivelyhealthbenefited spa by expert female therapist, Bapujinagar. 8018429809 D-76906

**AFFIDAVIT**

By virtue of an affidavit CF No.-582, dated 10.4.2025 sworn before the Executive Magistrate, Kuchinda, I, Ashman Patel, Mob No.6370777415, R/o. Village- K.Jamankira, P.S.- Mahulpali, Dist.- Sambalpur, Odisha, PIN- 768227 declare that I have changed my name from Ashman Kumar Patel to Ashman Patel. Now onwards I shall be known as Ashman Patel for all future purposes. D-123

By virtue of an affidavit sworn before the Executive Magistrate, Dharmasala, dated-08.04.2025, Indramani Malik, At- Pratappur, P.O.- Neulpur, P.S.- Dharmasala, Dist.- Jajpur, PIN- 755024, Odisha declare that I have changed my son name from Paritis Mallik to Pratyush Malik. Henceforth, he shall be known as Pratyush Malik for all future purposes. Indramani Malik. D-119

ମୁଁ, ଭଗବାନ ପାତ୍ର, ପି- ସ୍ୱର୍ଗତ ହାଡ଼ିବନ୍ଧୁ ପାତ୍ର, ଜାତି କୁମୁଟି, ସା/ପୋ- ରଙ୍ଗଣୀପାଟଣା, ଥାନା- ଓଡ଼ଗାଁ, ଜିଲ୍ଲା- ନୟାଗଡ଼, ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଓଡ଼ଗାଁଙ୍କ ନିକଟରେ ସତ୍ୟପାଠ ଦ୍ୱାରା ଜଣାଉଛି ଯେ, ୩।୯।୧୯୮୩ ତାରିଖଠାରୁ ମୋ ଆଈ ମୋତେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବାରୁ ସେହିଦିନଠାରୁ ମୋର ନାମ ଭଗବାନ ସୁବୁଦ୍ଧି, ପି-କାଶୀନାଥ ସୁବୁଦ୍ଧି, ମାତା- ରୂପା ସୁବୁଦ୍ଧିଙ୍କର ପୁତ୍ର ରୂପେ ବିବେଚିତ ହୋଇ ଆସୁଛି। ବର୍ତ୍ତମାନ ଏହି ଘୋଷଣାନାମା ପ୍ରକାଶ କରୁଛି କି, ମୋର ନାମ ଭଗବାନ ପାତ୍ର, ପିତା- ହାଡ଼ିବନ୍ଧୁ ପାତ୍ର ବଦଳରେ ସର୍ବତ୍ର ଭଗବାନ ସୁବୁଦ୍ଧି, ପିତା- କାଶୀନାଥ ସୁବୁଦ୍ଧି, ମାତା ରୂପା ସୁବୁଦ୍ଧି ରୂପେ ବିବେଚିତ ହୋଇ ମୋର ନାମ ଭଗବାନ ସୁବୁଦ୍ଧି ସ୍ୱାକ୍ଷର କରୁଅଛି। ଧ-୧୨୫

I, Benar Patra, R/o. Village- Dhekunkupa, P.O.- Nunpur, P.S.- M. Rampur, Dist.- Kalahandi declare by this affidavit No.- 2025, dated 09.04.25 that I have changed my daughter's name from Mancini Patra to Nandini Patra. Now onwards she shall be known as Nandini Patra for all future purposes. D-114

I, Neemisha Rani Nanda, D/o- Basanta Nanda, R/o. At- Chandrapur, P.O.- Jarasingha, P.S.- Deogaon, Dist.- Balangir, Odisha, PIN- 767067 declare by this affidavit No. 2413, dated 03.03.25 that I have changed my name from Nimisarani Nanda to Neemisha Rani Nanda. Now onwards I shall be known as Neemisha Rani Nanda for all future purposes. D-113

By virtue of an affidavit sworn before the Executive Magistrate, Dhenkanal, dated- 07.04.2025, I, Swarnalata Sahoo, Address: At-Deogaon, P.O.-Kapilash, P.S.- Gondia, Dist.-Dhenkanal, PIN-759016, declare that I have changed my name from Swarnalata Mohapatra to Swarnalata Sahoo. Henceforth, I shall be known as Swarnalata Sahoo for all future Purposes. D-76810

By virtue of an affidavit sworn before Executive Magistrate, Bhubaneswar, date 09.04.2025, I, Rajakishor Srichandan, Address: At/P.O.- Mendhasal, P.S.- Chandaka, Dist.- Khurdha, declare that I have changed my daughter's name from DIBYASHREE SRICHANDAN to DIVYASHREE PRIYADARSHINI. Henceforth, she shall be known as DIVYASHREE PRIYADARSHINI for all purposes. Rajakishor Srichandan D-89

By virtue of an affidavit sworn before Executive Magistrate, Bhubaneswar, date 07.04.2025, I, Tapas Kumar Mallik, Address: At/P.O.- Kuanarpur, P.O.- Bhera, P.S.- Salipur, Dist.- Cuttack, declare that I have changed my daughter's name from Krishan Priyadarshini Mallik to Sudeshna Priyadarshinee. Henceforth, she shall be known as Sudeshna Priyadarshinee for all purposes. Tapas Kumar Mallik D-116

By virtue of an affidavit sworn before Executive Magistrate, Puri, dated 02.04.2025, I, Srimati Swain, At- Basukera, P.O.- Sakhigopal, P.S.- Satyabadi, Dist.- Puri, PIN-752014, declare that I have changed my name from Swarnalata Dei to Srimati Swain. Henceforth, I shall be known as Srimati Swain for all purposes. Srimati Swain D-117

By this affidavit sworn before the Notary Public, Birmaharajpur, I, Rusudh Samal, R/o. Village- Kardapal, P.O.- Mursundhi, P.S.- Birmaharajpur, Dist.- Subarnapur declare that in Aadhaar Card bearing No.xxxx xxxx 9541 my son's name has been wrongly mentioned as Maheswar Samal, S/o- Rushadha Samal instead of Pritam Samal, S/o- Rusudh Samal. Now I have changed his name to Pritam Samal, S/o- Rusudh Samal for all future purposes. D-124

**Email** ମାଧ୍ୟମରେ କ୍ଲାସିଫାଏଡ଼କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Biswajit Barpanda, S/o-Narasingh Barpanda, aged about 54 years, R/o-Matru Vihar, Danipali Near Sai Mandir, P.O.-Budharaja, P.S.-Ainthapali, Dist.- Sambalpur-768004, in the State of Odisha, solemnly declare that I have Changed my Name as Biswajit Badpanda vide affidavit No.- 16AA 549329 before the Notary Sambalpur, dated- 03.03.2025. Now onwards I shall be known as Biswajit Badpanda for all future purpose. D-122

Before the Notary Public, Athagarh, I, Biswabhusan Barik, aged about 46 years, S/o- Late Brajasundar Barik, At- Champapur, P.O.- Mahakalabasta, P.S.- Khuntuni, Dist.- Cuttack hereby declare that the power of Attorney holder namely Pabitra Mohan Sahu and Biswaranjan Barik Vide e-registration document No.- 40402301450 on dated- 03.05.2023, before the SRO, Athagarh has been cancelled/ revoked as per deed of revocation of power of Attorney vide e- registration document No.- 40402500643, dated- 27.03.2025. Athagarh date- 07.04.2025 Biswabhusan Barik D-126

I, Kalpana Manjari Singh, W/o- Akshaya Kumar Swain, resident of Plot No.-18, Sai Nivas, Near NH, Indira Housing Colony, P.O.- Old Town, P.S.-Sri Lingaraj, Bhubaneswar, Dist.- Khordha, PIN-751002, Odisha declare by this affidavit No.- C.F./92 dtd. 07.04.2025 that now onwards I shall be known as Kalpana Swain for all future purposes. D-76440

I, Anjela Dhanwar, aged about 34 years, W/o- Late Sachin Dhanwar, resident of Village-Junani, P.O.- Rangiatikra, P.S.- Govindpur, Dist.- Sambalpur, Odisha do hereby Solemnly affirm and declare as under- I have Aadhaar Card vide No.-XXXX XXXX 8415 in which my name has been wrongly mentioned as Anjali Dhanwar.That Anjela Dhanwar and Anjali Dhanwar denotes to one and same person, i,e myself. Anjela Dhanwar D-127

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଧୋବୁଣି ନାହାକ**

ଆବିର୍ଭାବ: ୦୧।୦୧।୧୯୪୫
ତିରୋଧାନ: ୦୧।୦୪।୨୦୨୫

ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ: ହତଭାଗା/ହତଭାଗିନୀ:
ଚିତ୍ତରଞ୍ଜନ ନାହାକ, ତପସ୍ୱିନୀ ନାହାକ, ରାମଚନ୍ଦ୍ର ନାହାକ, ବାସନ୍ତି ନାହାକ, ଦେବକୀ ନାହାକ, ସମାପ୍ତି ନାହାକ, ବନ୍ଧୁ ଓ ପରିବାରବର୍ଗ
ଧ-୧୧୨

**2nd Death Anniversary**

**In Treasured Memory of**



NARENDRA PRASAD DAS
18.10.1936 to 11.04.2023

"Baba" – We continue to love you every moment of our lives. Your presence surrounds us and your love is still our guide. With each passing day, we fondly recall the moments shared, finding solace in the enduring love you bestowed upon us. We miss you…

**Fondly Remembered by:**
**Arihant, Abhijat, Nirali, Biswajit (Tutu), Mamata, Niyati, Family & Friends.**
ଧ-୧୧୮


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମହିଳା ହକିର ସଫଳ ବିନ୍ଧାଣି

**ଦୀର୍ଘ ୧୫ ବର୍ଷ ଧରି ଭାରତୀୟ ମହିଳା ହକିର ସେବା ପରେ ଅବସର ଘୋଷଣା କରିଛନ୍ତି ତାରକା ଫରୱାର୍ଡ ବନ୍ଦନା କାଟରିଆ। ଦେଢ଼ ଦଶନ୍ଧିରୁ ଉର୍ଦ୍ଧ୍ୱ ଭାରତୀୟ ମହିଳା ହକି ଦଳର ସଫଳତାରେ ସେ ସାଜିଥିଲେ ଅନ୍ୟତମ ମୁଖ୍ୟ ବିନ୍ଧାଣି। ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ଗୌରବ ମଧ୍ୟ ସେ ଲାଭ କରିଛନ୍ତି। ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ହେଁ ବନ୍ଦନା ଏଚ୍‌ଆଇଏଲ୍ ଓ ଅନ୍ୟ ଘରୋଇ ପ୍ରତିଯୋଗିତାରେ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି...**

ଭାରତୀୟ ମହିଳା ହକିକୁ ଦୀର୍ଘ ୧୫ ବର୍ଷର ସେବା ପରେ ଅବସର ଘୋଷଣା କରିଛନ୍ତି ତାରକା ଫରୱାର୍ଡ ବନ୍ଦନା କାଟରିଆ। ଦେଢ଼ ଦଶନ୍ଧିରୁ ଉର୍ଦ୍ଧ୍ୱ ଭାରତୀୟ ମହିଳା ହକି ଦଳର ସଫଳତାରେ ସେ ସାଜିଥିଲେ ଅନ୍ୟତମ ମୁଖ୍ୟ ବିନ୍ଧାଣି। କେବଳ ସେତିକି ନୁହେଁ ଭାରତ ପକ୍ଷରୁ ସର୍ବାଧିକ ମ୍ୟାଚ ଖେଳିବାର ଗୌରବ ମଧ୍ୟ ସେ ଲାଭ ହାସଲ କରିଥିବା ଭାରତୀୟ ଦଳର ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲେ। ଆର୍ଜେଣ୍ଟିନାର ଲୁସିଆନା ଆୟିମର ଥିଲେ ତାଙ୍କ ଆଦର୍ଶ ଖେଳାଳି। ଭାରତୀୟ ମହିଳା ହକିପ୍ରତି ଅବଦାନକୁ ଦୃଷ୍ଟିରେ ରଖି ୨୦୨୧ରେ ତାଙ୍କୁ ଅର୍ଜୁନ ଓ ୨୦୨୨ ମାର୍ଚ୍ଚରେ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ସେତେବେଳେ ଉତ୍ତର ପ୍ରଦେଶ (ବର୍ତ୍ତମାନ ଉତ୍ତରାଖଣ୍ଡ) ହରିଦ୍ୱାର ଜିଲାର ରୋଶନାବାଦରେ ଜନ୍ମଗ୍ରହଣ



ଦିଲୀପ ତିର୍କୀଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ବନ୍ଦନା।

**"ମୁଁ ଅନ୍ତର୍ଜାତୀୟ ହକିରୁ ଦୂରକୁ ଯିବାର ନିଷ୍ପତ୍ତି ନେଇଛି। ଏହା ପଛର କାରଣ ନୁହେଁ ଯେ, ମୋ ଭିତରେ ଦେଶ ପାଇଁ ଖେଳିବା ଲାଗି ଥିବା ଭୋକ ମରି ଯାଇଛି। ମୁଁ ମୋ କ୍ୟାରିୟରର ଶୀର୍ଷରେ ଥାଇ ବିଦାୟ ନେବାକୁ ଚାହେଁ। ଥକି ପଡ଼ିଥିବାରୁ ନୁହେଁ, ବରଂ ମୁଁ ମୁଣ୍ଡ ଟେକି ଅନ୍ତର୍ଜାତୀୟ ହକି ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ଦର୍ଶକଙ୍କ କୋଳାହଳ, ପ୍ରତ୍ୟେକ ଗୋଲର ରୋମାଞ୍ଚ ଓ ଭାରତୀୟ ଜର୍ସି ପିନ୍ଧିବାର ଗର୍ବ ମୋ ହୃଦୟରେ ସର୍ବଦା ରହିବ"**

**– ବନ୍ଦନା କାଟରିଆ**

କରିଛନ୍ତି। ୧୯୯୨ ଏପ୍ରିଲ ୧୫ରେ ଜନ୍ମଗ୍ରହଣ କରିଥିବା ବନ୍ଦନା ଦେଶ ପକ୍ଷରୁ ୩୨୦ ମ୍ୟାଚରେ ପ୍ରତିନିଧିତ୍ୱ କରି ମୋଟ ୧୫୮ଟି ଗୋଲ ସ୍କୋର କରିଛନ୍ତି। ଏହା ତାଙ୍କ ଫିଟ୍‌ନେସ ଓ ଦକ୍ଷତାର ପ୍ରମାଣ ଦେଇଥାଏ।

୨୦୧୩ ଜୁନିୟର ମହିଳା ହକି ବିଶ୍ୱକପରେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କୁ ପ୍ରଭାବିତ କରନ୍ତି ବନ୍ଦନା। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବାବେଳେ ସେ ହୋଇଥିଲେ ଟପ୍ ସ୍କୋରର। ଟୁର୍ନାମେଣ୍ଟରେ ୫ ଗୋଲ ଦେଇଥିବା ବନ୍ଦନା ଆଉ ପଛକୁ ଫେରି ଚାହିଁ ନ ଥିଲେ। ୨୦୧୪ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେଥିଲେ ଅନ୍ୟତମ ସଦସ୍ୟା। ୨୦୧୬ ରିଓ ଅଲିମ୍ପିକ୍ସରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ କରିଥିଲେ ବନ୍ଦନା। ହରିଦ୍ୱାରସ୍ଥିତ ବିଏଚଇଏଲ୍‌ରେ ତାଙ୍କ ବାପା ଜଣେ ମାଷ୍ଟର ଟେକ୍ନିସିଆନ ଥିଲେ। ଗତ କିଛିବର୍ଷ ଧରି ଯେଉଁ କେତେଜଣ ଖେଳାଳିଙ୍କ ପ୍ରଦର୍ଶନରେ ବ୍ୟାପକ ଉନ୍ନତି ହୋଇଥିଲା ତା' ମଧ୍ୟରେ ବନ୍ଦନା ଅନ୍ୟତମ। ୨୦୦୬ରେ ସେ ଜୁନିୟର ଅନ୍ତର୍ଜାତୀୟ ପଦାର୍ପଣ କରିଥିବାବେଳେ ୨୦୦୯ରେ ସିନିୟର ସ୍ତରରେ ପ୍ରଥମେ ଜାତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ରୁଷିଆର କାଜାନରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଚାମ୍ପିୟନ୍ସ ଚ୍ୟାଲେଞ୍ଜ-୨ ଟୁର୍ନାମେଣ୍ଟ ଥିଲା ସିନିୟର ସ୍ତରରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ପ୍ରତିଯୋଗିତା। ୨୦୧୩ ଜୁନିୟର ବିଶ୍ୱକପରେ ବ୍ରୋଞ୍ଜ ପଦକ ଜିତିବାପରେ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଥମଥରପାଇଁ ତାଙ୍କ ବାପାଙ୍କ ସାକ୍ଷାତକାର ନେଇଥିଲେ। ଏହା ତାଙ୍କୁ ଖୁବ୍ ଗର୍ବିତ କରିଥିଲା ବୋଲି ପ୍ରକାଶ କରିଥିଲେ ବନ୍ଦନା। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ କାନାଡ଼ା ବିପକ୍ଷରେ କ୍ୟାରିୟରର ୧୦୦ତମ ମ୍ୟାଚ ଖେଳିଥିଲେ ଏହି ଦକ୍ଷ ଫରୱାର୍ଡ। ସେହିବର୍ଷ ସେ ହକି ଇଣ୍ଡିଆର ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ପାଇଥିଲେ। ୨୦୨୪-୧୫ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍‌ରେ ଭାରତ ଚାମ୍ପିୟନ ହୋଇଥିବାବେଳେ ବନ୍ଦନା ଟପ୍ ସ୍କୋରର ଭାବେ ୧୧ ଗୋଲ ସ୍କୋର କରିଥିଲେ।

୨୦୧୬ ନଭେମ୍ବରରେ ସେ ଭାରତୀୟ ଦଳର ଅଷ୍ଟ୍ରେଲିଆ ଟୁର୍ ପାଇଁ ଅଧିନାୟିକା ଭାବେ ଅପରିବର୍ତ୍ତିତ ରହିଥିଲେ। ସେଠାରେ ଭାରତ ନଭେମ୍ବର ୨୩ରୁ ୩୦ ପର୍ଯ୍ୟନ୍ତ ଟେଷ୍ଟ ସିରିଜ ଖେଳିଥିଲା। ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ କୋରିଆଠାରୁ ହାରି ଭାରତ ରନରଅପ୍ ହୋଇଥିଲେ ମଧ୍ୟ ବନ୍ଦନା ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ୨୦୧୮ରେ ଭାରତୀୟ ଦଳ ସ୍ପେନ୍ ଗସ୍ତରେ ଥିବାବେଳେ ୫ ମ୍ୟାଚ ବିଶିଷ୍ଟ ସିରିଜର ୩ୟ ମ୍ୟାଚ ଖେଳି ସେ ୨୦୦ ମାଇଲଖୁଣ୍ଟ ସ୍ପର୍ଶ କରିଥିଲେ। ଏହାପରେ ସେ ଭାରତୀୟ ବିଶ୍ୱକପ ଦଳରେ ସାମିଲ ହୋଇଥିଲେ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ବନ୍ଦନା ପ୍ରଥମ ଭାରତୀୟ ମହିଳା ଭାବେ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ମାତ୍ର ସେମିଫାଇନାଲରେ ଆର୍ଜେଣ୍ଟିନାଠାରୁ ଭାରତ ହାରିବା ପରେ ତାଙ୍କ ପରିବାରକୁ ଜାତିଭିତ୍ତିକ ନିନ୍ଦା ଶୁଣିବାକୁ ମିଳିଥିଲା। ଦଳରେ ଅଧିକ ଦଳିତ ଖେଳାଳି ରହିଥିବାରୁ ଭାରତ ସେମିଫାଇନାଲରେ ହାରିଲା ବୋଲି କିଛି ଉଚ୍ଚଜାତିର ଲୋକ କହିବା ସହ ତାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। ୨୦୨୧ ଅଗଷ୍ଟ ୮ରେ ତାଙ୍କୁ 'ବେଟୀ ବଚାଓ ବେଟୀ ପଢ଼ାଓ' ଅଭିଯାନର ଅନ୍ୟତମ ଆମ୍ବାସାଡର ନିଯୁକ୍ତ କରାଯାଇଥିଲା। କାଟାରିଆ ଗତ ଫେବୃଆରୀରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗରେ ଭାରତ ପାଇଁ ଅନ୍ତିମ ମ୍ୟାଚ ଖେଳିଥିଲେ।

ଅନ୍ତର୍ଜାତୀୟ ହକିକୁ ଅଲ୍‌ବିଦା ଜଣାଇଥିଲେ ହେଁ ସେ ସମ୍ପୂର୍ଣ୍ଣଭାବେ ହକିରୁ ଅବସର ନେଉନାହାନ୍ତି ବୋଲି ବନ୍ଦନା ସ୍ପଷ୍ଟ କରିଛନ୍ତି। "ମୁଁ ମୋ ଷ୍ଟିକ ଛାଡୁ ନାହିଁ। ମୁଁ ହକି ଇଣ୍ଡିଆ ଲିଗ ଓ ଅନ୍ୟ ଟୁର୍ନାମେଣ୍ଟରେ ଖେଳିବା ଓ ସ୍କୋର କରିବା ଜାରି ରଖିବି। ମୋତେ ମିଳିଥିବା ଭଲ ପାଇବା, ଅନୁଭୂତି ଓ ସ୍ମୃତିକୁ ନେଇ ଆଗକୁ ବଢ଼ିବି ବୋଲି ବନ୍ଦନା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ...

ନାମ: ବନ୍ଦନା କାଟରିଆ
ଜନ୍ମ: ୧୫ ଏପ୍ରିଲ, ୧୯୯୨, ରୋଶନାବାଦ, ଉତ୍ତର ପ୍ରଦେଶ (ଏବେ ଉତ୍ତରାଖଣ୍ଡ)
ପ୍ଲେଇଂ ପୋଜିଶନ: ଫରୱାର୍ଡ
ଜାତୀୟ ଦଳରୁ ପ୍ରତିନିଧିତ୍ୱ (୨୦୦୯ରୁ ୨୦୨୫)
ମ୍ୟାଚ: ୩୨୦, ଗୋଲ୍: ୧୫୮।
ପଦକ ରେକର୍ଡ
ଏସିଆନ ଗେମ୍ସ: ୨୦୧୮ ଜାକର୍ତ୍ତା-ରୌପ୍ୟ, ୨୦୧୪ ଇଞ୍ଚିଅନ-ବ୍ରୋଞ୍ଜ, ୨୦୨୨ ହାଙ୍ଗଝୋ-ବ୍ରୋଞ୍ଜ।
ରାଜ୍ୟଗୋଷ୍ଠୀ କ୍ରୀଡ଼ା: ୨୦୨୨ ବର୍ମିଂହାମ-ବ୍ରୋଞ୍ଜ।
ଏସିଆ କପ୍: ୨୦୧୭ ଗିଫୁ-ସ୍ୱର୍ଣ୍ଣ, ୨୦୧୩ କୁଆଲାଲମ୍ପୁର-ବ୍ରୋଞ୍ଜ, ୨୦୨୨ ମସ୍କଟ-ବ୍ରୋଞ୍ଜ।
ଏସିଆନ ଚାମ୍ପିୟନ୍ସ ଟ୍ରଫି: ୨୦୧୬ ସିଙ୍ଗାପୁର-ସ୍ୱର୍ଣ୍ଣ, ୨୦୨୩ ରାଞ୍ଚି-ସ୍ୱର୍ଣ୍ଣ, ୨୦୧୩ କାକାମିଗହରା-ରୌପ୍ୟ, ୨୦୧୮ ଡୋଙ୍ଗେ-ରୌପ୍ୟ।
ଏଫ୍‌ଆଇଏଚ୍ ନେସନ୍ସ କପ୍: ୨୦୨୨ ସ୍ପେନ୍-ସ୍ୱର୍ଣ୍ଣ।
ଜୁନିୟର ବିଶ୍ୱକପ: ୨୦୧୩ ମନଚେନ୍‌ଗ୍ଲାଡବ୍ୟାକ୍-ବ୍ରୋଞ୍ଜ।

ପୁରସ୍କାର
୨୦୨୧............... ଅର୍ଜୁନ
୨୦୨୨............... ପଦ୍ମଶ୍ରୀ



ବନ୍ଦନା କାଟରିଆ

## ବାପାଙ୍କ ସ୍ୱପ୍ନକୁ ସାକାରକଲେ ରେଣୁକା

# କପଡ଼ା ବଲରୁ ଅନ୍ତର୍ଜାତୀୟ କ୍ରିକେଟ

**ପିଲାଦିନେ ଗାଁରେ କପଡା ବଲରେ ଖେଳୁଥିଲି। ଏଥିଯୋଗୁ ବଲକୁ ଖୁବ୍ ଦ୍ରୁତ ଗତିରେ ଥ୍ରୋ କରିବାକୁ ପଡୁଥିଲା। ନ ହେଲେ ଏହା ବ୍ୟାଟରଙ୍କ ନିକଟରେ ପହଞ୍ଚି ପାରି ନ ଥାଏ। ଏଭଳି ଖେଳି ମୁଁ ଜଣେ ଫାଷ୍ଟ ବୋଲର ପାଲଟିଗଲି। କ୍ରିକେଟ ଖେଳିବା ମୋ ବାପାଙ୍କ ହବି ଥିଲା। ସେ ଚାହୁଁଥିଲେ, ତାଙ୍କ ପିଲାଙ୍କ ମଧ୍ୟରୁ ଜଣେ କେହି ଖେଳନ୍ତୁ। ବାପାଙ୍କର ଏହି ଇଚ୍ଛାକୁ ମୁଁ ଗୁରୁତ୍ୱର ସହ ନେଇଥିଲି...**

ଓମେନ ପ୍ରିମିୟର ଲିଗ(ଡବ୍ଲ୍ୟୁପିଏଲ୍)ର ତୃତୀୟ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ରେଣୁକା ସିଂ ଠାକୁର ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ସେ ସିଜନରେ ୭ ମ୍ୟାଚ ଖେଳି ୧୦ ଉଇକେଟ ନେଇଛନ୍ତି। ଏକଦା ଗାଁରେ କପଡା ବଲରେ ଖେଳିବା ଆରମ୍ଭ କରିଥିବା ରେଣୁକା ଏବେ ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ଜଣେ ପରିଚିତ ଚେହେରା। ନିଜ ଦକ୍ଷତା ପ୍ରଦର୍ଶନ କରି ସେ ଏବେ ଭାରତୀୟ ଦଳର ମୁଖ୍ୟ ଫାଷ୍ଟ ବୋଲର ପାଲଟି ଯାଇଛନ୍ତି। ରେଣୁକାଙ୍କ ଲାଗି କ୍ରିକେଟ କେବଳ ଏକ ଖେଳ ନୁହେଁ। ଏହା ତାଙ୍କ ସ୍ୱର୍ଗତ ବାପାଙ୍କର ପୂରଣ ହୋଇପାରି ନ ଥିବା ସ୍ୱପ୍ନ ଥିଲା। ସେ ସାମ୍ନାରେ ଥିବା ବାଧାବିଘ୍ନକୁ ଖାତିର ନ କରି ତାଙ୍କ ବାପାଙ୍କ ସ୍ୱପ୍ନକୁ ପୂରା କରିବା ପାଇଁ ମନ ସ୍ଥିର କରିଥିଲେ। "ମୁଁ ଛୋଟ ବେଳେ ଅଧିକ କ୍ରିକେଟ ଦେଖି ନ ଥିଲି। ଏହା ମୋର ହବି ଥିଲା। ଏହା ମୋ ପାଖକୁ କେଉଁଠୁ ଆସିଲା, ତାହା ମୋତେ ଜଣା ନାହିଁ। ଆମେ ଗାଁରେ ଆମେ କପଡା ବଲରେ ଖେଳୁଥିଲୁ। ଏଥିଯୋଗୁ ବଲକୁ ଖୁବ୍ ଦ୍ରୁତ ଗତିରେ ଥ୍ରୋ କରିବାକୁ ପଡୁଥିଲା। ନହେଲେ ଏହା ବ୍ୟାଟରଙ୍କ ନିକଟରେ ପହଞ୍ଚି ପାରି ନ ଥାଏ। ଏଭଳି ଖେଳି ମୁଁ ଜଣେ ଫାଷ୍ଟ ବୋଲର ପାଲଟିଲି। ମୁଁ ମୋ ମା'ଙ୍କ ସହିତ ବାପାଙ୍କ ସମ୍ପର୍କରେ ଅଧିକ କଥା ହୁଏ ନାହିଁ। ଦିନେ ମୋ ମା' ମୋତେ କହିଥିଲେ ଯେ, କ୍ରିକେଟ ଖେଳିବା ମୋ ବାପାଙ୍କ ହବି ଥିଲା। ସେ ଚାହୁଁଥିଲେ, ତାଙ୍କର ଛୁଆଙ୍କ ମଧ୍ୟରୁ ଜଣେ କେହି ଖେଳନ୍ତୁ। ବାପାଙ୍କର ଏହି ଇଚ୍ଛାକୁ ମୁଁ ଗୁରୁତ୍ୱର ସହ ନେଇଥିଲି। ଏଣୁ ସତ କହିବାକୁ ଗଲେ ମୋ ବାପାଙ୍କଠାରୁ ମୋତେ କ୍ରିକେଟ ମିଳିଛି। ଏହା ତାଙ୍କର ସ୍ୱପ୍ନ ଥିଲା।

ରେଣୁକାଙ୍କ ଲାଗି ସଫଳତାରେ ପହଞ୍ଚିବା ଆଦୌ ସହଜ ନ ଥିଲା। ସେ କ୍ରିକେଟ ଏକାଡେମୀରେ ଯୋଗ ଦେବା ପାଇଁ ଗାଁ ଛାଡ଼ିଥିଲେ। ଧୀରେ ଧୀରେ ଆଗକୁ ବଢୁଥିବା ବେଳେ ତାଙ୍କୁ ୧୯ ବର୍ଷରୁ କମ ଦଳରୁ ବାଦ୍ ଦିଆଯାଇଥିଲା। ଏହା ତାଙ୍କୁ ବାଧିଥିଲା। ଏ ସମ୍ପର୍କରେ ରେଣୁକା କୁହନ୍ତି ଯେ, "ସେହି ସମୟରେ ଅନେକ କିଛି ଘଟୁଥିଲା। ମୁଁ ଦଳରୁ ବାଦ୍ ପଡ଼ିଥିବା ବେଳେ ମୋ ଭାଇ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଏଭଳି ପରିସ୍ଥିତିରୁ ମୁଁ କେଉଁ ଭଳି ବାହାରି ବି ମୋତେ ଜଣାନଥିଲା। କିନ୍ତୁ ମୋତେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ପସନ୍ଦ। ୧୯ ବର୍ଷରୁ କମ୍ ଦଳରୁ ବାଦ ପଡ଼ିବା ପରେ ମୁଁ ନିଜକୁ ପଚାରିଥିଲି ଯେ, ସେମାନଙ୍କୁ କେଉଁ ଭଳି ଭୁଲ ସାବ୍ୟସ୍ତ କରିପାରିବେ। ଏଥିଯୋଗୁ ମୁଁ ଅଧିକ ପରିଶ୍ରମ କରିବା ଆରମ୍ଭ କରିଥିଲି। ଏହି ପରିଶ୍ରମର ଫଳ ମୋତେ ୨୦୨୧ ଅକ୍ଟୋବରରେ ମିଳିଥିଲା। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ପାଇଁ ପଦାର୍ପଣ କରିବାକୁ ସୁଯୋଗ ମିଳିଥିଲା। ୨୦୨୩ରେ ମୋତେ ଆର୍‌ସିବି ଉଦ୍‌ଘାଟନୀ ଡବ୍ଲ୍ୟୁପିଏଲ୍ ପାଇଁ ସାଇନ କରିଥିଲା। ଯଦିଓ ପ୍ରଥମ ସିଜନରେ ମୋତେ ମାତ୍ର ଗୋଟିଏ ଉଇକେଟ ମିଳିଥିଲା, କିନ୍ତୁ ଶିଖିବା କଦାପି ଛାଡ଼ି ନ ଥିଲି। ଚାପକୁ କେଉଁ ଭଳି ନିୟନ୍ତ୍ରଣ କରାଯାଏ, ତାହା ମୁଁ ବିଶ୍ୱର ଶ୍ରେଷ୍ଠ ବୋଲର ଯଶପ୍ରୀତ ବୁମ୍‌ରାଙ୍କଠାରୁ ଶିକ୍ଷା କରିଥିଲି ବୋଲି ରେଣୁକା ପ୍ରକାଶ କରିଛନ୍ତି। ଡବ୍ଲ୍ୟୁପିଏଲ୍ ପରେ ମୁଁ ବୁମ୍‌ରାଙ୍କ ସହ ଅନେକ ଥର କଥା ହୋଇଥିଲି। ଚାପର କେଉଁ ଭଳି ସମ୍ମୁଖୀନ ହେବା ଦରକାର ବୋଲି ତାଙ୍କୁ ମୁଁ ପ୍ରଶ୍ନ କରିଥିଲି। ସେ ଉତ୍ତରରେ କହିଥିଲେ ଯେ, ତୁମେ ଯେତେ ଅଧିକ ମ୍ୟାଚ ଖେଳିବ, ସେତେ ଅଧିକ ଚାପ ସହିତ ଅଭ୍ୟସ୍ତ ହୋଇଯିବ।

ଚଳିତ ସିଜନରେ ଯଦିଓ ତାଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦଳ ଆଶାନୁଯାୟୀ ପ୍ରଦର୍ଶନ କରିପାରି ନ ଥିଲା, କିନ୍ତୁ ତାଙ୍କ ପ୍ରଦର୍ଶନ ଉଚ୍ଚକୋଟୀର ରହିଥିଲା। ସେ ସିଜନର ବିଭିନ୍ନ ପର୍ଯ୍ୟାୟରେ ପର୍ପଲ କ୍ୟାପର ଅଧିକାରୀ ହୋଇଥିଲେ। ଆର୍‌ସିବି ପାଇଁ ଖେଳିବାର ଅଭିଜ୍ଞତା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆର୍‌ସିବି ପାଇଁ ଖେଳୁଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେକରୁଛି। କାରଣ ଆର୍‌ସିବି ଫ୍ୟାନ୍ସ ଖୁବ୍ ଭଲ। ଆମେ ଯେତେବେଳେ ଷ୍ଟାଡିୟମ ଯାଉ, ପୂରା ଷ୍ଟାଡିୟମ ଆର୍‌ସିବି...ଆର୍‌ସିବି... ସ୍ୱରରେ ପ୍ରକମ୍ପିତ ହୋଇଉଠେ। ଉପସ୍ଥିତ ଦର୍ଶକ ଯେଉଁଭଳି ଆମ ନାମ ନିଅନ୍ତି, ମୋତେ ତାହା ଖୁବ ପସନ୍ଦ। ଏହା ଆମକୁ ଉତ୍ସାହିତ କରେ। କିନ୍ତୁ ମୋଟାମୋଟି ଭାବେ ଗତ କିଛି ବର୍ଷରେ ମହିଳା କ୍ରିକେଟ ଖୁବ୍ ଆଗକୁ ବଢ଼ିଛି। ବର୍ତ୍ତମାନ ସୁଦ୍ଧା ଅନେକ ସୁବିଧା ମିଳୁଛି, ଟଙ୍କା ମଧ୍ୟ ବୃଦ୍ଧି ପାଇଛି। ଏଣୁ ଅନେକ ଲୋକ ଏହାକୁ ଏବେ ଏକ କ୍ୟାରିୟର ଭାବେ ଦେଖିପାରନ୍ତି। ମୁଁ ଯେତେବେଳେ ଘରକୁ ଯାଏ, ଛୋଟ ଛୁଆମାନେ ଗାଁରେ ଖେଳୁଥାଆନ୍ତି। ସେମାନେ ମୋ ପାଖକୁ ଆସି, ଦିଦି.. ଦିଦି ମୁଁ ତୁମ ଭଳି ହେବାକୁ ଚାହେଁ ବୋଲି କୁହନ୍ତି, ତାହା ମୋତେ ଖୁବ୍ ଆନନ୍ଦ ଦିଏ।

୧୯୯୬ ମସିହା ଜାନୁଆରୀ ୨ ତାରିଖରେ ହିମାଚଳ ପ୍ରଦେଶର ଶିମ୍‌ଲାରେ ରେଣୁକାଙ୍କ ଜନ୍ମ। ସେ ୨୦୧୯-୨୦ ସିଜନରେ ସିନିୟର ମହିଳା ଦିନିକିଆ ଲିଗ୍‌ରେ ସର୍ବାଧିକ ୩୩ ଉଇକେଟ ନେଇଥିଲେ। ଏଥିଯୋଗୁ ୨୦୨୧ ଅଗଷ୍ଟରେ ତାଙ୍କୁ ଭାରତୀୟ ମହିଳା ଦଳରୁ ପ୍ରଥମ ଥର ଡାକରା ଆସିଥିଲା। ସେହି ବର୍ଷ ଅକ୍ଟୋବର ୭ ତାରିଖରେ ଅଷ୍ଟ୍ରେଲିଆ ବିପକ୍ଷରେ ଅନ୍ତର୍ଜାତୀୟ ମହିଳା ଟି୨୦ କ୍ରିକେଟରେ ପଦାର୍ପଣ କରିଥିଲେ। ୨୦୨୨ ଜାନୁଆରୀରେ ତାଙ୍କୁ ଭାରତୀୟ ମହିଳା କ୍ରିକେଟ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା। ସେ ଫେବୃଆରୀ ୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟରେ ପଦାର୍ପଣ ମ୍ୟାଚ ଖେଳିଥିଲେ। ସେହି ବର୍ଷ ଜୁଲାଇରେ ତାଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଭାରତୀୟ ଦଳରେ ସ୍ଥାନ ମିଳିଥିଲା। ଏଥିରେ ଭାରତ ରୌପ୍ୟ ପଦକ ଜିତିଥିଲା। ୨୦୨୩ ମହିଳା ଟି୨୦ ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ କ୍ୟାରିୟରରେ ପ୍ରଥମ ଥର ପାଇଁ ୫ ଉଇକେଟ ସଫଳତା ହାସଲ କରିଥିଲେ। ଠାକୁର ୨୦୨୩ ଡିସେମ୍ବରରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ୨୦୨୪ ଡିସେମ୍ବରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ କ୍ରିକେଟରେ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ପାଇଥିଲେ। ସେ ଏପର୍ଯ୍ୟନ୍ତ ଭାରତ ପାଇଁ ୩ ଟେଷ୍ଟ, ୧୯ ଦିନିକିଆ ଓ ୫୪ ଟି୨୦ ମ୍ୟାଚ ଖେଳିଛନ୍ତି। ଏଥିରୁ ସେ ୯୫ ଉଇକେଟ ନେଇଛନ୍ତି।





### ରେଣୁକାଙ୍କ କ୍ୟାରିୟର

| ଫର୍ମାଟ | ମ୍ୟାଚ | ଉଇକେଟ | ଶ୍ରେଷ୍ଠ ପ୍ରଦର୍ଶନ |
|---|---|---|---|
| ଟେଷ୍ଟ | ୩ | ୨ | ୧/୩୦ |
| ଦିନିକିଆ | ୧୯ | ୩୫ | ୫/୨୯ |
| ଟି୨୦ | ୫୪ | ୫୮ | ୫/୧୫ |

## ଫିଟ୍/ଅନ୍‌ଫିଟ

ଜାତୀୟ ମାଉଣ୍ଟେନ
ବାଇକ୍ ଚାମ୍ପିୟନଶିପ୍
ମୋ ଓଡ଼ିଶା ଭାଗନେବ
ହରିୟାଣାରେ ଏକୋଇଶତମ
ଏ କଣ୍ଟେଷ୍ଟ
ମୋର୍ନି ହିଲ୍ସରେ ହେବ
ତାପମାତ୍ରା ହାଇ ଥିବ
ହିଲ୍ ସାଇଡ୍ ରୋଡ୍ ପରିବେଶ କେଡ଼େ
ହାର୍ଡ ୱର୍କ ଥରେ ଭାବ।

ଅଠରତମ ଜାତୀୟ ଦୃଷ୍ଟି ବାଧିତ ଚେସ୍
ଚାମ୍ପିୟନଶିପ୍ ଶେଷ
ଟାଇ-ବ୍ରେକ୍ ସ୍କୋରରେ ଦର୍ପନ
ଇନାନୀ
ଚାମ୍ପିୟନ ମୋଡ଼େ ନିଶ
ଇଏ ଗୁଜରାଟ ଯଶ
ଇମ୍ପଶିବଲକୁ ପଶିବୁଲ କରେ
ଆଜିର ଦିବ୍ୟାଙ୍ଗ କୁଶ।





ଜାପାନିଜ୍ ଫର୍ମୁଲାୱାନ ଗ୍ରାଁ ପ୍ରି
ମୋଟର ରେସ୍‌କୁ ଜିତି
ସେବାଷ୍ଟିଆନ ରେକର୍ଡ
ସଙ୍ଗେ ଇକ୍ୟୁଆଲ
ଭର୍ଷ୍ଟାପେନ୍ ଏଠି ମାତି
ୱାକିଂ ସାଇକ୍ଲିଂ ନିତି
କରୁଥିବା ଲୋକ ଫିଟ୍, ଅନ୍‌ଫିଟ
ପେଟ୍ରୋଲ ପୋଡ଼ିଲେ ନାତି।

–ସୁବାସ ଚନ୍ଦ୍ର ପ୍ରଧାନ

# ଦିଲ୍ଲୀର ବିଜୟ ଧାରା ଜାରି



ଉଇକେଟ ନେବାପରେ ଉଲ୍ଲସିତ ଦିଲ୍ଲୀ ଖେଳାଳି।

**ବେଙ୍ଗାଲୁରୁ,୧୦।୪**

ବୋଲରଙ୍କ ମାପଚୁପ ବୋଲିଂ ଏବଂ ଲୋକେଶ ରାହୁଲଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ୬ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ପରାସ୍ତ କରିଛି। ଏହି ବିଜୟ ସହ ଦିଲ୍ଲୀ ଚଳିତ ଲିଗ୍‌ର ଏକମାତ୍ର ଦଳ ଭାବେ ତା'ର ଅପରାଜେୟ ଧାରା ଜାରି ରଖିଛି। ଏହା ଦିଲ୍ଲୀ ପାଇଁ କ୍ରମାଗତ ଚତୁର୍ଥ ବିଜୟ ହୋଇଥିବା ବେଳେ ବେଙ୍ଗାଲୁରୁ ଲାଗି ଏହା ଦ୍ୱିତୀୟ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁକୁ ଫିଲିପ ସଲ୍ଟ ଓ ବିରାଟ କୋହଲି ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ପ୍ରଥମ ଉଇକେଟରେ ୩.୫ ଓଭରରେ ୬୧ ରନ କରିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ସଲ୍ଟ ଦୁର୍ଭାଗ୍ୟବଶତଃ ରନ ଆଉଟ ହୋଇଥିଲେ। ଆଉଟ ହେବା ପୂର୍ବରୁ ସେ ୧୭ ବଲରେ ୪ ଚୌକା ଓ ୩ ଛକା ସହିତ ୩୭ ରନ କରିଥିଲେ। ତାଙ୍କ ଉଇକେଟ ପଡ଼ିବା ପରେ ବେଙ୍ଗାଲୁରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦେବଦତ୍ତ ପଡିକଲ ୧ ଓ କୋହଲି ୧୪ ବଲରେ ୧ ଚୌକା ଓ ୨ ଛକା ସହିତ ୨୨ ରନ କରି ଆଉଟ ହୋଇଥିଲେ। ଅଧିନାୟକ ରଜତ ପାଟିଦାର ୨୩ ବଲରେ ୧ ଲେଖାଏ ଚୌକା ଓ ଛକା ସହିତ ୨୫ ରନ କରି ଆଉଟ ହୋଇଥିଲେ। ଶେଷ ଆଡ଼କୁ ଟିମ ଡେଭିଡ ୨୦ ବଲରେ ୨ ଚୌକା ଓ ୪ ଛକା ସହିତ ୩୭ ରନ କରି ଦଳକୁ ଏକ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ। ତାଙ୍କୁ କ୍ରୁନାଲ ପାଣ୍ଡ୍ୟା ୧୮ (୧ ଚୌକା) ଉପଯୁକ୍ତ ସମର୍ଥନ ପ୍ରଦାନ କରିଥିଲେ। ଫଳରେ ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ଓ ବିପ୍ରଜ ନିଗମ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦିଲ୍ଲୀ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୫୮ ରନ ମଧ୍ୟରେ ଫାଫ ଡୁ'ପ୍ଲେସିସ (୨), ଜେକ ଫ୍ରେଜର ମ୍ୟାକଗର୍କ (୭) ଓ ଅଭିଶେକ ପୋରେଲ (୭) ଓ ଅଧିନାୟକ ଅକ୍ଷର ପଟେଲ(୧୫)ଙ୍କ ଉଇକେଟ ହରାଇଥିଲା। ଏହାପରେ ଲୋକେଶ ରାହୁଲ ଓ ତ୍ରିସ୍ତାନ ଷ୍ଟବ୍ସ ଅବିଭାଜିତ ପଞ୍ଚମ ଉଇକେଟରେ ୧୧୧ ରନ ଯୋଡ଼ିଥିଲେ। ରାହୁଲ ୫୩ ବଲରେ ୯୩ (୭ ଚୌକା ଓ ୬ ଛକା) ଓ ଷ୍ଟବ୍ସ ୨୩ ବଲରେ ୩୮ (୪ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୬୩/୭ (ଫିଲ୍ ସଲ୍ଟ-୩୭, ଟିମ ଡେଭିଡ-୩୭*, ରଜତ ପଟିଦାର-୨୫, ବିରାଟ କୋହଲି-୨୨, କୁଲଦୀପ ଯାଦବ-୨/୧୭, ବିପ୍ରଜ ନିଗମ-୨/୧୮)। ଦିଲ୍ଲୀ କ୍ୟାପିଟାଲ୍ସ: ୧୭.୫ ଓଭରରେ ୧୬୯/୪ (ଲୋକେଶ ରାହୁଲ-୯୩*, ତ୍ରିସ୍ତାନ ଷ୍ଟବକ୍ସ-୩୮*, ଭୁବନେଶ୍ୱର କୁମାର-୨/୨୬, ସୁୟଶ ଶର୍ମା-୧/୨୫)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)

**ଚେନ୍ନାଇ**

**ବନାମ କୋଲକାତା**

ସ୍ଥାନ: ଚେନ୍ନାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୫ | ୪ | ୧ | ୮ | +୧.୪୧୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୪ | ୦ | ୮ | +୧.୨୭୮ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୩ | ୨ | ୬ | +୦.୫୩୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୫ | ୨ | ୩ | ୪ | -୦.୭୩୩ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | -୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |

# ପାରା ଫେନ୍ସିଂ ସାଟେଲାଇଟ୍ କପ୍‌ରେ ୩ ଓଡ଼ିଆ



ଫେନ୍ସିଂ ସାଟେଲାଇଟ୍ କପ୍‌ରେ ଭାଗ ନେଇଥିବା ଓଡ଼ିଶାର ୩ ଖେଳାଳି।

**ଭୁବନେଶ୍ୱର,୧୦।୪ (ଅନାଦି କର)**

ଆଜିଠାରୁ ୧୩ ତାରିଖ ପର୍ଯ୍ୟନ୍ତ ହଂକଂରେ ହେବାକୁ ଥିବା ହୁଇଲ ପାରା ଫେନ୍ସିଂ ସାଟେଲାଇଟ୍ କପ୍‌ରେ ଭାରତ ପକ୍ଷରୁ ଓଡ଼ିଶାର ୩ ଜଣ ପ୍ରତିନିଧିତ୍ୱ କରିବେ। ସେମାନେ ହେଲେ ଭି ରମେଶ ରାଓ, ରାଖାଲ କୁମାର ସେଠୀ ଓ ମାଳତୀ ପାନାଉରେ। ସମସ୍ତେ ବ୍ୟକ୍ତିଗତ ଇଭେଣ୍ଟରେ ଭାଗ ନେବେ। ଏମାନେ ସମସ୍ତେ ଉଚ୍ଚସ୍ତରର ଖେଳ ପ୍ରଦର୍ଶନ କରି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ ଓଡ଼ିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ଓ ପାରା ଫେନ୍ସିଂ ଓଡ଼ିଶାର ଚେୟାରପର୍ସନ ବେଲା ଜୟସ୍ୱାଲ ଭାରତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ମଧ୍ୟ ପ୍ରଦେଶ, କର୍ଣ୍ଣାଟକ କ୍ୱାର୍ଟରରେ

**ଝାନ୍‌ସୀ, ୧୦।୪ (ପି.ଟି.)**

ହକି ମଧ୍ୟ ପ୍ରଦେଶ ଓ ହକି କର୍ନାଟକ ଏଠାରେ ଚାଲିଥିବା ୧୫ତମ ହକି ଇଣ୍ଡିଆ ପୁରୁଷ ଜାତୀୟ ସିନିୟର ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଡିଭିଜନ 'ଏ'ରେ ମଧ୍ୟ ପ୍ରଦେଶ ୩-୨ରେ ହକି ପଞ୍ଜାବକୁ ପରାସ୍ତ କରିଛି। ବିଜୟୀ ଦଳ ତରଫରୁ ଅଧିନାୟକ ୟୁସୁଫ ଆଫାନ (୪ର୍ଥ ମିନିଟ) ପ୍ରଥମ ଗୋଲ୍ ସ୍କୋର କରିଥିବା ବେଳେ ମୋହିତ କର୍ମା (୧୮ତମ) ଓ ସଦାମ ଅହମଦ (୪୫ତମ) ପଛକୁ ପଛ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ଫଳରେ ଏକଦା ମ୍ୟାଚ ଏକତରଫା ହେବ ବୋଲି ମନେ ହେଉଥିଲା। ମାତ୍ର ହକି ପଞ୍ଜାବ ଲଢୁଆ ପ୍ରଦର୍ଶନ ସହ ଅରାଇଜିତ ସିଂ ହୁଣ୍ଡାଲ (୫୪ତମ) ଓ ଗୁରସାହିବଜିତ୍ ସିଂ (୫୬ତମ)ଙ୍କ ଜରିଆରେ ଦୁଇଟି ଗୋଲ କରିବାରେ ସମର୍ଥ ହୋଇଥିଲା। ଏହି ସହ ମଧ୍ୟ ପ୍ରଦେଶ ବିଜୟ ସହ ପୁଲ୍ 'ଏ'ରେ ପ୍ରଥମ ସ୍ଥାନ ବଜାୟ ରଖି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇ ପାରିଥିଲା। ଡିଭିଜନ 'ଏ'ର ଅନ୍ୟ ଏକ ମ୍ୟାଚରେ ହକି କର୍ନାଟକ ୩-୨ ଗୋଲ୍‌ରେ ପୁଡୁଚେରୀକୁ ହରାଇ ଦେଇଥିଲା। ଅଧିନାୟକ ମହମ୍ମଦ ରାହିଲ ୧୨ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ପୁଡୁଚେରୀର ଟି. ଅରୁଣ କୁମାର (୨୭ତମ) ଓ ପି. ମହେନ୍ଦ୍ରନ (୩୭ତମ) ଗୋଲ୍ ସ୍କୋର କରି ମ୍ୟାଚକୁ ତାଙ୍କ ଦଳ ସପକ୍ଷକୁ ନେଇ ଆସିଥିଲେ। ମାତ୍ର ପରେ ଶିଶି ଗୌଡ଼ା (୫୮ତମ ଓ ୬୦ତମ) ଦୁଇଟି ଗୋଲ କରି କର୍ନାଟକକୁ ବିଜୟୀ କରାଇଥିଲେ।

# ସିଏସ୍‌କେର ନେତୃତ୍ୱକୁ ଫେରିଲେ ଧୋନୀ

**ଚେନ୍ନାଇ,୧୦।୪(ପି.ଟି.)**

ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳର ନିୟମିତ ଅଧିନାୟକ ଋତୁରାଜ ଗାଏକ୍ୱାଡ ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲ୍‌ର ଅବଶିଷ୍ଟ ମ୍ୟାଚରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତିରେ ମହେନ୍ଦ୍ର ସିଂ ଧୋନୀ ଦଳର ନେତୃତ୍ୱ ନେବେ। ତେବେ ଋତୁରାଜଙ୍କ ଏଲବୋ ଫ୍ରାକଚର ହୋଇଯାଇଥିବା ଜଣାପଡ଼ିଛି। ଶୁକ୍ରବାର ଖେଳାଯିବାକୁ ଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷ



**ଗାଏକ୍ୱାଡ ଆହତ**

ମ୍ୟାଚ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଏସ୍‌କେର ମୁଖ୍ୟ କୋଚ ଷ୍ଟିଫେନ ଫ୍ଲେମିଂ ଏହା କହିଛନ୍ତି।

ଗତ ୩୦ ତାରିଖରେ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚରେ ତୁଷାର ଦେଶପାଣ୍ଡେଙ୍କ ଏକ ବଲ ୨୮ ବର୍ଷୀୟ ଗାଏକ୍ୱାଡଙ୍କ ଏଲବୋ ବାଜିଥିଲା। ଏହାପରେ ବି ସେ ଦୁଇଟି ମ୍ୟାଚରେ ଖେଳିଥିଲେ। କିନ୍ତୁ ସ୍କାନରୁ ଫ୍ରାକଚର ସ୍ପଷ୍ଟ ହୋଇଛି। ୫ ମ୍ୟାଚରେ ୪ ପରାଜୟ ସହ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଥିବା ଦଳ ପାଇଁ ଏହି ଆହତ ସମସ୍ୟା ଏକ ଶକ୍ତ ଧକ୍କା ସଦୃଶ। ଗାଏକ୍ୱାଡ ଗତ ୪ରୁ ୩ ଆଇପିଏଲ୍ ସିଜନରେ ସିଏସ୍‌କେ ଲାଗି ସର୍ବାଧିକ ରନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସିଏସ୍‌କେ ଆଇପିଏଲ୍‌ରେ ୨୬୮ ମ୍ୟାଚ ଖେଳିଥିବା ବେଳେ ଧୋନୀ ୨୩୫ ମ୍ୟାଚରେ ଦଳର ନେତୃତ୍ୱ ନେଇଛନ୍ତି। ତାଙ୍କ ନେତୃତ୍ୱରେ ସିଏସ୍‌କେ ୨୦୧୦, ୨୦୧୧, ୨୦୧୮, ୨୦୨୧ ଓ ୨୦୨୩ରେ ଆଇପିଏଲ୍ ସହ ଦୁଇଟି ଚାମ୍ପିୟନ୍ସ ଲିଗ୍ ଟି୨୦ ଟ୍ରଫି ଜିତିଥିଲା।

# ଅଷ୍ଟ୍ରେଲିଆ ଟୁର୍‌ରେ ଯିବ ମହିଳା ହକି ଦଳ

**ନୂଆଦିଲ୍ଲୀ, ୧୦।୪ (ପି.ଟି.):** ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ଦଳ ସେଠାରେ ଏପ୍ରିଲ ୨୬ରୁ ମେ ୪ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳିବ। ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ସେମାନେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ୩ଟି ମ୍ୟାଚ ଖେଳିବେ। ଟୁର୍ ବେଳେ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ପଛକୁ ପଛ ମ୍ୟାଚ ଏପ୍ରିଲ ୨୬ ଓ ୨୭ରେ ଖେଳାଯିବ। ପରେ ବିଶ୍ୱ ୫ ନମ୍ବର ଦଳ ଅଷ୍ଟ୍ରେଲିଆ ସିନିୟର ଦଳ ସହିତ ତିନୋଟି ମ୍ୟାଚ ମେ ୧, ୩ ଓ ୪ରେ ଖେଳାଯିବ। ଏହି ସମସ୍ତ ମ୍ୟାଚ ପର୍ଥ ହକି ଷ୍ଟାଡିୟମରେ ଖେଳାଯିବ। ଆସନ୍ତା ଜୁନ୍‌ରେ ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୪-୨୫ ଲାଗି ପ୍ରସ୍ତୁତି କ୍ଷେତ୍ରରେ ଏହି ଟୁର୍ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ନବମ ର୍‍ୟାଙ୍କିଂପ୍ରାପ୍ତ ଭାରତ ଏହି ସିରିଜ ପୂର୍ବରୁ ଭୁବନେଶ୍ୱରରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ ୨-୨ ଡ୍ର ରଖିବା ସହ ରୋମାଞ୍ଚକ ଶୁଟ୍ ଆଉଟ୍‌ରେ ବୋନସ ପଏଣ୍ଟ ଅର୍ଜନ କରିଥିବାରୁ ଏହାର ମନୋବଳ ଉଚ୍ଚା ରହିଛି।

# ସଞ୍ଜୁ ସାମସନଙ୍କୁ ୨୪ଲକ୍ଷ ଜରିମାନା

**ଅହମଦାବାଦ, ୧୦।୪ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଏଠାରେ ଖେଳାଯାଇଥିବା ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଏକ ସ୍ଲୋ ଓଭର ରେଟ୍ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମ୍‌ସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ବୁଧବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ୨୧୮ରନର ଟାର୍ଗେଟ ଧାର୍ଯ୍ୟ କରିଥିଲା। ରୟାଲ୍ସ ଦଳ ୧୯.୨ ଓଭରରେ ୧୫୯ ରନ କରି ଅଲଆଉଟ ହୋଇଯାଇଥିଲା। ଗୁଜରାଟ ଏହି ମ୍ୟାଚ ୫୮ରନରେ ଜିତି ନେଇଥିଲା। ମ୍ୟାଚରେ ଧାର୍ଯ୍ୟ ସମୟ ମଧ୍ୟରେ ଗୋଟିଏ ଓଭର ପଛରେ ରହିଯାଇଥିବାରୁ ରାଜସ୍ଥାନ ରୟାଲ୍ସ ଅଧିନାୟକଙ୍କୁ ଜରିମାନା କରାଯାଇଥିବା ଆଇପିଏଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅଧୀନରେ ରାଜସ୍ଥାନ ଦଳର ସିଜନରେ ଏହା ହେଉଛି ଦ୍ୱିତୀୟ ଅପରାଧ;



ଯେଉଁଥିରେ କି ସର୍ବନିମ୍ନ ଓଭରରେଟ୍ ଅପରାଧ ପାଇଁ ସାମସନଙ୍କୁ ୨୪ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଇମ୍ପାକ୍ଟ ଖେଳାଳିଙ୍କ ସମେତ ଦଳର ଅନ୍ୟ ଖେଳାଳିମାନଙ୍କୁ ୬ଲକ୍ଷ ଟଙ୍କା କିମ୍ବା ସେମାନଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ, ଯାହାର ପରିମାଣ କମ୍ ରହିବ। ଗୁଜରାଟ ଟାଇଟନ୍ସ ବର୍ତ୍ତମାନ ସୁଦ୍ଧା ଖେଳିସାରିଥିବା ୫ଟି ମ୍ୟାଚରେ ୪ ବିଜୟ ଓ ଗୋଟିଏ ପରାଜୟ ସହ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ପହଞ୍ଚିପାରିଛି। ଅନ୍ୟପକ୍ଷରେ ରାଜସ୍ଥାନ ୫ଟି ଗେମ୍‌ରୁ ୨ ବିଜୟ ଓ ୩ ପରାଜୟ ସହ ଟେବୁଲର ୭ମ ସ୍ଥାନରେ ରହିଛି।

# ଜାତୀୟ ସିନିୟର ସଫ୍ଟବଲ୍ ପାଇଁ କିସ୍‌ରୁ ୪ ଖେଳାଳି



ଓଡ଼ିଶା ସଫ୍ଟବଲ୍ ଦଳରେ ସ୍ଥାନ ପାଇଥିବା କିସ୍‌ର ୪ ଖେଳାଳି।

**ଭୁବନେଶ୍ୱର, ୧୦।୪ (ବିଜୟ ରଣା)**

ଏପ୍ରିଲ ୧୨ରୁ ୧୫ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀର ହେବାକୁଥିବା ଜାତୀୟ ସିନିୟର ସଫ୍ଟବଲ ଚାମ୍ପିୟନଶିପ୍-୨୦୨୫ରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ଲାଗି କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରୁ ୪ଜଣ ମନୋନୀତ ହୋଇଛନ୍ତି। ଓଡ଼ିଶା ପୁରୁଷ ଦଳରେ କିସ୍‌ର ଅନୀଲ ମାର୍ଣ୍ଡିଙ୍କୁ ସ୍ଥାନ ମିଳିଥିବା ବେଳେ ଓଡ଼ିଶା ମହିଳା ଦଳରେ ଡ୍ରୁପତି ରେଖା ସୋରେନ, ପୂର୍ଣ୍ଣିମା ସୋରେନ ଓ ଲକ୍ଷ୍ମୀ ବୋଇପାଇ ପ୍ରତିନିଧିତ୍ୱ କରୁଛନ୍ତି। ଦଳ ସହିତ ସେମାନେ ଗୁରୁବାର ଜମ୍ମୁ କଶ୍ମୀର ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଅବସରରେ କିଟ୍, କିସ୍ ଓ କିମ୍ସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ସଫ୍ଟ ବଲ୍ ଆସୋସିଏଶନର ସାଧାରଣ ସମ୍ପାଦକ ଦେବେନ୍ଦ୍ର ମୁକାର ସାହୁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଶୁଭକାମନା କରିଛନ୍ତି।

# ରାମେଶ୍ୱର କପ୍ ଜୁନିୟର କ୍ରିକେଟ

**ଭୁବନେଶ୍ୱର, ୧୦।୪ (ବିଜୟ ରଣା)**

ସ୍ଥାନୀୟ ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସ୍ୱର୍ଗତ କମଳା ପରିଡ଼ା (୧୮ ବର୍ଷରୁ କମ୍) ଓ ଅମରେନ୍ଦ୍ର ପ୍ରସାଦ ବଳ (୧୫ ବର୍ଷରୁ କମ୍) ମେମୋରିଆଲ କ୍ରିକେଟରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ କ୍ଲବ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ୧୮ ବର୍ଷରୁ କମ୍ ବିଭାଗରେ ପାରାମାଉଣ୍ଟ ସ୍ପୋର୍ଟିଂ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ବିନିମୟରେ ୧୯୫ ରନ କରିଥିଲା। ସ୍ୱାଗତ ମିଶ୍ର ୬୨(୫୦ ବଲ୍) ଏବଂ ଏସ୍.କେ ନାକ୍ବିବ ୪୩ (୨୭) ରନ କରିଥିଲେ। ବିପକ୍ଷ ଆଲ୍‌ଫା ସ୍ପୋର୍ଟିଂ ବ୍ରହ୍ମପୁରର ଅଭିଜିତ ପଟ୍ଟନାୟକ ଓ ବିଶାଲ ପ୍ରସାଦ ଦୁଇଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ୧୯୬ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁ ଯାଇ ଆଲ୍‌ଫା ସ୍ପୋର୍ଟିଂ ୨୯.୫ ଓଭରରେ ୧୨୨ ରନ କରି ଅଲଆଉଟ ହୋଇଯାଇଥିଲା। ଟପ୍ ସ୍କୋରର ସମରପ୍ରୀତ ୧୯ ରନ କରିଥିଲେ। ବିଜୟୀ ଦଳର ପ୍ରଜ୍ଞା ପତ୍ରୀ ୪ ଉଇକେଟ ଓ ଦୁର୍ଗା ମଲିକ ୩ ଉଇକେଟ ନେଇଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ ୭୨ ରନରେ ବିଜୟ ଲାଭ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ସ୍ୱାଗତ ମିଶ୍ର ପୂର୍ବତନ ରଣଜୀ ଫାଷ୍ଟ ବୋଲର ଆଲୋକ ମଙ୍ଗରାଜଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ପ୍ଲେୟର୍ ଅଫ୍ ଦି ମ୍ୟାଚ୍।

ଅନ୍ୟପକ୍ଷରେ ୧୫ ବର୍ଷରୁ କମ୍ ବିଭାଗରେ ଏମ୍‌ସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୨୪ ରନ କରିଥିଲା। ଅଂଶୁମାନ ଦାସ ୪୮ (୪୨) ବଲ୍) ଓ ଅନିମେଶ ପ୍ରଧାନ ୩୫ (୩୯) ରନ କରିଥିଲେ। ବିପକ୍ଷ ଦଳର ଋତୁରାଜ ମହାନ୍ତି ଓ ଶ୍ରେୟାଂଶ ପାଢ଼ୀ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ସହିଦ ସ୍ପୋର୍ଟିଂ ୧୯.୧ ଓଭରରେ ୯ ଉଇକେଟ ହରାଇ ୧୨୮ରନ କରିପାରିଥିଲା। ଦଳ ପକ୍ଷରୁ ଋତୁରାଜ ମହାନ୍ତି ୩୭ ଏବଂ ଓମ୍ ପ୍ରକାଶ ନାୟକ ୨୮ ରନ କରିଥିଲେ। ଆଦିତ୍ୟ ଦାସ ୪ ଉଇକେଟ ନେଇଥିବା ବେଳେ ଆୟୁଷ ପ୍ରଧାନ ୩ ଉଇକେଟ ସଫଳତା ପାଇଥିଲେ। ସହିଦ ସ୍ପୋର୍ଟିଂ ୧ ଉଇକେଟରେ ବିଜୟ ଲାଭ କରିଥିଲା। ପ୍ଲେୟର ଅଫ୍ ଦି ମ୍ୟାଚ ଋତୁରାଜ ମହାନ୍ତି ପୂର୍ବତନ ରଣଜୀ ଅଧିନାୟକ ରଶ୍ମୀରଞ୍ଜନ ପରିଡ଼ାଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ୧୫ବର୍ଷରୁ କମ୍ ଫାଇନାଲରେ ସହିଦ ସ୍ପୋର୍ଟିଂ ଓ ରାମେଶ୍ୱର ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ